ଧରିତ୍ରୀ 51 Years
DHARITRI
ଭୁବନେଶ୍ୱର, ଶନିବାର, ଫେବୃଆରୀ ୨୨/୨୦୨୫ (୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, February 22/2025 Page 16 ₹ 7.00
୫୧ଶ ଭାଗ ୯୦ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 51 ISSUE 90 ମୂଲ୍ୟ₹୭/-

# କେନ୍ଦ୍ରର ବାଧ୍ୟ, ତାମିଲନାଡୁର 'ନା'

**୨୦୧୪ରେ କେନ୍ଦ୍ରରେ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାର କ୍ଷମତାସୀନ ହେବା ପରଠୁ ତାମିଲନାଡୁ ଉପରେ ହିନ୍ଦୀ ଭାଷାକୁ ଜବରଦସ୍ତ ଲଦି ଦିଆଯାଉଥିବା ନେଇ ଏହି ଦକ୍ଷିଣ ଭାରତୀୟ ରାଜ୍ୟବାସୀ ଅଭିଯୋଗ କରିଆସିଛନ୍ତି। ଭାଷାକୁ ନେଇ କେନ୍ଦ୍ର ଏବଂ ତାମିଲନାଡୁ ସରକାର ମଧ୍ୟରେ ରହିଥିବା ଏହି ବିବାଦ ଏବେ ଘନେଇବାରେ ଲାଗିଛି। ବିଶେଷକରି ଜାତୀୟ ଶିକ୍ଷାନୀତି (ଏନ୍‌ଇପି) ପ୍ରସଙ୍ଗରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଏକ ଚିଠିକୁ ନେଇ ବିବାଦ ପୁଣି ମୁଣ୍ଡ ଟେକିଛି। ମିଳିଥିବା ସୂଚନାନୁସାରେ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍‌.କେ. ଷ୍ଟାଲିନ୍ ଗୁରୁବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଏକ ପତ୍ର ଲେଖିଥିଲେ। ତାମିଲନାଡୁ ଏନ୍‌ଇପିର ୩-ଭାଷା (ତାମିଲ, ଇଂଲିଶ୍ ଓ ହିନ୍ଦୀ) ନୀତି ନ ଆପଣାଇଲେ ରାଜ୍ୟର ଶିକ୍ଷା କ୍ଷେତ୍ରକୁ ମିଳୁଥିବା କେନ୍ଦ୍ରୀୟ ଅନୁଦାନ ବନ୍ଦ କରିଦିଆଯିବ ବୋଲି ଧର୍ମେନ୍ଦ୍ର ଏଥିରେ ଚେତାବନୀ ଦେବା ସହ ବ୍ଲାକ୍‌ମେଲିଂ କରୁଥିବା ଷ୍ଟାଲିନ୍ ଅଭିଯୋଗ କରିଥିଲେ। ଅନ୍ୟପକ୍ଷେ ଧର୍ମେନ୍ଦ୍ର ଏହାର ଜବାବରେ କହିଛନ୍ତି, ଷ୍ଟାଲିନ୍‌ଙ୍କ ପତ୍ର ଅତ୍ୟନ୍ତ ଅରୁଚିକର ଏବଂ ରାଜନୈତିକ ସ୍ୱାର୍ଥ ହାସଲ ଉଦ୍ଦେଶ୍ୟରେ ଲେଖାଯାଇଛି। ଏନ୍‌ଇପି କୌଣସି ଭାଷାକୁ ଲଦିଦିଏ ନାହିଁ। ରାଜନୀତି ପାଇଁ ଏହି ପ୍ରଗତିଶୀଳ ନୀତିକୁ ବିରୋଧ କରାଯିବା ଅନୁଚିତ ବୋଲି ଶିକ୍ଷାମନ୍ତ୍ରୀ ଦର୍ଶାଇଛନ୍ତି। ଧର୍ମେନ୍ଦ୍ରଙ୍କ ଏଭଳି ବକ୍ତବ୍ୟ ପରେ ଷ୍ଟାଲିନ୍‌ଙ୍କ ପୁଅ ତଥା ତାମିଲନାଡୁ ଉପମୁଖ୍ୟମନ୍ତ୍ରୀ ଉଦୟନିଧି ଷ୍ଟାଲିନ୍ କହିଛନ୍ତି, ରାଜ୍ୟରେ କେବଳ ୨-ଭାଷା ନୀତି (ତାମିଲ ଓ ଇଂଲିଶ୍) ଚାଲିବ। ତାମିଲମାନଙ୍କ ଶିକ୍ଷା ଅଧିକାରକୁ ନେଇ 'ଭାଷାଯୁଦ୍ଧ' ପାଇଁ ଆମେ ପ୍ରସ୍ତୁତ ବୋଲି ଉଦୟନିଧି ପାଲଟା ଜବାବ ଦେଇଛନ୍ତି। ହିନ୍ଦୀ ଆପଣାଇବା ପାଇଁ କେନ୍ଦ୍ର ବାଧ୍ୟ କରୁଥିବାବେଳେ ତାମିଲନାଡୁର ନାସ୍ତିବାଣୀ ରାଜନୈତିକ ଉଷ୍ମତା ବଢ଼ାଇଦେଇଛି।**

ନୂଆଦିଲ୍ଲୀ/ଚେନ୍ନାଇ,୨୧।୨ (ପିଟିଆଇ/ଏଜେନ୍ସି)

କେନ୍ଦ୍ର ସରକାର ତାମିଲନାଡୁର ଶିକ୍ଷାନୁଷ୍ଠାନ, ସରକାରୀ ପରୀକ୍ଷା ଓ ଅଫିସଗୁଡ଼ିକରେ ହିନ୍ଦୀ ଭାଷା ପ୍ରଚଳନକୁ ବାଧ୍ୟତାମୂଳକ କରିବା ପାଇଁ ଉଦ୍ୟମ ଚଳାଇଥିବାବେଳେ ରାଜ୍ୟବାସୀ ଏହାକୁ ତାମିଲ ପରିଚୟ, ଅସ୍ମିତା ଓ ଭାଷାଗତ ବିବିଧତା ପାଇଁ ବିପଦ ମଣିଥାଆନ୍ତି। ରାଜ୍ୟରେ ପ୍ରଥମେ ୧୯୩୭ ଓ ପରେ ୧୯୬୫ରେ ହିନ୍ଦୀ ବିରୋଧୀ ବିକ୍ଷୋଭ ବେଳେ ପ୍ରତିବାଦର ସ୍ୱର ଉଠିଥିଲା। ହିନ୍ଦୀ ଭାଷାକୁ ତାମିଲମାନଙ୍କ ଉପରେ ଲଦିଦିଆଯିବାକୁ ବିରୋଧ କରି ରାଜ୍ୟବାସୀ ରାସ୍ତାକୁ ଓହ୍ଲାଇଥିଲେ। ଇତିମଧ୍ୟରେ ୨୦୧୯ ଓ ୨୦୨୦ରେ କେନ୍ଦ୍ରର ଜାତୀୟ ଶିକ୍ଷାନୀତି (ଏନ୍‌ଇପି) ଅନୁସାରେ ତାମିଲନାଡୁର ସ୍କୁଲଗୁଡ଼ିକରେ ହିନ୍ଦୀକୁ ତୃତୀୟ ଭାଷା ଭାବେ ପ୍ରଚଳନ କରାଯିବା ପ୍ରସ୍ତାବକୁ ରାଜ୍ୟବାସୀ ଓ ରାଜନୈତିକ ଦଳଗୁଡ଼ିକ ବିରୋଧ କରିଆସୁଛନ୍ତି। ଦଳ ନିର୍ବିଶେଷରେ ତାମିଲନାଡୁର ଏମ୍‌ପିମାନେ ମଧ୍ୟ ଏହାକୁ ସଂସଦରେ ବିରୋଧ କରିଥାଆନ୍ତି। ମୁଖ୍ୟମନ୍ତ୍ରୀ ଏମ୍‌.କେ. ଷ୍ଟାଲିନ୍‌ଙ୍କ ନେତୃତ୍ୱାଧୀନ ଡିଏମ୍‌କେ ଏବଂ ବିରୋଧୀ ଦଳ ଏଆଇଏଡିଏମ୍‌କେ ହିନ୍ଦୀ ଲଦିଦେବାକୁ ଦୃଢ଼ ବିରୋଧ କରିଥାଏ। ହିନ୍ଦୀ ଭାଷା ଆଞ୍ଚଳିକ ଭାଷା ଓ ଅଣହିନ୍ଦୀଭାଷୀଙ୍କୁ ନ୍ୟୂନ କରିଦିଏ ବୋଲି ସେମାନେ ଯୁକ୍ତି ବାଢ଼ିଥାଆନ୍ତି। ଏହି ପୃଷ୍ଠଭୂମିରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଏକ ପତ୍ର 'ଭାଷାଯୁଦ୍ଧ' ବୃଦ୍ଧିର କାରଣ ହୋଇଥିବା କୁହାଯାଉଛି।

ମୁଖ୍ୟମନ୍ତ୍ରୀ ଷ୍ଟାଲିନ୍ ଗୁରୁବାର ପ୍ରଧାନମନ୍ତ୍ରୀ ମୋଦିଙ୍କ ନିକଟକୁ ଏକ ପତ୍ର ଲେଖିଛନ୍ତି। ଏଥିରେ ସେ ଉଲ୍ଲେଖ କରିଛନ୍ତି ଯେ, ରାଜ୍ୟର ଶିକ୍ଷାନୁଷ୍ଠାନଗୁଡ଼ିକରେ ଏନ୍‌ଇପି ଅନୁଯାୟୀ ୩ ଭାଷା ନୀତି ପ୍ରଚଳନ କରା ନ ଗଲେ ଶିକ୍ଷା କ୍ଷେତ୍ରକୁ କେନ୍ଦ୍ରର ଶିକ୍ଷା ମନ୍ତ୍ରଣାଳୟରୁ ପ୍ରଦାନ କରାଯାଉଥିବା ଅନୁଦାନ ଆଉ ମିଳିବ ନାହିଁ। କେବଳ ଏତିକି ନୁହେଁ, ଧର୍ମେନ୍ଦ୍ର ତାମିଲନାଡୁ ଉପରେ ହିନ୍ଦୀକୁ ଲଦିଦେଇ ରାଜ୍ୟ ସରକାରଙ୍କୁ ବ୍ଲାକ୍‌ମେଲିଂ ମଧ୍ୟ କରୁଛନ୍ତି। ତେବେ ୧୯୬୭ରୁ ୨-ଭାଷା ସୂତ୍ରକୁ ଆପଣାଇଥିବା ରାଜ୍ୟର ସରକାରୀ ସ୍କୁଲଗୁଡ଼ିକ ଏହାକୁ ପରିତ୍ୟାଗ କରିବେ ନାହିଁ। ଏହା ଉପରେ ଧର୍ମେନ୍ଦ୍ର କେତେକ ଜାତୀୟ ଗଣମାଧ୍ୟମକୁ ସାକ୍ଷାତ୍‌କାର ଦେଇ ନିଜ ସ୍ପଷ୍ଟୀକରଣ ରଖିଛନ୍ତି। ଏଥିସହ ରାଜ୍ୟ ସରକାରଙ୍କୁ ମଧ୍ୟ ଏକ ଚିଠି ଲେଖିଛନ୍ତି। ଚିଠିରେ ଧର୍ମେନ୍ଦ୍ର ଉଲ୍ଲେଖ କରିଛନ୍ତି, ଷ୍ଟାଲିନ୍‌ଙ୍କ ଚିନ୍ତା କାଳ୍ପନିକ ଓ ଅରୁଚିକର। ଷ୍ଟାଲିନ୍ ସଂଘୀୟ ସହଯୋଗିତା କଥା ଉଠାଇ ୨୦୨୪-୨୫ ଆର୍ଥିକବର୍ଷ ପାଇଁ ଛାତ୍ରୀଛାତ୍ରଙ୍କ ମଙ୍ଗଳ ପାଇଁ ୨,୧୫୪ କୋଟି ଟଙ୍କାର ପାଣ୍ଠି ଦେବା ଲାଗି ପ୍ରଧାନମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି। ଏହି ସ୍ଥଳେ ଭାଷାକୁ ନେଇ ଷ୍ଟାଲିନ୍ ରାଜନୀତି କରିବା ଅନୁଚିତ। କୌଣସି ଭାଷା ଲଦିଦେବାର ପ୍ରଶ୍ନ ଉଠୁନାହିଁ। କିନ୍ତୁ ବିଦେଶୀ ଭାଷା ଉପରେ ଅତ୍ୟଧିକ ନିର୍ଭରଶୀଳତା ଛାତ୍ରୀଛାତ୍ରଙ୍କୁ ଭାଷାଗତ ମୌଳିକତାରୁ ଦୂରେଇ ଦେଉଛି। ଜାତୀୟ ଶିକ୍ଷା ନୀତି ଏହି ଭୁଲ୍‌କୁ ସୁଧାରିବା ପାଇଁ ଉଦ୍ୟମ କରୁଛି ବୋଲି ☞ପୃଷ୍ଠା-୨



# ଆଜିଠୁ ପ୍ରଥମ 'ସୁଭଦ୍ରା ଶକ୍ତିମେଳା'

## ୩ ଶହରୁ ଊର୍ଦ୍ଧ୍ୱ ଷ୍ଟଲ୍‌ରେ ମିଳିବ ଏସ୍‌ଏଚ୍‌ଜି, ପିଜିଙ୍କ ହାତତିଆରି ସାମଗ୍ରୀ

ଭୁବନେଶ୍ୱର, ୨୧।୨(ବନ୍ଦନା ସେଠୀ)

ଭୁବନେଶ୍ୱରସ୍ଥିତ ଜନତା ମଇଦାନରେ ଶନିବାରଠାରୁ ମାର୍ଚ୍ଚ ୨ ପର୍ଯ୍ୟନ୍ତ 'ସୁଭଦ୍ରା ଶକ୍ତିମେଳା-୨୦୨୫' ଅନୁଷ୍ଠିତ ହେବ। ଓଡ଼ିଶାରେ ମହିଳା ଉଦ୍ୟୋଗୀଙ୍କୁ ସଶକ୍ତ କରିବା, ସେମାନଙ୍କ ଉତ୍ପାଦ ଓ ଦକ୍ଷତା ପ୍ରଦର୍ଶନ କରିବା ପାଇଁ ଏକ ପ୍ଲାଟ୍‌ଫର୍ମ ପ୍ରଦାନ କରିବା ଏହି ମେଳାର ଲକ୍ଷ୍ୟ ବୋଲି ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ମନ୍ତ୍ରୀ ପ୍ରଭାତୀ ପରିଡ଼ା ସୂଚନା ଦେଇଛନ୍ତି। ଶୁକ୍ରବାର ମିଶନ ଶକ୍ତି ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପ୍ରଭାତୀ କହିଛନ୍ତି, ରାଜ୍ୟରେ ପ୍ରଥମଥର ପାଇଁ ଏହି ମେଳା ଆୟୋଜନ କରାଯାଉଛି। ଏଥିରେ ସମଗ୍ର ରାଜ୍ୟର ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି) ଏବଂ ଉତ୍ପାଦକ ଗୋଷ୍ଠୀ (ପିଜି) ଅଂଶଗ୍ରହଣ କରିବେ। ୩୦୦ରୁ ଊର୍ଦ୍ଧ୍ୱ ଷ୍ଟଲ୍‌ରେ ସେମାନଙ୍କ ଉତ୍ପାଦିତ ଦ୍ରବ୍ୟ ବିକ୍ରୟ ହେବ। ଏହା ପରିଦର୍ଶକମାନଙ୍କୁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକର ସୃଜନଶୀଳତା, ଦକ୍ଷତା ଏବଂ ଉଦ୍ୟୋଗୀ ମନୋଭାବକୁ ଅନୁଭବ କରିବାର ଏକ ଅନନ୍ୟ ସୁଯୋଗ ପ୍ରଦାନ କରିବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହାକୁ ଉଦ୍‌ଘାଟନ କରିବେ ବୋଲି ଉପମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି।

ଏହି ୯ଦିନିଆ ମେଳାରେ ହସ୍ତଶିଳ୍ପ, ଟେରାକୋଟା, ବାଉଁଶ ଶିଳ୍ପ, ହସ୍ତତନ୍ତ ଏବଂ ଘରୋଇ ସାମଗ୍ରୀଠାରୁ ଆରମ୍ଭକରି ସ୍ୱାସ୍ଥ୍ୟ ଓ ୱେଲ୍‌ନେସ୍ ଉତ୍ପାଦ, ଜୈବିକ ଖାଦ୍ୟ ସାମଗ୍ରୀ, ମସଲା, ମିଷ୍ଟାନ୍ନ ଏବଂ ମିଲେଟ-ଭିତ୍ତିକ ବ୍ୟଞ୍ଜନ ପର୍ଯ୍ୟନ୍ତ ଉଚ୍ଚ ଗୁଣବତ୍ତା ତଥା ଦୀର୍ଘସ୍ଥାୟୀ ଉତ୍ପାଦଗୁଡ଼ିକ ପ୍ରଦର୍ଶିତ ହେବ। ଏହା ଗ୍ରାମୀଣ ମହିଳା ଉଦ୍ୟୋଗୀଙ୍କୁ ଗ୍ରାହକ, ବ୍ୟବସାୟ ଏବଂ ବଜାର ସହିତ ସଂଯୋଗ କରିବ। ଏହାଦ୍ୱାରା ସେମାନଙ୍କ ବ୍ୟବସାୟ ସମ୍ପ୍ରସାରଣ ହେବା ସହ ଆର୍ଥିକ ଅଭିବୃଦ୍ଧି ଏବଂ ନେଟ୍‌ୱର୍କିଂ ପାଇଁ ଦ୍ୱାର ଖୋଲିବ। ସେହିପରି ମେଳାରେ ଦର୍ଶକମାନେ ମହିଳା ଉଦ୍ୟୋଗୀଙ୍କଠାରୁ ସିଧାସଳଖ ହାତତିଆରି ଉତ୍ପାଦ କ୍ରୟ କରିବାର ସୁଯୋଗ ପାଇବେ, ଯାହାକି ସେମାନଙ୍କର ଆର୍ଥିକ ସଶକ୍ତୀକରଣରେ ମଧ୍ୟ ସହାୟକ ହେବ। 'ସୁଭଦ୍ରା ଶକ୍ତିମେଳା' ମହିଳା ସଶକ୍ତୀକରଣ ଓ ଆର୍ଥିକ ଅନ୍ତର୍ଭୁକ୍ତୀକରଣ ପ୍ରତି ଓଡ଼ିଶା ସରକାରଙ୍କ ପ୍ରତିବଦ୍ଧତାର ପ୍ରତିଫଳନ। ରାଜ୍ୟ ସରକାର ସ୍ୱୟଂ ସହାୟକ ଗୋଷ୍ଠୀ ନେତୃତ୍ୱାଧୀନ ଉଦ୍ୟୋଗିତା, ବଜାର ପ୍ରବେଶ ଏବଂ କ୍ଷମତା ତଥା ଦକ୍ଷତା ବୃଦ୍ଧି କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଉଛନ୍ତି। ଓଡ଼ିଶା ଜୀବିକା ମିଶନ ଦ୍ୱାରା ସମର୍ଥିତ 'ଲକ୍ଷପତି ଦିଦି' ଯୋଜନା ମହିଳାମାନଙ୍କୁ ଆର୍ଥିକ ଆତ୍ମନିର୍ଭରଶୀଳତା ହାସଲ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ଏହି ମେଳା ସେହି ଲକ୍ଷ୍ୟ ପୂରଣ ଦିଗରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ଉପମୁଖ୍ୟମନ୍ତ୍ରୀ ପରିଡ଼ା କହିଛନ୍ତି।



ଖବରଦାତା ସମ୍ମିଳନୀରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମେଳା ସମ୍ପର୍କରେ ସୂଚନା ଦେଉଛନ୍ତି।

# ଜେଲ ଗଲେ ଅଧ୍ୟକ୍ଷ, ଅଧ୍ୟାପକ ଏବେ ବି ଫେରାର

## କଲେଜ ଛାତ୍ରୀଙ୍କ ବଳାତ୍କାର ଉଦ୍ୟମ ଅଭିଯୋଗ ଘଟଣା

ଯାଜପୁର, ୨୧।୨(ହର୍ଷବର୍ଦ୍ଧନ ବେହେରା)

ଯାଜପୁର ଜିଲା ବରୀ ଥାନା ଅନ୍ତର୍ଗତ ଏକ କଲେଜର ଜଣେ ଛାତ୍ରୀଙ୍କୁ ଅଧ୍ୟାପକ ଯୌନ ନିର୍ଯାତନା ଦେବା ଏବଂ କ୍ଲାସ୍‌ରୁମ୍‌ରେ ବଳାତ୍କାର ଉଦ୍ୟମ ଅଭିଯୋଗର ଅନ୍ୟତମ ଅଭିଯୁକ୍ତ ତଥା କଲେଜ ଅଧ୍ୟକ୍ଷ ସୁଧୀର କୁମାର ରାଉତ ଶୁକ୍ରବାର ଯାଜପୁର ଏସ୍‌ଡିଜେଏମ୍ କୋର୍ଟରେ ଆତ୍ମସମର୍ପଣ କରିଛନ୍ତି। ସେ ପ୍ରାୟ ୧ ମାସ ହେବ ଫେରାର ଥିଲେ। ତାଙ୍କ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଯାଜପୁର ଜେଲକୁ ପଠାଇ ଦିଆଯାଇଛି। ଅନ୍ୟପକ୍ଷେ ମୁଖ୍ୟ ଅଭିଯୁକ୍ତ ଅଧ୍ୟାପକ ବିଦ୍ୟାଧର ଧଳ ଏଯାଏ ଫେରାର ରହିଛି। କିନ୍ତୁ ଶୁକ୍ରବାର ଯାଜପୁର କୋର୍ଟ ପରିସରରେ ତାଙ୍କୁ ଅନେକ ଲୋକ ଦେଖିଥିବା ଚର୍ଚ୍ଚା ହେଉଛି।

ଅଭିଯୋଗ ଅନୁସାରେ ଗତ ୬ ତାରିଖରେ ଛାତ୍ରୀ ଜଣକ ପ୍ରାକ୍ଟିକାଲ ପରୀକ୍ଷା ଦେବାକୁ କଲେଜକୁ ଯାଇଥିଲେ। ଆଧ୍ୟାପକ ଧଳ ଛାତ୍ରୀଙ୍କ ଫୋନ୍ ମାଗିବା ବାହାନରେ ଏକ କ୍ଲାସ୍‌ରୁମ୍ ଭିତରେ ବଳାତ୍କାର ଉଦ୍ୟମ କରିଥିଲେ। ଛାତ୍ରୀ ଜଣକ ଏହାର ବିରୋଧ କରିବାକୁ ଚେଷ୍ଟା କରିଥିଲେ। ହେଲେ ଅଧ୍ୟାପକ ଧଳ ଛାତ୍ରୀଙ୍କୁ ଠେଲି ତଳେ ପକାଇ ଦେଇଥିଲେ। କଲେଜର ପ୍ରଥମ ବର୍ଷ ଛାତ୍ରମାନେ ଆସିଯିବା ପରେ ଅଧ୍ୟାପକ ଧଳ ଛାତ୍ରୀଙ୍କୁ ଛାଡ଼ି ସେଠାରୁ ଚାଲି ଯାଇଥିଲେ। ଘଟଣା ସମ୍ପର୍କରେ ଛାତ୍ରୀଜଣକ ମା'ଙ୍କୁ ସବୁ କଥା କହିଥିଲେ। ଏପରି କି କଲେଜର ଅଧ୍ୟକ୍ଷଙ୍କୁ ମଧ୍ୟ ଜଣାଇଥିଲେ। ଏହାପରେ ଅଧ୍ୟାପକ ସିଧାସଳଖ ଧମକ ଦେଇଥିଲେ ଯେ, ତାଙ୍କର ପରୀକ୍ଷା କଣ୍ଟ୍ରୋଲ ରୁମ୍‌ରେ ନିଜ ଲୋକ ଅଛନ୍ତି। ତାଙ୍କୁ ପରୀକ୍ଷାରେ ଫେଲ୍ କରାଇଦେବେ। ଏହାବାଦ୍ ସେମାନଙ୍କ କଥା ମାନିଲେ ଅଧିକ ମାର୍କ ଦିଆଯିବ ବୋଲି କଲେଜ ଅଧ୍ୟକ୍ଷ ମଧ୍ୟ ପ୍ରତିଶ୍ରୁତି ଦେଇଥିଲେ। ସେହିପରି ଘଟଣାକୁ ଚାପିଦେବାକୁ ଛାତ୍ରୀଙ୍କୁ ଅର୍ଥ ଲୋଭ ମଧ୍ୟ ଦେଖାଇଥିଲେ। ହେଲେ ଏହି ପ୍ରସ୍ତାବରେ ଛାତ୍ରୀ ଜଣକ ରାଜି ନ ହେବାରୁ ତାଙ୍କୁ ମାନସିକ ନିର୍ଯାତନା ଦେଇ ଭୟଭୀତ କରାଇଥିଲେ। ଘଟଣାକୁ ନେଇ ଛାତ୍ରୀଛାତ୍ରମାନେ କଲେଜରେ ଆନ୍ଦୋଳନ କରିବା ସହ ପୋଲିସର ଭୂମିକାକୁ ନେଇ ପ୍ରଶ୍ନ ଉଠାଇଥିଲେ। ପୀଡ଼ିତା ଛାତ୍ରୀଜଣକ ନ୍ୟାୟ ବିଚଳିତ ହୋଇ ଆତ୍ମହୁତି ଉଦ୍ୟମ ମଧ୍ୟ କରିଥିଲେ। ପରେ ପୀଡ଼ିତା ଛାତ୍ରୀ ଓ ତାଙ୍କ ପରିବାରବର୍ଗଙ୍କ ସହ ନବନିର୍ମାଣ ଯୁବ ଛାତ୍ର ସଂଗଠନ ପକ୍ଷରୁ କଲେଜ ଗେଟ୍ ସମ୍ମୁଖରେ ଆମରଣ ଅନଶନ କରାଯାଇଥିଲା। ଘଟଣାକୁ ୧ ମାସରୁ ଊର୍ଦ୍ଧ୍ୱ ସମୟ ଅତିକ୍ରାନ୍ତ ହୋଇ ସାରିଥିଲେ ବି ପୋଲିସ ମୁଖ୍ୟ ଅଭିଯୁକ୍ତ ଅଧ୍ୟାପକ ଧଳଙ୍କୁ ଗିରଫ କରିପାରିନାହିଁ। ଅଭିଯୋଗ ଭିତ୍ତିରେ ବରୀ ଥାନାରେ ୧୬/୨୦୨୫ରେ ଏକ ମାମଲା ରୁଜୁ ହୋଇଛି। ଉଭୟ ଅଧ୍ୟାପକ ଏବଂ ଅଧ୍ୟକ୍ଷଙ୍କୁ ଚାକିରି ବହିଷ୍କାର କରାଯାଇଛି।

# ଏର୍ଦୋଗାନ୍‌ଙ୍କ କଶ୍ମୀର ମନ୍ତବ୍ୟକୁ ନେଇ ବିବାଦ


ରେସେପ୍ ତାଇପ୍ ଏର୍ଦୋଗାନ୍

ନୂଆଦିଲ୍ଲୀ, ୨୧।୨

ତୁର୍କୀ ରାଷ୍ଟ୍ରପତି ରେସେପ୍ ତାଇପ୍ ଏର୍ଦୋଗାନ୍ କଶ୍ମୀର ପ୍ରସଙ୍ଗରେ ଆପତ୍ତିଜନକ ମନ୍ତବ୍ୟ ଦେଇଥିବାରୁ ଶୁକ୍ରବାର ଭାରତ ଏହାର ଦୃଢ଼ ପ୍ରତିବାଦ ଜଣାଇଛି। ଗତ ସପ୍ତାହରେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶୋହବାଜ ଶରିଫ୍‌ଙ୍କ ସହ ଆଲୋଚନା ପରେ ଏର୍ଦୋଗାନ୍ କଶ୍ମୀର ପ୍ରସଙ୍ଗର ସମାଧାନ ଲାଗି ଜାତିସଂଘରେ ଆଲୋଚନା ପାଇଁ ଆହ୍ୱାନ ଦେଇଥିଲେ। ଭାରତର ଆଭ୍ୟନ୍ତରୀଣ ବ୍ୟାପାର ଉପରେ ଏଭଳି ଆପତ୍ତିଜନକ ମନ୍ତବ୍ୟକୁ ନୂଆଦିଲ୍ଲୀ ପ୍ରତ୍ୟାଖ୍ୟାନ କରେ। ଦେଶର ଆଞ୍ଚଳିକ ଅଖଣ୍ଡତା ଏବଂ ସାର୍ବଭୌମ ଉପରେ ଏଭଳି ଅବାଞ୍ଛିତ ମନ୍ତବ୍ୟ ଗ୍ରହଣୀୟ ନୁହେଁ। ଏନେଇ ତୁର୍କୀ ରାଷ୍ଟ୍ରଦୂତଙ୍କ ନିକଟରେ ଦୃଢ଼ ପ୍ରତିବାଦ ଜଣାଯାଇଥିବା ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଜମ୍ମୁ-କଶ୍ମୀର ଭାରତର ଅବିଚ୍ଛେଦ୍ୟ ଅଙ୍ଗ। ଜମ୍ମୁ-କଶ୍ମୀର ଲୋକଙ୍କ ପାଇଁ ସବୁଠୁ ବଡ଼ ବିପଦ ଭାବେ ରହିଆସିଥିବା ଭାରତ ବିରୋଧରେ ପାକିସ୍ତାନର ସୀମାପାର ଆତଙ୍କବାଦ ନୀତି ପ୍ରତି ଦୃଷ୍ଟି ଆକର୍ଷଣ କରାଗଲେ ଭଲ ହେବ ବୋଲି ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି।

# ପରୀକ୍ଷା କେନ୍ଦ୍ର ଆଗରେ ଟଳିପଡ଼ିଲେ ମାଟ୍ରିକ୍ ପରୀକ୍ଷାର୍ଥୀ

ବାହାନଗା, ୨୧।୨(ଅରୂପ୍ କୁମାର ଦାସ)

ଶୁକ୍ରବାର ଆରମ୍ଭ ହୋଇଛି ମାଟ୍ରିକ୍ ପରୀକ୍ଷା। ଛାତ୍ରୀଛାତ୍ରମାନେ ପ୍ରସ୍ତୁତ ହୋଇ ପରୀକ୍ଷା କେନ୍ଦ୍ରକୁ ଯାଇଥିବା ବେଳେ ବାଲେଶ୍ୱର ଜିଲା ବାହାନଗା ବ୍ଲକ କଲ୍ୟାଣିସ୍ଥିତ ନିଗମାନନ୍ଦ ସ୍ମୃତି ବିଦ୍ୟାପୀଠ ପରୀକ୍ଷାକେନ୍ଦ୍ର ଫାଟକ ସାମ୍ନାରେ ଏକ ଦୁଃଖଦ ଘଟଣା ଘଟିଛି। ଜଣେ ପରୀକ୍ଷାର୍ଥୀ ହଠାତ୍ ପେଟରେ ଯନ୍ତ୍ରଣା ଅନୁଭବ କରି ତଳେ ଟଳିପଡ଼ିଥିଲେ। ପାଖରେ ଥିବା ତାଙ୍କ ପରିବାର ଲୋକେ ତୁରନ୍ତ ଗୋପାଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ସୋର ଡାକ୍ତରଖାନାକୁ ସ୍ଥାନାନ୍ତରିତ କରିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।


ଚନ୍ଦ୍ରଶେଖର ମାଝି।

ବାହାନଗା ବ୍ଲକ ଆରୁହାବାଡ଼ ୟୁଏନ ନୋଡାଲ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ର ଚନ୍ଦ୍ରଶେଖର ମାଝି ମାଟ୍ରିକ ପରୀକ୍ଷା ଦେବା ପାଇଁ ଶୁକ୍ରବାର କଲ୍ୟାଣୀସ୍ଥିତ ନିଗମାନନ୍ଦ ସ୍ମୃତି ବିଦ୍ୟାପୀଠ ପରୀକ୍ଷା କେନ୍ଦ୍ରକୁ ଆସିଥିଲେ। ଫାଟକ ସାମ୍ନାରେ ଛିଡ଼ା ହୋଇଥିବା ବେଳେ ଚନ୍ଦ୍ରଶେଖରଙ୍କ ପେଟ ବ୍ୟଥା ହୋଇଥିଲା। ଫଳରେ ଚନ୍ଦ୍ରଶେଖର ସଙ୍ଗେ ସଙ୍ଗେ ତଳେ ପଡ଼ିଯାଇଥିଲେ। ଉଲ୍ଲେଖଯୋଗ୍ୟ, ୩ଦିନ ତଳେ ଏକ ଭୋଜି ଖାଇ ଚନ୍ଦ୍ରଶେଖରଙ୍କ ଦେହ ଖରାପ ହୋଇଥିଲା। ସେ ଗୋପାଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ସୋର ଡାକ୍ତରଖାନାରେ ମଧ୍ୟ ଚିକିତ୍ସିତ ହୋଇ ଗତ ଗୁରୁବାର ଘରକୁ ଫେରିଥିଲେ।

# କନ୍‌ଭେୟର ବେଲ୍ଟରେ ଚାପିହୋଇ ଜଣେ ଗୁରୁତର

ଢେଙ୍କାନାଳ, ୨୧।୨(ରତନ ନାୟାର)

ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ ବାଲିମୀ ଥାନା ରୁଙ୍ଗଟା କାରଖାନାରେ ଶୁକ୍ରବାର କାର୍ଯ୍ୟ ଚାଲୁଥିବା ବେଳେ କନଭେୟର ବେଲ୍ଟରେ ଚାପିହୋଇ ଜଣେ ଶ୍ରମିକ ଗୁରୁତର ହୋଇଛନ୍ତି। ଖବରପାଇ ଅନ୍ୟ ଶ୍ରମିକ ଓ କମ୍ପାନୀ କର୍ତ୍ତୃପକ୍ଷ ତାଙ୍କୁ ଉଦ୍ଧାର କରି ତୁରନ୍ତ ଚିକିତ୍ସାଳୟକୁ ପଠାଇଥିଲେ। ଏହି ଘଟଣାକୁ ନେଇ କମ୍ପାନୀ ପରିସରରେ ଚାପା ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଛି। କମ୍ପାନୀ ପକ୍ଷରୁ କେହି ମୁହଁ ଖୋଲୁ ନାହାନ୍ତି। ବର୍ତ୍ତମାନ ସୁଦ୍ଧା ଆହାତ ଶ୍ରମିକଙ୍କ ପରିଚୟ ମିଳିନାହିଁ। ତାଙ୍କୁ କମ୍ପାନୀ ପକ୍ଷରୁ ଆମ୍ବୁଲାନ୍ସ ଯୋଗେ କଟକସ୍ଥିତ ଏକ ଘରୋଇ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି।

# ମହାକାଶଚାରୀଙ୍କ ସ୍ୱାସ୍ଥ୍ୟକୁ ପ୍ରଭାବିତ କରେ ସ୍ପେସ୍ ଟ୍ରାଭେଲ୍

ୱାଶିଂଟନ, ୨୧।୨

ସୂକ୍ଷ୍ମ ଗୁରୁତ୍ୱାକର୍ଷଣ ସ୍ଥିତି, ଅତ୍ୟଧିକ ଶକ୍ତି ବିକିରଣ ଓ ଅନ୍ୟାନ୍ୟ ସମସ୍ୟାଯୁକ୍ତ ମହାକାଶ ଯାତ୍ରା ପାଇଁ ମାନବ ଶରୀର ଗଠନ ହୋଇନାହିଁ। ତେଣୁ ପୃଥିବୀ ସୀମା ବାହାରକୁ ଯାତ୍ରା ଅନେକ ଶାରୀରିକ ପରିବର୍ତ୍ତନ ଘଟାଇଥାଏ, ଯାହା ମହାକାଶଚାରୀଙ୍କ ସ୍ୱାସ୍ଥ୍ୟକୁ ପ୍ରଭାବିତ କରେ। ମାଧ୍ୟାକର୍ଷଣ, ବାୟୁମଣ୍ଡଳୀୟ ଗଠନ ଏବଂ ଅପେକ୍ଷାକୃତ ନିମ୍ନସ୍ତରର ବିକିରଣଯୁକ୍ତ ପୃଥିବୀ ପରିବେଶ ସହ କାର୍ଯ୍ୟ କରିବାରେ ମାନବ ଶରୀର ବହୁ କୋଟି ବର୍ଷ ଧରି ବିବର୍ତ୍ତିତ ହୋଇଆସିଛି। ମହାକାଶ ଯାତ୍ରା କରିବା ଦ୍ୱାରା ମାନବକୁ ସମ୍ପୂର୍ଣ୍ଣ ଭିନ୍ନ ପରିବେଶର ସମ୍ମୁଖୀନ ହେବାକୁ ପଡ଼ିଥାଏ, ଯାହା ଶାରୀରିକ ଏବଂ ମନସ୍ତାତ୍ତ୍ୱିକ ଆହ୍ୱାନର ସାମ୍ନା କରିଥାଏ ବୋଲି ପିଟର୍ସବର୍ଗ ୟୁନିଭର୍ସିଟିର ସେଣ୍ଟର ଫର୍ ସ୍ପେସ୍ ବାୟୋମେଡିସିନ୍ ନିର୍ଦ୍ଦେଶକ ଆଫ୍‌ଶିନ୍ ବେହେଷ୍ଟି କହିଛନ୍ତି। ମହାକାଶଯାତ୍ରୀମାନଙ୍କ ସୁରକ୍ଷା ପାଇଁ ଗବେଷକମାନେ ନୂଆ ପ୍ରତିକାର ବ୍ୟବସ୍ଥା ସମ୍ପର୍କରେ ଅନୁଧ୍ୟାନ ଚଳାଇଛନ୍ତି।



ମହାକାଶରେ ଅତ୍ୟଧିକ ଶକ୍ତି ବିକିରଣ ଡିଏନ୍‌ଏକୁ କ୍ଷତି ପହଞ୍ଚାଇପାରେ। ଏହା କ୍ୟାନ୍‌ସର ଆଶଙ୍କା ବଢ଼ାଇବା ସହ ନ୍ୟୁରୋଡିଜେନେରେଟିଭ୍ ପ୍ରଭାବ, ହୃତପିଣ୍ଡ ସମସ୍ୟା ଏବଂ ରୋଗ ପ୍ରତିରୋଧକ ବ୍ୟବସ୍ଥାରେ ଅନିୟମିତତା ଦେଖାଦେଇପାରେ। ନିମ୍ନ କକ୍ଷ ମିଶନରେ ପୃଥିବୀର ଚୁମ୍ବକୀୟ କ୍ଷେତ୍ର ମହାକାଶଚାରୀମାନଙ୍କୁ କିଛିଟା ସୁରକ୍ଷା ଦେଇଥାଏ। ଏହା ବାହାରକୁ ଅର୍ଥାତ୍ ଚନ୍ଦ୍ର କିମ୍ବା ମଙ୍ଗଳ ମିଶନରେ ଗଲେ, ଅତ୍ୟଧିକ ରେଡିଏଶନ୍‌ର ପ୍ରଭାବ ପଡ଼ିଥାଏ।

ଶାରୀରିକ କାର୍ଯ୍ୟକୁ ନିୟନ୍ତ୍ରଣ କରିବାରେ ମାଧ୍ୟାକର୍ଷଣ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଥାଏ। ଏହାର ଅଭାବରେ ଶରୀରର ତରଳ ପଦାର୍ଥ ଉପରମୁହାଁ ହେଉଥିବାରୁ ମୁହଁ ଫୁଲିବା ସହ ଅନ୍ତକପାଳ ଚାପ ବଢ଼ିଥାଏ, ଯାହା ଦୃଷ୍ଟିଶକ୍ତିକୁ ପ୍ରଭାବିତ କରିପାରେ। ମାଧ୍ୟାକର୍ଷଣ ଅଭାବରେ ଅସ୍ଥି ଘନତ୍ୱ ହ୍ରାସ ଏବଂ ମାଂସପେଶୀ କ୍ଷୟ ଘଟାଇଥାଏ। ହୃଦ୍‌ପିଣ୍ଡ ବ୍ୟବସ୍ଥା ମଧ୍ୟ ରକ୍ତଚାପ ନିୟନ୍ତ୍ରଣ ଆଦି ବଡ଼ ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇଥାଏ। ଦୀର୍ଘଦିନ ମାଇକ୍ରୋଗ୍ରାଭିଟି ସ୍ଥିତି ଗତିଶୀଳତା ଅନୁଭବ କରିବାରେ ଆନ୍ତଃକର୍ଣ୍ଣର ସାମର୍ଥ୍ୟକୁ ପ୍ରଭାବିତ କରିଥାଏ ବୋଲି ଗବେଷକମାନେ କହିଛନ୍ତି।

# ଧରିତ୍ରୀ DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ଶନିବାର, ଫେବୃଆରୀ ୨୨/୨୦୨୫ (୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, February 22/2025 Page 16 ₹ 7.00

୫୧ଶ ଭାଗ ୯୦ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 51 ISSUE 90 ମୂଲ୍ୟ ₹୭/-




କଟକ ବକ୍ସିବଜାର ରୋଡ୍‌ସ୍ଥିତ ସେକେଣ୍ଡାରି ବୋର୍ଡ ହାଇସ୍କୁଲ ପରୀକ୍ଷା କେନ୍ଦ୍ରକୁ ଶୁକ୍ରବାର ମାଟ୍ରିକ ପରୀକ୍ଷା ଦେବା ପାଇଁ ଯାଉଥିବା ଛାତ୍ରଙ୍କ ମଥାରେ ଶିକ୍ଷୟିତ୍ରୀ ଚନ୍ଦନ ଟୋପା ଲଗାଉଛନ୍ତି। **(ଫଟୋ–ରାଜକିଶୋର ମହାନ୍ତି)**

# ଆରମ୍ଭ ହେଲା ମାଟ୍ରିକ୍ ପରୀକ୍ଷା

**କଟକ, ୨୧।୨ (କାର୍ତ୍ତିକ ସାହୁ)**

ଚଳିତବର୍ଷର ମାଟ୍ରିକ୍ ପରୀକ୍ଷା ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ପ୍ରଥମ ଦିନରେ ପ୍ରଥମ ଭାଷା ପରୀକ୍ଷା ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ ହୋଇଛି। ସେହିପରି ଏକସଙ୍ଗେ ମଧ୍ୟମା ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷା ମଧ୍ୟ ଅନୁଷ୍ଠିତ ହେଉଛି। ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ପକ୍ଷରୁ କଟକ ବକ୍ସିବଜାର ରୋଡ୍‌ସ୍ଥିତ ବୋର୍ଡ ମୁଖ୍ୟାଳୟରେ କଣ୍ଟ୍ରୋଲ୍ ରୁମ୍ ଖୋଲାଯାଇ ପରୀକ୍ଷା ପରିଚାଳନାକୁ ତଦାରଖ କରାଯାଉଛି। ଏଥିସହ ରାଜ୍ୟର ୬୦୦ ପରୀକ୍ଷା କେନ୍ଦ୍ର ଲାଇଭ୍ ଯୋଗେ ବୋର୍ଡ ମୁଖ୍ୟାଳୟ ସହ ସଂଯୋଗ କରାଯାଇଛି। ସେହିପରି ପରୀକ୍ଷା ସଂକ୍ରାନ୍ତୀୟ ସମସ୍ତ ତଥ୍ୟ ବୋର୍ଡ ମୁଖ୍ୟାଳୟକୁ ସିଧାସଳଖ ପରୀକ୍ଷାକେନ୍ଦ୍ର ଓ ନୋଡାଲ କେନ୍ଦ୍ରଗୁଡ଼ିକରୁ ଆସିବା ନିମନ୍ତେ ଅସ୍ଥାୟୀ ଭାବେ ବ୍ୟବସ୍ଥା କରାଯାଇଛି। ରାଜ୍ୟର ମୋଟ୍ ୨୯୭୯ କେନ୍ଦ୍ରରେ ୫,୧୦,୭୭୮ ପରୀକ୍ଷାର୍ଥୀ ଅଛନ୍ତି। ସେହିପରି ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷା ଲାଗି ୧୦୨ଟି କେନ୍ଦ୍ରରେ ୭୭୬୬ ଜଣ ଓ ମଧ୍ୟମା ପରୀକ୍ଷା ପାଇଁ ୫୨ଟି କେନ୍ଦ୍ରରେ ୩୭୯୨ ଜଣ ପରୀକ୍ଷାର୍ଥୀ ଅଛନ୍ତି। ତିନୋଟିଯାକ ପରୀକ୍ଷାର ପ୍ରଶ୍ନପତ୍ରକୁ ୩୧୪ଟି ନୋଡାଲ କେନ୍ଦ୍ରରେ ୨୪ ଘଣ୍ଟିଆ ସୁରକ୍ଷା ମଧ୍ୟରେ ରଖାଯାଇଛି। ଚତୁଃସ୍ତରୀୟ ସ୍କ୍ୱାଡ୍ ବ୍ୟବସ୍ଥା ଦ୍ୱାରା ପରୀକ୍ଷା ପରିଚାଳନାର ତଦାରଖ କରାଯାଉଛି।

## ପରୀକ୍ଷାରେ କପି ନ ଦେବାରୁ ଗୁଳି

### ଜଣେ ଛାତ୍ର ମୃତ, ୨ ଆହତ

**ସାସାରାମ, ୨୧।୨**

ବିହାରର ରୋହଦାସ ଜିଲା ସାସାରାମରେ ଏକ ପରୀକ୍ଷା ହଲ୍‌ରେ କପିକୁ ନେଇ ୨ ଗୋଷ୍ଠୀ ଛାତ୍ରଙ୍କ ମଧ୍ୟରେ ସଂଘର୍ଷରୁ ଗୁଳିକାଣ୍ଡ ହୋଇଛି। ଗୁଳିମାଡ଼ରେ ଜଣେ ୧୦ମ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ ଘଟିବା ସହ ଅନ୍ୟ ୨ ଜଣ ଆହତ ହୋଇଛନ୍ତି। ଆହତଙ୍କୁ ହସ୍ପିଟାଲରେ ଚିକିତ୍ସା କରାଯାଉଛି। ସେମାନଙ୍କ ମଧ୍ୟରୁ ଜଣଙ୍କ ଗୋଡ଼ରେ ଏବଂ ଅନ୍ୟ ଜଣକ ପିଠିରେ ଗୁଳି ବାଜିଛି। ହତ୍ୟା ଘଟଣାକୁ ନେଇ ଗ୍ରାମରେ ଉତ୍ତେଜନା ଜାରି ରହିଛି। ଗୁଳିକାଣ୍ଡ ପ୍ରତିବାଦରେ ମୃତ ଛାତ୍ରଙ୍କ ପରିବାର ସଦସ୍ୟ ଓ ☞ପୃଷ୍ଠା–୨

## ମାର୍ଚ୍ଚ ୭ ପର୍ଯ୍ୟନ୍ତ ବିଧାନସଭା ମୁଲତବୀ

**ଭୁବନେଶ୍ୱର, ୨୧।୨ (ସୁଜିତ୍ ମିଶ୍ର)**

ସପ୍ତଦଶ ବିଧାନସଭାର ତୃତୀୟ ବଜେଟ ଅଧିବେଶନର ପ୍ରଥମ ପର୍ଯ୍ୟାୟ ଶୁକ୍ରବାର ଶେଷ ହୋଇଛି। ଗତ ୧୩ ତାରିଖରୁ ଏହି ଅଧିବେଶନ ଆରମ୍ଭ ହୋଇଥିଲା। ଏଥିରେ ରାଜ୍ୟପାଳ ଅଭିଭାଷଣ ରଖିଥିଲେ। ଏହାପରେ ରାଜ୍ୟପାଳଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ଆଲୋଚନା ହୋଇଛି। ଏହାପରେ ମୁଖ୍ୟମନ୍ତ୍ରୀ ☞ପୃଷ୍ଠା–୨

**ଆଜିର ସମ୍ପାଦକୀୟ**

ଦ୍ୱନ୍ଦ୍ୱ ଶେଷ










**ଆଜିର ମନ୍ତବ୍ୟ**

" ଦେଶ ଏହାର ବିଭିନ୍ନ କ୍ଷେତ୍ର ପାଇଁ ନେତାମାନଙ୍କୁ ଆବଶ୍ୟକ କରେ, ଯେଉଁମାନଙ୍କର ଦୃଷ୍ଟିଭଙ୍ଗୀ ବିଶ୍ୱସ୍ତରୀୟ ଏବଂ ମନୋଭାବ ଭାରତୀୟ ହୋଇଥିବା ଦରକାର ।
– ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ



# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଉତ୍କଳ ସମ୍ମିଳନୀର ପ୍ରଥମ ସଭାପତି ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେବଙ୍କ ଶ୍ରାଦ୍ଧ ଦିବସ ଅବସରରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ, ସ୍ଥାନ: ପାୱାର ହାଉସ ଛକ, ସମୟ: ସକାଳ ୯ଟା।
- ସଙ୍ଗୀତ ସୁଧାକର ବାଳକୃଷ୍ଣ ଦାଶ ଫାଉଣ୍ଡେଶନର ୨୫ତମ ରୌପ୍ୟଜୟନ୍ତୀ, ଓଡ଼ିଶୀ ସଙ୍ଗୀତ ମହୋତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ନୂତନ ଶିକ୍ଷାନୀତିରେ ଅଙ୍ଗନୱାଡ଼ି କେନ୍ଦ୍ର, ପ୍ରାଥମିକ ବିଦ୍ୟାଳୟରେ ମିଶ୍ରଣ ନିଷ୍ପତି ବିରୋଧରେ ବିକ୍ଷୋଭ, ସ୍ଥାନ: ପିଏମ୍‌ଜି ଛକ, ସମୟ: ପୂର୍ବାହ୍ନ ୧୧ଟା।
- ଷଷ୍ଠ ଓଡ଼ିଶା ଟ୍ରାଭେଲ ବଜାର ପାଇଁ ଖବରଦାତା ସମ୍ମିଳନୀ, ସ୍ଥାନ: ମେ' ଫେୟାର ଅର୍କିଡ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଜାତୀୟସ୍ତରୀୟ ବାଗ୍ମୀତା ପ୍ରତିଯୋଗିତାର ପୁରସ୍କାର ବିତରଣ ଉତ୍ସବ, ସ୍ଥାନ: ଆସ୍ଥା ସ୍କୁଲ ଅଫ୍ ମ୍ୟାନେଜମେଣ୍ଟ କ୍ୟାମ୍ପସ ପରିସର, ବାଲିଅନ୍ତା, ସମୟ: ଅପରାହ୍ନ ୫ଟା।
- ସୁଭଦ୍ରା ଶକ୍ତି ମେଳା, ସ୍ଥାନ: ଜନତା ମଇଦାନ, ସମୟ: ଅପରାହ୍ନ ୫ଟା। ୩୦।
- ନମସ୍କାର ଓଡ଼ିଶାର ପାର୍ଟନର୍‌ସ ମିଟ୍, ସ୍ଥାନ: ୱେଲକମ୍ ହୋଟେଲ, ସମୟ: ସନ୍ଧ୍ୟା ୬ଟା।

## କଟକ

- ୭୩ତମ ରାଜ୍ୟ ପୋଲିସ ଆଥ୍‌ଲେଟିକ୍ ଚାମ୍ପିୟନ୍‌ଶିପ୍ ୨୦୨୫ର ଉଦ୍‌ଘାଟନୀ ସମାରୋହ, ସ୍ଥାନ: ରିଜର୍ଭ ପୋଲିସ ପଡ଼ିଆ, ବକ୍ସିବଜାର, ସମୟ: ସକାଳ ୮ଟା।
- ୭୧ତମ ଜାତୀୟ ସିନିୟର କବାଡି ଚାମ୍ପିୟନଶିପ୍‌ର ତୃତୀୟ ଦିବସ, ସ୍ଥାନ: ଜବାହରଲାଲ୍ ନେହେରୁ ଇନ୍‌ଡୋର ଷ୍ଟାଡିୟମ, ସମୟ: ସକାଳ ୯ଟା।
- ଭାଜପା କଟକ ଜିଲା ପକ୍ଷରୁ ବଜେଟ୍ ସମ୍ବନ୍ଧୀୟ ଆଲୋଚନା ଓ ବୁଦ୍ଧିଜୀବୀ ସମ୍ମିଳନୀ, ସ୍ଥାନ: ନିଶାମଣୀ କନ୍‌ଭେନ୍‌ସନ୍ ହଲ୍ ଲିଙ୍କରୋଡ୍ କଟକ, ସମୟ: ଅପରାହ୍ନ ୪ଟା।

## ପୁରୀ

- ପାନ ଚାଷୀଙ୍କ ସର୍ବଭାରତୀୟ ସମ୍ମିଳନୀ, ସ୍ଥାନ: ୟୁଥ୍ ହଷ୍ଟେଲ, ସମୟ: ଅପରାହ୍ନ ୧୨ଟା ୩୦।
- ଶିଶୁ ବିକାଶ ବିଦ୍ୟାମନ୍ଦିର ବାର୍ଷିକୋତ୍ସବ, ସ୍ଥାନ: ମଙ୍ଗଳା ଘାଟ ଛକ, ସମୟ: ସନ୍ଧ୍ୟା ୬ଟା।

## ଖୋର୍ଦ୍ଧା

- ସରକାରୀ ବିଦ୍ୟାଳୟର ବାର୍ଷିକୋତ୍ସବ, ସ୍ଥାନ: ସାମନ୍ତରାପୁର, ସମୟ: ସକାଳ ୮ଟା।
- ଖୋର୍ଦ୍ଧା ଜିଲା ମହୋତ୍ସବ, ପଲ୍ଲୀଶ୍ରୀ ମେଳା ଓ ପୁସ୍ତକ ମେଳା, ସ୍ଥାନ: ହାବେଳି ପଡ଼ିଆ, ସମୟ: ଅପରାହ୍ନ ୪ଟା
- ଧରିତ୍ରୀ ଷ୍ଟଲ୍‌ରେ ଆଲୋଚନାଚକ୍ର, ପୁସ୍ତକ ମେଳା, ସ୍ଥାନ: ହାବେଳି ପଡ଼ିଆ, ସମୟ: ଅପରାହ୍ନ ୪ଟା ୩୦।
- କଳିଙ୍ଗ ପାଇକ କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ଖୋର୍ଦ୍ଧା ଷ୍ଟାଡିୟମ, ସମୟ: ସନ୍ଧ୍ୟା ୬ଟା।

## ବାଲେଶ୍ୱର

- ଏଫ୍‌ଏମ୍‌ୟୁରେ ବିଜ୍ଞାନ ଛାତ୍ରୀଛାତ୍ରଙ୍କ ପ୍ରଶିକ୍ଷଣ ଶିବିରର ଷଷ୍ଠ ଦିବସ, ସ୍ଥାନ: ନୂଆପାଢ଼ୀ କ୍ୟାମ୍ପସ, ରେମୁଣା, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଏଫ୍‌ଏମ୍‌ୟୁରେ ଜାତୀୟ ସମ୍ମିଳନୀ, ସ୍ଥାନ: ପିଜି କାଉନସିଲ ସମ୍ମିଳନୀ କକ୍ଷ, ନୂଆପାଢ଼ୀ କ୍ୟାମ୍ପସ, ରେମୁଣା, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଖଇରା ସାହିତ୍ୟ ସଂସଦ ବୈଠକ, ସ୍ଥାନ: ସରସ୍ୱତୀ ଶିଶୁ ମନ୍ଦିର, ନଟପଡ଼ା ଛକ, ଖଇରା, ସମୟ: ଅପରାହ୍ନ ୩ଟା।
- ସୁବର୍ଣ୍ଣ ଜୟନ୍ତୀ ସମାରୋହ ଓ ସନାତନ ଧର୍ମ ସମ୍ମିଳନୀ, ସ୍ଥାନ: ପଶ୍ଚିମ ସିମୁଳିଆ ଶିବମନ୍ଦର ପ୍ରାଙ୍ଗଣ, ରୂପସା, ସମୟ: ସନ୍ଧ୍ୟା ୬ଟା।
- ବାଲେଶ୍ୱର ବାର ଆସୋସିଏଶନ୍‌ର ୧୨୬ତମ ବାର୍ଷିକ ଉତ୍ସବରେ ସାଂସ୍କୃତିକ ସନ୍ଧ୍ୟା, ସ୍ଥାନ: ସିଭିଲ କୋର୍ଟ ପରିସର, ବାଲେଶ୍ୱର, ସମୟ: ସନ୍ଧ୍ୟା ୭ଟା।

## ଭଦ୍ରକ

- ଜିଲାସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟନ, ସ୍ଥାନ: ମତୋ, ଚାନ୍ଦବାଲି, ସମୟ: ପୂର୍ବାହ୍ନ ୧୦ଟା।
- ମାନବ ପ୍ରାଣୀ ପରିବେଶ ସଙ୍ଗଠନର ବାର୍ଷିକୋତ୍ସବ, ସ୍ଥାନ: ଜିଲା ସଂସ୍କୃତି ଭବନ, ଭଦ୍ରକ, ସମୟ: ପୂର୍ବାହ୍ନ ୧୧ଟା।

## କେନ୍ଦୁଝର

- ଶ୍ରୀ ଶନିଗ୍ରହଙ୍କ ମନ୍ଦିରରେ ମେଳା ଏବଂ ଭଜନ, କୀର୍ତ୍ତନ, ସ୍ଥାନ : ମୋଟରାଗଡିଆ, ଛେନାପଦୀ, ହାଟଡ଼ିହୀ, ସମୟ : ସକାଳ ୭ ଟା ଏବଂ ସନ୍ଧ୍ୟା ୬ ଟା।
- ଭାଜପାର ଦଳୀୟ କାର୍ଯ୍ୟାଳୟରେ ବୈଠକ, ସ୍ଥାନ: ବ୍ଲକ୍ ସମ୍ମୁଖ, ହାଟଡ଼ିହୀ, ସମୟ: ପୂର୍ବାହ୍ନ ୧୦ ଟା।
- ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ଦ୍ୱାରା ପ୍ରଜାପିତା ବ୍ରହ୍ମ କୁମାରୀ ବିଶ୍ୱବିଦ୍ୟାଳୟର ସୁଖଶାନ୍ତି ସରୋବର ଗୃହ ଉଦ୍‌ଘାଟନ, ସ୍ଥାନ: ପୁରୁଣାସହର, କେନ୍ଦୁଝର, ସମୟ: ପୂର୍ବାହ୍ନ ୧୦ଟା ୩୦।

## ମୟୂରଭଞ୍ଜ

- ଡିଆର୍‌କେ(ବି) ସହିତ ମୟୂରଭଞ୍ଜ ରେଡ୍ କ୍ରିକେଟ ମ୍ୟାଚ, ସ୍ଥାନ: ବାରିପଦା ଷ୍ଟାଡିୟମ ପଡ଼ିଆ,ସମୟ: ସକାଳ ୯ଟା।
- ବିଶ୍ୱ ଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୂତି ଓ ପ୍ରସାଦ ସେବନ, ସ୍ଥାନ:ସାରସକ୍ଷେତ୍ର, ସାରସକଣା,ସମୟ:ଅପରାହ୍ନ ୨ଟା।
- ମକ୍ ଡ୍ରିଲ କାର୍ଯ୍ୟକ୍ରମ, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ବେଲପାଳ, ବଡ଼ସାହି,ସମୟ: ଅପରାହ୍ନ ୨ଟା।
- ଭୀମ ମେଳା ଓ ସାଂସ୍କୃତିକ କାର୍ଯ୍ୟକ୍ରମ,ସ୍ଥାନ:ପାଉଁଶିଆ ଭୀମ ମେଳା ପଡ଼ିଆ, ବଡ଼ସାହି,ସମୟ: ଅପରାହ୍ନ ୫ଟା।

## ବ୍ରହ୍ମପୁର

- ଗଣିତ ବିଭାଗ ପକ୍ଷରୁ ଜାତୀୟ ଆଲୋଚନାଚକ୍ର,ସ୍ଥାନ: ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ଗଞ୍ଜାମ

- ସେଣ୍ଟ ପଲ୍ ସ୍କୁଲ ବାର୍ଷିକ ଉତ୍ସବ, ସ୍ଥାନ: ଛତ୍ରପୁର ସଂସ୍କୃତି ଭବନ, ସମୟ : ଅପରାହ୍ନ ୫ଟା।

## ଜଗତ୍‌ସିଂହପୁର

- ଛାତ୍ରୀଛାତ୍ରଙ୍କୁ ନେଇ ବିଶ୍ୱଚିନ୍ତନ କାର୍ଯ୍ୟକ୍ରମ, ସ୍ଥାନ:କେନ୍ଦ୍ରୀୟ ବିଦ୍ୟାଳୟ, ମଧୁବନ, ପାରାଦୀପ, ସମୟ: ସକାଳ ୯ଟା।

## କେନ୍ଦ୍ରାପଡ଼ା

- ଶ୍ରୀଅଭିରାମ ପରମହଂସ ଦେବଙ୍କ ସନାତନ ଧର୍ମ ସମ୍ମିଳନୀ, ସ୍ଥାନ: ମହୁଲିଆ, ରାଜନଗର, ସମୟ: ସକାଳ ୬ଟା।
- ମୂର୍ଚ୍ଛନା ଓ ଓକା ଓଡ଼ିଶା ପକ୍ଷରୁ ଗୋବରୀ ମହୋତ୍ସବ, ସ୍ଥାନ: ଗଣ୍ଡାକିଆ, କେନ୍ଦ୍ରାପଡ଼ା, ସମୟ: ସକାଳ ୯ଟା।

## ନୟାଗଡ଼

- ମହାପ୍ରଭୁ ଶ୍ରୀନୀଳମାଧବଙ୍କ ମାଘମେଳାର ୧୫ତମ ଦିବସ, ସ୍ଥାନ: କଣ୍ଟିଲୋ ମିନି ଷ୍ଟାଡିୟମ, ସମୟ: ସକାଳ ୭ଟା।
- ରାମ ଚରିତ ମାନସ ନବାହ୍ନ ପାରାୟଣ, ସ୍ଥାନ: ଖଣ୍ଡପଡ଼ା ବ୍ଲକ ମର୍ଦ୍ଦରାଜପୁର ମୁଣ୍ଡିଆ ହନୁମାନ, ସମୟ: ସକାଳ ୮ଟା।
- ଜଙ୍ଗଲ ଓ ପରିବେଶ ସୁରକ୍ଷା ମହାସଂଘ ପକ୍ଷରୁ ଜଙ୍ଗଲରେ ନିଆଁର ଭୟାବହତା ଓ ପରିବେଶ ସୁରକ୍ଷା ଉପରେ ସଚେତନତା, ସ୍ଥାନ: ଦଶପଲ୍ଲା ବ୍ଲକ ଡାଳିପଦର, ସମୟ: ପୂର୍ବାହ୍ନ ସାଢ଼େ ୧୦ଟା।

## ସମ୍ବଲପୁର

- ଯୋଗ ପରିବାର ଆୟୋଜିତ ନିଃଶୁଳ୍କ ଯୋଗ ଶିବିର, ସ୍ଥାନ: ଗାନ୍ଧୀ ପାର୍କ, ସମୟ: ସକାଳ ୬ଟା।
- ସ୍ପୋର୍ଟିଂ ୟୁନିୟନ କ୍ରିକେଟ କ୍ଲବ ଆୟୋଜିତ ୧୩ତମ ଦିନବନ୍ଧୁ ଗୋସ୍ୱାମୀ ସ୍ମାରକୀ ସର୍ବଭାରତୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟର ସେମିଫାଇନାଲ ମ୍ୟାଚ, ସ୍ଥାନ: ହାୱା ମଇଦାନ, ସମୟ: ସକାଳ ୮ଟା ୩୦।

## ବଲାଙ୍ଗୀର

- ସନ୍ତରଣ ପ୍ରଶିକ୍ଷଣ କାର୍ଯ୍ୟକ୍ରମ, ସ୍ଥାନ: ଆରଏନ୍ ସିଂଦେଓ ସ୍ପୋର୍ଟସ୍ କମ୍ପ୍ଲେକ୍ସ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୬ଟା ୩୦ ମିନିଟ।
- ସୂଚନା ଅଧିକାର ଆଇନ କାର୍ଯ୍ୟକାରିତା ଉପରେ ଆନ୍ତଃ ଜିଲାସ୍ତରୀୟ ମହାସମ୍ମିଳନୀ ସ୍ଥାନ: କଲ୍ୟାଣମଣ୍ଡପ, କଲେଜ ଛକ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା।

## ବରଗଡ଼

- ସ୍ୱରାଜ ସଙ୍ଗମ ସର୍ବୋଦୟ ଶିବିର, ସ୍ଥାନ: ବିଜୁ ପଟ୍ଟନାୟକ ଟାଉନ ହଲ, ବରଗଡ଼, ସମୟ: ପୂର୍ବାହ୍ନ ୯ଟା ୩୦।
- ଶ୍ରୀ ଭେଙ୍କଟେଶ୍ୱର ସ୍ୱାମୀଙ୍କ ବ୍ରହ୍ମୋତ୍ସବ, ସ୍ଥାନ: ଶ୍ରୀ ବୈଭବ ଭେଙ୍କଟେଶ୍ୱର ସ୍ୱାମୀ ମନ୍ଦିର, ତୁରୁଙ୍ଗା, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା।

## ବୌଦ୍ଧ

- ଦ୍ୱିତୀୟ ସେବା ମହୋତ୍ସବର ତୃତୀୟ ଦିବସ, ସ୍ଥାନ: ବାବା ଗୁପ୍ତେଶ୍ୱର ମନ୍ଦିର ପଡିଆ, ବୁରୁବୁଡା, ହରଭଙ୍ଗା, ସମୟ: ସକାଳ ୯ଟା ।

## ଦେବଗଡ଼

- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୬ଟା ୩୦।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ଼ ମଞ୍ଚମୁଖୀ ହନୁମାନ ମନ୍ଦିର, ଦେବଗଡ଼ ସହର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ରାମଧୁନ କପ୍ ସର୍ବଭାରତୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟର ଷଷ୍ଠ ଦିବସ, ସ୍ଥାନ: ସୋନପୁର ଗାନ୍ଧୀ ଷ୍ଟାଡିୟମ, ସମୟ: ଅପରାହ୍ନ ୩ଟା ୩୦।
- ତରଭା ଶନିଶ୍ଚର ମନ୍ଦିରରେ ଶନି ପୁରାଣ ପଠନ ଓ ସ୍ୱତନ୍ତ୍ର ପୂଜାର୍ଚ୍ଚନା, ସ୍ଥାନ: ନୂଆପଡା ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା।

## ଝାରସୁଗୁଡ଼ା

- ଭାଗବତ ସପ୍ତାହ ପାଳନ, ସ୍ଥାନ: ବାଗଡିହି ଭାଗବତ ମନ୍ଦିର, ସମୟ: ସକାଳ ୮ଟା।
- ମାସିକ ବାଲ୍ମୀକି ରାମାୟଣ ପାଠ, ସ୍ଥାନ: କୁମର କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା।

# ମାତୃଭାଷା ଆମ ହୃଦୟର ଭାଷା: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୧।୨
(ସୌମ୍ୟରଞ୍ଜନ ରାଉତ)



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ

ଅନ୍ତର୍ଜାତୀୟ ମାତୃଭାଷା ଦିବସ ଅବସରରେ ଶୁକ୍ରବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏନେଇ ସେ ତାଙ୍କ 'ଏକ୍ସ' ଆକାଉଣ୍ଟରେ ଲେଖିଛନ୍ତି, 'ମାତୃଭାଷା' ହିଁ ଆମ ହୃଦୟର ଭାଷା, ମା' ମାଟିର ମହକ ଓ ପରିଚୟ। ଅନ୍ତର୍ଜାତୀୟ ମାତୃଭାଷା ଦିବସରେ ଆସନ୍ତୁ ଆମେ ଆମ ଗୌରବମୟ ଓଡ଼ିଆ ଭାଷାର ପ୍ରସିଦ୍ଧି ଓ ଅସ୍ମିତା ଅକ୍ଷୁଣ୍ଣ ରଖିବା ସହ ଏହାକୁ ବିଶ୍ୱ ଦରବାରରେ ପ୍ରତିଷ୍ଠିତ କରାଇବା ସଙ୍କଳ୍ପକୁ ଆହୁରି ଦୃଢ଼ କରିବା।

# ବଜେଟକୁ ସମର୍ଥନ ମିଳିଥିବାରୁ ଧନ୍ୟବାଦ ଅର୍ପଣ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୧।୨ (ବନ୍ଦନା ସେଠୀ)

ଫେବୃୟାରୀ ୧୭ରେ ୨୦୨୫–୨୬ଆର୍ଥିକ ବର୍ଷ ପାଇଁ ବଜେଟ ଉପସ୍ଥାପନ ହୋଇଥିଲା। ବଜେଟ ଉପରେ ସାଧାରଣ ଆଲୋଚନାରେ ଉଭୟ ବିରୋଧୀ ଓ ଶାସକ ଦଳର ସଦସ୍ୟମାନେ ଭାଗ ନେଇଥିବାବେଳେ, ଶୁକ୍ରବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଧାନସଭାରେ ଏନେଇ ବିବୃତ୍ତି ପ୍ରଦାନ କରିଛନ୍ତି। ମୋଟାମୋଟି ଭାବେ ସରକାର ଆଗତ କରିଥିବା ୨ଲକ୍ଷ ୯୦ହଜାର କୋଟି ଟଙ୍କାର ବଜେଟକୁ ସମର୍ଥନ ନ ହେଲେ ବି ସମସ୍ତେ ପସନ୍ଦ କରିଥିବାରୁ ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି।

# ବାଲିଯାତ୍ରାକୁ ଜାତୀୟ ମାନ୍ୟତା, ଓଡ଼ିଶା ଆସିବ ୟୁନେସ୍କୋ ଟିମ୍: ସଂସ୍କୃତି ମନ୍ତ୍ରୀ

ଭୁବନେଶ୍ୱର, ୨୧।୨ (ବନ୍ଦନା ସେଠୀ)

ଓଡ଼ିଶା ନୌବାଣିଜ୍ୟର ଐତିହ୍ୟ ବହନ କରୁଥିବା କଟକ ବାଲିଯାତ୍ରା ମହୋତ୍ସବକୁ ଜାତୀୟ ମାନ୍ୟତା ଦେବା ଲାଗି ସରକାରୀ ସ୍ତରରେ ପ୍ରକ୍ରିୟା ଆରମ୍ଭ ହୋଇଛି। ଶୁକ୍ରବାର ବିଧାନସଭାରେ ବିଜେଡି ସଦସ୍ୟ ଦେବୀ ରଞ୍ଜନ ତ୍ରିପାଠୀଙ୍କର ଏ ସମ୍ପର୍କିତ ପ୍ରଶ୍ନର ଉତ୍ତର ରଖି, ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଗୃହକୁ ଅବଗତ କରିଛନ୍ତି ଯେ, କଟକ ବାଲିଯାତ୍ରାକୁ ଜାତୀୟ ମାନ୍ୟତା ପାଇଁ ସରକାର ସ୍ୱତନ୍ତ୍ର ବିଶେଷଜ୍ଞ କମିଟି ଗଠନ କରିଛନ୍ତି। ଜାତୀୟ ମାନ୍ୟତା ଦେବା ୟୁନେସ୍କୋର ଦାୟିତ୍ୱ ହୋଇଥିବାରୁ ଏହି ଟିମ୍ ୟୁନେସ୍କୋ ସହ ନିୟମିତ ଆଲୋଚନାରେ ଅଛନ୍ତି। ଖୁବଶୀଘ୍ର ୟୁନେସ୍କୋର ଏକ ଟିମ୍ ଓଡ଼ିଶା ଆସିବ। ସେହିପରି ବରଗଡ଼ ବିଶ୍ୱପ୍ରସିଦ୍ଧ ଧନୁଯାତ୍ରାକୁ ମଧ୍ୟ ଜାତୀୟ ମାନ୍ୟତା ପାଇଁ ସରକାର ଉଦ୍ୟମ କରୁଥିବା ସଂସ୍କୃତି ମନ୍ତ୍ରୀ ଗୃହରେ ଉତ୍ତର କରିଛନ୍ତି। ତେବେ ଗତ କିଛିବର୍ଷ ହେବ ବାଲିଯାତ୍ରାରେ ଷ୍ଟଲ ଆବଣ୍ଟନ ଲାଗି ହେଉଥିବା ନିଲାମ ବ୍ୟବସ୍ଥାକୁ ନେଇ କଂଗ୍ରେସ ସଦସ୍ୟ ସୋଫିଆ ଫିରଦୋସ୍ ଗୃହରେ ପ୍ରଶ୍ନ କରିଥିଲେ। ଷ୍ଟଲ ପାଇଁ ନିଲାମ ପ୍ରକ୍ରିୟା କାରଣରୁ ବହୁ ବ୍ୟବସାୟୀ ସୁଯୋଗ ପାଉନାହାନ୍ତି। ସେହିଭଳି ନିଲାମ ବେଳେ ଅର୍ଥକୁ ଗୁରୁତ୍ୱ ଦିଆଯାଉଥିବାରୁ ସ୍ଥାନୀୟ କଳା କାରିଗରୀ ପ୍ରଦର୍ଶନ କରିବାକୁ ଚାହୁଁଥିବା ଲୋକେ ମଧ୍ୟ ବାଦ ପଡୁଛନ୍ତି। ତେଣୁ ପୂର୍ବ ସରକାରରୁ ପ୍ରଚଳିତ ଏ ବ୍ୟବସ୍ଥାରେ ଅନେକ ଦୁର୍ନୀତି ହେଉଥିବା କହି ଏହାର ଉଚ୍ଛେଦ ପାଇଁ ବି ଗୃହରେ ଦାବି ଉଠିଥିଲା। ତେବେ ଏହାର ସମାଧାନ ଦିଗରେ ବିସ୍ତୃତ ଆଲୋଚନା ହୋଇଥିବା ମନ୍ତ୍ରୀ ସୂର୍ଯ୍ୟବଂଶୀ ଉତ୍ତର ରଖିଛନ୍ତି।

# ୨ ରେଳଲାଇନ ଦୋହରୀକରଣର ଲୋକେଶନ ସର୍ଭେ ମଞ୍ଜୁର: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୧।୨(ସୁନିତ୍ ମିଶ୍ର)

ରେଳ ମନ୍ତ୍ରଣାଳୟ ପକ୍ଷରୁ ଓଡ଼ିଶା ପାଇଁ ଅନେକ ଗୁରୁତ୍ୱପୂର୍ଣ୍ଣ ରେଳ ଭିତ୍ତିଭୂମି ପ୍ରକଳ୍ପ ମଞ୍ଜୁର କରାଯାଇଛି। ୨୦୫୦ କି.ମି. ଦୀର୍ଘ ଗୋପାଳପୁର–ରାୟଗଡ଼ା ନୂଆ ରେଳଲାଇନ ଓ ନୂଆପଡ଼ା–ଗୁଣପୁର–ଥେରୁବାଲି ରେଳଲାଇନର ଦୋହରୀକରଣ ପାଇଁ ଫାଇନାଲ ଲୋକେଶନ ସର୍ଭେ ମଞ୍ଜୁର କରାଯାଇଛି। ଏହି ୨ଟି ପ୍ରକଳ୍ପ ଦ୍ୱାରା ଓଡ଼ିଶା, ବିଶେଷକରି ଦକ୍ଷିଣ ଓଡ଼ିଶାରେ ରେଳ ଭିତ୍ତିଭୂମି ସହ ଅର୍ଥନୈତିକ ବିକାଶ ଆହୁରି ବ୍ୟାପକ ହେବ। ଏଥିଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଶୁକ୍ରବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଧନ୍ୟବାଦ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ଓଡ଼ିଶାର ବିକାଶ ପାଇଁ ପ୍ରଧାନମନ୍ତ୍ରୀ ତାଙ୍କର ଫୋକସ୍ ଜାରି ରଖିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଦିଗ୍‌ଦର୍ଶନରେ ଓଡ଼ିଶା ବିକାଶର ଯେଉଁ ଲକ୍ଷ୍ୟ ରଖିଛି ତାହା ନିଶ୍ଚୟ ହାସଲ କରିବ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ମୁଖ୍ୟମନ୍ତ୍ରୀ ଦିଲ୍ଲୀ ଗସ୍ତରେ ଥିବା ସମୟରେ ଗୁରୁବାର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ସହ ଆଲୋଚନାକରି ଓଡ଼ିଶାର ରେଳ ଭିତ୍ତିଭୂମିର ବିକାଶ ସମ୍ପର୍କରେ ଆଲୋଚନା କରିଥିଲେ। ବିଭିନ୍ନ ନୂଆ ପ୍ରକଳ୍ପ ସହ ମଞ୍ଜୁର ହୋଇଥିବା ପ୍ରକଳ୍ପଗୁଡ଼ିକର ଆଲୋଚନା ସମ୍ପର୍କରେ ଉଭୟଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ଆଲୋଚନା ସମୟରେ ମୁଖ୍ୟମନ୍ତ୍ରୀ ଯୋଡ଼ା–ବଡ଼ବିଲ ଓ ଯୋଡ଼ା–ବରସୁଆଁ ରେଳଲାଇନ ନିର୍ମାଣ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହାଦ୍ୱାରା ବଡ଼ବିଲ, ଯୋଡ଼ା ଓ କେନ୍ଦୁଝରକୁ ନେଇ ଏକ ଇଣ୍ଡଷ୍ଟ୍ରିଆଲ କରିଡର ନିର୍ମାଣ ପାଇଁ ରାଜ୍ୟ ସରକାର ଯେଉଁ ଯୋଜନା କରୁଛନ୍ତି, ସେଥିରେ ଏହା ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ ମତ ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ଆଲୋଚନା ପରେ ଏହି ୨ଟି ରେଳ ଲାଇନ ନିର୍ମାଣର ସମ୍ଭାବନା ମଧ୍ୟ ଉଜ୍ଜ୍ୱଳ ହୋଇଛି। ଏହାସହ ରାଜ୍ୟର ଅନ୍ୟାନ୍ୟ ପ୍ରକଳ୍ପ ସହିତ ଦକ୍ଷିଣ ଓଡ଼ିଶାର ପ୍ରକଳ୍ପଗୁଡ଼ିକୁ ମଧ୍ୟ ତ୍ୱରାନ୍ୱିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ଅନୁରୋଧ କରିଛନ୍ତି। ଅର୍ଥନୈତିକ ଅଭିବୃଦ୍ଧିରେ ରେଳ ଯୋଗାଯୋଗର ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ରହିଛି ବୋଲି ମତ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ଏହାଦ୍ୱାରା ବିକାଶର ଗତି ବହୁଗୁଣିତ ହେବା ସହିତ ଅନେକ ନିଯୁକ୍ତି ସୁଯୋଗ ମଧ୍ୟ ସୃଷ୍ଟି ହୋଇପାରିବ।

### ଗୋପାଳପୁର-ରାୟଗଡ଼ା,ନୂଆପଡ଼ା-ଗୁଣପୁର-ଥେରୁବାଲି ରେଳ ପ୍ରକଳ୍ପ ପାଇଁ ସକାରାତ୍ମକ ଦୃଷ୍ଟି ରଖି ପଦକ୍ଷେପ ନିଆଯାଉଛି: ରେଳମନ୍ତ୍ରୀ

ରେଳମନ୍ତ୍ରୀ ବୈଷ୍ଣବ କହିଛନ୍ତି, ଏହି ଦୁଇଟି ରେଳ ପ୍ରକଳ୍ପ ପାଇଁ କେନ୍ଦ୍ର ସରକାର ସକାରାତ୍ମକ ଦୃଷ୍ଟି ରଖି ପଦକ୍ଷେପ ନେଉଛନ୍ତି। ଓଡ଼ିଶାର ବିକାଶ ପାଇଁ ପ୍ରଧାନମନ୍ତ୍ରୀଙ୍କ ସ୍ୱତନ୍ତ୍ର ଫୋକସ୍ ରହିଛି। ଆସନ୍ତୀ ୨୫ ବର୍ଷର ଅମୃତକାଳରେ ପ୍ରଧାନମନ୍ତ୍ରୀଙ୍କ ପୂର୍ବୋଦୟର ପରିକଳ୍ପନାରେ ଓଡ଼ିଶାକୁ ଦେଶର ଅର୍ଥନୀତିର ଇଞ୍ଜିନ ଭାବେ ବିକଶିତ କରିବା ପାଇଁ ପଦକ୍ଷେପ ନିଆଯାଉଛି। ଏହାକୁ ଦୃଷ୍ଟିରେ ରଖି ଓଡ଼ିଶାରେ ରେଳ ଭିତ୍ତିଭୂମିର ବ୍ୟାପକ ବିକାଶ କରାଯାଉଛି ବୋଲି ସେ କହିଛନ୍ତି। ଓଡ଼ିଶାରେ ରେଳ ଭିତ୍ତିଭୂମିର ବିକାଶ ପାଇଁ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ସୂଚନା ଦେଇ ବୈଷ୍ଣବ କହିଛନ୍ତି, ଓଡ଼ିଶାରେ ବର୍ତ୍ତମାନ ୭୩ ହଜାର କୋଟି ଟଙ୍କାର ରେଳ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଜାରି ରହିଛି। ୨୦୧୪ରୁ ବର୍ତ୍ତମାନ ସୁଦ୍ଧା ଓଡ଼ିଶାରେ ୨୦୪୬ କି.ମି.ନୂଆ ରେଳ ଲାଇନ ନିର୍ମାଣ ହୋଇସାରିଛି ଯାହା ମାଲେସିଆର ସମ୍ପୂର୍ଣ୍ଣ ରେଳ ନେଟ୍‌ୱର୍କଠାରୁ ଅଧିକ ହେବ। ଓଡ଼ିଶାର ଜନଜାତି ବହୁଳ ଓ ଆକାଂକ୍ଷୀ ଜିଲାଗୁଡ଼ିକରେ ରେଳ ଭିତ୍ତିଭୂମିର ବିକାଶ ଉପରେ କେନ୍ଦ୍ର ସରକାରଙ୍କ ଫୋକସ୍ ଅଛି। ମୋଦି ସରକାରଙ୍କ ୩ୟ କାର୍ଯ୍ୟକାଳରେ ବର୍ତ୍ତମାନ ସୁଦ୍ଧା ୨୦ ହଜାର କୋଟି ଟଙ୍କାର ୮ଟି ନୂଆ ରେଳ ଲାଇନ ନିର୍ମାଣ ପାଇଁ ମଞ୍ଜୁରୀ ଦିଆଯାଇଥିବା ବେଳେ ୫୯ଟି ରେଳ ଷ୍ଟେଶନକୁ ଅମୃତ ଷ୍ଟେଶନ ଭାବେ ବିକଶିତ କରାଯାଉଛି। ଏଥିରୁ ୧୬ଟି ଷ୍ଟେଶନ ଆକାଂକ୍ଷୀ ଜିଲାରେ ରହିଛି। ପ୍ରଧାନମନ୍ତ୍ରୀ ନିକଟରେ ରାୟଗଡ଼ା ଡିଭିଜନ ପାଇଁ ଭିତ୍ତିପ୍ରସ୍ତର ରଖିଛନ୍ତି ବୋଲି ବୈଷ୍ଣବ କହିଛନ୍ତି। ଓଡ଼ିଶାରେ ବର୍ତ୍ତମାନ ୬ଟି ବନ୍ଦେ ଭାରତ ଟ୍ରେନ୍ ଚାଲୁଛି। ଆଗାମୀ ଦିନରେ ରେଳ ଭିତ୍ତିଭୂମି କ୍ଷେତ୍ରରେ ଓଡ଼ିଶାରେ ଆହୁରି ବ୍ୟାପକ ପଦକ୍ଷେପ ନିଆଯିବ ବୋଲି ରେଳମନ୍ତ୍ରୀ କହିଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ପରୀକ୍ଷାରେ କପି ...

ଗ୍ରାମବାସୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଥିବାବେଳେ ପୋଲିସ ପହଞ୍ଚି ସ୍ଥିତିକୁ ନିୟନ୍ତ୍ରଣକୁ ନେଇଛି। ବିକ୍ଷୋଭକାରୀମାନେ ରାଜପଥରେ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ଫଳରେ ରାସ୍ତାରେ ଲମ୍ବା ଟ୍ରାଫିକ୍ ଜାମ୍ ଦେଖାଯାଇଥିଲା। ହତ୍ୟାକାଣ୍ଡ ପାଇଁ ଦାୟୀ ଲୋକଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବରିଷ୍ଠ ପୋଲିସ ଅଧିକାରୀ ପ୍ରତିଶ୍ରୁତି ଦେବା ପରେ ଛାତ୍ରଙ୍କ ପରିବାର ମୃତଦେହ ଗ୍ରହଣ କରିଛନ୍ତି। ହତ୍ୟାକାଣ୍ଡର ତଦନ୍ତ ଜାରି ରହିଛି।

### ମାର୍ଚ୍ଚ ୭ ପର୍ଯ୍ୟନ୍ତ ...

ତଥା ଅର୍ଥମନ୍ତ୍ରୀ ମୋହନ ଚରଣ ମାଝୀ ଗୃହରେ ୨ ଲକ୍ଷ ୯୦ ହଜାର କୋଟି ଟଙ୍କାର ବଜେଟ ଆଗତ କରିଛନ୍ତି। ଏହାସହ ୨ ଦିନ ଧରି ବଜେଟ ଉପରେ ସାଧାରଣ ଆଲୋଚନା କରାଯାଇଛି। ଏହା ଭିତରେ ଗୋଟିଏ ଆଇନକୁ ଗୃହରେ ଉଚ୍ଛେଦ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ମୋଟ ୮ଟି କାର୍ଯ୍ୟଦିବସ ରହିଥିଲା। ବାଚସ୍ପତି ଶୁକ୍ରବାର ସନ୍ଧ୍ୟା ୭ଟା ୩୦ ମିନିଟ୍ ସମୟରେ ଗୃହ କାର୍ଯ୍ୟକୁ ଆସନ୍ତା ୭ ତାରିଖ ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଛନ୍ତି। ଏହି ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକ୍ରମ ଆସନ୍ତା ମାର୍ଚ୍ଚ ୭ରୁ ଆରମ୍ଭ ହୋଇ ଏପ୍ରଲ ୫ ପର୍ଯ୍ୟନ୍ତ ଚାଲିବାକୁ ସ୍ଥିର ହୋଇଛି। ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକ୍ରମ ସମୟରେ ବିଭିନ୍ନ ବିଭାଗର ଖର୍ଚ୍ଚଦାବି ଆଲୋଚନା ହେବା ସଙ୍ଗେ ସଙ୍ଗେ ବଜେଟକୁ ଅନୁମୋଦନ ମିଳିବା କାର୍ଯ୍ୟକ୍ରମ ରହିଛି।

### କେନ୍ଦ୍ରର ବାଧ, ...

ଧର୍ମେନ୍ଦ୍ର ଶୁକ୍ରବାର ଷ୍ଟାଲିନ୍‌ଙ୍କ ନିକଟକୁ ଲେଖିଥିବା ପତ୍ରରେ ଯୁକ୍ତି ବାଢ଼ିଛନ୍ତି। ଡିଏମ୍‌କେ ଏନ୍‌ଇପି ୨୦୨୦କୁ ରାଜନୈତିକ କାରଣରୁ କିପରି ବିରୋଧ କରିଆସିଛି, ତାହା ମଧ୍ୟ ଧର୍ମେନ୍ଦ୍ର ନିଜ ପତ୍ରରେ ଉଲ୍ଲେଖ କରିଛନ୍ତି। ତାମିଲନାଡୁରେ ଆସନ୍ତାବର୍ଷ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବାକୁ ଥିବାବେଳେ କେନ୍ଦ୍ରରେ ଭାଜପା ମଧ୍ୟ ଏଥିରୁ ଫାଇଦା ନେବା ସୁଯୋଗକୁ ହାତଛଡ଼ା କରିବାକୁ ଚାହିଁନାହିଁ। ଆସନ୍ତା ମାର୍ଚ୍ଚ ୧ରୁ ରାଜ୍ୟରେ ଭାଜପା ପକ୍ଷରୁ ଏକ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରାଯିବ ବୋଲି ଜଣାପଡ଼ିଛି। ସେପଟେ ଧର୍ମେନ୍ଦ୍ରଙ୍କ ଚିଠି ହସ୍ତଗତ ହେବା ପରେ ଉପମୁଖ୍ୟମନ୍ତ୍ରୀ ଉଦୟନିଧି ଷ୍ଟାଲିନ୍ କହିଛନ୍ତି, ତାମିଲନାଡୁ ଆଉ ଏକ 'ଭାଷାଯୁଦ୍ଧ' ପାଇଁ ପ୍ରସ୍ତୁତ। ଏହା ହେଉଛି ଦ୍ରାବିଡ଼ଙ୍କ ଭୂମି...ପେରିୟାରଙ୍କ ଭୂମି। ଗତଥର ଆପଣ ତାମିଲ ଲୋକଙ୍କ ଅଧିକାର ଛଡ଼ାଇନେବାକୁ ଉଦ୍ୟମ କରିଥିଲେ। ସେମାନେ କହିଥିଲେ, 'ମୋଦି ଗୋ ବ୍ୟାକ୍'। ଆପଣ ଯଦି ପୁନର୍ବାର ଏଭଳି ଉଦ୍ୟମ କରନ୍ତି, ଏଥର ସ୍ୱର ଉଠିବ 'ଗେଟ୍ ଆଉଟ୍ ମୋଦି'। ଆପଣଙ୍କୁ ହଟାଇବା ପାଇଁ ଆନ୍ଦୋଳନ କରାଯିବ। ଆମେ ଆମ ଅଂଶ (୨,୧୫୦ କୋଟି ଟଙ୍କାର ପାଣ୍ଠି) ମାଗୁଛୁ। କେନ୍ଦ୍ର ଆମକୁ ଏନ୍‌ଇପିର ୩ ଭାଷା ଗ୍ରହଣ କରିବାକୁ ବାଧ କରୁଛି। ରାଜନୀତି କିଏ କରୁଛି, ଦୟାକରି ବୁଝନ୍ତୁ ବୋଲି ଉଦୟନିଧି କହିଛନ୍ତି।

# ମୁଖ୍ୟମନ୍ତ୍ରୀଙ୍କ ସହଯୋଗରେ ଓମାନ୍‌ରୁ ସୁରକ୍ଷିତ ଫେରିଲେ ୪ ଓଡ଼ିଆ

ଭୁବନେଶ୍ୱର, ୨୧।୨
(ସୁନିତ୍ ମିଶ୍ର)

ଓମାନ୍‌ରେ ଫସି ରହିଥିବା ଗଞ୍ଜାମ ଅଞ୍ଚଳର ୪ ଜଣ ଓଡ଼ିଆ ଶ୍ରମିକ ସୁରକ୍ଷିତ ଭାବେ ଓଡ଼ିଶା ଫେରିଛନ୍ତି। ସେମାନେ ଗୁରୁବାର ଭୋର ୪ ଟାରେ ଏୟାର ଇଣ୍ଡିଆ ଏକ୍ସପ୍ରେସ୍ ଫ୍ଲାଇଟ ଯୋଗେ ମସ୍କାଟ୍‌ରୁ ମୁମ୍ବାଇ ଆସିଥିଲେ। ଶୁକ୍ରବାର ମୁମ୍ବାଇରୁ ଭୁବନେଶ୍ୱରରେ ପହଞ୍ଚି ଟ୍ରେନ୍ ଯୋଗେ ବ୍ରହ୍ମପୁରରେ ପହଞ୍ଚିଛନ୍ତି। ଏଥିଲାଗି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ଏବଂ ଓମାନ୍‌ରେ ଥିବା ଭାରତୀୟ ଦୂତାବାସକୁ ଧନ୍ୟବାଦ ଅର୍ପଣ କରିଛନ୍ତି।

ସୂଚନାଯୋଗ୍ୟ, ଓମାନ୍‌ରେ ଫସିଥିବା ଏହି ଓଡ଼ିଆ ଶ୍ରମିକମାନଙ୍କ ବିଷୟରେ ଇ–ମେଲ୍ ଓ ବିଭିନ୍ନ ଓଡ଼ିଆ ଖବରକାଗଜରୁ ସୂଚନା ମିଳିବା ପରେ ମୁଖ୍ୟମନ୍ତ୍ରୀ ଶ୍ରମିକମାନଙ୍କ ଉଦ୍ଧାର ପାଇଁ ତୁରନ୍ତ ପଦକ୍ଷେପ ନେବାକୁ ନୂଆଦିଲ୍ଲୀସ୍ଥିତ ମୁଖ୍ୟ ଆବାସିକ କମିଶନରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ମୁଖ୍ୟ ଆବାସିକ କମିଶନର ବିଦେଶ ମନ୍ତ୍ରଣାଳୟ ଏବଂ ଓମାନ୍‌ରେ ଥିବା ଭାରତର ରାଷ୍ଟ୍ରଦୂତଙ୍କ ସହ ଆଲୋଚନାକରି ଶ୍ରମିକମାନଙ୍କ ଉଦ୍ଧାର ପାଇଁ ଉଦ୍ୟମ କରିଥିଲେ। ଭାରତର ଦୂତାବାସ ପକ୍ଷରୁ ଏହି ଶ୍ରମିକମାନଙ୍କୁ ଓମାନ୍‌ର ସୋହର ନାମକ ସ୍ଥାନରେ ଥିବାର ସୂଚନା ମିଳିଥିଲା। ସେମାନଙ୍କ ସହ ଫୋନ୍ ଯୋଗେ ନିରନ୍ତର ଯୋଗାଯୋଗ ରକ୍ଷା କରାଯାଇଥିଲା। ଭାରତର ଦୂତାବାସ ପକ୍ଷରୁ ଏହି ଓଡ଼ିଆ ଶ୍ରମିକମାନଙ୍କ ଏକ ଗୁରୁଦ୍ୱାର ଠାରେ ରହିବା ଓ ଖାଇବା ବ୍ୟବସ୍ଥା କରାଯାଇଥିଲା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆଜି କର୍ମକ୍ଷେତ୍ରରେ କିଛି ବିବାଦୀୟ ମନ୍ତବ୍ୟକୁ କେନ୍ଦ୍ରକରି ଆଲୋଚନା ହୋଇପାରେ। ଦୀର୍ଘଦିନ ହେଲା ପଢୁ ନ ଥିବା ପୁଅ ବୋହୂଙ୍କ କଥା ମନକୁ ବେଶି ଆନ୍ଦୋଳିତ କରିବ। ବନ୍ଧୁଙ୍କ ସହ ସ୍ନେହ ସମ୍ପର୍କରେ ଫାଟ ସୃଷ୍ଟି ହେବା କାରଣରୁ ପରସ୍ପରକୁ ସନ୍ଦେହ କରିପାରନ୍ତି। ବହୁ କଷ୍ଟ ସ୍ୱୀକାର କରି ମଧ୍ୟ କାମଟିକୁ ପୂର୍ଣ୍ଣାଙ୍ଗ କରିବାକୁ ଚେଷ୍ଟା କରିବେ।

**ବୃଷ** – ଦୈହିକ ଉତ୍କର୍ଷ ସହ ବନ୍ଧୁଙ୍କ ଆଦର, ସାହାଯ୍ୟ, ଲାଭ କରି ଖୁସି ରହିବେ। ବିଭିନ୍ନ ଘରୋଇ ସମସ୍ୟା ମଧ୍ୟରେ ବ୍ୟତିବ୍ୟସ୍ତ ହେବାକୁ ପଡ଼ିପାରେ। ସଭାସମିତି, ଆଲୋଚନା, ପ୍ରକାଶନ, କଚେରି ମାମଲା ଓ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ। କର୍ମକ୍ଷେତ୍ରରେ ସହକର୍ମୀ କିମ୍ବା ପଡ଼ୋଶୀଙ୍କ ସହ ସୁସମ୍ପର୍କ ରକ୍ଷା କରିବାରେ ସମର୍ଥ ହେବେ।

**ମିଥୁନ** – ଶାରୀରିକ ଅସୁସ୍ଥତା,ଉଗ୍ରଚିନ୍ତା,ଉତ୍ତେଜକ ବାଣୀ ଦ୍ୱାରା ସମସ୍ୟାରେ ଛନ୍ଦି ହୋଇପାରନ୍ତି। ଅଟକିରହିଥିବା କାର୍ଯ୍ୟ ସକାଶେ ଚିନ୍ତାକରି ଅନ୍ୟମନସ୍କ ରହୁଥିବାର ସୂଚନା ମଧ୍ୟ ରହିଛି । କୌଣସି ଜିନିଷକୁ କେନ୍ଦ୍ରକରି ପରିବାରରେ ବିତର୍କ ସୃଷ୍ଟି ହୋଇପାରେ। ଯାନବାହନ, ଜମିଜମା, ମାଲିମକଦ୍ଦମା ଓ ଆନୁଷ୍ଠାନିକ କର୍ମରେ ସମସ୍ୟା ଲାଗି ରହିବ।

**କର୍କଟ** – ଆଜି କର୍ମକ୍ଷେତ୍ରରେ କାରଣ ନ ଥାଇ ଦୋଷୀ ସାବ୍ୟସ୍ତ ହୋଇପାରନ୍ତି। ନୂତନ ଗୃହ, ଯାନବାହନ ତଥା ଯାନ୍ତ୍ରିକ ଜିନିଷର କ୍ରୟ କିମ୍ବା ବିକ୍ରୟ ପାଇଁ ବ୍ୟଗ୍ରତା ପ୍ରକାଶ କରିବେ। ଆଜିର ଆନୁଷ୍ଠାନିକ କାମଗୁଡ଼ିକ ସମ୍ପୂର୍ଣ୍ଣ ହେବା କଷ୍ଟକର ହୋଇପଡ଼ିବ। କଳା, ସାହିତ୍ୟରେ ଉନ୍ନତି କରିବେ ଓ ଏହା ସହ ବ୍ୟବସାୟରେ ଲାଭବାନ ହେବେ।

**ସିଂହ** – ପରିବାର ଭିତରେ ସାଧାରଣ କଥାକୁ ଜଟିଳ ଆକାରରେ ଗ୍ରହଣ କରି ଦ୍ୱନ୍ଦ୍ୱର ସମ୍ମୁଖୀନ ହୋଇପାରନ୍ତି। ଅବଶ୍ୟ ସାହିତ୍ୟ,କଳା ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ମିଳିବ। ପରୋକ୍ଷ ଶତ୍ରୁତା କିମ୍ବା କ୍ରନିକ୍ ରୋଗ ଜନିତ ପୀଡ଼ାନୁଭବ କରିପାରନ୍ତି। କୌଣସି ସାଙ୍ଗଠନିକ କାମ, ରାଜନୈତିକ କ୍ଷେତ୍ର ପାଇଁ ଦିନଟି ବହୁତ ଭଲ।

**କନ୍ୟା** – ମିତ୍ରମାନେ ପରୋକ୍ଷରେ ଶତ୍ରୁତା ଆଚରଣ କରିବାର ସୂଚନା ପାଇବେ। ବ୍ୟବସାୟ, ବାଣିଜ୍ୟ, ନିର୍ମାଣ,ପ୍ଲଟିଂ କାରବାରରେ ମାନମନାନ୍ତର ଦେଖାଦେଇପାରେ। ଅବଶ୍ୟ ବନ୍ଧୁମାନେ ଆବଶ୍ୟକ ସହଯୋଗ କରିବେ ଏବଂ ମଧ୍ୟାହ୍ନରେ ଟେନସନ୍ ଦୂର ହେବ। ଗୃହ, ଜମିଜମା, ମାଲିମକଦ୍ଦମା ସମ୍ପର୍କୀୟ ଆଲୋଚନା ବିଗିଡ଼ି ଯାଇପାରେ।

**ତୁଳା** – ଆଜି ବିଜାତୀୟ ବ୍ୟକ୍ତିଙ୍କ ସହ ଶତ୍ରୁତାଜନିତ କିମ୍ବା ଅତୀତ ଘଟଣାବଳୀକୁ ନେଇ ଚିନ୍ତିତ ରହିବେ। କଳା, ସଙ୍ଗୀତ, ସାହିତ୍ୟ, ସାମ୍ବାଦିକତା, କ୍ରୀଡ଼ା କ୍ଷେତ୍ରରୁ ସୁଫଳ ମିଳିବ। ସନ୍ତାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁ ବିଚଳିତ ରହିପାରନ୍ତି। ବାଣିଜ୍ୟ, ବ୍ୟବସାୟ, ପରିବହନ,ପ୍ଲଟିଂ କାରବାର,ଆଲୋଚନା ଓ କଚେରି ମାମଲା କ୍ଷେତ୍ରରେ ଶୁଭ ଫଳ ପାଇବେ।

**ବିଛା** – ଯାହା ଚାହୁଁଛନ୍ତି ତାହା ପାଇବେ କିନ୍ତୁ ଆଶାନୁରୂପ ନ ହେବା କାରଣରୁ ଅସନ୍ତୁଷ୍ଟ ହେବେ। କର୍ମକ୍ଷେତ୍ରରୁ କିମ୍ବା ଦୂରସ୍ଥାନରୁ ଘରକୁ ଫେରିବା ସମୟରେ କିଛି ମୂଲ୍ୟବାନ ଜିନିଷ ଆଣି ପାରନ୍ତି। ବିବାଦୀୟ ଘଟଣାର ସ୍ଥିତି ଅନୁକୂଳ ରହିବା କାରଣରୁ ସାମୟିକ ଖୁସି ରହିପାରନ୍ତି। ପିଲାଙ୍କ ସକାଶେ କିଛିଟା ଅନ୍ତର୍ଦ୍ୱନ୍ଦ୍ୱ ଭିତର ଦେଇ ଗତି କରିପାରନ୍ତି।

**ଧନୁ** – କର୍ମକ୍ଷେତ୍ରରେ ଅଟକି ରହିଥିବା କାମ ହାସଲ ପାଇଁ ଚେଷ୍ଟା କରିପାରନ୍ତି। ସାମୟିକ ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ମାନସିକ ସୁସ୍ଥତା ବ୍ୟାହତ ହୋଇପାରେ। ଅଫିସ୍‌ରେ କୌଣସି ବ୍ୟକ୍ତିଠାରୁ କିଛି କଥା ଶୁଣି ନିଜ ଲୋକଙ୍କୁ ଭୁଲ୍ ବୁଝିପାରନ୍ତି। ନୂତନ କର୍ମସଂସ୍ଥାନ ପାଇଁ କିମ୍ବା ସ୍ଥାନାନ୍ତର ସକାଶେ ମନ ବଳିବ।

**ମକର** – ସମ୍ପର୍କୀୟଙ୍କୁ ସାହାଯ୍ୟ କରିବାକୁ ଯାଇ ନିଜେ ଅସୁବିଧାରରେ ପଡ଼ିବେ। ସାମାନ୍ୟ ବିଳମ୍ବରେ କାମଗୁଡିକ ଠିକ୍ ଭାବରେ ସମ୍ପନ୍ନ ହେବ ଏବଂ ଏଥିପାଇଁ ବହୁତ କଷ୍ଟ ସ୍ୱୀକାର କରିବାକୁ ପଡ଼ିପାରେ। ପ୍ରତ୍ୟୁଷ ଯାତ୍ରାରେ ସଫଳତା ପାଇବେ ଓ ଲକ୍ଷ୍ୟ ହାସଲ କରିବେ। ଅନ୍ୟମାନଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାନ୍ତୁ ନାହିଁ।

**କୁମ୍ଭ** – ଗତକାଲିଠାରୁ ଯାହା ଚିନ୍ତା କରୁଛନ୍ତି ଆଜି ତାହା ସହଜରେ ସମ୍ପନ୍ନ ହେବ। ବ୍ୟବସାୟରେ ସମସ୍ୟାକୁ ସୁଧାରି ନେବେ ଓ ନୂତନ ବାଣିଜ୍ୟ ଯୋଡ଼ିବା ପାଇଁ ଚିନ୍ତା କରିବେ। ବନ୍ଧୁ ସାହାଯ୍ୟ ସହଯୋଗର ଦୃଢ଼ ପ୍ରତିଶ୍ରୁତି ଦେବେ ଓ କରିବେ। କର୍ମକ୍ଷେତ୍ରରେ ପ୍ରକୃତ ଘଟଣା ନ ବୁଝି ନିଜର ଉପରିସ୍ଥ ଅଫିସର କ୍ରୋଧ ପ୍ରକାଶ କରିପାରନ୍ତି।

**ମୀନ** – କର୍ମକ୍ଷେତ୍ରରେ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ନୀଚ ବର୍ଗର ବ୍ୟକ୍ତିବିଶେଷଙ୍କ ଦ୍ୱାରା ସମସ୍ୟା ସୃଷ୍ଟି ହୋଇପାରେ। ବହୁତ ଖଟଣି ହେତୁ ଶାରୀରିକ ଅସୁସ୍ଥତା ଅନୁଭବ କରିପାରନ୍ତି। ଜମିଜମା କାରବାର, ସଭାସମିତି, ରାଜନୈତିକ ଆଲୋଚନା କ୍ଷେତ୍ର ପାଇଁ ଅନୁକୂଳ ପରିବେଶ ସୃଷ୍ଟି ହେବ।

ଆଜି ଫେବୃଆରୀ ୨୨ ତାରିଖ, ଫାଲ୍‌ଗୁନ କୃଷ୍ଣ ନବମୀ ଯୁକ୍ତ ଦଶମୀ ଶନିବାର, ରାଶି ନକ୍ଷତ୍ର–ଜ୍ୟେଷ୍ଠା/ବିଛା, ନବମୀର ଏକୋଦ୍ଦିଷ୍ଟ ଓ ଦଶମୀର ପାର୍ବଣ ଶ୍ରାଦ୍ଧ, ଅଦ୍ୟ ବିବାହ ପାଣିଗ୍ରହଣ, ଦିବା ଘ.୧୦।୩୩ ମି. ଗତେ ଘ.୦୧।୦୯ ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୦୯।୦୭ ଗତେ ଘ.୧୦।୩୩ ମଧ୍ୟେ ରାହୁକାଳ।




# ଅଚ୍ୟୁତ ସାମନ୍ତଙ୍କୁ ଅଢ଼େଇ ଘଣ୍ଟା ଜେରା

- ଉଚ୍ଚସ୍ତରୀୟ କମିଟି ଆଗରେ ରଖିଲେ ମତ
- ଭିସିଙ୍କ ସମେତ ୬ କର୍ମଚାରୀ ଉପସ୍ଥିତ ଥିଲେ

ଭୁବନେଶ୍ୱର,୨୧।୨ (ସୁଚିସ୍ମିତା ସାହୁ)

କିଟ୍ ବିଶ୍ୱବିଦ୍ୟାଳୟରେ ନେପାଳୀ ଛାତ୍ରୀ ପ୍ରକ୍ରିତି ଲାମ୍‌ସଲଙ୍କ ମୃତ୍ୟୁ, ଆନ୍ଦୋଳନରତ ନେପାଳୀ ଛାତ୍ରୀଛାତ୍ରଙ୍କୁ ଆକ୍ରମଣ ସହ ବଳପୂର୍ବକ ବସ୍‌ରେ ନେଇ କଟକ ରେଳଷ୍ଟେଶନରେ ଛାଡ଼ିବା ଘଟଣାକୁ ଗୁରୁତ୍ୱର ସହ ନେଇଛନ୍ତି ରାଜ୍ୟ ସରକାର। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ଗଠିତ ଉଚ୍ଚସ୍ତରୀୟ କମିଟି ଘଟଣାର ତଦନ୍ତ କରୁଛି। ଶୁକ୍ରବାର କିଟ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ରାଜ୍ୟ ଅତିଥି ଭବନରେ ଏହି ଉଚ୍ଚସ୍ତରୀୟ ତଦନ୍ତ କମିଟି ନିକଟରେ ହାଜର ହୋଇ ଜେରାର ସମ୍ମୁଖୀନ ହୋଇଛନ୍ତି। ସେହିଭଳି କିଟ୍ କୁଳପତି ସରନଜିତ୍ ସିଂ, ରେଜିଷ୍ଟ୍ରାରଙ୍କ ସହ କର୍ମଚାରୀ ଜୟନ୍ତୀ ନାଥ ଓ ଆସୋସିଏଟ୍ ପ୍ରଫେସର ମଞ୍ଜୁଷା ପାଣ୍ଡେ ମଧ ହାଜର ହୋଇଥିଲେ। ଅଚ୍ୟୁତଙ୍କ ସମେତ ମୋଟ ୮ଜଣଙ୍କୁ ଅଢ଼େଇ ଘଣ୍ଟା ଧରି ଘନଘନ ଜେରା କରି ତଥ୍ୟ ହାସଲ କରିଥିଲା ୩ଜଣିଆ ତଦନ୍ତ କମିଟି। ତେବେ ଜେରା ପରେ ଅଚ୍ୟୁତଙ୍କ ସହ ଅନ୍ୟମାନେ ରାଜ୍ୟ ଅତିଥି ଭବନରୁ ବାହାରିବା ସମୟରେ ଉପସ୍ଥିତ ଗଣମାଧ୍ୟମ ପ୍ରତିନିଧିଙ୍କୁ କିଛି ବି କହି ନ ଥିଲେ। ତଦନ୍ତ କମିଟି ନିକଟରେ ହାଜର ହେବାକୁ ଗୁରୁବାର ଅଚ୍ୟୁତ ସାମନ୍ତଙ୍କୁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ନୋଟିସ କରାଯାଇଥିଲା। ଏହି ଅନୁସାରେ ନିର୍ଦ୍ଧାରିତ ସମୟର ପ୍ରାୟ ଅଧଘଣ୍ଟା ପୂର୍ବରୁ ଅର୍ଥାତ୍ ଶୁକ୍ରବାର ସନ୍ଧ୍ୟା ୬ଟାରେ ଅଚ୍ୟୁତ ଓ ଅନ୍ୟମାନେ ରାଜ୍ୟ ଅତିଥି ଭବନରେ ପହଞ୍ଚିଥିଲେ। ତଦନ୍ତ କମିଟିରେ ଥିବା ମହିଳା ଓ ଶିଶୁ କଲ୍ୟାଣ ସଚିବ ଶୁଭା ଶର୍ମା, ଗୃହ ବିଭାଗର ଅତିରିକ୍ତ ଶାସନ ସଚିବ ସତ୍ୟବ୍ରତ ସାହୁ ଏବଂ ଉଚ୍ଚଶିକ୍ଷା ସଚିବ ଅରବିନ୍ଦ ଅଗ୍ରୱାଲ ଘଟଣା ସଂକ୍ରାନ୍ତରେ ଅଚ୍ୟୁତ ଓ ଅନ୍ୟମାନଙ୍କୁ ବିଭିନ୍ନ ପ୍ରଶ୍ନ ପଚାରିଥିଲେ। ତେବେ ମିଳିଥିବା ସୂଚନାନୁସାରେ, ନେପାଳୀ ଛାତ୍ରୀଙ୍କ ମୃତ୍ୟୁ କେଉଁ ପରିସ୍ଥିତିରେ ହେଲା, ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ କାହିଁକି ଘଟଣା ସମ୍ପର୍କରେ ତୁରନ୍ତ ଗୃହ ବିଭାଗ କିମ୍ବା ଉଚ୍ଚଶିକ୍ଷା ବିଭାଗକୁ ଜଣାଇଲେ ନାହିଁ, ଆନ୍ଦୋଳନ ଛାତ୍ରୀଛାତ୍ରଙ୍କୁ ମାଡ଼ ଓ କ୍ୟାମ୍ପସରୁ ତଡ଼ିଦେବା ଆଦି ଘଟଣା ଉପରେ ଏବେସୁଦ୍ଧା କ'ଣ ସବୁ ପଦକ୍ଷେପ ନିଆଯାଇଛି, ସମ୍ପୃକ୍ତ ନେପାଳୀ ପିଲାମାନେ ଏବେ କେଉଁଠି ଅଛନ୍ତି ଏବଂ ସେମାନେ କିପରି କ୍ୟାମ୍ପସକୁ ଫେରିବା ନେଇ କର୍ତ୍ତୃପକ୍ଷ କ'ଣ ପଦକ୍ଷେପ ନେଇଛନ୍ତି ଆଦି ବିଷୟରେ କମିଟି ସଦସ୍ୟମାନେ ପଚରାଉଚରା କରି ତଥ୍ୟ ଚାହିଁଥିଲେ। ଅଚ୍ୟୁତ ଓ ଅନ୍ୟ ୭ଜଣ ସବୁ ପ୍ରଶ୍ନର ଉତ୍ତର ରଖିଥିବାବେଳେ ନିର୍ଦ୍ଦେଶ ଅନୁସାରେ କିଛି ଡକ୍ୟୁମେଣ୍ଟ ଦାଖଲ କରିଥିବା ସୂଚନା ମିଳିଛି।

### କିଟ୍ ଘଟଣାରେ ଦୁଃଖ ପ୍ରକାଶକଲା ଏମ୍ଇଏ

କିଟ୍ ବିଶ୍ୱବିଦ୍ୟାଳୟରେ ଛାତ୍ରୀମୃତ୍ୟୁ ଘଟଣାକୁ ନେଇ ଭାରତୀୟ ବହିର୍ବ୍ୟାପାର ମନ୍ତ୍ରଣାଳୟ (ଏମ୍ଇଏ) ଦୁଃଖ ପ୍ରକାଶ କରିଛି। ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୟସ୍ୱାଲ ପ୍ରତିକ୍ରିୟା ରଖି କହିଛନ୍ତି, ଏହି ଘଟଣାକୁ ନେଇ ଭାରତ ନେପାଳ କର୍ତ୍ତୃପକ୍ଷଙ୍କ ସହିତ ନିୟମିତ ଯୋଗାଯୋଗରେ ରହିଛି। ଏହାସହିତ ଓଡ଼ିଶା ସରକାର ଓ କିଟ୍ କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗରେ ଥିବା ନେଇ ସେ ସୂଚନା ଦେଇଛନ୍ତି। ବୈଦେଶିକ ମନ୍ତ୍ରଣାଳୟ ସର୍ବଦା ଅନ୍ତର୍ଜାତୀୟ ଛାତ୍ରୀଛାତ୍ରଙ୍କ ସୁରକ୍ଷାକୁ ଗୁରୁତ୍ୱ ପ୍ରଦାନ କରିଥାଏ। ଛାତ୍ରୀମୃତ୍ୟୁକୁ ଗମ୍ଭୀରତାର ସହ ନିଆଯାଇଥିବା ବେଳେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଉପରେ ଜୟସ୍ୱାଲ ଗୁରୁତ୍ୱ ଦେଇଛନ୍ତି।

# ମଧ୍ୟାହ୍ନଭୋଜନରେ ପ୍ରତି ଅଣ୍ଡା ପିଛା ୬ଟଙ୍କା ଦିଆଯାଉଛି

ଭୁବନେଶ୍ୱର, ୨୧।୨ (ବନ୍ଦନା ସେଠୀ)

ରାଜ୍ୟରେ ଥିବା ପ୍ରତ୍ୟେକ ସରକାରୀ ଓ ସରକାରଙ୍କ ଅନୁଦାନପ୍ରାପ୍ତ ପ୍ରାଥମିକ ଓ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ପଢୁଥିବା ଛାତ୍ରୀଛାତ୍ର ପ୍ରଧାନମନ୍ତ୍ରୀ ପୋଷଣଶକ୍ତି ନିର୍ମାଣ (ମଧ୍ୟାହ୍ନ ଭୋଜନ) କାର୍ଯ୍ୟକ୍ରମରେ ଉପକୃତ ହେଉଛନ୍ତି। ଏହି କ୍ରମରେ ଛାତ୍ରୀଛାତ୍ର କିପରି ପୋଷଣଯୁକ୍ତ ଖାଦ୍ୟ ଖାଇବେ ସେ ନେଇ ସରକାର ପଦକ୍ଷେପ ନେଉଛନ୍ତି। ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମରେ ଦିଆଯାଉଥିବା ଅଣ୍ଡା ପ୍ରତି ଦର ୫ଟଙ୍କା ଦେବାପାଇଁ ସ୍ଥିର କରାଯାଇଛି ବୋଲି ଯେଉଁ ପ୍ରସଙ୍ଗ ଉଠିଛି ତାହା ଠିକ୍ ନୁହେଁ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଶୁକ୍ରବାର ବିଧାନସଭାରେ କହିଛନ୍ତି। ୨୦୨୪ ଡିସେମ୍ବର ୧୦ରୁ ପ୍ରତି ଅଣ୍ଡା ପିଛା ୬ଟଙ୍କା ପ୍ରଦାନ କରାଯାଉଛି। ଏଥିସହ ବର୍ତ୍ତମାନ ବିଦ୍ୟାଳୟରେ ସପ୍ତାହକୁ ୨ଥର ବୁଧବାର ଓ ଶନିବାର ଦିନ ଛାତ୍ରୀଛାତ୍ରଙ୍କୁ ଅଣ୍ଡା ପ୍ରଦାନ କରାଯାଉଛି। ଛାତ୍ରୀଛାତ୍ରଙ୍କୁ ଦିଆଯାଉଥିବା ମୁଣ୍ଡପିଛା ପଡିର ମୂଲ୍ୟ କେନ୍ଦ୍ରସରକାର ନିର୍ଦ୍ଧାରଣ କରିବା ସହ ରାଜ୍ୟ ସରକାର ନିର୍ଦ୍ଧାରିତ ପଡିର ଅଂଶ ପ୍ରଦାନ କରିଥାନ୍ତି। ଏତଦ୍‌ବ୍ୟତୀତ ରାଜ୍ୟ ସରକାର ନିଜସ୍ୱ ଯୋଜନାରୁ ଅତିରିକ୍ତ ପଡି ଖର୍ଚ୍ଚ ଛାତ୍ରୀଛାତ୍ରଙ୍କୁ ପ୍ରଦାନ କରିଥାନ୍ତି ବୋଲି ମନ୍ତ୍ରୀ କହିଛନ୍ତି।

# ୭ ଦିନରେ ଟଙ୍କା ଫେରାଅ, ନ ହେଲେ କାର୍ଯ୍ୟାନୁଷ୍ଠାନ

## ବିଞ୍ଝାରପୁର ବ୍ଲକ୍: ୮୯୪ଙ୍କ ନାଁରେ ୯୦.୯ ଲକ୍ଷର ଭତ୍ତା ହଡ଼ପ

ଯାଜପୁର,୨୧।୨ (ହର୍ଷବର୍ଦ୍ଧନ ବେହେରା)

ଯାଜପୁର ଜିଲା ବିଞ୍ଝାରପୁର ବ୍ଲକରେ ମଧୁବାବୁ ପେନସନ ଯୋଜନାରେ ୮୯୪ ଜଣ ହିତାଧିକାରୀଙ୍କ ନାମରେ ହଡ଼ପ ହୋଇଥିବା ୯୦ ଲକ୍ଷ ୯ ହଜାର ଟଙ୍କା ଅସୁଲି କରିବାକୁ ବିଡିଓ ଦିବ୍ୟେନ୍ଦୁ କୁମାର ଦାସ ନୋଟିସ ଜାରି କରିଛନ୍ତି। ବିଡିଓ ଦାସ ତାଙ୍କ ପତ୍ରସଂଖ୍ୟା ୨୦/୧୮।୨।୨୦୨୫ରେ ହିତାଧିକାରୀମାନଙ୍କୁ ୭ ଦିନ ମଧ୍ୟରେ ପାଇଥିବା ଭତ୍ତା ଟଙ୍କା ଜମା କରନ୍ତୁ ନଚେତ ସରକାରଙ୍କ ନିୟମ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ନୋଟିସରେ ଚେତାବନୀ ଦିଆଯାଇଛି।

ମଧୁବାବୁ ପେନ୍‌ସନ ଯୋଜନାରେ ଉପଜିଲାପାଳଙ୍କ ଦସ୍ତଖତକୁ ଜାଲିଆତି କରାଯାଇ ୮୯୪ ଜଣ ଭୂତ ହିତାଧିକାରୀଙ୍କ ନାମରେ ଉପରୋକ୍ତ ଭତ୍ତା ଟଙ୍କା ହଡ଼ପ ହୋଇଥିବା ଅଭିଯୋଗ ହୋଇଥିଲା। ଆବଶ୍ୟକ ତଦନ୍ତ ପରେ ବିଡିଓ ଦାସ ବିଞ୍ଝାରପୁର ଥାନାରେ ୨୨।୧୦।୨୦୨୪ରେ ପୂର୍ବତନ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ (ବିଏସ୍ଏସ୍ଓ) ତଥା ପଞ୍ଚାୟତ ନିର୍ବାହୀ ଅଧିକାରୀ(ପିଇଓ) ଧର୍ମେନ୍ଦ୍ର କୁମାର ସାହୁଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଏତଲା ଦାଏର କରିଥିଲେ। ଏନେଇ ବିଞ୍ଝାରପୁର ଥାନାରେ ୫୮୪/୨୦୨୪ରେ ଏକ ମାମଲା ରୁଜୁ ହୋଇଥିଲାବେଳେ ଅଭିଯୁକ୍ତ ପିଇଓ ସାହୁ ଏବେ ଜାମିନରେ ଥିବା ସୂଚନା ମିଳିଛି।

ବିଡିଓ ଦାସଙ୍କ ଅଭିଯୋଗ ଅନୁସାରେ, ୮୯୪ ଜଣ ହିତାଧିକାରୀଙ୍କ ନାମରେ ଭତ୍ତା ଅର୍ଥ ମଞ୍ଜୁର ହୋଇଥିବାବେଳେ ସେମାନଙ୍କ ନାମ ତାଲିକା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ (ଏସ୍ଏସ୍ଇପିଡି) ବିଭାଗ ପୋର୍ଟାଲରେ ମିଳିନାହିଁ। ଏହାପରେ ବିଡିଓ ୧୪।୧୦।୨୦୨୪ରେ ବିଏସ୍ଏସ୍ଓ ସାହୁଙ୍କ ନାମରେ କାରଣ ଦର୍ଶାଅ ନୋଟିସ ଜାରି କରିଥିଲେ। ବିଏସ୍ଏସ୍ଓ ସାହୁ ଉପଜିଲାପାଳଙ୍କ କାର୍ଯ୍ୟାଳୟରୁ ମଞ୍ଜୁର ନିର୍ଦ୍ଦେଶ ମିଳିବା ପରେ ଉକ୍ତ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରିବାକୁ ଆକ୍ୟୁଟେନ୍ସ ରୋଲ୍ ପ୍ରସ୍ତୁତ କରିଥିଲେ ଏବଂ ଏହି ଅନିୟମିତତା ସମ୍ପର୍କରେ ସେ କିଛି ଜାଣିନାହାନ୍ତି ବୋଲି ଉତ୍ତର ରଖିଥିଲେ। ଏହାପରେ ବିଡିଓ ଦାସ ଏକ କମିଟି ଗଠନ କରି ଉକ୍ତ ଅନିୟମିତତା ଅଭିଯୋଗର ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ତଦନ୍ତରେ ବିଏସ୍ଏସ୍ଓ ସାହୁ ଉପଜିଲାପାଳଙ୍କ ଦସ୍ତଖତକୁ ଜାଲିଆତି କରି ହିତାଧିକାରୀଙ୍କୁ ଭତ୍ତା ଅର୍ଥ ପ୍ରଦାନ କରିବାକୁ କାଗଜପତ୍ର ପ୍ରସ୍ତୁତ କରିଥିବା ପ୍ରମାଣିତ ହୋଇଥିଲା।

ଏହାପୂର୍ବରୁ ବିଞ୍ଝାରପୁର ନିର୍ବାଚନ ମଣ୍ଡଳୀ ଦଶରଥପୁର ବ୍ଲକ ଅନ୍ତର୍ଗତ ବିରିପଟା ପଞ୍ଚାୟତର ୨୪ ଜଣ ମୃତ ବ୍ୟକ୍ତିଙ୍କ ନାମରେ ବିଭିନ୍ନ ଯୋଜନାରେ ଭତ୍ତା ଉଠାଯାଇଥିବା ଅଭିଯୋଗ ହୋଇଥିଲା। ଏନେଇ ଅଞ୍ଚଳବାସୀଙ୍କ ପକ୍ଷରୁ ଅଭିଯୋଗ ହେବା ପରେ ୪ ଜଣ ପଞ୍ଚାୟତ ନିର୍ବାହୀ ଅଧିକାରୀ(ପିଇଓ) ସ୍ନିଗ୍ଧା ସାହୁ, ଶ୍ୟାମସୁନ୍ଦର ତିୟୁ, ସୂର୍ଯ୍ୟମଣି ପଟ୍ଟନାୟକ ଓ ବୀରେନ୍ଦ୍ର କୁମାର ମଲ୍ଲିକଙ୍କୁ ୨ ଲକ୍ଷ ୨୮ ହଜାର ୫୦୦ ଟଙ୍କା ଫେରସ୍ତ କରିବାକୁ ଦଶରଥପୁର ବିଡିଓ ନିର୍ଦ୍ଦେଶ ଜାରି କରିଥିଲେ। ସେତେବେଳେ କାର୍ଯ୍ୟାନୁଷ୍ଠାନ ଏତିକିରେ ସୀମିତ ରହିଥିଲା। ଭତ୍ତା ହଡ଼ପକାରୀ ଉପରୋକ୍ତ ଅଧିକାରୀଙ୍କ ନାମରେ କୌଣସି ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିଲା। ତେବେ ଜିଲାରେ ଏଭଳି ଶତାଧିକ ମୃତ ହିତାଧିକାରୀଙ୍କ ନାମରେ ବାର୍ଦ୍ଧକ୍ୟ ଭତ୍ତା ହଡ଼ପ ହେଉଥିବା ଅଭିଯୋଗ ହେଉଛି। ଏହାବାଦ୍ ପ୍ରକୃତ ହିତାଧିକାରୀ ଚିହ୍ନଟରେ ମଧ୍ୟ ଅନିୟମିତତା ହେଉଥିବାରୁ ଅନେକ ହିତାଧିକାରୀ ଭତ୍ତା ପାଇବାରୁ ବଞ୍ଚିତ ରହିଥିବା ପୂର୍ବରୁ ଅଭିଯୋଗ ହୋଇସାରିଛି। କିନ୍ତୁ ସମ୍ପୃକ୍ତ ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କୁ ସୁରକ୍ଷା ଦେଇ କାର୍ଯ୍ୟାନୁଷ୍ଠାନକୁ କୋହଳ କରାଯାଉଛି। ଫଳରେ ଜିଲାରେ ଏଭଳି ସମ୍ବେଦନଶୀଳ ମୃତ ବ୍ୟକ୍ତିଙ୍କ ନାମରେ ଅର୍ଥ ହଡ଼ପ ଅଭିଯୋଗ ମାମଲା ବଢ଼ି ବଢ଼ି ଯାଉଛି ବୋଲି ମତପ୍ରକାଶ ପାଇଛି।

# ମାଣ୍ଡିଆରୁ ପ୍ରସ୍ତୁତ ହେବ ମଦ: ମନ୍ତ୍ରୀ

- ନୂଆ ଅବକାରୀ ନୀତି ନେଇ ଉଚ୍ଚସ୍ତରୀୟ ବୈଠକ
- ମହୁଲ ଓ ମାଣ୍ଡିଆରୁ ମଦ ପ୍ରସ୍ତୁତକଲେ ମିଳିବ ପ୍ରୋତ୍ସାହନ
- ଓଡ଼ିଶାରେ ଭଲ ବ୍ରାଣ୍ଡ୍‌ର ମଦ ପ୍ରସ୍ତୁତ କାରଖାନା ହେବା ନେଇ ଆଲୋଚନା

ଭୁବନେଶ୍ୱର, ୨୧।୨(ସୁନିତ୍ ମିଶ୍ର)

ମାଣ୍ଡିଆରୁ ଆଗକୁ ମଦ ପ୍ରସ୍ତୁତ ହେବ। ଏଥିଲାଗି ଯେଉଁ କମ୍ପାନୀଗୁଡ଼ିକ ମାଣ୍ଡିଆରୁ ମଦ ପ୍ରସ୍ତୁତ କରିବାକୁ ଆଗ୍ରହୀ ହେବେ ସେମାନଙ୍କୁ ସରକାର ସବ୍‌ସିଡି ଯୋଗାଇଦେବେ। ମହୁଲ ଏବଂ ମାଣ୍ଡିଆରୁ ମଦ ପ୍ରସ୍ତୁତ କଲେ ପ୍ରୋତ୍ସାହନ ମିଳିବ। ଓଡ଼ିଶାରେ ଭଲ ବ୍ରାଣ୍ଡର ମଦ ପ୍ରସ୍ତୁତି କାରଖାନା ସମ୍ପର୍କରେ ଆଲୋଚନା କରାଯାଇଛି ବୋଲି ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି।

ନୂଆ ଅବକାରୀ ନୀତି ନେଇ ଶୁକ୍ରବାର ମନ୍ତ୍ରୀ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ରାଜ୍ୟ ଅତିଥି ଭବନ ସମ୍ମିଳନୀ କକ୍ଷରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମନ୍ତ୍ରୀ କହିଛନ୍ତି, ରାଜ୍ୟରେ ଏକ ସ୍ୱଚ୍ଛ ଅବକାରୀ ନୀତି ଗ୍ରହଣ କରିବା ପାଇଁ ସରକାର ପଦକ୍ଷେପ ଗ୍ରହଣ କରିଛନ୍ତି। ଏଥିଲାଗି ସମ୍ପୃକ୍ତ ଅଂଶୀଦାରମାନଙ୍କ ସମେତ ରାଜ୍ୟବାସୀ କିପରି ଉପକୃତ ହୋଇପାରିବେ ସେନେଇ ବ୍ୟବସ୍ଥା କରାଯାଉଛି। ରାଜ୍ୟରେ ଅବକାରୀ ନୀତି ୨୦୨୫-୨୬ ପ୍ରଣୟନ ପାଇଁ ଚିଠା ପ୍ରସ୍ତାବ ଉପରେ ଅଂଶୀଦାରଙ୍କ ମତାମତ ସମ୍ପର୍କିତ ଆଲୋଚନା କରାଯାଇଛି। ଏହି ଅବସରରେ ବିଭାଗୀୟ କମିଶନର ଗୁହା ପୁନମ ତାପସ କୁମାର ଏବଂ ଅବକାରୀ କମିଶନର ନରସିଂହ ଭୋଳ ପ୍ରମୁଖ ଉପସ୍ଥିତ ଥିଲେ। ରାଜ୍ୟରେ କୌଣସି ନୀତି ପ୍ରଣୟନ ପୂର୍ବରୁ ଜନସାଧାରଣ ଓ ଅଂଶୀଦାରମାନଙ୍କ ମତାମତ ଗ୍ରହଣ କରାଗଲେ ସମ୍ପୃକ୍ତ ଆଇନ ଗ୍ରହଣୀୟ ହୋଇଥାଏ ବୋଲି ମନ୍ତ୍ରୀ ହରିଚନ୍ଦନ କହିଛନ୍ତି। ବୈଠକ ପ୍ରାରମ୍ଭରେ ଶାସନ ସଚିବ ଅବକାରୀ ନୀତି ସମ୍ପର୍କରେ ତଥ୍ୟ ଉପସ୍ଥାପିତ କରିଥିଲେ। ଏହି ଅବକାରୀ ନୀତି ରାଜ୍ୟରେ ନୂତନ ପୁଞ୍ଜିନିବେଶ, ଇଜ୍ ଅଫ୍ ଡୁଇଂ ବିଜ୍‌ନେସ୍, ବ୍ୟବସ୍ଥାରେ ସ୍ୱଚ୍ଛତା, ମିଲେଟ୍‌ଭିତ୍ତିକ ପାନୀୟ ପ୍ରସ୍ତୁତ, ଉତ୍କର୍ଷ ଓଡ଼ିଶା ଅନୁପାଳନକୁ ପ୍ରୋତ୍ସାହନ ଦେବା ଆଦି ସମ୍ପର୍କରେ ଆଲୋଚନା ହୋଇଛି। ଏଥିରେ ମଦ ପ୍ରସ୍ତୁତକାରୀ କମ୍ପାନୀର ପ୍ରତିନିଧି, ହୋଟେଲ ଓ ରେସ୍ତୋଁରା ସଂଘର କର୍ମକର୍ତ୍ତା, ଲାଇସେନ୍ସପ୍ରାପ୍ତ ଖୁଚୁରା ବ୍ୟବସାୟୀ, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି, ଶିଳ୍ପ, ଅର୍ଥ, ଜଙ୍ଗଲ ଓ ପଞ୍ଚାୟତିରାଜ ବିଭାଗର ଅଧିକାରୀମାନଙ୍କ ସହ ପର୍ଯ୍ୟାୟଭିତ୍ତିକ ଆଲୋଚନା କରାଯାଇ ସେମାନଙ୍କ ମତାମତ ଲୋଡ଼ାଯାଇଛି।


ପୃଥ୍ୱୀରାଜ ହରିଚନ୍ଦନ

ସେହିଭଳି ରାଜ୍ୟରେ ମାଣ୍ଡିଆ, ଯଅ ଓ ବାଜରାଭିତ୍ତିକ ମଦ ପ୍ରସ୍ତୁତି ସହ ବ୍ୟବସାୟିକ ପ୍ରୋତ୍ସାହନ, ମଦ ଅପମିଶ୍ରଣ ରୋକିବା, ବ୍ୟାପକ ସଚେତନତା ନେଇ ବୈଠକରେ ଆଲୋଚନା ହୋଇଛି। ସେହିଭଳି ଜନଜାତି ବର୍ଗଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ମହୁଲ ଫୁଲ ସଂଗ୍ରହ ଉପରେ ଗୁରୁତ୍ୱାରୋପ କରାଯାଇଛି। ଏଥିପାଇଁ ସମ୍ପୃକ୍ତ ବ୍ୟକ୍ତି କିଭଳି ଆବଶ୍ୟକ ଅର୍ଥ ପାଇପାରିବେ ସେନେଇ ବୈଠକରେ ବ୍ୟାପକ ଭାବେ ଆଲୋଚନା କରାଯାଇଛି। ସମ୍ପୃକ୍ତ ବିଭାଗଗୁଡ଼ିକ ସେମାନଙ୍କ ମତାମତ ପ୍ରଦାନ କରିଛନ୍ତି। ଉକ୍ତ ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ମଦ ନିଗମର ପରିଚାଳନା ନିର୍ଦ୍ଦେଶକ ଅମ୍ବର କୁମାର କର ଏବଂ ବିଭାଗୀୟ ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ରାଜ୍ୟର ୫ ଜିଲାରେ ୨୫୯.୦୬ ବର୍ଗ କି.ମି. ହେନ୍ତାଳବଣ: ଜଙ୍ଗଲ ମନ୍ତ୍ରୀ

ଭୁବନେଶ୍ୱର, ୨୧।୨(ବନ୍ଦନା ସେଠୀ)

ରାଜ୍ୟର ୭ ଉପକୂଳବର୍ତ୍ତୀ ଜିଲା ମଧ୍ୟରୁ ୫ଜିଲାରେ ହେନ୍ତାଳବଣ ଦେଖାଯାଏ। ଭାରତ ସରକାରଙ୍କ ଜାତୀୟ ସର୍ବେକ୍ଷଣ ସଂସ୍ଥାଙ୍କ ଦ୍ୱାରା ସଦ୍ୟତମ ପ୍ରକାଶିତ ଭାରତ ଜଙ୍ଗଲ ସ୍ଥିତି ରିପୋର୍ଟ (ଇଣ୍ଡିଆ ଷ୍ଟେଟ୍ ଅଫ୍ ଫରେଷ୍ଟ ରିପୋର୍ଟ) ୨୦୨୩ର ତଥ୍ୟ ଅନୁଯାୟୀ, ରାଜ୍ୟର ୫ଟିଉପକୂଳବର୍ତ୍ତୀ ଜିଲାଗୁଡିକରେ ସମୁଦାୟ ୨୫୯.୦୬ ବର୍ଗକିଲୋମିଟର ହେନ୍ତାଳବଣ ରହିଛି। ସେଥିମଧ୍ୟରୁ ବାଲେଶ୍ୱର ଜିଲାରେ ୪.୮୨ ବର୍ଗ କିଲୋମିଟର, ଭଦ୍ରକ ଜିଲାରେ ୩୨.୩୯ ବର୍ଗ କିଲୋମିଟର, ଜଗତସିଂହପୁର ଜିଲାରେ ୮.୪୨ ବର୍ଗ କିଲୋମିଟର, କେନ୍ଦ୍ରାପଡ଼ା ଜିଲାରେ ୨୧୨.୬୯ ବର୍ଗ କିଲୋମିଟର ଓ ପୁରୀ ଜିଲାରେ ୦.୭୪ ବର୍ଗ କିଲୋମିଟର ହେନ୍ତାଳବଣ ଅଛି। ବାତ୍ୟାର ପ୍ରଭାବକୁ ହ୍ରାସ କରିବା ପାଇଁ ସରକାରଙ୍କ ଦ୍ୱାରା ବିଭିନ୍ନ ଯୋଜନା ମାଧ୍ୟମରେ ପ୍ରତିବର୍ଷ ରାଜ୍ୟର ଉପକୂଳବର୍ତ୍ତୀ ଜିଲାର ସମୁଦ୍ର ତଟବର୍ତ୍ତୀ ଅଞ୍ଚଳରେ ହେନ୍ତାଳ ଚାରା ରୋପଣ କରାଯାଉଛି ବୋଲି ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆ ବିଧାନସଭାରେ ଆଗତ ଏକ ପ୍ରଶ୍ନର ଉତ୍ତରରେ ମତ ରଖିଛନ୍ତି। ସେହିପରି ୨୦୨୨-୨୩ ରୁ ୨୦୨୪-୨୫ ଆର୍ଥିକ ବର୍ଷ ମଧ୍ୟରେ ବିଭିନ୍ନ ଯୋଜନା ମାଧ୍ୟମରେ ସର୍ବମୋଟ ୧୧୯୮ ହେକ୍ଟର ପରିମିତ ଅଞ୍ଚଳରେ ହେନ୍ତାଳବଣ ସୃଷ୍ଟି କରିବା ପାଇଁ ହେନ୍ତାଳ ଚାରା ରୋପଣ କରାଯାଇଛି। ଭାରତ ଜଙ୍ଗଲ ସ୍ଥିତି ରିପୋର୍ଟ ୨୦୨୩ ଅନୁଯାୟୀ ବିଗତ ୨ବର୍ଷ ମଧ୍ୟରେ ମୋଟ ୧.୫୫ ବର୍ଗ କିଲୋମିଟରର ହେନ୍ତାଳବଣର ଅଭିବୃଦ୍ଧି ଘଟିଛି। ହେନ୍ତାଳବଣର କ୍ଷେତ୍ରଫଳ ୨୫୭.୫୧ ବର୍ଗ କିଲୋମିଟରରୁ ବୃଦ୍ଧି ପାଇ ୨୫୯.୦୬ ବର୍ଗକିଲୋମିଟର ହୋଇଛି ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି।

# ମାଲବାହୀ ବଗି ଲାଇନଚ୍ୟୁତ


ଟ୍ରେନ ବଗି ଲାଇନଚ୍ୟୁତ ହୋଇଛି।

ଟିଟିଲାଗଡ,୨୧।୨(ଶରତ ମିଶ୍ର)

ଶୁକ୍ରବାର ରାତି ପ୍ରାୟ ୯ଟାରେ ବଲାଙ୍ଗୀର ଜିଲା ଟିଟିଲାଗଡ ରେଳଷ୍ଟେଶନ ନିକଟରେ ଏକ ମାଲବାହୀ ଟ୍ରେନର ୩ଟି ବଗି ଲାଇନଚ୍ୟୁତ ହୋଇଛି। ରେଳ ବିଭାଗ କର୍ମଚାରୀମାନେ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି କାର୍ଯ୍ୟ ଆରମ୍ଭ କରି ଦେଇଛନ୍ତି। କେଉଁ କାରଣରୁ ଏହା ଘଟିଲା ଏହାର ତଦନ୍ତ ହେବ ବୋଲି ଜଣେ ଅଧିକାରୀ କହିଛନ୍ତି। ତେବେ କଣ୍ଟାବାଞ୍ଜି ପଟରୁ ଆସିବାକୁ ଥିବା ସମସ୍ତ ଟ୍ରେନ ଚଳାଚଳ ବାଧାପ୍ରାପ୍ତ ହୋଇଛି।

# ଉଚ୍ଚ ବିଦ୍ୟୁତ୍‌ସମ୍ପନ୍ନ ଟାୱାର ଉପରେ ଶୋଇଲେ


ଟାୱାର ଉପରେ ଜଣେ ଲୋକ ଶୋଇଛନ୍ତି।



କେନ୍ଦୁଝର,୨୧।୨ (ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ସଦର ବ୍ଲକ୍ ଅନ୍ତର୍ଗତ ପର୍ଜନପୁର ପଞ୍ଚାୟତ କଲଣ୍ଡା ଗ୍ରାମରେ ଶୁକ୍ରବାର ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ବ୍ୟକ୍ତି ଗ୍ରାମ ଦେଇ ଯାଇଥିବା ଏକ ଉଚ୍ଚ କ୍ଷମତାସମ୍ପନ୍ନ ବିଦ୍ୟୁତ୍ ଟାୱାରରେ ଚଢ଼ି ଉପରେ ଶୋଇବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ବ୍ୟକ୍ତି ଜଣଙ୍କ ସ୍ଥାନୀୟ ଅମୃତପଡ଼ା ଗ୍ରାମର ନେତ୍ର ମୁଣ୍ଡା(୫୫)। ତାଙ୍କର କୌଣସି କ୍ଷତି ହୋଇନାହିଁ। ସୂଚନା ଅନୁଯାୟୀ, କଲଣ୍ଡା ଖେଳପଡ଼ିଆରେ ମଧ୍ୟାହ୍ନ ୧୨ଟାରେ କ୍ରିକେଟ୍ ଟୁର୍ନାମେଣ୍ଟ ଚାଲିଥିଲା। ସେ ସମୟରେ ନେତ୍ର ସେଠାରେ ଥିବା ଟାୱାର ଉପରକୁ ଚଢ଼ିଯାଇଥିଲେ। ଉପରକୁ ଯାଇ ପାଇପ ଉପରେ ଶୋଇଥିଲେ। ଲୋକେ ପୋଲିସକୁ ସୂଚନା ଦେଇଥିଲେ। ପଳାଶପଙ୍ଗା ଫାଣ୍ଡି ପୋଲିସ ପହଞ୍ଚି ବୁଝାଶୁଝା କରିଥିଲା। ଲୋକେ ମଧ ବୁଝାଶୁଝା କରିବା ପରେ ସେ ସୁରକ୍ଷିତ ଭାବେ ତଳକୁ ଓହ୍ଲାଇଥିଲେ। ସେ ମାନସିକ ବିକୃତ ବୋଲି ଗ୍ରାମବାସୀଙ୍କ ପକ୍ଷରୁ ସୂଚନା ମିଳିଛି। ପୋଲିସ ତାଙ୍କୁ ନେଇ ଘରେ ଛାଡ଼ିଥିବା ଜଣାପଡ଼ିଛି।

# ଅଲିଭ ରିଡ୍‌ଲେ କଇଁଛଙ୍କ ୫ ଲକ୍ଷ ୫୫ ହଜାର ୬୩୮ ଅଣ୍ଡା ଠାବ

## କୋଷ୍ଟଗାର୍ଡର ୨୯ ଜାହାଜ ୧୩୮ ଦିନ ସୁରକ୍ଷା ଦେଇଛନ୍ତି

ପାରାଦୀପ,୨୧।୨ (ଶରତ ରାଉତ)

ଓଡ଼ିଶା ଉପକୂଳ ଋଷିକୁଲ୍ୟା, ଦେବୀ ନଦୀ ମୁହାଣଠାରୁ ଅସ୍ତରଙ୍ଗ ପର୍ଯ୍ୟନ୍ତ ଅଞ୍ଚଳରେ ଅଲିଭ ରିଡ୍‌ଲେ କଇଁଛ ସମୁଦାୟ ୫ଲକ୍ଷ ୫୫ହଜାର ୬୩୮ଟି ଅଣ୍ଡା ଦେଇଛନ୍ତି। କୋଷ୍ଟଗାର୍ଡ, ବନ ବିଭାଗ ଓ ମତ୍ସ୍ୟ ବିଭାଗର ଯୁଗ୍ମ ସର୍ଭେ ରିପୋର୍ଟ ଅନୁସାରେ ଶୁକ୍ରବାର ଏହି ସୂଚନା ଦିଆଯାଇଛି। ଋଷିକୁଲ୍ୟା ମୁହାଣର ୬୧୨୬ କଇଁଛଙ୍କ ଅଣ୍ଡାଦାନ ବସାରେ ୫,୫୧ ହଜାର ୨୩୮ ଅଣ୍ଡା ଥିଲାବେଳେ ଦେବୀନଦୀ ମୁହାଣର ୬୦ ବସାରେ ୫୪୦୦ ଅଣ୍ଡା ରହିଛି। କଇଁଛଙ୍କ ସୁରକ୍ଷା ନିରାପତ୍ତା ପାଇଁ କୋଷ୍ଟଗାର୍ଡ ପକ୍ଷରୁ ୨୯ଟି ପାଟ୍ରୋଲିଂ ଜାହାଜ ଜରିଆରେ ୧୩୮ଦିନ ଯାଞ୍ଚ କରାଯାଇଛି। ଏହି ସମୟ ମଧ୍ୟରେ ୧୫୦ ମାଛଧରା ବୋଟ୍ ସର୍ବେକ୍ଷଣ କରାଯାଇଥିଲା। ୧୯୯୧ରୁ ଏପରି କଟକଣା ଲାଗୁ ହୋଇଛି। ତଟରକ୍ଷକ ବନ୍ୟପ୍ରାଣୀ ସୁରକ୍ଷା ଅଧିନିୟମ ୧୯୭୨ ଅନୁସାରେ ଏହି ବିରଳ କଇଁଛଙ୍କ ସୁରକ୍ଷା ପାଇଁ କୋଷ୍ଟଗାର୍ଡ ପକ୍ଷରୁ ପଦକ୍ଷେପ ନିଆଯାଇଥିବା କୁହାଯାଇଛି।






ଆମର ଏଇ ସାଧାରଣ ମାନବୀୟ ସ୍ତରରୁ ଉର୍ଦ୍ଧ୍ୱକୁ ଉଠିଥିବା ଯେକୌଣସି ମହାନ୍ ମଣିଷ ଆମକୁ ଏହି ପ୍ରତ୍ୟୟ ଦିଅନ୍ତି ଯେ– ମଣିଷ ପକ୍ଷରେ ଏକ ଦିବ୍ୟ ଜୀବନ ବଞ୍ଚିବାର ସମ୍ଭାବନା ଅଛି। ଏବଂ ଯେକୌଣସି ମନୁଷ୍ୟ ମଧ୍ୟ ଇଚ୍ଛା ବା ସଂକଳ୍ପ କଲେ– ଦିବ୍ୟ ଆଲୋକ ଓ ଦିବ୍ୟଶକ୍ତି ପ୍ରାପ୍ତ ହୋଇପାରିବ। –ଶ୍ରୀଅରବିନ୍ଦ



# ଦ୍ୱନ୍ଦ୍ୱ ଶେଷ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ଦିଲ୍ଲୀରେ ଆମ୍ ଆଦ୍‌ମୀ ପାର୍ଟି (ଆପ୍)ର ନାଟକୀୟ ପରାଜୟ ଓ ଭାଜପାର ଅଭୂତପୂର୍ବ ବିଜୟ ଘଟିଛି। ଶେଷରେ ଦିଲ୍ଲୀର ସିଭିଲ୍ ସର୍ଭାଣ୍ଟମାନେ ଭଲରେ ନିଃଶ୍ୱାସ ମାରିବା ମନେ ହେଉଛି। ଦେଖିବାକୁ ଗଲେ ଗତ ଦଶନ୍ଧିରେ ଭାଜପା କେନ୍ଦ୍ରରେ ଯେତେବେଳେ କ୍ଷମତାକୁ ଆସିଥିଲା ସେତେବେଳେ ଆପ୍ ଦିଲ୍ଲୀର ଶାସନ ଦାୟିତ୍ୱ ନେଇଥିଲା ଓ ସେତେବେଳଠାରୁ ବହୁ ସମୟରେ ଅମଲାତନ୍ତ୍ରୀମାନେ ଅସହଜ ସ୍ଥିତିର ଅନୁଭବ କରୁଥିଲେ। ଦୁଇ କ୍ଷମତାସୀନ ସରକାର ମଧ୍ୟରେ ରାଜନୈତିକ ଉତ୍ତେଜନାକୁ ସଞ୍ଚାଳିତ କରିବା ଏତେ ସହଜ କାମ ନ ଥିଲା। ତେବେ ଏବକାର ସ୍ଥିତିରେ ଦିଲ୍ଲୀ ସରକାର କେନ୍ଦ୍ରର ଏକ ବିସ୍ତାରିତ ବାହୁ ବା ଶାଖା ଭାବେ କାମ କରିବାର ସମ୍ଭାବନା ରହିଛି ଏବଂ ଏହା ପୂର୍ବରୁ ଦାବି କରୁଥିବା ସ୍ୱାୟତ୍ତତା ରହି ନ ପାରେ। କିନ୍ତୁ ଅନ୍ତତଃ ପକ୍ଷେ ଅମଲାତନ୍ତ୍ରୀମାନେ ରାଜନୈତିକ କଟକଣା ମଧ୍ୟରେ ନ ରହି ଆରାମରେ କାମ କରିପାରିବେ ଏବଂ ଏବେ ହୋଇଥିବା ପେ'କମିଶନ ଓ ଆୟକର ଛାଡ଼ରୁ କିଛି ଲାଭ ମିଳିବ ବୋଲି ଆଶା କରାଯାଉଛି। ଏହି ସମୟରେ, ଦିଲ୍ଲୀ ମୁଖ୍ୟ ଶାସନ ସଚିବ ଧର୍ମେନ୍ଦ୍ର ଏକ ଅମଲାତାନ୍ତ୍ରିକ ବ୍ୟବସ୍ଥାକୁ ବ୍ୟବସ୍ଥିତ କରିବାରେ କୌଣସି ସମୟ ନଷ୍ଟ କରି ନାହାନ୍ତି। ଏପରି କି ନୂଆ ସରକାର ଔପଚାରିକ ଭାବେ ଦାୟିତ୍ୱ ନେବା ପୂର୍ବରୁ ଆପ୍ ଶାସନ ସମୟରେ ହୋଇଥିବା ସମସ୍ତ ନିଯୁକ୍ତିର ତାଲିକା ପ୍ରସ୍ତୁତ କରିବା ଲାଗି ସବୁ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ବିଶେଷକରି ଦଳର ସଦସ୍ୟ ଓ ମନ୍ତ୍ରୀଙ୍କ ସହଯୋଗୀଙ୍କ ଦ୍ୱାରା ଚୟନ କରାଯାଇ ଅଣୌପଚାରିକ ଭାବେ ଆରାମଦାୟକ ପଦବୀରେ କରାଯାଇଥିବା ନିଯୁକ୍ତିର ମଧ୍ୟ ତାଲିକା କରିବାକୁ ଆଦେଶ ଦିଆଯାଇଛି। ଏକ ଦୃଢ଼ ସରକାର ଥିବାର ଏହା ସ୍ପଷ୍ଟ ସୂଚନା ଦିଏ ଯେ, ଦିଲ୍ଲୀ ସିଭିଲ ସର୍ଭାଣ୍ଟଙ୍କର ଦ୍ୱନ୍ଦ୍ୱ ଶେଷ ହୋଇଛି।

### ଅଭିଜ୍ଞତାକୁ ଗୁରୁତ୍ୱ

କ୍ୟାବିନେଟ ନିଯୁକ୍ତି କମିଟି (ଏସିସି) ଫେବୃଆରୀ ୨୦୨୫ ପରେ ନୀତି ଆୟୋଗର ସିଇଓ ଭାବେ ବି.ଭି.ଆର୍. ସୁବ୍ରମଣ୍ୟମଙ୍କ କାର୍ଯ୍ୟକାଳ ଅଧିକ ଏକ ବର୍ଷ ବୃଦ୍ଧି କରିବା ପାଇଁ ଅଭିଜ୍ଞତାକୁ ଜୋର ଦେବା ଲାଗି ନିଷ୍ପତ୍ତି ନେଇଥିବା ଜଣାପଡୁଛି। ଶାସନଠାରୁ ଆରମ୍ଭ କରି ବାଣିଜ୍ୟ, ରଣନୀତିକ ନୀତି ନିର୍ଦ୍ଧାରଣରେ ଏହି ବରିଷ୍ଠ ଅମଲାତନ୍ତ୍ରୀଙ୍କର ଏକ ଭଲ ରେକର୍ଡ ରହିଛି। ତେବେ ସୁବ୍ରମଣ୍ୟମଙ୍କ ନୀତି ଆୟୋଗରେ ରହିବାର ସଙ୍କେତ ମିଳୁଛି। କିନ୍ତୁ ଏଭଳି କାର୍ଯ୍ୟକାଳ ବୃଦ୍ଧି କରି ଦାୟିତ୍ୱରେ ରଖାଯିବା ଭଲ କଥା କି? ଗୋଟିଏ ପଟେ ତାଙ୍କ ନେତୃତ୍ୱ ସ୍ଥାୟିତ୍ୱ ନିଶ୍ଚିତ କରେ। ଜମ୍ମୁ କଶ୍ମୀର ପ୍ରଶାସନଠାରୁ ଆରମ୍ଭ କରି ଭାରତରେ ବାଣିଜ୍ୟ ରଣନୀତି ପର୍ଯ୍ୟନ୍ତ ଅନେକ ଜଟିଳ ଆହ୍ୱାନକୁ ନିୟନ୍ତ୍ରଣ କରିବାରେ ସେ ଗଭୀର ସଂସ୍ଥାଗତ ଜ୍ଞାନ ହାସଲ କରିଛନ୍ତି। ତାଙ୍କ ସମର୍ଥକମାନେ ଯୁକ୍ତି ବାଢ଼ନ୍ତି ଯେ, ଏକ ଦ୍ରୁତ ବିକାଶଶୀଳ ଆର୍ଥିକ ବ୍ୟବସ୍ଥାପନରେ ନୀତି ଆୟୋଗରେ ସ୍ଥିର ନେତୃତ୍ୱ ଦରକାର। ଅନ୍ୟପଟେ ଏହି ପଦକ୍ଷେପ ନୂତନ ବିଚାରର ପଥରୋଧ କରୁଛି ବୋଲି ଅନେକେ ପ୍ରଶ୍ନ କରୁଛନ୍ତି। ଭାରତର ନୀତିଗତ ପରିବେଶ ହିଁ ନୂତନତ୍ୱର ବିକାଶକୁ ବାଟ କଢ଼ାଇ ନିଏ ଏବଂ ଶୀର୍ଷ ପଦବୀରେ ପରିବର୍ତ୍ତନ ଏକ ନୂତନ ଶକ୍ତି ଜାଗରଣ କରେ। ଶେଷରେ, କାର୍ଯ୍ୟକାଳ ବୃଦ୍ଧି ଦର୍ଶାଏ ଯେ, ସରକାର ପରୀକ୍ଷାନିରୀକ୍ଷାଠାରୁ ଅଭିଜ୍ଞତାକୁ ଅଧିକ ଗୁରୁତ୍ୱ ଦେଉଛନ୍ତି। ତେବେ ତାହା ସଫଳ କିମ୍ବା ବିଫଳ ହେବ ଆସନ୍ତାବର୍ଷ ଜଣାପଡ଼ିବ। ନୀତି ଆୟୋଗ ଭାରତର ଆକାଂକ୍ଷା ସହିତ ତାଳଦେଇ ଗତି କରିଥିବା ନୀତି ଗଠନ କରିପାରିବ ନା ଏବକାର ସ୍ଥିତିକୁ ରଖିବ, ତାହା ହିଁ ତା' ପାଇଁ ଅସଲ ପରୀକ୍ଷା।

### ସତର୍କଘଣ୍ଟି

ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ ଏ. ରେବନ୍ତ୍ ରେଡ୍ଡୀ ନିକଟରେ ରାଜ୍ୟ ପ୍ରଶାସନ ଉପରେ ଦେଇଥିବା ମନ୍ତବ୍ୟକୁ ନେଇ ବିବାଦ ଦେଖାଯାଇଛି। ବେଗମପେଟ୍‌ରେ ଆଇଏଏସ୍ ଅଧିକାରୀଙ୍କର ଏକ ସମାବେଶକୁ ସମ୍ବୋଧିତ କରିବା ଅବସରରେ ସେ କହିଥିଲେ ଯେ, ଏବେ କେତେକ କଲେକ୍ଟର ଜିଲାପାଳ ଶୀତତାପ ନିୟନ୍ତ୍ରିତ ଅଫିସରୁ ବାହାରକୁ ଯାଇ ଲୋକଙ୍କ ସହ ଜଡ଼ିତ ହେବା ଓ ସେମାନଙ୍କ ସେବା କରିବାକୁ ଅନିଚ୍ଛୁକ ଥିବା ଜଣାପଡୁଛି। ଏହା ପ୍ରକୃତରେ ଦୁର୍ଭାଗ୍ୟଜନକ, ଯାହା ସିଭିଲ ସର୍ଭାଣ୍ଟଙ୍କ ଦାୟିତ୍ୱ ଉପରେ ପ୍ରଶ୍ନ ଉଠାଉଛି। ଆଇଏଏସ୍ ଅଧିକାରୀମାନେ ନୀତି ନିର୍ଦ୍ଧାରଣର ଭଲ ମନ୍ଦ ଦିଗରେ ରାଜନୈତିକ ନେତାଙ୍କୁ ଠିକ୍ ସୂଚନା ଦେବା ଓ ସହଯୋଗ କରିବାର ଦିନ ଏବେ ଚାଲିଯାଇଛି ବୋଲି ରେଡ୍ଡୀ କହିଥିଲେ। ଏହା ବଦଳରେ ସେମାନେ ସେମାନଙ୍କ ରାଜନୈତିକ ବସ୍‌ଙ୍କୁ ସନ୍ତୁଷ୍ଟ କରିବା ଉପରେ ଅଧିକ ଗୁରୁତ୍ୱ ଦେଉଛନ୍ତି। ଅନେକ ସମୟରେ ମଧ୍ୟ ସେମାନେ ରାଜନୈତିକ ନେତାଙ୍କୁ ଭୁଲ୍ ବାଟରେ ଯିବାକୁ ଉସାହିତ କରୁଛନ୍ତି। ତାହା ପ୍ରକୃତରେ ଶାସନ ନୁହେଁ, ତାହା ହେଉଛି ଏକ ଦୁର୍ବଳ ଗୋଷ୍ଠୀଗତ ବିଚାର, ଯାହାର ଏକ ବିପଜ୍ଜନକ ପ୍ରଭାବ ପଡ଼ିପାରେ। ଗୋଟିଏ ସମୟ ଥିଲା ଯେତେବେଳେ ଅବସରପ୍ରାପ୍ତ ଅଧିକାରୀ ଏମ୍. ଗୋପାଳକ୍ରିଷ୍ଣନଙ୍କ ଭଳି ଅମଲାତନ୍ତ୍ରୀମାନେ ନୀତିନିର୍ଦ୍ଧାରଣରେ ସିଧାସଳଖ ଜଡ଼ିତ ରହୁଥିଲେ। ସେମାନେ କ୍ଷେତ୍ର ବା ଫିଲ୍ଡରେ ସମୟ କାଟି ଭୂମିମୂଳ ସ୍ତରର ବାସ୍ତବତାକୁ ଅନୁଭବ କରିବା ସହ ସରକାର ଓ ଶାସନ ମଧ୍ୟରେ ସଂଯୋଗ ରକ୍ଷା କରୁଥିଲେ। ଏବେ କିନ୍ତୁ ଅନେକ ଅଧିକାରୀ ଜନସାଧାରଣଙ୍କ ଅଭିଯୋଗ ଶୁଣିବା ବଦଳରେ ଘରେ ରହୁଥିବା ମନେହେଉଛି। ଅବଶ୍ୟ ସବୁ ବାବୁ ଏହା କରୁନାହାନ୍ତି ବୋଲି ରେଡ୍ଡୀ କହିଥିଲେ। ତେବେ ଏଥିରୁ ବୁଝାପଡୁଛି ଯେ, ରେଡ୍ଡୀଙ୍କ ମନ୍ତବ୍ୟ ପ୍ରଶାସକମାନଙ୍କ ପାଇଁ ଏକ ସତର୍କ ଘଣ୍ଟି। ଶାସନ କେବଳ କାଗଜକଲମରେ ସୀମିତ ନୁହେଁ, ଏହା ଲୋକଙ୍କ ପାଇଁ।

Email: dilipcherian@gmail.com

# ଗୁଣସୂତ୍ର ଓ ବାତାବରଣ



ଛାୟାକାନ୍ତ ଷଡ଼ଙ୍ଗୀ

ମଣିଷର ବ୍ୟକ୍ତିତ୍ୱର ବିକାଶ ପାଇଁ ଦୁଇଟି ପ୍ରଭାବ ଦାୟୀ। ପ୍ରଥମଟି ହେଲା, ମଣିଷ ତା'ର ସୁଗୁଣ ଓ ଦୁର୍ଗୁଣ ଉତ୍ତରାଧିକ୍ରମେ ଗୁଣସୂତ୍ର (GENES) ମାଧ୍ୟମରେ ଲାଭକରେ। ଅର୍ଥାତ୍ ଜଣେ ସାଧୁ ପୁରୁଷର ପୁତ୍ର ତା' ବାପା ପାଖରୁ ସାଧୁତା ଗୁଣ ଉତ୍ତରାଧିକାରୀ ସୂତ୍ରରେ ପାଏ ଓ ଜଣେ ଚୋର ଠିକ୍ ସେପରି ଚୋରି କରିବା ଗୁଣ ତା' ବାପାଠାରୁ ଲାଭକରେ। ମାତ୍ର ଏହି ତତ୍ତ୍ୱ ଶତ ପ୍ରତିଶତ ପ୍ରମାଣସିଦ୍ଧ ନୁହେଁ। ବହୁ ଅସାଧୁମାନଙ୍କ ପୁତ୍ର ସାଧୁ ହୋଇଥିବାର ଓ ବହୁ ଦୁଶ୍ଚରିତ୍ର ବ୍ୟକ୍ତିଙ୍କ ବଂଶଜ ସତ୍ ଚରିତ୍ର ସମ୍ପନ୍ନ ହୋଇଥିବାର ଉଦାହରଣ ଅଛି। ଅପରପକ୍ଷରେ ସତ୍‌ପୁରୁଷମାନଙ୍କ ପୁତ୍ରକନ୍ୟା ଦୁଶ୍ଚରିତ୍ର ହେବାର ଦୃଷ୍ଟାନ୍ତ ମଧ୍ୟ ରହିଛି। ନିଶାସେବନ ଓ ଧର୍ମାନ୍ତରୀକରଣକୁ ବିରୋଧ କରିଥିବା ମହାତ୍ମା ଗାନ୍ଧୀଙ୍କ ପୁଅ ହରିଲାଲ ଗାନ୍ଧୀ ମଦ୍ୟପ ଥିବା ଓ ଇସ୍‌ଲାମ ଧର୍ମ ଗ୍ରହଣ କରିଥିବା ସର୍ବଜନବିଦିତ । ଏଣୁ ବ୍ୟକ୍ତିତ୍ୱ ବିକାଶ ପାଇଁ ସର୍ବଦା ଗୁଣସୂତ୍ର ଦାୟୀ ନୁହେଁ। ଚତୁଃପାର୍ଶ୍ୱସ୍ଥ ସାମାଜିକ ବାତାବରଣ ଓ ଆନୁଷ୍ଠାନିକ ଶିକ୍ଷା ମଧ୍ୟ ବ୍ୟକ୍ତିତ୍ୱ ନିର୍ମାଣରେ ବଡ଼ ଭୂମିକା ଗ୍ରହଣ କରେ। ଯଦି ସାମାଜିକ ବାତାବରଣ କଳୁଷିତ ଓ ଶିକ୍ଷା ନୈତିକ ମୂଲ୍ୟବୋଧ ଉପରେ ପର୍ଯ୍ୟବସିତ ନୁହେଁ, ତା'ର କୁପ୍ରଭାବ ବ୍ୟକ୍ତି ଉପରେ ପଡ଼େ। କୌଣସି ଗୁଣ ଆନୁବଂଶିକ ଭାବରେ ଜଣକ ପାଖରୁ ପରବର୍ତ୍ତୀ ପିଢ଼ିକୁ ସର୍ବଦା ଯାଏନାହିଁ। ରାକ୍ଷସ ହିରଣ୍ୟକଶିପୁର ଗୁଣ ପ୍ରହଲ୍ଲାଦଙ୍କ ପାଖରେ ପରିଲକ୍ଷିତ ହୋଇନଥିଲା। ହିରଣ୍ୟକଶିପୁ ହିଂସ୍ର ଓ ଉତ୍ପୀଡ଼କ ହୋଇଥିବାବେଳେ ପ୍ରହଲ୍ଲାଦ ଥିଲେ ଶାନ୍ତ ଧର୍ମପରାୟଣ ଓ ବିଷ୍ଣୁଭକ୍ତ। ଅପରପକ୍ଷରେ ଆକବର ଜଣେ ଉଦାର ଓ ସହନଶୀଳ ପ୍ରଶାସକ ଥିବାବେଳେ ପୁତ୍ର ଜାହାଙ୍ଗୀର ଥିଲେ ଅତ୍ୟନ୍ତ ହିଂସ୍ର ଓ ଅତ୍ୟାଚାରୀ। ଏହି ପ୍ରସଙ୍ଗରେ ବିଶିଷ୍ଟ ଲେଖିକା ସୁଧା ମୂର୍ତ୍ତି ତାଙ୍କ ଜୀବନର ଏକ ସତ ଘଟଣାକୁ ଆଧାର କରି ଲେଖିଛନ୍ତି ଏକ କ୍ଷୁଦ୍ର ଗଳ୍ପ 'ଜିନ୍‌ସ' ଓ ସେଥିରେ ସେ କହିଛନ୍ତି କେବଳ ରୋଗ ଜିନ୍ ଦ୍ୱାରା ପରବର୍ତ୍ତୀ ପିଢ଼ିକୁ ସଂକ୍ରମଣ ହୁଏ, ସାଧୁତା ଓ ସଚ୍ଚୋଟତା ଉତ୍ତରାଧିକାରୀ ସୂତ୍ରରେ ପ୍ରାପ୍ତ ହୁଏନାହିଁ।

ଅନନ୍ତ ନାମରେ ଜଣେ ବେକାର ଅଣକୁଶଳୀ ଶ୍ରମିକ ପହଞ୍ଚିଲା ସୁଧା ମୂର୍ତ୍ତିଙ୍କ ଘରେ। ସେ ଚାହିଁଥିଲା କିଛି କାମ କରିବାକୁ ଓ ତା' ବଦଳରେ ଚାହିଁଥିଲା ଦିନକୁ ଦି ଓଳି ଖାଦ୍ୟ। ସୁଧା ମୂର୍ତ୍ତିଙ୍କ ଜେଜେବାପା ଅନନ୍ତକୁ ଘରେ ରଖିଲେ ଓ କହିଲେ, ''ଦେଖ ବାବୁ! ବଞ୍ଚିବା ପାଇଁ ଅର୍ଥ ମଧ୍ୟ ଆବଶ୍ୟକ। ଏଣୁ ମୁଁ ତୁମକୁ ପୂଜାବିଧି ଶିଖାଇଦେବି। ତୁମେ ଆମଘରେ ପୂଜା କରିବ, ରହିବ ଓ ପ୍ରତ୍ୟେକ ମାସ ୧୦୦ ଟଙ୍କା ମଧ୍ୟ ପାଇବ।'' ଅନନ୍ତ ଖୁସି ହେଲା। ପୂଜା ଶିଖି ଘରେ ଦେବଦେବୀ ପୂଜା କରିବା ସଙ୍ଗେ ବଜାର କରିବା, ଫୁଲ ତୋଳିବା ଆଦି ଦୈନନ୍ଦିନ କାମ କଲା। ସେ ନିଷ୍ଠାରେ କାର୍ଯ୍ୟ କରି ପରିବାରର ସମସ୍ତଙ୍କ ପ୍ରିୟଭାଜନ ହେଲା। ଦିନେ ତାଙ୍କ ଜେଜେମା ଏକ ସୁନା କଙ୍କଣ ହଜାଇଦେଲେ ଓ ଅନନ୍ତ ତାହା ତୁଳସୀ ଗଛ ମୂଳେ ପାଇ ଜେଜେମାଙ୍କୁ ଦେଇଦେବାରୁ ତା'ର ସାଧୁତାରେ ପ୍ରୀତ ହୋଇ ଜେଜେବାପା ତାକୁ ୧୦୦ ଟଙ୍କା ପୁରସ୍କାର ଦେଲେ। ମାତ୍ର ଅନନ୍ତ କହିଲା, ପୁରସ୍କାର ପରିବାରର ବାହାର ଲୋକଙ୍କୁ ଦିଆଯାଏ। ମୁଁ ନିଜକୁ ଏହି ପରିବାରର ସଦସ୍ୟ ବୋଲି ଭାବେ। ଏଣୁ ମୁଁ ଏହି ପୁରସ୍କାର ଗ୍ରହଣ କରିପାରିବି ନାହିଁ। ଥରେ ଅନନ୍ତ ଅଭାବରେ ପଡ଼ି ଜେଜେବାପାଙ୍କଠାରୁ ୫୦ ଟଙ୍କା ଋଣ ନେଲା ଓ ପରବର୍ତ୍ତୀ ମାସର ଦରମାରୁ ତାକୁ କାଟିଦେବା ପାଇଁ କହିଲା। ମାତ୍ର ପରମାସ ଜେଜେବାପା ସେହି ଟଙ୍କା କଥା ଭୁଲିଯାଇ ଅନନ୍ତକୁ ୧୦୦ ଟଙ୍କା ବଢ଼ାଇ ଦିଅନ୍ତେ ଅନନ୍ତ ନିଜେ ତା' ତରଫରୁ ସେହି ଟଙ୍କା କାଟିବା ପାଇଁ ମନେ ପକାଇଦେଲା। ଏହିଭଳି ଅନେକ ଘଟଣା ଜେଜେବାପାଙ୍କୁ ପ୍ରଭାବିତ କରିଥିଲା ଓ ତେଣୁ ସେ ଅନନ୍ତକୁ ଖୁବ୍ ଭଲ ପାଉଥିଲେ। ମାତ୍ର କିଛି ବର୍ଷ ପରେ ଅନନ୍ତ ବିବାହ କଲା ପରେ ତା'ର ଶ୍ୱଶୁରଙ୍କୁ ସାହାଯ୍ୟ କରିବା ପାଇଁ ଓ ପାରିବାରିକ ଦାୟିତ୍ୱର ଆହ୍ୱାନରେ ସୁଧା ମୂର୍ତ୍ତିଙ୍କ ଘରୁ ବିଦାୟ ନେଇ ଗାଁରେ ରହିବାକୁ ସ୍ଥିର କଲା। ପରିବାରର ସମସ୍ତେ ତା'ର ମଙ୍ଗଳ କାମନା କରି ବିଦାୟ ଦେଲେ।



ଅନେକ ବର୍ଷ ଅତିକ୍ରାନ୍ତ ହେଲା। ଦିନେ ହଠାତ୍ ଅନନ୍ତ ତା'ର ନାତି 'ହରି'କୁ ଧରି ପହଞ୍ଚିଲା ସୁଧାଙ୍କ ଅଫିସ୍‌ରେ। ସେ କହିଲା ତା'ର ନାତି ଚେନ୍ନାଇରେ ଆଇ.ଆଇ.ଟି.ରେ ନାମ ଲେଖାଇବ ଓ ସେଥିପାଇଁ ପ୍ରତ୍ୟେକ ବର୍ଷ ୫୦ ହଜାର ଟଙ୍କା ଆବଶ୍ୟକ। ଅନନ୍ତ ଏହି ଆର୍ଥିକ ସାହାଯ୍ୟ ପାଇଁ ପ୍ରାର୍ଥନା କରନ୍ତେ ସୁଧା ତା' ନାତିକୁ ବ୍ୟକ୍ତିଗତ ଭାବରେ ଦୁଇ ଲକ୍ଷ ଟଙ୍କା ଦେଲେ ଓ ରୋଜଗାର କରିବା ପରେ ଫେରାଇବା ପାଇଁ କହିଲେ, କାରଣ ସେହି ଟଙ୍କା କ୍ରମାନ୍ୱୟରେ ଅନେକ ଛାତ୍ରୀଛାତ୍ରୀଙ୍କ ଆବଶ୍ୟକତା ପୂରଣ କରିବାରେ ବ୍ୟବହାର କରିବା ପାଇଁ ସେ ଚାହୁଁଥିଲେ। ଅବଶ୍ୟ ହରି ଏହି ଅର୍ଥ ଋଣ ନେଇ ଏକ ଦଲିଲ ଦସ୍ତଖତ କରିବାକୁ ଚାହୁଁଥିଲା। ମାତ୍ର ସୁଧା କହିଲେ, ''ଆବଶ୍ୟକ ନାହିଁ, କାରଣ ତୁ ଅନନ୍ତ ଭଳି ଜଣେ ସାଧୁ ଓ ସଚ୍ଚୋଟ ବ୍ୟକ୍ତିର ନାତି। ତା'ର ରକ୍ତ ତୋ ଦେହରେ ପ୍ରବାହିତ।''

ହରି ଟଙ୍କା ନେଲା। ଚେନ୍ନାଇ ଆଇ.ଆଇ.ଟି.ରେ ପାଠ ପଢ଼ିଲା ଓ ଜଣେ କମ୍ପ୍ୟୁଟର ଇଞ୍ଜିନିୟର ହୋଇ ପ୍ରଭୂତ ଅର୍ଥ ରୋଜଗାର କଲା। ଏହାରି ଭିତରେ ଅନେକ ବର୍ଷ ଅତିକ୍ରାନ୍ତ ହେଲା ଓ ସୁଧା ମୂର୍ତ୍ତି ସେହି ଋଣଟଙ୍କା ବିଷୟରେ ଭୁଲିଗଲେ। ଥରେ ସେ ବାଙ୍ଗାଲୋର ଫେରିବା ପାଇଁ ଚେନ୍ନାଇ ବିମାନବନ୍ଦରରେ ଅପେକ୍ଷା କରିଥାନ୍ତି। ସେହି ବିମାନ ଅପେକ୍ଷାରେ ଥିବା ଜଣେ ସୁପରିଧିତ ଯୁବକ ଲାପ୍‌ଟପ୍‌ରେ କିଛି କାମ କରୁଥିବା ଦେଖିଲେ ସୁଧା। ଯୁବକଟି ତାଙ୍କୁ ଚିହ୍ନା ଅନୁଭବ ହେଲା, ମାତ୍ର ସେ ନିଶ୍ଚିତ ହୋଇପାରିଲେ ନାହିଁ। ବିମାନ ଛାଡ଼ିଲା ଓ ସେ ବାଙ୍ଗାଲୋରରେ ଚାକିରି କରୁଥିବା କଲେଜରେ ପହଞ୍ଚି ଦେଖିଲେ ସେହି ଯୁବକଟି ଶ୍ରେଣୀଗୃହରେ ଏକ ପ୍ରେରଣାଦାୟୀ ବକ୍ତୃତା ଦେଉଛି। ଗରିବ ଘରେ ଜନ୍ମନେଇ ମଧ୍ୟ ସଂଘର୍ଷ କରି ନିଜକୁ ନିଜେ ନିର୍ମାଣ କରି ସଫଳ ହୋଇଥିବା ବ୍ୟକ୍ତି ଭାବରେ ଏକ ପ୍ରେରଣାଦାୟୀ ବକ୍ତୃତା ଦେବା ପାଇଁ ସେ ନିମନ୍ତ୍ରିତ ହୋଇଥିଲା। ସୁଧା ଜାଣିପାରିଲେ ସେ ଥିଲା ଅନନ୍ତର ନାତି ହରି। ତା' ପରଦିନ ସୁଧା ହରିକୁ ଫୋନ୍ କରି ଭଲମନ୍ଦ ପଚାରିଲେ ଓ ଅନନ୍ତର ମୃତ୍ୟୁକଥା ମଧ୍ୟ ଜାଣିବାକୁ ପାଇଲେ। କଥୋପକଥନ ଭିତରେ ହରି ତାଙ୍କ ପାଖରୁ ନେଇଥିବା ଦୁଇଲକ୍ଷ ଟଙ୍କା ଫେରାଇବା ବିଷୟରେ କିଛି ନ କହିବାରୁ ସୁଧା ଆଶ୍ଚର୍ଯ୍ୟ ହେଲେ। କିଛିଦିନ ପରେ ସୁଧା ଆଉଥରେ ଫୋନ୍ ଯୋଗେ ହରିକୁ ନେଇଥିବା ଋଣ କଥା ମନେ ପକାଇ ଦିଅନ୍ତେ ସେ କହିଲା, ''ମୋ ଜେଜେବାପାଙ୍କୁ ଆପଣ ଅଳ୍ପ ଦରମା ଦେଇ ବହୁତ ପରିଶ୍ରମ କରାଉଥିଲେ। ଏହା ଏକ ପ୍ରକାର ଶୋଷଣ ଥିଲା। ଏଣୁ ଆପଣ ଆହୁରି ଟଙ୍କା ଆମ ପରିବାରକୁ ଦେବା କଥା। ତଥାପି ମୋ ଜେଜେବାପାଙ୍କ ସମ୍ମାନ ରକ୍ଷା କରିବା ପାଇଁ ମୁଁ ତାହା ଦାବି କରୁନାହିଁ।'' ଏତକ କହି ସେ ଫୋନ୍‌ଟି କାଟିଦେଲା। ସୁଧା ମୂର୍ତ୍ତି ସେଦିନ ଉପସଂହାରରେ ପହଞ୍ଚିଲେ ଯେ ସୁଗୁଣ ସର୍ବଦା ଉତ୍ତରାଧିକାର ସୂତ୍ରରେ ପ୍ରାପ୍ତ ହୁଏନାହିଁ।

ଯଦି ହେଉଥାନ୍ତା ହରି ତା' ଜେଜେବାପାଙ୍କ ଭଳି ଜଣେ ସତ୍ୟବାଦୀ, ସାଧୁ ବିଶ୍ୱସ୍ତ ବ୍ୟକ୍ତି ହୋଇଥାନ୍ତା। ଚରିତ୍ର ଗଠନରେ ଗୁଣସୂତ୍ର ସର୍ବଦା ଦାୟୀ ହୋଇ ନ ପାରେ। ବ୍ୟକ୍ତିତ୍ୱ ନିର୍ମାଣ ପାଇଁ ଆବଶ୍ୟକ ଏକ ଅନୁକୂଳ ଶୁଦ୍ଧ ବାତାବରଣ ଓ ନୈତିକ ମୂଲ୍ୟବୋଧ ଆଧାରିତ ଶିକ୍ଷା। ଏହି ଦୁଇଟି ଉପାଦାନର ସଦ୍‌ବ୍ୟବହାର କଲେ ନିଜକୁ ଏକ ମହତ ବ୍ୟକ୍ତିତ୍ୱ ଭାବରେ ଗଢ଼ିତୋଳି ହୁଏ। ଏଣୁ 'ବେଣୀ ସଂହାର' ନାଟକରେ କର୍ଣ୍ଣ କହିଥିଲେ ''ଦୈବାୟତ୍ତ କୁଳେ ଜନ୍ମଂ ମଦାୟତ୍ତ ଚ ପୌରୁଷମ୍''। କିଏ କିଭଳି ବ୍ୟକ୍ତିତ୍ୱର ଅଧିକାରୀ ହେବ, ତାହା ନିଜର ଅଭିପ୍ସା ଓ ପ୍ରଚେଷ୍ଟା ଉପରେ ନିର୍ଭର କରେ। ସେଥିରେ ସାହାଯ୍ୟ କରେ ଶିକ୍ଷା ଓ ବାତାବରଣ।

ପ୍ରାକ୍ତନ୍ କଲେଜ ଅଧ୍ୟକ୍ଷ, ଟିଟିଲାଗଡ଼
ମୋ:୯୪୩୭୩୨୯୨୬୩

# ବଞ୍ଚିବା ବନାମ ବଞ୍ଚୁଥିବା ଜୀବନ



ଭଗବାନ ଦାଶ

ଏ ସୃଷ୍ଟିର ଶ୍ରେଷ୍ଠ ପ୍ରାଣୀ ମନୁଷ୍ୟ। ପ୍ରାଣ ଥାଇ ସୃଷ୍ଟି ତ ପ୍ରାଣୀ। ପ୍ରାଣୀ ସଂସାରରେ ବଞ୍ଚେ ଓ ବଞ୍ଚାଏ ମଧ୍ୟ। ବଞ୍ଚାଇବାର ରାହା ସୃଷ୍ଟି କରିପାରେ। ବଞ୍ଚିବାର ପ୍ରଥମ ସୋପାନ ହେଲା ଆହାର। ଯାହା ଜନ୍ମ ସହିତ ଈଶ୍ୱର ଆପେ ଆପେ ଖଞ୍ଜି ଦେଇ ଥାଆନ୍ତି। ଜନ୍ମରୁ ମନୁଷ୍ୟ ନିର୍ଭରଶୀଳ। ତେଣୁ ଜନ୍ମଦାତ୍ରୀ ମା'କୁ ଭଗବାନ୍ ସେଇ ଗୁରୁଦାୟିତ୍ୱ ଟିକକ ଦେଇ ପଠାଇ ଥାଆନ୍ତି। ପାଣି, ପବନ, ଆଲୋକ ଯାହା ଜୀବନ ଧାରଣ କରିବାର ଗୋଟିଏ ଗୋଟିଏ ଅମୂଲ୍ୟ ଉପାଦାନ ତାହା ଈଶ୍ୱର ବିନା ଦେୟରେ ପାଖରେ ଆଣି ଅଜାଡି ଦିଅନ୍ତି। ବାଛ ବିଚାର ନ ଥାଏ ତାଙ୍କର। ସତେ ଯେପରି ସେ ସମସ୍ତଙ୍କର ଜନ୍ମକଲା ମା'। ଆଉ ଆଶ୍ଚର୍ଯ୍ୟର କଥା ଯେ, ଛୁଆର ପ୍ରକାଶ ହେବା ମାତ୍ରେ ମା' ପାଖରେ ତା'ର ଭରପୂର ଖାଦ୍ୟ ଓ ପାନୀୟ ସୃଷ୍ଟି ବି ଈଶ୍ୱରଙ୍କର ଶ୍ରେଷ୍ଠ ବୈଚିତ୍ର୍ୟ। ମଣିଷ ସଂସାରକୁ ଆସେ। ସଂସାରୀ ସାଜେ ଓ ବଞ୍ଚେ। ଖାଇ ପିଇ, ଚାଲିବୁଲି ସମୟ କାଟିବା ତ ସାଧାରଣ କଥା। ଏପରି କେତେଜଣ ଲୋକ ଥାଆନ୍ତି, ସେମାନେ ନିଜ ଅପେକ୍ଷା ଅନ୍ୟ ପାଇଁ ବଞ୍ଚିବାକୁ ଜୀବନର ଲକ୍ଷ୍ୟ ବୋଲି ଧରି ନିଅନ୍ତି। କେବଳ ଖାଇପିଇ ପଶୁତୁଲ୍ୟ ଜୀବନ ବଞ୍ଚାଇବାରେ ତାଙ୍କର ଜନ୍ମର ସାର୍ଥକତା କ'ଣ ବୋଲି ନିଜେ ନିଜକୁ ପ୍ରଶ୍ନ କରନ୍ତି। ବେଦ ପୁରାଣ ଇତ୍ୟାଦି ଗ୍ରନ୍ଥରୁ ଶିଖନ୍ତି ମନୁଷ୍ୟ ଜନ୍ମଟା ଅନ୍ୟର ହିତ ପାଇଁ, ନିଜ ସ୍ୱାର୍ଥ ପାଇଁ ନୁହେଁ। ଏଇଠି ବଞ୍ଚିଥିବା ମଣିଷ ଦୁଇ ଭାଗ ହୋଇ ବାଣ୍ଟି ହୋଇଯାଏ। କିଛି ଥା'ନ୍ତି ଆପେ ବଞ୍ଚିଲେ ବାପର ନାଁ ନୀତି ଆପଣେଇ, ଆଉ ଅନ୍ୟ ଥା'ନ୍ତି ଏ ମରଣଶୀଳ ଜଗତରେ ଯଦି କାହାର କିଛି କରିପାରିବେ ତେବେ ଆତ୍ମସନ୍ତୋଷ ଲଭିବେ ତାଙ୍କ ମଣିଷ ଜନ୍ମର। ମୋଟାମୋଟି କହିବାକୁ ଗଲେ ଏହା ଶରୀର ଅର୍ଥାତ୍ ସ୍ଥୂଳ ଓ ମନ ଅର୍ଥାତ୍ ସୂକ୍ଷ୍ମ ଚିନ୍ତନର ପ୍ରତିଫଳନ।

ରୋଜଗାର କରି ଖାଇପିଇ ସଂସାରୀ ସାଜିଥିବା ଲୋକଙ୍କ ଗଣତି ମଧ୍ୟରେ ରହିବାର ପ୍ରଚେଷ୍ଟା ଥାଏ ସାଧାରଣ ଜନତାଙ୍କର। ଏମାନେ ପ୍ରାୟ ସରଳ। କେତେଜଣ ଥାଆନ୍ତି ଜଟିଳ ପ୍ରକୃତିର। ଏପରି ମୋଟାମୋଟି ଦୁଇ ପ୍ରକାରର। ସରଳମାନେ ନିଜେ ନିଜେ ବଞ୍ଚିବାର ମାୟାରେ ବାୟା। ଅନ୍ୟମାନେ ଅର୍ଥାତ୍ ଜଟିଳମାନେ ସେହି ଏକା ପ୍ରକାରର ହେଲେ ଅନ୍ୟକୁ ଅସୁବିଧାରେ ପକାଇ ବା କିଛିଟା ସୁବିଧା କରାଇ ଅର୍ଥ ଠୁଳେଇବାରେ ଅଭ୍ୟସ୍ତ। ଏ ସମସ୍ତଙ୍କ ସଂଖ୍ୟା ପ୍ରାୟ ଶତକଡ଼ା ଶହେ। କାଁ ଭାଁ କିଛି ଥାଆନ୍ତି ଯେଉଁମାନଙ୍କୁ ସବୁବେଳେ ଅନ୍ୟର ଅସୁବିଧା ଦେଖାଯାଏ। ଦୁଃଖରୁ ନିସ୍ତାରି ଖୁସି ବାଣ୍ଟିବା ଏମାନଙ୍କ ଚିନ୍ତାଧାରା। ଶୁଖିଲା ମୁହଁରେ ହସ ଫୁଟାଇ ପାରିଲେ ଏମାନେ ନିଜେ ନିଜେ ଖୁସି ଅନୁଭବ କରନ୍ତି। ସେମାନଙ୍କର ବିଚାରଧାରା ବସୁଧୈବ କୁଟୁମ୍ବକମ୍। ପର ନିଜର ଭାବନା ପ୍ରାୟ ନ ଥାଏ ଏମାନଙ୍କର। ସ୍ରଷ୍ଟାଙ୍କ ସୃଷ୍ଟିର ମହତ୍ତ୍ୱ ଏମାନଙ୍କୁ ଜଣା। ଏମାନଙ୍କର ଆଦର ସବୁଠି।



ଯେତେବେଳେ ମନୁଷ୍ୟ ବିଷୟ ସମ୍ପତ୍ତି ପ୍ରତି ଲାଳାୟିତ ହୁଏ, ସେତେବେଳେ ସେ ବଞ୍ଚିରହେ ନିଜପାଇଁ ବା ନିଜର ପର ପିଢ଼ି ପାଇଁ। ସାଧାରଣ ମଣିଷଟିଏ ସେ। ଆଉ ଯଦି କୌଣସି କାରଣରୁ ସେ ବିଷୟ ସମ୍ପତ୍ତି ଅପେକ୍ଷା ଅନ୍ୟର ଜୀବନଶୈଳୀରେ ସୁଧାର ଆଣିବାରେ ଯତ୍‌ପରୋନାସ୍ତି ଚେଷ୍ଟିତ ରହେ, ତେବେ ତାହା ତା'ର ବଞ୍ଚିବାଟାକୁ ସାର୍ଥକ ମନେକରେ। ବଞ୍ଚିବା ଜୀବନଟା ତାକୁ ଅନ୍ତରରୁ ଆନନ୍ଦ ଦେଇଥାଏ। ଆତ୍ମତୃପ୍ତି ଲାଭ କରେ ସେ। ଶରୀର ନଶ୍ୱର। ଆତ୍ମା ଚିରକାଳ ଅମର। ଭାଗବତ ବାଣୀ– ମର୍ତ୍ତ୍ୟ ମଣ୍ଡଳେ ଦେହବହି, ଦେବତା ହୋଇଲେ ମରଇ। ମୁଠାଏ ପାଉଁଶରେ ଜୀବନଟା ଶେଷ। ଆତ୍ମୀୟ ସ୍ୱଜନଙ୍କ କେଇଧାର ଝରା ଲୁହ କିଛିଦିନ ପାଇଁ ଝରିବ। ପରେ ପରେ ଆପେ ଆପେ ନାମ ନିଶାନ ଦିନେ ଲିଭିଯିବ। ହଁ, ଆଉ ଏପରି ଲୋକ ବି ଅଛନ୍ତି ଯାହାଙ୍କୁ ଲୋକେ ଚିରଦିନ ପାଇଁ ମନେରଖନ୍ତି, ପିଢି ପରେ ପିଢି ତାଙ୍କର ଗୁଣଗାନ କରୁଥାନ୍ତି। ଏଇତ ବଞ୍ଚାଇ ରଖେ। ଯଶକୀର୍ତ୍ତିସଃ ଜୀବତି।

ସେଇ ବଞ୍ଚିଥିବା ଲୋକମାନେ କାଳଜୟୀ। ତେବେ ଏମାନଙ୍କ ମଧ୍ୟରୁ ଅଧିକାଂଶ ଭୋଗରହିତ। ତ୍ୟାଗୀ। କିଏ ଲେଖକ ତ କିଏ ଦାର୍ଶନିକ, କିଏ ବୈଜ୍ଞାନିକ ତ କିଏ ପୁଣି ରାଜନୀତିଜ୍ଞ ବା ରାଷ୍ଟ୍ର ନାୟକ, କିଏ ଅବତାରୀ ତ ପୁଣି କିଏ ଅବତାର, କିଏ ସଂଗ୍ରାମୀ ତ କିଏ ନେତା, ଏପରି ଅନେକ ଅଛନ୍ତି। ଏମାନେ ମରି ବି ଅମର। ଯାହାଙ୍କ ଅଭାବ ଦୁନିଆ ପାଇଁ। ଯାହାଙ୍କୁ ଦୁନିଆ ଝୁରେ। ଏମାନେ ଗୋଟିଏ ଗୋଟିଏ ତ୍ୟାଗର ଅଲିଭା ପ୍ରତିମୂର୍ତ୍ତି। ସେମାନେ କର୍ମ ଓ ଧର୍ମର ପରିବାହକ। ଆଜି ବି ମନେପଡନ୍ତି ବୁଦ୍ଧ, ଯିଶୁ, ଜୈନ। ମନେପଡ଼ନ୍ତି ସେକ୍ସପିଅର, ଆରିଷ୍ଟୋଟଲ, ନିଉଟନ। ଗାନ୍ଧୀ ଗୋପବନ୍ଧୁଙ୍କୁ ବା କିଏ ନ ଜାଣେ? ଆମେ ହୁଏତ ତାଙ୍କର କେହି ନୋହୁଁ ତଥାପି ଆମ ମନରେ ତାଙ୍କର ସ୍ଥାନ ଅଛି। ତାଙ୍କ ସମୟର ଆମ ପିଢିର କେହି କିନ୍ତୁ ଆମର ଏବେ ମନେନାହାନ୍ତି। ଏଇ ତ ପ୍ରଭେଦ। ସେମାନେ ଏବେ ଆମ ପାଇଁ ବଞ୍ଚିଛନ୍ତି।

ବୋଧହୁଏ ସେହି ମହାମନୀଷୀମାନେ ଈଶ୍ୱରଙ୍କ ଦ୍ୱାରା ଅଭିପ୍ରେତ। ସେମାନଙ୍କ ପାଇଁ ଉଦ୍ଦିଷ୍ଟ କର୍ମ କରିସାରିଲା ପରେ ସେମାନେ ଆଉ ଏ ଧରାପୃଷ୍ଠରେ କ୍ଷଣେ ମାତ୍ର ରୁହନ୍ତି ନାହିଁ। ଈଶ୍ୱରଙ୍କର ସେମାନେ ଅତି ପ୍ରିୟ। ସେଥିପାଇଁ ଇଂଲିଶରେ ଏକ କଥନୀ ଅଛି, God loves those who dies young. ଲୋକେ କିନ୍ତୁ ଚାହାନ୍ତି ସେମାନଙ୍କର ଦୀର୍ଘ ଜୀବନ। ଆଶା ରଖନ୍ତି ବହୁତ କିଛି ପାଇବାକୁ, କିନ୍ତୁ ଫଳ ହୁଏ ଓଲଟା। ସ୍ୱାମୀ ବିବେକାନନ୍ଦ ବା ଶଙ୍କରାଚାର୍ଯ୍ୟ କି ଉତ୍କଳମଣି ଗୋପବନ୍ଧୁଙ୍କ ଭଳି ମହାନ୍ ଆତ୍ମନ ସ୍ୱଳ୍ପଜୀବୀ। ହେଲେ ସେମାନେ ପରା ମରି ଅମର।

ଏହା ସତ୍ୟ ଯେ ସମସ୍ତେ ଆସିଛନ୍ତି ଯିବାକୁ କିନ୍ତୁ କିଛି ଆସନ୍ତି ଯେ କି ଯିବା ପୂର୍ବରୁ ଏପରି ଛାପ ଛାଡ଼ିଯାଆନ୍ତି ଯାହାଙ୍କୁ ଗୋଡ଼ି ମାଟି ବି ଝୁରେ। ସେଇମାନେ ଜନମନରେ ରହିଯାଆନ୍ତି ଯୁଗ ଯୁଗ ପାଇଁ। ଏଇତ ବଞ୍ଚିରହିବା ଜୀବନ। ସେଥିପାଇଁ ଇଂଲିଶରେ କୁହାଯାଏ, Man lives in deeds but not in years. କର୍ମ ହିଁ କେବଳ ମୃତ୍ୟୁପରେ ମନୁଷ୍ୟକୁ ଦୀର୍ଘଦିନ ବଞ୍ଚାଇ ରଖିପାରେ।

ମୋ: ୮୨୪୯୦୮୨୪୦୦

## ଏଇ ଭାରତରେ

ଫାର୍ମଲାଣ୍ଡକୁ ଏକ ଫ୍ରି ଏକାଡେମୀରେ ପରିଣତ କରିଦେଇଛନ୍ତି ପୋଲିସ କନ୍‌ଷ୍ଟେବଲ ଥୋକାପ୍ପିୟାନ ଶିବରାଜ। ତାଙ୍କ ଘର ତମିଲନାଡୁର ଭିଲ୍ଲୁପୁରମ୍ା କମ୍ପୁରରେ। ତାଙ୍କ ବୟସ ଏବେ ୪୧। ସେ ଅର୍ଥନୀତିରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିବା ପରେ ଅର୍ଥାଭାବରେ ସରକାରୀ ଚାକିରି ପାଇଁ ପ୍ରସ୍ତୁତି ଆରମ୍ଭ କରିଥିଲେ। ୨୦୧୦ରେ ପୋଲିସରେ ଭର୍ତ୍ତି ହୋଇଥିଲେ। ଏହିଠାରେ ସେ ସରକାରୀ ଚାକିରି ଆଶାୟୀଙ୍କୁ ଶିକ୍ଷା ଓ ବିଭିନ୍ନ ଧନ୍ଦାମୂଳକ ଟ୍ରେନିଂ ଦେବାର ବ୍ୟବସ୍ଥା କରିଛନ୍ତି। ସେ ତାଙ୍କ ଟ୍ରେନିଂ ସେଣ୍ଟରର ନାମ ରଖିଛନ୍ତି ପୁଥିୟା ସିରାଗୁଗଲ ଅର୍ଥାତ୍ 'ନ୍ୟୁ ଓ୍ୱିଙ୍ଗସ'। ଏହାକୁ ସେ ୨୦୧୩ରେ ପ୍ରତିଷ୍ଠା କରିଥିଲେ। ଏବେ ସୁଦ୍ଧା ୪୦୦ରୁ ଊର୍ଦ୍ଧ୍ୱ ଗ୍ରାମୀଣ ଯୁବକ ଏଠାରେ ଟ୍ରେନିଂ ନେଇ ସରକାରୀ ଚାକିରି ପାଇ ସାରିଲେଣି। ଏମାନେ ବିଶେଷକରି ପୋଲିସ, ରାଜସ୍ୱ, ଶ୍ରମ ଏବଂ ପ୍ରଶାସନିକ ବିଭାଗରେ ଚାକିରି ପାଇଛନ୍ତି। ବଡ଼ କଥା ହେଉଛି ଶିବରାଜଙ୍କ ପୂରା ପରିବାର ପିଲାମାନଙ୍କୁ ପଢାଉଛନ୍ତି। ତାଙ୍କ ଭାଇ ସତ୍ୟରାଜ ବିଭିନ୍ନ ବିଷୟ ପଢାଇବା ସହ ଶାରୀରିକ ଟ୍ରେନିଂ ଦେଉଛନ୍ତି। ଭଉଣୀ ଜୀବିତା ଟାଇପିଂ, କମ୍ପ୍ୟୁଟର ଶିକ୍ଷା ଦେଉଛନ୍ତି। ସେ ୧ ଏକର ଜମିକୁ ଟ୍ରେନିଂ ଗାଉଣ୍ଡ କରିଦେଇଛନ୍ତି। ଏହା ପାଇଁ ସେ ତାଙ୍କ ସଞ୍ଚିତ ଅର୍ଥରୁ ୧୦ ହଜାର ଟଙ୍କା ଖର୍ଚ୍ଚ କରିଥିଲେ।

## ୫୦ ବର୍ଷ ତଳର ଧରିତ୍ରୀ

୨୨ ଫେବୃଆରୀ ୧୯୭୬

- ରୁଷିକୁଲ୍ୟା ଜଳସେଚନ ଯୋଜନାର ପ୍ରଥମ ପର୍ଯ୍ୟାୟକୁ ଆଧୁନିକୀକରଣ କରିବା ନିମନ୍ତେ ଦିଆଯାଇଥିବା ସ୍କିମ୍‌କୁ ଯୋଜନା କମିଶନ ଅନୁମୋଦନ କରିଛନ୍ତି।
- ଭାରତ ସରକାର ୬୩୦ ନିୟୁତ ଡଲାର ମୂଲ୍ୟର ଲୁହାପଥର ଖଦଡ଼ା ଅଂଶ (ସ୍ଲରି) ଯୋଗାଣ ନିମନ୍ତେ ଇରାନ ସରକାରଙ୍କ ସହ ଚୁକ୍ତି କରିଛି।

## su | do | ku
Puzzles by Srikant Ghosh

ସୁ–ଡୋ–କୁ

| | | | | | | | | |
|---|---|---|---|---|---|---|---|---|
| | | 1 | | | | | 3 | 6 |
| | 9 | | 2 | | | | | |
| | | | | 8 | | | 5 | |
| | 8 | | | | 5 | 2 | | |
| | 3 | | 9 | | 7 | | | |
| | | | | | | | | 3 |
| 3 | 5 | | | | | 7 | | |
| | | 8 | | | 9 | 5 | 6 | |
| 7 | | | 4 | | | | | 9 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 8 | 5 | 6 | 2 | 1 | 4 | 9 | 7 |
| 2 | 9 | 1 | 8 | 4 | 7 | 3 | 6 | 5 |
| 4 | 6 | 7 | 5 | 9 | 3 | 2 | 1 | 8 |
| 8 | 2 | 9 | 7 | 6 | 4 | 5 | 3 | 1 |
| 5 | 4 | 6 | 1 | 3 | 2 | 7 | 8 | 9 |
| 1 | 7 | 3 | 9 | 8 | 5 | 6 | 4 | 2 |
| 9 | 3 | 8 | 2 | 7 | 6 | 1 | 5 | 4 |
| 7 | 1 | 4 | 3 | 5 | 9 | 8 | 2 | 6 |
| 6 | 5 | 2 | 4 | 1 | 8 | 9 | 7 | 3 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଜଳ ବିନର୍ବ୍ୟୟ ରୋକାଯାଉ

ମହାଶୟ,

ବସୁଧା ଯୋଜନାରେ ରାଜ୍ୟର ବିଭିନ୍ନ ସ୍ଥାନରେ ଜନସାଧାରଣଙ୍କୁ ପାଇପ ଯୋଗେ ଜଳ ଯୋଗାଣର ବ୍ୟବସ୍ଥା ହୋଇଛି। ବହୁ ଅଞ୍ଚଳରେ ଲୋକଙ୍କ ବାସଭବନକୁ ଯାଇଥିବା ପାଇପ୍ ଲାଇନର ପାଣି ଷ୍ଟାଣ୍ଡରେ ଥିବା ଟ୍ୟାପ ଖୋଲା ରହୁଥିବାରୁ ଏବଂ କେତେକ ସ୍ଥାନରେ ଟ୍ୟାପ୍ ଭାଙ୍ଗି ଯାଇଥିବାରୁ ଜଳ ଯୋଗାଣ ସମୟରେ ପାଣି ଅବିଶ୍ରାନ୍ତ ଭାବରେ ବାହାରିଯାଇ ନଷ୍ଟ ହେଉଛି। ଏହା ଦେଖାଶୁଣା କରିବାକୁ କୌଣସି ବ୍ୟବସ୍ଥା ନାହିଁ। ରାଜ୍ୟର ପଶ୍ଚିମ, ଦକ୍ଷିଣ, ଉତ୍ତର ଉପକୂଳ ଏବଂ ଆଭ୍ୟନ୍ତରୀଣ ଜିଲାଗୁଡ଼ିକରେ ବହୁ ଲୋକ ପାନୀୟ ଜଳ ଅଭାବରେ ହନ୍ତସନ୍ତ ହେଉଥିବା ବେଳେ ଏବଂ ପାର୍ବତ୍ୟ ଓ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଲୋକମାନେ ପାଣି ପାଇଁ ନାଳ, ନଈ, ଚୁଆ ଉପରେ ନିର୍ଭର କରୁଥିବା ବେଳେ ଏଭଳି ଜଳ ବିନର୍ବ୍ୟୟ ହେବା ଆଦୌ ଠିକ୍ ଲାଗୁନାହିଁ। ଏଣୁ ବିଭାଗୀୟ କର୍ମଚାରୀ, ହିତାଧିକାରୀ ଏବଂ ଜନପ୍ରତିନିଧିମାନେ ଏହି ଜଳ ବିନର୍ବ୍ୟୟକୁ ରୋକିବା ଦିଗରେ ଯତ୍ନବାନ ହେବା ଆବଶ୍ୟକ।

–ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡ଼ି, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ପୁରାତନ ପୋଖରୀ ହୁଡ଼ାରେ
ବଉଳିଛି ସୁବାସିତ ଚୂତ
ତଳେ ତାର ପଞ୍ଚମୀ ଚାଁଦ
ଚାହିଁ ଦେଇ ଚମକିଲି ମୁଁ ତ
ବଉଳିଛି ସୁବାସି ଚୂତ।
–(ପୌଷ–ମଳୟ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସଂକ୍ଷେପରେ

### ଜଳିଗଲା ବିଦ୍ୟୁତ୍ ଟ୍ରାନ୍ସଫର୍ମର



ତ୍ରିଶୂଳିଆ,୨୧।୨(ତୁଷାରକାନ୍ତ ବେହେରା)

ବାରଙ୍ଗ ଗୋଡ଼ିସାହି ଇଲେକ୍ଟ୍ରି ଅଫିସ ଅଧୀନ ବେଲଗଛିଆ ଗ୍ରାମରେ ଥିବା ଏକ ବିଦ୍ୟୁତ୍ ଟ୍ରାନ୍ସଫର୍ମର ଶୁକ୍ରବାର ହଠାତ୍ ହୁତୁହୁତୁ ହୋଇ ଜଳି ଉଠିଥିଲା। ଦମକଳ ବାହିନୀ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଟ୍ରାନ୍ସଫର୍ମରରେ ସଂଯୋଗ ଥିବା ଉଚ୍ଚ ଶକ୍ତିସମ୍ପନ୍ନ ବିଦ୍ୟୁତ୍ ତାରକୁ କାଟିବା ପରେ ନିଆଁକୁ ଆୟତ୍ତ କରିଥିଲେ। ଅନ୍ୟପକ୍ଷେ ଟ୍ରାନ୍ସଫର୍ମର ନିକଟରେ ଗଛଲତା ଉଠିଥିବାବେଳେ ଚତୁଃପାର୍ଶ୍ୱ ମୁକୁଳା ହୋଇ ବିପଦସଙ୍କୁଳ ଅବସ୍ଥାରେ ରହିଛି। କେତେବେଳେ ଯେ କିଛି ଅଘଟଣ ଘଟିପାରେ, ତାହା ଏଡାଇ ଦିଆଯାଇ ନ ପାରେ ବୋଲି ଟ୍ରାନ୍ସଫର୍ମର ନିକଟରେ ବସବାସ କରୁଥିବା ଲୋକେ ଅଭିଯୋଗ କରିଛନ୍ତି। ଏଣୁ ବିଦ୍ୟୁତ୍ ବିଭାଗ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବା ସହ ବିପଦସଙ୍କୁଳ ଅବସ୍ଥାରେ ଥିବା ବିଦ୍ୟୁତ୍ ଟ୍ରାନ୍ସଫର୍ମରଗୁଡ଼ିକର ନିୟମିତ ଭାବେ ରକ୍ଷଣାବେକ୍ଷଣ ଓ ମୁକୁଳା ପଡ଼ିଥିବା ଟ୍ରାନ୍ସଫର୍ମର ଚାରିପଟେ ସୁରକ୍ଷା ଆବରଣ କରିବାକୁ ସାଧାରଣରେ ଦାବି ହେଉଛି।

### ବଡ଼ଦାଣ୍ଡରେ ଯୁବକଙ୍କୁ ଆକ୍ରମଣ

ପୁରୀ,୨୧।୨( ଅଜିତ୍ କୁମାର ମହାନ୍ତି)

ବଡ଼ଦାଣ୍ଡରେ ଶୁକ୍ରବାର ରାତିରେ ଆତଙ୍କ ଦେଖିବାକୁ ମିଳିଛି। କୁମ୍ଭାରପଡ଼ା ଥାନା ଅଧୀନ ବଳଗଣ୍ଡି ଛକ ନିକଟରେ ଜଣେ ଯୁବକଙ୍କୁ ସେଠାରେ ଦୋକାନ କରିଥିବା ଜଣେ ଦୋକାନୀ ଏକ ଧାରୁଆ ବସ୍ତୁରେ ଆକ୍ରମଣ କରିଥିବା ସୂଚନା ମିଳିଛି। ଆକ୍ରମଣରେ ଯୁବକଙ୍କ କାନ ଏବଂ ପିଠିରେ ଗଭୀର ଆଘାତ ଲାଗିଛି। ତେବେ ଆକ୍ରମଣର କାରଣ ଜଣାପଡ଼ିନାହିଁ। ଆହାତ ଯୁବକଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଛି। ଘଟଣାସ୍ଥଳରେ ଅତିରିକ୍ତ ଏସ୍‌ପି ସୁଶିଲ କୁମାର ମିଶ୍ର ପହଞ୍ଚିଥିବା ଜଣାପଡ଼ିଛି।

# ରାଜଧାନୀରେ ପରୀକ୍ଷା ଦେଲେ ୧୧୯୭୫ ଛାତ୍ରୀଛାତ୍ର, ୪୬ ଅନୁପସ୍ଥିତ

## ମାଟ୍ରିକ ପରୀକ୍ଷାର ପ୍ରଥମ ଦିନ

ଭୁବନେଶ୍ୱର,୨୧।୨(ସୁଚିସ୍ମିତା ସାହୁ)



ୟୁନିଟ୍-୯ କ୍ୟାପିଟାଲ ହାଇସ୍କୁଲ ପରୀକ୍ଷାକେନ୍ଦ୍ରରେ ଛାତ୍ରୀମାନଙ୍କୁ ଯାଞ୍ଚ କରି ଭିତରକୁ ଛଡ଼ାଯାଉଛି।

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ପରିଚାଳିତ ମାଟ୍ରିକ ପରୀକ୍ଷା ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ପ୍ରଥମ ଦିନରେ ପରୀକ୍ଷାର୍ଥୀମାନେ ମାତୃଭାଷା(ଓଡିଆ)ରେ ପରୀକ୍ଷା ଦେଇଛନ୍ତି। ରାଜଧାନୀ ଭୁବନେଶ୍ୱରରେ ୧୨ହଜାରରୁ ଅଧିକ ଛାତ୍ରୀଛାତ୍ର ପରୀକ୍ଷା ନିମନ୍ତେ ନାମ ପଞ୍ଜୀକରଣ କରିଥିବାବେଳେ ୧୧୯୭୫ଜଣ ପରୀକ୍ଷା ଦେଇଥିଲେ ଓ ୪୬ଜଣ ଅନୁପସ୍ଥିତ ଥିଲେ। ଛାତ୍ରୀଛାତ୍ର ସକାଳ ୭ଟା ୩୦ରେ ପରୀକ୍ଷା କେନ୍ଦ୍ରକୁ ପ୍ରବେଶ କରିଥିଲେ। ସକାଳ ୯ଟାରୁ ପରୀକ୍ଷା ଆରମ୍ଭ ହୋଇ ପୂର୍ବାହ୍ନ ସାଢ଼େ ୧୧ଟା ପର୍ଯ୍ୟନ୍ତ ଚାଲିଥିଲା। ଓଡିଆ ପ୍ରଶ୍ନପତ୍ର ସରଳ ପଡ଼ିଥିବାରୁ ପରୀକ୍ଷା ହଲରୁ ବାହାରୁଥିବା ଛାତ୍ରୀଛାତ୍ରଙ୍କ ମୁହଁରେ ଖୁସି ଦେଖିବାକୁ ମିଳିଥିଲା।

ସୂଚନା ଅନୁସାରେ, ଭୁବନେଶ୍ୱରରେ ପରୀକ୍ଷା କେନ୍ଦ୍ରଗୁଡିକ ପରିଚାଳନା କରିବା ପାଇଁ ୩ଟି ନୋଡାଲ କେନ୍ଦ୍ର କରାଯାଇଛି। କ୍ୟାପିଟାଲ ହାଇସ୍କୁଲରେ ହୋଇଥିବା ନୋଡାଲ କେନ୍ଦ୍ର ଅଧୀନରେ ୧୭ଟି ବିଦ୍ୟାଳୟ ରହିଥିବାବେଳେ ୪୬୩୪ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଛନ୍ତି ଓ ୧୧ଜଣ ଅନୁପସ୍ଥିତ ଅଛନ୍ତି। ସେହିପରି ୟୁନିଟ୍-୧ ସରକାରୀ ହାଇସ୍କୁଲ ଅଧୀନରେ ୧୪ଟି ବିଦ୍ୟାଳୟ ରହିଥିବା ବେଳେ ୩୦୯୨ ଜଣ ପରୀକ୍ଷା ଦେବାକୁ ଆସିଥିଲେ ଓ ୧୬ଜଣ ଅନୁପସ୍ଥିତ ଥିଲେ। ସେହିଭଳି ୟୁନିଟ-୮ ସରକାରୀ ବାଳକ ବିଦ୍ୟାଳୟ ନୋଡାଲ କେନ୍ଦ୍ର ଅଧୀନରେ ୧୬ଟି ବିଦ୍ୟାଳୟ ରହିଛି। ଏସବୁ କେନ୍ଦ୍ରରେ ୪୨୪୯ଜଣ ପରୀକ୍ଷା ଦେଇଥିବା ବେଳେ ୧୯ଜଣ ପରୀକ୍ଷା ଅନୁପସ୍ଥିତ ଥିଲେ। ପରୀକ୍ଷା କେନ୍ଦ୍ରରେ କପି ରୋକିବା ପାଇଁ ସ୍କ୍ୱାଡ୍ ବ୍ୟବସ୍ଥା କରାଯାଇଛି। ସେହିପରି ରାଜଧାନୀରେ ଅଧିକ ସଂଖ୍ୟାର ପିଲାମାନେ ପରୀକ୍ଷା ଦେଉଥିବାରୁ ବୋର୍ଡ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଗାଇଡ୍‌ଲାଇନ୍ ଅନୁସାରେ, ପରୀକ୍ଷାର୍ଥୀମାନେ ପରୀକ୍ଷା ହଲକୁ କେବଳ ବିଦ୍ୟାଳୟ ଆଇଡି କାର୍ଡ, ପରୀକ୍ଷା ଆଡମିଟ୍ କାର୍ଡ, ପେନ୍ ନେଇ ଯାଉଛନ୍ତି।



ସଡ଼କ ସୁରକ୍ଷା ପାଇଁ ଜିଗିସା ଏବଂ ଜେନ୍‌ପ୍ଲସ୍ ହେଲ୍‌ଥ କେୟାର ପକ୍ଷରୁ ଶୁକ୍ରବାର ୯ ତାଲାସ୍ଥିତ ଡିଏମ୍‌ଇଟି କାର୍ଯ୍ୟାଳୟଠାରେ ଅନୁଷ୍ଠିତ ସଚେତନତା ବାଇକ୍ ଶୋଭାଯାତ୍ରା ଓ ଦସ୍ତଖତ ଅଭିଯାନ।

# ମା'ଠାରୁ ଅଲଗା ହେଲା ସିମ୍ପାଞ୍ଜି ଶାବକ

ତ୍ରିଶୂଳିଆ,୨୧।୨ (ତୁଷାରକାନ୍ତ ବେହେରା)

ନନ୍ଦନକାନନ ପ୍ରାଣୀଉଦ୍ୟାନର ୬୦ ନଂ.(କ) ଏନ୍‌କ୍ଲୋଜରର ସିମ୍ପାଞ୍ଜି ଖୁଆଡ଼ର ଫିଡିଂ ଚାମ୍ବରରେ ରହୁଥିବା ଅଣ୍ଡିରା ଶାବକକୁ ତା' ମା'ଠାରୁ ଅଲଗା କରାଯାଇଛି। ମା' ଦୁର୍ଗା ତାକୁ ଅଣଦେଖା କରିବା ସହ ପାଖରେ ପୂରାଉ ନ ଥିଲା। ଏମିତିକି କ୍ଷୀରରୁ ବଞ୍ଚିତ ରଖିଥିଲା। ଫଳରେ ଶାବକଟି ଅଧିକାଂଶ ସମୟରେ ରଡି କରୁଥିଲା। ପ୍ରାଣୀ ରକ୍ଷକଙ୍କଠାରୁ ସୂଚନା ପାଇ ନନ୍ଦନକାନନ କର୍ତ୍ତୃପକ୍ଷ ଗୁରୁବାର ଶାବକକୁ ମା'ଠାରୁ ଅଲଗା କରି ବନ୍ୟପ୍ରାଣୀ ଚିକିତ୍ସାଳୟର ଶାବକ ଲାଳନପାଳନ କେନ୍ଦ୍ରରେ ରଖାଯାଇ ସ୍ୱତନ୍ତ୍ର ସେବା ଓ ଯତ୍ନ ନିଆଯାଉଥିବା

**ଶିଶୁ ଲାଳନପାଳନ କେନ୍ଦ୍ରରେ ଚାଲିଛି ସେବା**

ବିଭାଗୀୟ ଜଣେ ଅଧିକାରୀ କହିଛନ୍ତି। ସୂଚନାଯୋଗ୍ୟ, ଗତ ଜାନୁଆରୀ ୩୦ରେ ସିମ୍ପାଞ୍ଜି 'ଦୁର୍ଗା' ପ୍ରଥମ ଥର ପାଇଁ ଗୋଟିଏ ଅଣ୍ଡିରା ଶାବକ ଜନ୍ମ ଦେଇଥିଲା। ମା' ଓ ଶାବକ ୬୦ ନଂ.(କ) ଖୁଆଡ଼ ଫିଡିଂ ଚାମ୍ବର ପୃଥକୀକରଣ ଖୁଆଡ଼ରେ ରହୁଥିଲେ। ହେଲେ ଦେଢ଼ ମାସ ପରେ କୌଣସି କାରଣରୁ ଦୁର୍ଗା ତା' ଶାବକକୁ ଅଣଦେଖା କରିବା ସହ ପାଖରେ ପୂରାଉ ନ ଥିଲା। ଖବର ପାଇ କର୍ତ୍ତୃପକ୍ଷ ଉଭୟ ମା' ଓ ଶାବକକୁ ଏକାଠି କରିବାକୁ ବହୁ ଚେଷ୍ଟା କରି ବିଫଳ ହୋଇଥିଲେ।

# ଜାତୀୟସ୍ତରୀୟ ବାଗ୍ମିତା ପ୍ରତିଯୋଗିତା 'ଯୁଗମ' ଉଦ୍‌ଘାଟିତ



କାର୍ଯ୍ୟକ୍ରମରେ ପ୍ରଫେସର ଡ. ଜୟନ୍ତ କୁମାର ପଣ୍ଡା ଓ ଅନ୍ୟ ଅତିଥିମାନେ।

ବାଲିଅନ୍ତା,୨୧।୨(ନୀଳମାଧବ ସାହୁ)

ଶ୍ରୀମା'ଙ୍କ ଜନ୍ମଦିନ ଅବସରରେ ସ୍ଥାନୀୟ ଆସ୍ଥା ସ୍କୁଲ ଅଫ୍ ମ୍ୟାନେଜମେଣ୍ଟ ଶିକ୍ଷାନୁଷ୍ଠାନ ପକ୍ଷରୁ ୯ମ ବାର୍ଷିକ ଜାତୀୟସ୍ତରୀୟ ବାଗ୍ମିତା ପ୍ରତିଯୋଗିତା 'ଯୁଗମ' ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଆସ୍ଥା ସ୍କୁଲର ସମ୍ମିଳନୀ କକ୍ଷରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଜ୍ୟ ଓ ରାଜ୍ୟ ବାହାରର ୫୦ରୁ ଊର୍ଦ୍ଧ୍ୱ ଶିକ୍ଷାନୁଷ୍ଠାନର ଶତାଧିକ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଛନ୍ତି। ଉଦ୍‌ଘାଟନୀ ସମାରୋହରେ ମୁଖ୍ୟ ଅତିଥି ରୂପେ କଟକ ଏସ୍‌ସିବି ମେଡିକାଲ କଲେଜର ପ୍ରଫେସର ଡ. ଜୟନ୍ତ କୁମାର ପଣ୍ଡା ଯୋଗଦେଇ ପାଠ, ଜ୍ଞାନ ଓ ବ୍ୟକ୍ତି ସହ ଆଧ୍ୟାତ୍ମିକତା ଯୋଡ଼ି ହେବା ଦ୍ୱାରା ଛାତ୍ରୀଛାତ୍ର ସେମାନଙ୍କ ଶିକ୍ଷାରେ ଉଜ୍ଜୀବିତ ହେବେ ବୋଲି କହିଥିଲେ। ମୁଖ୍ୟ ଉପଦେଷ୍ଟା ଭାଗୀରଥି ମହାପାତ୍ର ଯୋଗଦେଇ ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କ ଦୃଷ୍ଟିଭଙ୍ଗୀରେ ଶିକ୍ଷାର ଉପାଦେୟତା ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ ଶିକ୍ଷାନୁଷ୍ଠାନର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ତଥା ସମ୍ପାଦକ ଡ. ବଙ୍କୀମ ମହାନ୍ତି ସ୍ୱାଗତ ଅଭିଭାଷଣ ସହ ଉଚ୍ଚଶିକ୍ଷାରେ ଆଧ୍ୟାତ୍ମିକତାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ର ନିଜ ନିଜର ବକ୍ତବ୍ୟ ଜୁରୀ ମେମ୍ବର ପ୍ରଫେସର ଡ. ଶର୍ମିଳା ସୁବ୍ରମନିୟମ, ଡ. ଅଶୋକ ମଙ୍ଗରାଜ ଓ ଭାଗୀରଥି ମହାପାତ୍ରଙ୍କ ନିକଟରେ ଉପସ୍ଥାପନ କରିଥିଲେ। ଉଦ୍‌ଘାଟନୀ ସମାରୋହକୁ ଜିନାଶିଷ ମହାନ୍ତି ସଂଯୋଜନା କରିଥିବାବେଳେ ପ୍ରଫେସର ଅନନ୍ୟା ସ୍ୱାଇଁ ପରିଚାଳନା କରିଥିଲେ।

# ଅନ୍ତର୍ଜାତୀୟ ମାତୃଭାଷା ଦିବସ

ପୁରୁଣା ଭୁବନେଶ୍ୱର,୨୧।୨(ସୁବାସ ଚନ୍ଦ୍ର ପ୍ରଧାନ)

ପୁରୁଣା ଭୁବନେଶ୍ୱରସ୍ଥିତ ବରଗଡ଼ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଅନ୍ତର୍ଜାତୀୟ ମାତୃଭାଷା ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନ ଆଚାର୍ଯ୍ୟ ସୌଭାଗ୍ୟ କୁମାର ସାହୁ ଏଥିରେ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ଖବରଦାତା ତଥା ଶିଶୁ ସାହିତ୍ୟିକ ବଙ୍କି ଚନ୍ଦ୍ର ନାୟକ ଯୋଗଦେଇ ଓଡ଼ିଆ ଅସ୍ମିତା ଓ ମାତୃଭାଷା ଉପାଦେୟତା ଉପରେ ଶିଶୁଙ୍କୁ ଉଦ୍‌ବୋଧନ ଦେଇଥିଲେ। ବିଦ୍ୟାଳୟର ଶୈକ୍ଷିକ ସଂଯୋଜିକା ସୁଲୋଚନା ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ। ମାତୃଭାଷା ସମ୍ବନ୍ଧୀୟ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ। ଆଚାର୍ଯ୍ୟ ଅଜିତ କୁମାର ରାଉତ ଧନ୍ୟବାଦ ଦେଇଥିଲେ। ଏହିଅବସରରେ ଶିଶୁମାନଙ୍କ ଦ୍ୱାରା 'ଓଡ଼ିଆ ମାଟିର ଯୋଗ୍ୟ ସନ୍ତାନ' ନାଟକ ମଞ୍ଚସ୍ଥ ହୋଇଥିଲା। ଆଚାର୍ଯ୍ୟା ପ୍ରତିମା ନାୟକ, ମମତା ମହାନ୍ତି, ରାଜଶ୍ରୀ ମିଶ୍ର, ମନୋରଞ୍ଜନ ପୃଷ୍ଟି, ସୁଖଲତା ଦାଶ, ଶରତ ଚିନାରାଙ୍କ ସହଯୋଗରେ କାର୍ଯ୍ୟକ୍ରମ ସମ୍ପାଦିତ ହୋଇଥିଲା।

# ବିଶ୍ୱ ମାତୃଭାଷା ଦିବସ, ସମ୍ବର୍ଦ୍ଧନା ସଭା

ଭୁବନେଶ୍ୱର,୨୧।୨ (ସୌମ୍ୟରଞ୍ଜନ ରାଉତ)

ଉତ୍କଳ ବୁଲେଟିନ ଚାରିଟେବଲ ଟ୍ରଷ୍ଟ ପକ୍ଷରୁ 'ବିଶ୍ୱ ମାତୃଭାଷା ଦିବସ' ଓ ସମ୍ବର୍ଦ୍ଧନା ସଭା ଶୁକ୍ରବାର ଗୋଦାବରୀଶ ସାହିତ୍ୟ ସଂସଦଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଡ. ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର ଯୋଗଦେଇ କହିଲେ, ପିତାମାତା ପିଲାଙ୍କ ମନରେ ବାଲ୍ୟ ସମୟରୁ ପୂଜ୍ୟପୂଜା, ଭକ୍ତିଭାବ, ମା' ମାଟି ଓ ମାତୃଭାଷା ପାଇଁ ଅନୁରକ୍ତି ଭାବ ଜାଗ୍ରତ କରିବା ସହିତ ଉତ୍କଳର ମହାନ ପରମ୍ପରା, ସଂସ୍କୃତି ବିଷୟରେ ଶିକ୍ଷା ଦେବା ଆବଶ୍ୟକ। ମୁଖ୍ୟବକ୍ତା ଭବେ ରମେଶ ସାମନ୍ତରାୟ କହିଲେ, ଛାତ୍ରୀଛାତ୍ର ଶିକ୍ଷା ସହିତ ସମାଜସେବାକୁ ଗୁରୁତ୍ୱ ଦିଅନ୍ତୁ। ଅନ୍ୟ ଅତିଥିମାନେ ମହିଳା ସଶକ୍ତୀକରଣ ସହିତ ପରିବେଶ, ନୈତିକ ମୂଲ୍ୟବୋଧ ଉପରେ ଗୁରୁତ୍ୱ ଆରୋପ କରିଥିଲେ। ଏହି ଅବସରରେ ସାରସ୍ୱତ ପ୍ରତିଭାଧାରୀ ସାମ୍ବାଦିକା ଚାନ୍ଦିନୀ ମହାପାତ୍ର, ମାତୃଭାଷା, ଶିକ୍ଷା ଓ ସମାଜସେବା ପାଇଁ ଡମ୍ବରୁଧର ହରଣ ସିଂ, ସମାଜସେବା ପାଇଁ ସୌଭାଗିନୀ ସାହୁ, ସ୍ୱାସ୍ଥ୍ୟ ସେବା ପାଇଁ ଗୌତମ କୁମାର ଦାସ, ନାରୀ ଶିକ୍ଷା ଓ ସମାଜସେବା ପାଇଁ ବନଜା ଭୁଜବଳ, ଅନୁଷ୍ଠାନର ସଦସ୍ୟ ସ୍ମୃତି ପ୍ରକାଶ ନାୟକ, ସାମ୍ବାଦିକ ସୋମନାଥ ବେହେରା, ସମାଜସେବୀ ହୃଦାନନ୍ଦ ଜେନାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହା ସହିତ ଚିତ୍ରାଙ୍କନରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସାମ୍ବାଦିକ ରମେଶ କୁମାର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ବିଦ୍ୟୁତ୍ ଟ୍ରାନ୍ସଫର୍ମରକୁ ଧକ୍କା ଦେଲା ବସ୍

ବୋଲଗଡ଼,୨୧।୨(ଦେବବ୍ରତ ହୋତା)

- ଅଞ୍ଚଳରେ ବିଦ୍ୟୁତ୍ ବିଚ୍ଛିନ୍ନ
- ଅନ୍ଧାରରେ ମାଟ୍ରିକ ପରୀକ୍ଷା ଦେଲେ ପରୀକ୍ଷାର୍ଥୀ

ବୋଲଗଡ଼ ବ୍ଲକ ପିତୁକୁଳି ବଜାରଠାରେ ୫୭ ନଂ. ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଉଚ୍ଚଶକ୍ତିସମ୍ପନ୍ନ ବିଦ୍ୟୁତ୍ ଟ୍ରାନ୍ସଫର୍ମରକୁ ଶୁକ୍ରବାର ପୂର୍ବାହ୍ନ ସମୟରେ ଏକ ଯାତ୍ରୀବାହୀ ବସ୍ ଧକ୍କା ଦେଇଛି। ଫଳରେ ଟ୍ରାନ୍ସଫର୍ମର ବସିଥିବା ପିଣ୍ଡି ଭାଙ୍ଗିବା ସହ ଖୁଣ୍ଟ ଭାଙ୍ଗି ବିଦ୍ୟୁତ୍ ତାର ଛିଡ଼ି ଗାଡ଼ି ଉପରେ ପଡ଼ିଥିଲା। ଶର୍ଟସର୍କିଟ କାରଣରୁ ହଠାତ୍ ବିଦ୍ୟୁତ୍ ବିଚ୍ଛିନ୍ନ ହୋଇଯିବାରୁ ବଡ଼ ଦୁର୍ଘଟଣା ଘଟିବାରୁ ଟଳିଯାଇଛି। ତେବେ ଗାଡ଼ିଟିରେ କୌଣସି ଯାତ୍ରୀ ନ ଥିବାବେଳେ ଚାଳକଙ୍କୁ ବିଦ୍ୟୁତ୍ ଝଟ୍‌କା ଲାଗିଥିଲା। ସେ ବାଉଳାଚାଉଳା ହେବାରୁ ସ୍ଥାନୀୟ ଲୋକେ ତାଙ୍କୁ ରାଜସୁନାଖଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ଗାଡ଼ିକୁ ସମ୍ଭାବ୍ୟ ଅଗ୍ନିକାଣ୍ଡରୁ ରକ୍ଷାକରିବାକୁ ବେଗୁନିଆ ଅଗ୍ନିଶମ ବାହିନୀ ଦୁର୍ଘଟଣାସ୍ଥଳରେ ପହଞ୍ଚିଥିବାବେଳେ ବେଗୁନିଆ ଥାନା ପୋଲିସ ପହଞ୍ଚି ଗାଡ଼ିକୁ ଜବତ କରିଛି।

ଘଟଣା ଅନୁଯାୟୀ, ଏକ ବସ୍ (ଓଡି ୦୨ ଏଏଚ୍ ୫୩୫୫)ଟି ବରଯାତ୍ରୀଙ୍କୁ ଘରେ ଛାଡ଼ି ନୟାଗଡ଼ ପଟୁ ଭୁବନେଶ୍ୱର ଫେରୁଥିଲା। ପିତୁକୁଳି ବଜାରରୁ ରଘୁନାଥ ଉଚ୍ଚ ବିଦ୍ୟାଳୟ ନିକଟ ବିଦ୍ୟୁତ୍ ଟ୍ରାନ୍ସଫର୍ମରରେ ଗାଡ଼ିଟି ମାଡ଼ ହୋଇଥିଲା। ଫଳରେ ସ୍ଥାନୀୟ ଅଞ୍ଚଳରେ ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ ଘଟି ବିଦ୍ୟାଳୟରେ ବଲ୍‌ବ ଓ ପଙ୍ଖା ବନ୍ଦ ହୋଇଯାଇଥିଲା। ଧକ୍କା ସମୟରେ ବହୁ ଅଭିଭାବକ ନିକଟ ଏକ ଦୋକାନରେ ଜମା ହୋଇଥିଲାବେଳେ ସେମାନେ ଅଳ୍ପକେ ରକ୍ଷା ପାଇଯାଇଛନ୍ତି। ପିତୁକୁଳି ଅଞ୍ଚଳ ଅନ୍ଧାର ଥିବାରୁ ମାଟ୍ରିକ ପରୀକ୍ଷା ପାଇଁ ଯୁଦ୍ଧକାଳୀନ ଭିତ୍ତିରେ ଟ୍ରାନ୍ସଫର୍ମର ସଜାଡ଼ିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

# ଓଡ଼ିଶୀ ସଙ୍ଗୀତ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା



ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ କଣ୍ଠଶିଳ୍ପୀଙ୍କ ସହ ଅତିଥିମାନେ।

ଭୁବନେଶ୍ୱର,୨୧।୨ (ସୌମ୍ୟରଞ୍ଜନ ରାଉତ)

ସଙ୍ଗୀତ ସୁଧାକର ବାଳକୃଷ୍ଣ ଦାଶ ଫାଉଣ୍ଡେଶନ ପକ୍ଷରୁ ଅନୁଷ୍ଠାନର ରୌପ୍ୟ ଜୟନ୍ତୀ ପାଳନ ଅବସରରେ ରବୀନ୍ଦ୍ର ମଣ୍ଡପରେ ଚାଲିଥିବା 'ଓଡ଼ିଶୀ ସଙ୍ଗୀତ ମହୋତ୍ସବ'ର ଶୁକ୍ରବାର ଥିଲା ଦ୍ୱିତୀୟ ସନ୍ଧ୍ୟା। ସନ୍ଧ୍ୟାର ପ୍ରଥମ ପ୍ରସ୍ତୁତିରେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ଶିଳ୍ପୀମାନେ ରାଗ ନାଟରେ ପ୍ରବନ୍ଧ 'ଯମୁନା କୁଳେ କାଳିଆ କେଡେ ହଟ କଲା ମ' ଗାୟନ କରିଥିବାବେଳେ ଏକକ ଗାୟନରେ ମହାପ୍ରସାଦ କର କବି ସୂର୍ଯ୍ୟଙ୍କ ରଚନାରୁ 'ମୋ ଭାଲେ ଥିଲା କି ବିହି' ପରିବେଷଣ କରିଥିଲେ। ଅନ୍ୟ କଣ୍ଠଶିଳ୍ପୀମାନେ ଭଜନ ପରିବେଷଣ କରିଥିଲେ। ଅତିଥି ଭାବେ ପିପିଏଲ୍‌ର ଅଧିକାରୀ ସୁଧାରଞ୍ଜନ ମିଶ୍ର, ଖଣି ଇସ୍ପାତ ବିଭାଗର ସ୍ୱତନ୍ତ୍ର ସଚିବ ସଂଗ୍ରାମ କେଶରୀ ସ୍ୱାଇଁଙ୍କ ସହ ଅନୁଷ୍ଠାନର ସଭାପତି ମନୋରଞ୍ଜନ ପ୍ରାଣିଗ୍ରାହୀ ଓ ଅନ୍ୟ ସଦସ୍ୟମାନେ ଯୋଗଦେଇଥିଲେ।

# 'ଡେମୋକ୍ରାସି ଆଣ୍ଡ୍ ଏଜୁକେଶନ' ଓଡ଼ିଆରେ ଅନୁବାଦ ହେବ

## ଏନ୍‌ଟିଏମ୍‌ରେ ୭ଦିନିଆ କାର୍ଯ୍ୟଶାଳା

ଭୁବନେଶ୍ୱର,୨୧।୨(ସୁଚିସ୍ମିତା ସାହୁ)



ଅନୁବାଦ କାର୍ଯ୍ୟଶାଳାରେ ଯୋଗଦେଇଥିବା ଶିକ୍ଷାବିତ୍‌ମାନେ।

ଜନ୍ ଡେୱିଙ୍କ ଦ୍ୱାରା ଇଂଲିଶରେ ରଚିତ ପୁସ୍ତକ 'ଡେମୋକ୍ରାସି ଆଣ୍ଡ୍ ଏଜୁକେଶନ' ଓଡ଼ିଆ ଭାଷାରେ ଅନୁବାଦ ହେବ। ଏନେଇ ଉତ୍କଳ ପ୍ରକ୍ରିୟା ଆରମ୍ଭ ହୋଇଛି। ବିଶ୍ୱବିଦ୍ୟାଳୟ ତତ୍ତ୍ୱାବଧାନରେ ଏକ ଶିକ୍ଷାବିତ୍ ମଣ୍ଡଳୀ କର୍ଣ୍ଣାଟକ ମହୀସୂରସ୍ଥିତ ରାଷ୍ଟ୍ରୀୟ ଅନୁବାଦ ସଂସ୍ଥାନ(ଏନ୍‌ଟିଏମ୍) ଗସ୍ତ କରି ୭ ଦିନିଆ କାର୍ଯ୍ୟଶାଳାରେ ସାମିଲ ହୋଇଛନ୍ତି। ଏହି କାର୍ଯ୍ୟଶାଳା ଆସନ୍ତା ୨୬ ତାରିଖ ପର୍ଯ୍ୟନ୍ତ ଚାଲିବ। 'ଡେମୋକ୍ରାସି ଆଣ୍ଡ୍ ଏଜୁକେଶନ' ପୁସ୍ତକ ୧୯୧୬ ମସିହାରେ ରଚିତ ହୋଇଥିଲା। ଏହି ପୁସ୍ତକଟି ଓଡ଼ିଆ ଭାଷାରେ ପ୍ରକାଶିତ ହେଲେ ଓଡ଼ିଶାର ଅଗଣିତ ଛାତ୍ରୀଛାତ୍ର ଉପକୃତ ହେବା ସହ ଜାତୀୟ ଶିକ୍ଷା ନୀତି ୨୦୨୦ର ଉଦ୍ଦେଶ୍ୟ ସମ୍ପନ୍ନ ହୋଇପାରିବ ବୋଲି କୁହାଯାଇଛି। କାର୍ଯ୍ୟଶାଳାରେ ମୁମ୍ବାଇ, ଉତ୍କଳ ଓ ରେଭେନ୍‌ଶା ବିଶ୍ୱବିଦ୍ୟାଳୟରୁ ଶିକ୍ଷାବିତ୍‌ମାନେ ଯୋଗଦେଇଛନ୍ତି। ସେମାନେ ହେଲେ ଡ. ଶୁଭଲକ୍ଷ୍ମୀ ଦାସ, ଡ. ଧନେଶ୍ୱର ହରିଚନ୍ଦନ, ଡ. ଧୀରେନ୍ଦ୍ର କୁମାର ମହାପାତ୍ର, ଡ. ସ୍ୱର୍ଣ୍ଣଲତା ହରିଚନ୍ଦନ, ଡ. ରମେଶ ମଲ୍ଲିକ, ଡ. ନିକୁଞ୍ଜ ରଞ୍ଜନ ଦାସ, ଡ. ଦୀପ୍ତାଂଶୁ ଭୂଷଣ ପତି ଓ ଡ. ଅଜୟ ମହାନ୍ତି।




ଆଇଡିବିଆଇ ବ୍ୟାଙ୍କ୍ ପକ୍ଷରୁ ମଞ୍ଚେଶ୍ୱରସ୍ଥିତ ଆର୍ଟିଫିସିଆଲ ଲାଇମ୍ବସ ମାନୁଫାକ୍ଚରିଂ କର୍ପୋରେଶନ ଅଫ୍ ଇଣ୍ଡିଆ ସହଯୋଗରେ ପ୍ରତିଷ୍ଠାନ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଓ ଅନ୍ୟ ଅତିଥିମାନେ ଦିବ୍ୟାଙ୍ଗମାନଙ୍କୁ କୃତ୍ରିମ ଅଙ୍ଗ ଓ ଅନ୍ୟାନ୍ୟ ଉପକରଣ ପ୍ରଦାନ କରୁଛନ୍ତି।

# ଓଡ଼ିଶା ପୋଲିସକୁ ୫ ସ୍ୱର୍ଣ୍ଣ, ୧ ରୌପ୍ୟ, ୪ କାଂସ୍ୟ

## ୨୪ତମ ସର୍ବଭାରତୀୟ ପୋଲିସ ଜଳକ୍ରୀଡ଼ା ଚାମ୍ପିୟନଶିପ୍

କଟକ,୨୧।୨(କାର୍ତ୍ତିକ ସାହୁ)



୨୪ତମ ସର୍ବଭାରତୀୟ ପୋଲିସ ଜଳକ୍ରୀଡ଼ା ଚାମ୍ପିୟନଶିପ୍‌ରେ ପଦକ ଜିତିଥିବା ଖେଳାଳି।

ମଧ୍ୟପ୍ରଦେଶର ଭୋପାଳଠାରେ ଅନୁଷ୍ଠିତ ୨୪ତମ ସର୍ବଭାରତୀୟ ପୋଲିସ ଜଳକ୍ରୀଡ଼ା ଚାମ୍ପିୟନଶିପ୍ ୨୦୨୪-୨୫ରେ ଓଡ଼ିଶା ପୋଲିସକୁ ସଫଳତା ମିଳିଛି। ଫେବୃଆରୀ ୧୭ରୁ ୨୧ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ଏହି ଚାମ୍ପିୟନଶିପ୍‌ରେ ଓଡ଼ିଶା ପୋଲିସର ୱାଟରସ୍ପୋର୍ଟସ ଦଳ ବିଭିନ୍ନ ପ୍ରତିଯୋଗିତାରେ ୫ ସ୍ୱର୍ଣ୍ଣ, ୧ ରୌପ୍ୟ, ୪ କାଂସ୍ୟ ପଦକ ଜିତି ଉଲ୍ଲେଖନୀୟ ସଫଳତା ହାସଲ କରିଛି।

ରୋଇଂ ମହିଳା ବିଭାଗ ୨୦୦୦ ମିଟର ଦଳଗତ ପ୍ରତିଯୋଗିତାରେ ରିତୁ କଉଡ଼ି, ରିଚେଲ ଲାକ୍ରା, ସୋନାଲିକା ଦାସ, ରେଶମ ଲାକ୍ରା ସ୍ୱର୍ଣ୍ଣ ପଦକ ଓ ରୋଇଂ ମହିଳା ବିଭାଗ ୫୦୦ ମିଟରରେ ମଧ୍ୟ ଦଳଗତ କାଂସ୍ୟ ପଦକ ବିଜେତା ହୋଇଛନ୍ତି। ରୋଇଂ କୋକ୍ସଲେସ ଯୋଡ଼ି ୫୦୦ ମିଟର ପ୍ରତିଯୋଗିତାରେ ଦୀପିକା ଖେସ୍ ଓ ଝରଣା ହସ୍ତୀ ସ୍ୱର୍ଣ୍ଣପଦକ ଲାଭ କରିଥିଲାବେଳେ ଉଭୟେ ରୋଇଂ କୋକ୍ସଲେସ ଯୋଡ଼ି ୨୦୦୦ ମିଟରରେ କାଂସ୍ୟ ପଦକ ହାସଲ କରିଛନ୍ତି। ସେହିପରି (କାନୋଇଂ ସି-୨) ୧୦୦୦ ମିଟର ପ୍ରତିଯୋଗିତାରେ ସଟିମା କେରକେଟା ଓ ରଶ୍ମିତା ସାହୁ ସ୍ୱର୍ଣ୍ଣ ପଦକ ଲାଭ କରିଥିଲାବେଳେ ଉଭୟେ (କାନୋଇଂ ସି-୨) ୨୦୦ ମିଟରରେ ରୌପ୍ୟ ପଦକ ବିଜୟୀ ହୋଇଛନ୍ତି। କାନୋଇଂ (ସି-୧) ୨୦୦ ମିଟର ଏବଂ ୧୦୦୦ ମିଟର ପ୍ରତିଯୋଗିତାରେ ରଶ୍ମିତା ସାହୁ ୨ଟି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି।

ରାଜ୍ୟ ପୋଲିସ କ୍ରୀଡ଼ାବିତ୍‌ଙ୍କ ଏଭଳି ସଫଳତାରେ ଡିଜିପି ଯୋଗେଶ ବାହାଦୁର ଖୁରାନିଆ ପଦକ ବିଜେତାମାନଙ୍କୁ ପ୍ରଶଂସା କରିବା ସହ ଶୁଭେଚ୍ଛା ଜଣାଇଛନ୍ତି। ଏହି ବିଜୟ ଓଡ଼ିଶାର ଯୁବ ପ୍ରତିଭାମାନଙ୍କୁ ଜଳକ୍ରୀଡ଼ା ପ୍ରତି ଆକୃଷ୍ଟ କରିବା ସହ ଭବିଷ୍ୟତରେ ନୂଆ ମାଇଲଖୁଣ୍ଟ ହାସଲ କରିବା ପାଇଁ ପ୍ରେରଣା ଯୋଗାଇବ ବୋଲି ଡିଜିପି ଆଶାବ୍ୟକ୍ତ କରିଛନ୍ତି।

## ସଂକ୍ଷେପରେ

### ଦୁର୍ଘଟଣାରେ ମାଟ୍ରିକ୍ ପରୀକ୍ଷାର୍ଥୀ ଗୁରୁତର

ଟାଙ୍ଗୀ-ଖୋର୍ଦ୍ଧା,୨୧।୨(ରଘୁନାଥ ସାହୁ)

ଶୁକ୍ରବାର ମାଟ୍ରିକ୍ ପରୀକ୍ଷା ଦେଇ ବାଇକ୍‌ରେ ଘରକୁ ଫେରୁଥିବାବେଳେ ଦୁର୍ଘଟଣା ଘଟି ଜଣେ ପରୀକ୍ଷାର୍ଥୀ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ଖୋର୍ଦ୍ଧା ଜିଲା ଚିଲିକା ବ୍ଲକ ଅଧୀନ ନଇରୀ ଗ୍ରାମର ସୋମନାଥ ବେହେରା। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରୁ ତାଙ୍କୁ ଭୁବନେଶ୍ୱର ଏମ୍‌ସକୁ ସ୍ଥାନାନ୍ତର କରାଯାଇଛି। ସୋମନାଥ ନଇରୀ ଅପର୍ତ୍ତି ଉଚ୍ଚ ବିଦ୍ୟାଳୟର ଛାତ୍ର ହୋଇଥିବାବେଳେ ନିକଟସ୍ଥ ହରିପୁର ଉଚ୍ଚ ବିଦ୍ୟାଳୟରେ ତାଙ୍କ ପରୀକ୍ଷା କେନ୍ଦ୍ର ପଡ଼ିଥିଲା। ସେ ନିଜେ ବାଇକ୍ ଚଳାଇ ପରୀକ୍ଷା କେନ୍ଦ୍ରକୁ ଯାଇଥିଲେ। ସେଠାରୁ ଫେରୁଥିବାବେଳେ ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱ ଏକ ଗଛରେ ଗାଡ଼ିଟି ପିଟି ହୋଇଥିଲା। ନାବାଳକଙ୍କ ଗାଡ଼ି ଚଳାଇବାକୁ ନେଇ ଅଭିଭାବକମାନେ ସଚେତନ ହେବାକୁ ବୁଦ୍ଧିଜୀବୀମାନେ ମତ ରଖିଛନ୍ତି।

### ଥାନା ନିକଟ ଘରୁ ଚୋରି

ବେଗୁନିଆ,୨୧।୨ (ହର ପ୍ରସନ୍ନ ପଣ୍ଡା/ସନ୍ଧ୍ୟାରାଣୀ ମିଶ୍ର)

ଖୋର୍ଦ୍ଧା ଜିଲା ବେଗୁନିଆ ଥାନା କାର୍ଯ୍ୟାଳୟ ନିକଟ ଏକ ଘରୁ ଲକ୍ଷାଧିକ ଟଙ୍କାର ଅଳଙ୍କାର ଚୋରି ହୋଇଥିବା ଶୁକ୍ରବାର ଥାନାରେ ଅଭିଯୋଗ ହୋଇଛି। ପୋଲିସ ଏବଂ ସାଇଣ୍ଟିଫିକ୍ ଦଳ ତଦନ୍ତ ଜାରି ରଖିଛି। ରିପୋର୍ଟ ଲେଖାହେବା ବେଳକୁ ପୋଲିସକୁ କୌଣସି ସନ୍ଧାନ ମିଳିନାହିଁ ବୋଲି ଥାନା ଅଧିକାରୀ ଜ୍ୟୋତିପ୍ରକାଶ ପଣ୍ଡା କହିଛନ୍ତି। ଗୁରୁବାର ରାତିରେ ସତ୍ୟନାରାୟଣ ମହାପାତ୍ରଙ୍କ ଘରେ କେହି ନ ଥିବା ସୁଯୋଗ ନେଇ ଦୁର୍ବୃତ୍ତମାନେ ଘର ତାଲା ଭାଙ୍ଗି ଆଲମୀରାରୁ ୫ ଭରି ସୁନା ଅଳଙ୍କାର, ଟିଭି ଏବଂ ଅନ୍ୟାନ୍ୟ ସାମଗ୍ରୀ ଚୋରି କରିଛନ୍ତି। ଘଟଣା ବାବଦରେ ଶୁକ୍ରବାର ସକାଳୁ ପରିବାର ଲୋକେ ଘରକୁ ଫେରିବା ପରେ ଜାଣିବାକୁ ପାଇଥିଲେ।

### ମାତୃଭାଷା ଆମ ଚେତନାର ପରିଚୟ

ବୋଲଗଡ଼,୨୧।୨(ଦେବବ୍ରତ ହୋତା)

ସଂପୁରସ୍ଥିତ ଚତୁର୍ଭୁଜ ସରକାରୀ ଉଚ୍ଚ ବିଦ୍ୟାଳୟରେ ଶୁକ୍ରବାର ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ଶିକ୍ଷୟିତ୍ରୀ ଶ୍ରୋତାଲିନ ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ସଭାରେ ପ୍ରଧାନ ଶିକ୍ଷକ ପ୍ରମୋଦ ସ୍ୱାଇଁ ପୌରୋହିତ୍ୟ କରିଥିଲେ। ମୁଖ୍ୟ ଅତିଥି ଭାବେ ଖଙ୍ଗୁରିଆ ସମିତିସଭ୍ୟା ବିନୋଦିନୀ ଦତ୍ତ, ମୁଖ୍ୟବକ୍ତା ଭାବେ ମିନାକ୍ଷୀ ସୁନ୍ଦରା, ସମ୍ମାନିତ ଅତିଥି ରୂପେ ସୁକାନ୍ତ ସାହୁ, ରାଜଶ୍ରୀ ସାଥୁଆ, ସବିତା ଖମାରି, ଅଞ୍ଜଳି ଜେନା, ସୁବାସ ସାହୁ ପ୍ରମୁଖ ଯୋଗଦେଇଥିଲେ। ମାତୃଭାଷା ଆମ ଚେତନାର ପରିଚୟ, ସଂସ୍କୃତିର ଆଇନା ଓ ଆତ୍ମସ୍ୱାଭିମାନର ପ୍ରତୀକ ବୋଲି ଅତିଥିମାନେ କହିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶୁଭଶ୍ରୀ ଧଳ ଧନ୍ୟବାଦ ଦେଇଥିଲେ। ସେହିପରି ବୋଲଗଡ଼ ଅବସରପ୍ରାପ୍ତ କର୍ମଚାରୀଭବନ ସଭାଗୃହରେ ବଳଦୁର୍ଗ ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ଗବେଷଣା ପରିଷଦ ପକ୍ଷରୁ ଅନ୍ତର୍ଜାତୀୟ ମାତୃଭାଷା ଦିବସ ଅନୁଷ୍ଠାନ ସଭାପତି ଗୋପୀନାଥ ଖାଡଙ୍ଗାଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି। ରଘୁନାଥ ଦଳବେହେରା, ଭକ୍ତ ବଲ୍ଲଭ ପଟ୍ଟନାୟକ, ବସନ୍ତ ମଞ୍ଜରୀ ପରମଗୁରୁ, ସତ୍ୟଭାମା ଦେବୀ, ପ୍ରଫୁଲ୍ଲ ପାଇକରାୟ କବିତାପାଠ କରିଥିଲେ। ସମ୍ପାଦକ ରଘୁନାଥ ଦଳ ବେହେରା ଧନ୍ୟବାଦ ଦେଇଥିଲେ।

# ପ୍ରଥମ ଦିନରେ ୧୪.୪୦ ଲକ୍ଷ ଟଙ୍କାର ବେପାର

## ମନମୋହିଲା ସାଂସ୍କୃତିକ କାର୍ଯ୍ୟକ୍ରମ


ଉତ୍ସବରେ କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

### ଜିଲା ମହୋତ୍ସବ, ରାଜ୍ୟସ୍ତରୀୟ ହସ୍ତତନ୍ତ ପଲ୍ଲିଶ୍ରୀ ମେଳା ଓ ପୁସ୍ତକ ମେଳା

ଖୋର୍ଦ୍ଧା,୨୧।୨(ପ୍ରଭାତ ପାଣିଗ୍ରାହୀ)

ଓରମାସ୍ ଖୋର୍ଦ୍ଧା ଜିଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ହାବେଳି ପଡ଼ିଆରେ ଚାଲିଛି ଜିଲା ମହୋତ୍ସବ ଏବଂ ରାଜ୍ୟସ୍ତରୀୟ ହସ୍ତତନ୍ତ ପଲ୍ଲୀଶ୍ରୀ ମେଳା ଓ ପୁସ୍ତକ ମେଳା। ପ୍ରଥମ ଦିନରେ ପଲ୍ଲୀଶ୍ରୀ ମେଳା ଓ ପୁସ୍ତକ ମେଳା ସହିତ ଖାଦ୍ୟ ମେଳାରେ ପ୍ରାୟ ୧୪ ଲକ୍ଷ ୪୦ ହଜାର ଟଙ୍କାର ବେପାର ହୋଇଥିବା ଓରମାସ୍ ଉପନିର୍ଦ୍ଦେଶକ ରାଜ କିଶୋର ଦାସ ସୂଚନା ଦେଇଛନ୍ତି। ଶୁକ୍ରବାର ମେଳାର ଦ୍ୱିତୀୟ ସନ୍ଧ୍ୟାରେ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ପ୍ରଥମେ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରର ଛାତ୍ରୀଛାତ୍ର ଓଡ଼ିଶୀ ଓ ସମ୍ବଲପୁରୀରେ ଡାଲଖାଇ ଲୋକନୃତ୍ୟ ପରିବେଷଣ କରି ଦର୍ଶକଙ୍କୁ ବିମୋହିତ କରିଥିଲେ। ପରେ ବକ୍ସି ଜଗବନ୍ଧୁ ବିଦ୍ୟାଧର ହାଇସ୍କୁଲର ଛାତ୍ରୀଛାତ୍ର ଭାଷାର ସୁରକ୍ଷା, ସମୃଦ୍ଧିର ବାର୍ତ୍ତା ଦେଇ 'ମୁଁ ଖାଣ୍ଟି ଓଡ଼ିଆ' ଦଳଗତ ନୃତ୍ୟ ପରିବେଷଣ କରି ମୁଁ ଓଡ଼ିଆ ବୋଲି ଗର୍ବ କରିବାକୁ ମଞ୍ଚରୁ ଆହ୍ୱାନ ଦେଇଥିଲେ। ପରେ ମାଆର ମମତା, ସ୍ନେହ ଶ୍ରଦ୍ଧା ଭାବ ବାର୍ତ୍ତା ଦେଇ ପରିବେଷଣ କରିଥିଲେ 'ମାଆ'। ଜଟଣୀ ନୃତ୍ୟାୟନ ଅନୁଷ୍ଠାନର କଳାକାରମାନେ ଓଡ଼ିଶୀରେ ମଙ୍ଗଳାଚରଣ, ସମ୍ବଲପୁରୀ ଏବଂ ଆସାମ ବିହୁ ନୃତ୍ୟ ପରିବେଷଣ କରିଥିଲେ। ଜିଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ, ଜିଲା ସଂସ୍କୃତି ପରିଷଦ ଉପସଭାପତି କବିରାଜ ପ୍ରଧାନ ପରିଚାଳନା କରିଥିବା ବେଳେ ଗୀତାଞ୍ଜଳି ସାହୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଖାଦ୍ୟ ମେଳାରେ ଭିଡ଼

ଖାଦ୍ୟ ମେଳାରେ ଓଡ଼ିଶା ସମେତ ବାହାର ରାଜ୍ୟର ଫୁଡ଼୍‌ଷ୍ଟଲ ପଡିଛି। ଆପନା ରାଜସ୍ଥାନୀରେ ରାଜସ୍ଥାନୀ ଥାଲି, ଡାଲବାଟି ଚୁର୍‌ମା, କଚୁଡି, ମୁଗଡାଲ କଚୁଡ଼ି, ମିରିଚି ବଡା, ମାୱା କଚୋରୀ, ମୁଗଡାଲ ହାଲୱା-ପକୁଡି, ଚୁର୍‌ମା ଲଡୁ, ବିକେନେର ଜଲେବି, ଆଲୁ ପନିର ଟିକି ପ୍ରଭୃତି ଭଳିକି ଭଳି ଖାଦ୍ୟ ପାଇଁ ଗ୍ରାହକଙ୍କ ଭିଡ଼ ଜମୁଛି। ସେହିପରି ମଥୁରା କେକ୍, ରୋଜି କିଚେନର ପିଜା, କଚୁଡି ଚାଟ୍, ବିରିବରା ଆଲୁକସା, ଫୁଙ୍କାପୁରୀ, ଛୋଲେ ବଟୁରେ, ଦହିବରା ଆଳୁଦମ, ପନିର ରୋଲ, ପନିର ଚାଓମିନ, ମାଲପୁଆ ଡାଲମା, ପାମ୍ପୁଡି ଚାଟ୍, ଓମସାଇ ଗୁଗୁଲି ମିକ୍ସ ଚାଟ୍, ଜୁସ୍‌ର ବିଶେଷ ଚାହିଦା ରହିଛି।

### ମାଣ୍ଡିଆ ଚହ୍ଲା, ଚାହାର ଚାହିଦା

ପଲ୍ଲୀଶ୍ରୀ ମେଳାରେ ମୁଖ୍ୟ ଆକର୍ଷଣ ପାଲଟିଛି ବେଗୁନିଆ ବ୍ଲକ ଓସ୍ତପୁର ଅନ୍ନପୂର୍ଣ୍ଣା ସ୍ୱୟଂ ସହାୟକ ଗୋଷ୍ଠୀର ମିଲେଟ ମିଶନର ଖାଦ୍ୟ ପସରା। ମେଳା ବୁଲିବାକୁ ଆସୁଥିବା ଲୋକେ ମାଣ୍ଡିଆରୁ ପ୍ରସ୍ତୁତ ଖାଦ୍ୟ ଖାଇବାକୁ ଆଗ୍ରହ ପ୍ରକାଶ କରୁଛନ୍ତି। ମାଣ୍ଡିଆ ଚାହା, ଚହ୍ଲାର ଚାହିଦା ରହିଛି। ନିଆରା ମାଣ୍ଡିଆ ଚାହା ଏବେ ଗ୍ରାହକଙ୍କ ପସନ୍ଦ ପାଲଟିଛି।

# ମାଟ୍ରିକ୍ ପରୀକ୍ଷା: ପ୍ରଥମ ଦିନରେ ୨୩୯ ଅନୁପସ୍ଥିତ


ଛାତ୍ରୀମାନେ ପରୀକ୍ଷା ଆଡ୍‌ମିଟ୍ କାର୍ଡ ଦେଖାଉଛନ୍ତି।

ଖୋର୍ଦ୍ଧା,୨୧।୨(ପ୍ରଭାତ ପାଣିଗ୍ରାହୀ)

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ଚଳିତବର୍ଷର ମାଟ୍ରିକ ପରୀକ୍ଷା ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ଏହା ମାର୍ଚ୍ଚ ୬ରେ ଶେଷ ହେବ। ଶୁକ୍ରବାର ପ୍ରଥମ ଦିନରେ ଭାଷା ସାହିତ୍ୟ ପରୀକ୍ଷା ଥିଲା। ଛାତ୍ରୀଛାତ୍ରମାନେ ସକାଳ ସାଢେ ୭ଟାରୁ ୮ଟା ମଧ୍ୟରେ ପରୀକ୍ଷା କେନ୍ଦ୍ରରେ ପହଞ୍ଚିଥିଲେ। ସକାଳ ୯ଟାରେ ପରୀକ୍ଷା ଆରମ୍ଭ ହୋଇ ସାଢେ ୧୧ଟାରେ ଶେଷ ହୋଇଥିଲା। ପରୀକ୍ଷା କେନ୍ଦ୍ରରେ ପିଲାଙ୍କୁ ସ୍ମାର୍ଟ ୱାଚ ବାରଣ କରାଯାଇଛି। ପ୍ରଥମ ଦିନର ପରୀକ୍ଷା ଭଲ ହୋଇଥିବା କେତେଜଣ ପରୀକ୍ଷାର୍ଥୀ କହିଛନ୍ତି। ପ୍ରଥମ ଦିନରେ ୨୩୯ ପରୀକ୍ଷାର୍ଥୀ ଅନୁପସ୍ଥିତ ରହିଥିବା ଜିଲା ଶିକ୍ଷାଧିକାରୀ ସୋନାମିକା ରାୟ ସୂଚନା ଦେଇଛନ୍ତି।

ଚଳିତ ବର୍ଷ ୧୩୬ ପରୀକ୍ଷା କେନ୍ଦ୍ରରେ ୨୭୦୦୯ ଜଣ ରେଗୁଲାର ଓ ଏକ୍ସ ରେଗୁଲାର ପରୀକ୍ଷାର୍ଥୀ ରହିଛନ୍ତି। ରେଗୁଲାରରେ ୨୬୯୦୭ ଓ ଏକ୍ସ ରେଗୁଲାରରେ ୨୯ ଜଣ ପରୀକ୍ଷାର୍ଥୀ ଅଛନ୍ତି। ଏସ୍‌ଓଏସ୍‌ସିରେ ରେଗୁଲାରରେ ୧୮୦ ଓ ଏକ୍ସ ରେଗୁଲାରରେ ୫୮ ମୋଟ ୨୩୮ଜଣ ପରୀକ୍ଷାର୍ଥୀ ଅଛନ୍ତି। ରେଗୁଲାର ପତ୍ର ବିନିମୟରେ ୭୧ ଓ ଏକ୍ସ ରେଗୁଲାରରେ ୩ଜଣ ପରୀକ୍ଷାର୍ଥୀ ରହିଛନ୍ତି। ପ୍ରଥମ ଦିନରେ ୨୩୯ଜଣ ଅନୁପସ୍ଥିତ ରହିଥିବା ବେଳେ ୨୬, ୭୭୦ ଜଣ ପରୀକ୍ଷା ଦେଇଛନ୍ତି। ଡିଇଓ ରାୟଙ୍କ ସୂଚନା ପ୍ରକାରେ ଜିଲାରେ ୧୨ଟି ନୋଡାଲ କେନ୍ଦ୍ର ଏବଂ ପ୍ରଶ୍ନପତ୍ର ପହଞ୍ଚାଇବା ପାଇଁ ୩୩ଟି ଟିମ୍ ଗଠନ କରାଯାଇଛି। ସମସ୍ତ କେନ୍ଦ୍ର ସିସିଟିଭି ସର୍ଭେଲାନ୍ସ ରହିଥିବା ବେଳେ ୫୦ଟି ସମ୍ବେଦନଶୀଳ ଓ ଅତି ସମ୍ବେଦନଶୀଳ କେନ୍ଦ୍ର ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି। ଶୃଙ୍ଖଳିତ ପରୀକ୍ଷା ପରିଚାଳନା ତଦାରଖ ପାଇଁ ଚତୁଃସ୍ତରୀୟ ସ୍କାଡ୍ ଗଠନ କରାଯାଇଛି। ଜିଲାପାଳ ଚଞ୍ଚଳ ରାଣା ପିଲାମାନଙ୍କୁ ଅଧୈର୍ଯ୍ୟ ନ ହୋଇ ସ୍ଥିର ଚିତ୍ତରେ ପରୀକ୍ଷା ଦେବା ପାଇଁ ପରାମର୍ଶ ଦେଇଥିଲେ। ସମସ୍ତ ପରୀକ୍ଷା କେନ୍ଦ୍ରରେ ପୋଲିସ ମୁତୟନ କରାଯାଇଛି ଏବଂ ପରୀକ୍ଷା କେନ୍ଦ୍ରର ଶହେ ମିଟର ଅଞ୍ଚଳରେ କାହାରିକୁ ରହିବାକୁ ବାରଣ କରାଯାଇଥିବା ଜିଲା ଆରକ୍ଷୀ ଅଧୀକ୍ଷକ ସାଗରିକା ନାଥ କହିଛନ୍ତି। ଅନ୍ୟପଟେ ଏତେ ସଂଖ୍ୟକ ପିଲାଙ୍କ ଅନୁପସ୍ଥିତିକୁ ନେଇ ବୁଦ୍ଧିଜୀବୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ମାଟ୍ରିକ ପରୀକ୍ଷା ପୂର୍ବରୁ ପିଲାଙ୍କୁ ଠିକ୍ ଭାବେ କାଉନସେଲିଂ କରାଯିବା, ସେମାନଙ୍କ ପରୀକ୍ଷା ପ୍ରସ୍ତୁତି ଉପରେ ବିଶେଷ ଗୁରୁତ୍ୱ ଦିଆଯିବା ଜରୁରୀ ଥିଲା ବୋଲି ସେମାନେ ମତ ଦେଇଛନ୍ତି।

# ବାଣପୁରରେ ୧୯୪୩, ଚିଲିକାରେ ୧୪୧୫ ପରୀକ୍ଷା ଦେଲେ

ବାଣପୁର,୨୧।୨(ଦିଲ୍ଲୀପ କୁମାର ସ୍ୱାଇଁ)

ମାଟ୍ରିକ ପରୀକ୍ଷାର ପ୍ରଥମ ଦିନ ବାଣପୁର ଓ ଚିଲିକାରେ ଶାନ୍ତି ଶୃଙ୍ଖଳାର ସହ ପରୀକ୍ଷା ଶେଷ ହୋଇଛି। ବାଣପୁର ମଣ୍ଡଳର ୨୩ଟି ଉଚ୍ଚ ବିଦ୍ୟାଳୟର ସମୁଦାୟ ୧୯୬୦ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେବାକୁ ଥିବାବେଳେ ପ୍ରଥମ ଦିନରେ ୧୯୪୩ ଜଣ ଛାତ୍ରୀଛାତ୍ର ୮ଟି କେନ୍ଦ୍ରରେ ପରୀକ୍ଷା ଦେଇଛନ୍ତି। ଚିଲିକା ମଣ୍ଡଳର ୯ଟି କେନ୍ଦ୍ରରେ ୧୪୨୪ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବାକୁ ଆବେଦନ କରିଥିବାବେଳେ ୧୪୧୫ ଜଣ ପରୀକ୍ଷା ଦେଇଛନ୍ତି। ବାଣପୁର ଗୋଦାବରୀଶ ବିଦ୍ୟାପୀଠ ହବ ମାଧ୍ୟମରେ ଗୋଦାବରୀଶ ବିଦ୍ୟାପୀଠରେ ୨୯୪ ଜଣ ବିଦ୍ୟାର୍ଥୀ ପରୀକ୍ଷା ଦେଇଥିଲେ। ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟରେ ୨୭୦ ଜଣ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ୨୦୬ ଜଣ, ଭୀମପୁରସ୍ଥିତ ବାନାମ୍ବର ଏକାଡେମୀରେ ୨୬୨ ଜଣ, ଭେଟେଶ୍ୱରସ୍ଥିତ ଭେଟିନାଥ ଦେବ ଉଚ୍ଚ ବିଦ୍ୟାଳୟରେ ୩୨୫ ଜଣ, ଗମ୍ଭାରୀମୁଣ୍ଡାସ୍ଥିତ ପତିତପାବନ ବାଣୀମନ୍ଦିରରେ ୨୫୧ ଜଣ, ନାରୁଣୀସ୍ଥିତ ଗୋଦାବରୀଶ ଉଚ୍ଚ ବିଦ୍ୟାଳୟରେ ୧୮୮ ଜଣ ଓ ଖଣତ ସରକାରୀ ଉଚ୍ଚ ବିଦ୍ୟାଳୟରେ ୧୪୭ ଜଣ ବିଦ୍ୟାର୍ଥୀ ମ୍ୟାଟ୍ରିକ ପରୀକ୍ଷା ଦେଇଛନ୍ତି।

### ଶିବିରରେ ୪୨ ୟୁନିଟ୍ ରକ୍ତ ସଂଗ୍ରହ

ବାଣପୁର,୨୧।୨(ଦିଲ୍ଲୀପ କୁମାର ସ୍ୱାଇଁ)

ଗୋଦାବରୀଶ ମହାବିଦ୍ୟାଳୟର ୟୁଥ ରେଡକ୍ରସ ଓ ରେଡରିବନ କ୍ଲବ ଆନୁକୂଲ୍ୟରେ ଏକ ରକ୍ତଦାନ ଶିବିର ଶୁକ୍ରବାର ଆୟୋଜିତ ହୋଇଯାଇଛି। ଖୋର୍ଦ୍ଧା ଜିଲାର ରକ୍ତ ଭଣ୍ଡାର ପକ୍ଷରୁ ଶିବିରରେ ୪୨ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଶିବିରରେ ମହାବିଦ୍ୟାଳୟ ଅଧ୍ୟକ୍ଷ ବିନାୟକ ହୋତା, ପ୍ରଶାସନିକ ଅଧିକାରୀ ଡ. ଏସ୍‌ପିଏନ୍‌ଏସ୍ ବର୍ମା, ପ୍ରାଧ୍ୟାପକ ଲକ୍ଷ୍ମୀପ୍ରସାଦ ମିଶ୍ର, ରେଡକ୍ରସ୍ ଉପଦେଷ୍ଟା ସତ୍ୟାନନ୍ଦ ମହାରଣା, ଅନୀତା ସାହୁ, ଆଦିତ୍ୟ ସାରଥୀ ବେଦମତ୍ତା, ଡ. ଗୁରୁ କିଶୋର ନାୟକ, ଲକ୍ଷ୍ମୀପ୍ରିୟା ପଲେଇ ପ୍ରମୁଖ ଉପସ୍ଥିତ ଥିଲେ। ଅଧ୍ୟାପକ ସୁଜିତ୍ କୁମାର ପାଣ୍ଡେ, ହିଟଲର ବେହେରା, ନରେଶ କୁମାର ମାଝୀ, ସପିନ କୁମାର ପୃଷ୍ଟି, ସତ୍ୟାନନ୍ଦ ମହାରଣା ଓ ଅଧ୍ୟାପିକା ଡ. ଅନୀତା ଦଲେଇ ରକ୍ତଦାନ କରିଥିଲେ।

### ସପ୍ତଦିବସୀୟ ଶତଚଣ୍ଡୀ, ରୁଦ୍ର ମହାଯଜ୍ଞ

ନିରାକାରପୁର,୨୧।୨(ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ଜିଲା ଡିଆ ପଞ୍ଚାୟତର ଶ୍ରୀକପିଳେଶ୍ୱର ଦେବ ପୀଠରେ ସପ୍ତଦିବସୀୟ ଶତଚଣ୍ଡୀ ଓ ରୁଦ୍ର ମହଯଜ୍ଞ କପିଳେଶ୍ୱରଙ୍କର ଯଜ୍ଞ କମିଟି ଓ ଗ୍ରାମବାସୀଙ୍କ ଉଦ୍ୟମରେ ଆରମ୍ଭ ହୋଇଛି। ଏହା ୨୦ରୁ ଆରମ୍ଭ ହୋଇ ଆସନ୍ତା ୨୬ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ଉପଲକ୍ଷେ ଶତାଧିକ ମହିଳା, ପୁରୁଷ ଡିଆ ଗ୍ରାମରେ ଥିବା ବଡ଼ ପୋଖରୀରୁ କଳସରେ ଜଳ ଆଣି ଯଜ୍ଞ ମଣ୍ଡପ ନିକଟରେ ସ୍ଥାପନ କରିଥିଲେ। ପରେ ରୀତିନୀତି ଅନୁସାରେ ଯଜ୍ଞକର୍ମ ସହ ଧେନୁପୂଜା, ସୂର୍ଯ୍ୟପୂଜା ଆଦି ପାରମ୍ପରିକ ପୂଜାବିଧି ହୋଇଥିଲା। ପ୍ରତ୍ୟେକ ଦିନ ଚଣ୍ଡୀପୂଜା ପାଠ ଅନୁଷ୍ଠିତ ହେଉଛି। ଯଜ୍ଞ ଦେଖିବାକୁ ଶ୍ରଦ୍ଧାଳୁଙ୍କ ସମାଗମ ହେଉଛି।

# ବିକଶିତ ସମାଜ ଗଠନରେ ଖବରଦାତାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ



ପ୍ରଶିକ୍ଷଣ ଶିବିରରେ ଉପସ୍ଥିତ ଅତିଥିବୃନ୍ଦ।

ବୋଲଗଡ଼,୨୧।୨(ଦେବବ୍ରତ ହୋତା)

ବୋଲଗଡ଼ କାର୍ଯ୍ୟରତ ସାମ୍ବାଦିକ ପରିବାର ଆନୁକୂଲ୍ୟରେ ଏକ ଦିବସୀୟ ସାମ୍ବାଦିକ ପ୍ରଶିକ୍ଷଣ ଶିବିର ସ୍ଥାନୀୟ ମିନି ଷ୍ଟାଡିୟମ ସମ୍ମିଳନୀ କକ୍ଷରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଭଏସ୍ ଅଫ୍ ମିଡିଆ ବୋଲଗଡ଼ ଶାଖା ସଭାପତି ନିରଞ୍ଜନ ନାୟକ ଏଥିରେ ଅଧ୍ୟକ୍ଷତା କରିଥିଲେ। କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ଖୋର୍ଦ୍ଧା ଅଦାଲତ ଅବସରପ୍ରାପ୍ତ ସ୍ୱତନ୍ତ୍ର ବିଚାରପତି ସୁରେନ୍ଦ୍ର ପାଢ଼ୀ, ମୁଖ୍ୟବକ୍ତା ଭାବେ ବୋଲଗଡ଼ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶରତ ମଲ୍ଲିକ ଓ ସମ୍ମାନିତ ଅତିଥି ଭାବେ ତହସିଲଦାର ବିଜୟ ସେଠୀ, ଥାନା ଅଧିକାରିଣୀ ସ୍ନିଗ୍ଧାମୟୀ ବରାଳ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରିଣୀ ଜ୍ୟୋସ୍ନାମୟୀ ଆଚାର୍ଯ୍ୟ, ଭଏସ୍ ଅଫ୍ ମିଡିଆ ସଂଘର ରାଜ୍ୟ ସଭାପତି ପ୍ରଭାତ ମିଶ୍ର, ଧନେଶ୍ୱର ବିଧାର, ଟି.ବାଲାଜୀ ପାତ୍ର, ସୁକାନ୍ତ ପରିଡ଼ା ପ୍ରମୁଖ ଯୋଗଦେଇଥିଲେ। ଖବରଦାତାମାନେ ସମାଜର କଲ୍ୟାଣ ପାଇଁ ସଚ୍ଚୋଟତା ଓ ନିର୍ଭୀକତାର ସହ ନିର୍ଭୁଲ ଖବର ପ୍ରକାଶ କଲେ ବିକଶିତ ସମାଜ ଗଠନ ହୋଇପାରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ବରିଷ୍ଠ ଖବରଦାତା ପ୍ରଫୁଲ୍ଲ କୁମାର ସିଂ ଅତିଥି ପରିଚୟ ଦେଇଥିଲେ। ଶିବିରରେ ଖୋର୍ଦ୍ଧା, ନୟାଗଡ଼, ରଣପୁର, ବେଗୁନିଆ, ଖଣ୍ଡପଡ଼ା, ରାଜସୁନାଖଳା, ଭାପୁର, ଚିଲିକା ଓ ବାଙ୍କୀ ଅଞ୍ଚଳର ଅନେକ ଖବରଦାତା ଅଂଶଗ୍ରହଣ କରି ନିଜ ଅଭିଜ୍ଞତା ସହ ଖବର ସଂଗ୍ରହ ବେଳର ଉପୁଜିଥିବା ବାଧାବିଘ୍ନ ସମ୍ପର୍କରେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଖବରଦାତାଙ୍କ ସାମାଜିକ ସୁରକ୍ଷା, ନିରାପତ୍ତା ଓ ସ୍ୱାସ୍ଥ୍ୟବୀମା ନେଇ ଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ଅନେକ ବରିଷ୍ଠ ଖବରଦାତା ଓ ସାମାଜିକ କର୍ମୀଙ୍କ ସମେତ ସରପଞ୍ଚ ପ୍ରଦୀପ କୁମାର ବାରିକଙ୍କୁ ଉତ୍ତରୀୟ ଓ ମାନପତ୍ର ପ୍ରଦାନ କରାଯାଇଥିଲା। ବୋଲଗଡ ବ୍ଲକ ଭଏସ୍ ଅଫ୍ ମିଡିଆ ସଂଘ ସମ୍ପାଦକ ସତ୍ୟନାରାୟଣ ବାରିକ ଧନ୍ୟବାଦ ଦେଇଥିଲେ।

# ଫାଇନାଲରେ ରାଇଜିଂଷ୍ଟାର କୁମାରବସ୍ତ

## କାଇପଦର ୩ୟ ଚିତ୍ରାନନ୍ଦ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ

ଖୋର୍ଦ୍ଧା,୨୧।୨(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ବ୍ଲକର କାଇପଦରଠାରେ ଚାଲିଥିବା ୩ୟ ଚିତ୍ରାନନ୍ଦ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଶୁକ୍ରବାର ମ୍ୟାଚରେ ରାଇଜିଂ ଷ୍ଟାର କୁମାରବସ୍ତ ଫାଇନାଲରେ ପ୍ରବେଶ କରିଛି। ରାଇଜିଂ ଷ୍ଟାର କୁମାରବସ୍ତ ଓ ଇଗଲ ସ୍ପୋର୍ଟିଂ ମେଣ୍ଢାଶାଳ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଇଗଲ ସ୍ପୋର୍ଟିଂ ମେଣ୍ଢାଶାଳ ଦଳ ବ୍ୟାଟିଂ କରି ୨୦ ଓଭର ଖେଳି ସମସ୍ତ ଉଇକେଟ ବିନିମୟରେ ୧୪୦ ରନ୍ କରିଥିଲା। ଦଳ ପକ୍ଷରୁ ଲକ୍ଷ୍ମୀଧର ସାହୁ ୪୬ ରନ କରିଥିଲେ। ଜବାବରେ ରାଇଜିଂ ଷ୍ଟାର କୁମାରବସ୍ତ ୧୨.୫ ଓଭର ଖେଳି ୭ ଉଇକେଟ ହରାଇ ୧୪୨ ରନ୍ କରିଥିଲା। ଫଳରେ ରାଇଜିଂ ଷ୍ଟାର କୁମାରବସ୍ତ ୩ ଉଇକେଟରେ ଇଗଲ ସ୍ପୋର୍ଟିଂ ମେଣ୍ଢାଶାଳକୁ ହରାଇ ଫାଇନାଲରେ ପ୍ରବେଶ କରିଛି। ରାଇଜିଂ ଷ୍ଟାର କୁମାରବସ୍ତ ଦଳର ଅଭିଷେକ ପଟ୍ଟନାୟକ ୧୩ ବଲରୁ ୪୭ ରନ କରି ମ୍ୟାନ୍ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ସୁରେନ୍ଦ୍ର ଚମ୍ପତିରାୟ ଓ ଝଜ କିଶୋର ସାମନ୍ତରାୟ ଖେଳ ପରିଚାଳନା ଦାୟିତ୍ୱରେ ଥିଲେ। ସ୍କୋରର ସୌମ୍ୟରଞ୍ଜନ ପାଇକରାୟ ଓ ସନ୍ଦିପ ଛୋଟରାୟ, ଭାଷ୍ୟକାର ଭାବେ ପ୍ରଦୀପ ସିଂ, ହୃଦାନନ୍ଦ ପ୍ରଧାନ ରହିଥିଲେ। ଅତିଥି ଭାବେ ପ୍ରଦୀପ ଛୋଟରାୟ, ନିରଞ୍ଜନ ସାମନ୍ତରାୟ, ମିନତି ହରିଚନ୍ଦନ, ଶୁଭ୍ରାଂଶୁ ଚମ୍ପତିରାୟ, ପ୍ରମୋଦ ସିଂ, ପାର୍ଥସାରଥୀ ରାଉତରାୟ ଯୋଗଦେଇଥିଲେ। ଆସନ୍ତା ୨୩ରେ ରାଇଜିଂ ଷ୍ଟାର କୁମାରବସ୍ତ ଓ ହାଜିପୁର ଜଗତସିଂହପୁର ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ।

# ଓଡ଼ିଶା ପୋଲିସକୁ ୫ ସ୍ୱର୍ଣ୍ଣ, ୧ ରୌପ୍ୟ, ୪ କାଂସ୍ୟ

## ୨୪ତମ ସର୍ବଭାରତୀୟ ପୋଲିସ ଜଳକ୍ରୀଡ଼ା ଚାମ୍ପିୟନଶିପ୍

କଟକ,୨୧।୨(କାର୍ତ୍ତିକ ସାହୁ)



୨୪ତମ ସର୍ବଭାରତୀୟ ପୋଲିସ ଜଳକ୍ରୀଡ଼ା ଚାମ୍ପିୟନଶିପ୍‌ରେ ପଦକ ଜିତିଥିବା ଖେଳାଳି।

ମଧ୍ୟପ୍ରଦେଶର ଭୋପାଳଠାରେ ଅନୁଷ୍ଠିତ ୨୪ତମ ସର୍ବଭାରତୀୟ ପୋଲିସ ଜଳକ୍ରୀଡ଼ା ଚାମ୍ପିୟନଶିପ୍ ୨୦୨୪-୨୫ରେ ଓଡ଼ିଶା ପୋଲିସକୁ ସଫଳତା ମିଳିଛି। ଫେବୃଆରୀ ୧୭ରୁ ୨୧ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ଏହି ଚାମ୍ପିୟନଶିପ୍‌ରେ ଓଡ଼ିଶା ପୋଲିସର ୱାଟରସ୍ପୋର୍ଟସ ଦଳ ବିଭିନ୍ନ ପ୍ରତିଯୋଗିତାରେ ୫ ସ୍ୱର୍ଣ୍ଣ, ୧ ରୌପ୍ୟ, ୪ କାଂସ୍ୟ ପଦକ ଜିତି ଉଲ୍ଲେଖନୀୟ ସଫଳତା ହାସଲ କରିଛି।

ରୋଇଂ ମହିଳା ବିଭାଗ ୨୦୦୦ ମିଟର ଦଳଗତ ପ୍ରତିଯୋଗିତାରେ ରିତୁ କଉଡ଼ି, ରିଚେଲ ଲାକ୍ରା, ସୋନାଲିକା ଦାସ, ରେଶମ ଲାକ୍ରା ସ୍ୱର୍ଣ୍ଣ ପଦକ ଓ ରୋଇଂ ମହିଳା ବିଭାଗ ୫୦୦ ମିଟରରେ ମଧ୍ୟ ଦଳଗତ କାଂସ୍ୟ ପଦକ ବିଜେତା ହୋଇଛନ୍ତି। ରୋଇଂ କୋକ୍ସଲେସ ଯୋଡ଼ି ୫୦୦ ମିଟର ପ୍ରତିଯୋଗିତାରେ ଦୀପିକା ଖେସ୍ ଓ ଝରଣା ହସ୍ତୀ ସ୍ୱର୍ଣ୍ଣପଦକ ଲାଭ କରିଥିଲାବେଳେ ଉଭୟେ ରୋଇଂ କୋକ୍ସଲେସ ଯୋଡ଼ି ୨୦୦୦ ମିଟରରେ କାଂସ୍ୟ ପଦକ ହାସଲ କରିଛନ୍ତି। ସେହିପରି (କାନୋଇଂ ସି-୨) ୧୦୦୦ ମିଟର ପ୍ରତିଯୋଗିତାରେ ସଚିମା କେରକେଟା ଓ ରଶ୍ମିତା ସାହୁ ସ୍ୱର୍ଣ୍ଣ ପଦକ ଲାଭ କରିଥିଲାବେଳେ ଉଭୟେ (କାନୋଇଂ ସି-୨) ୨୦୦ ମିଟରରେ ରୌପ୍ୟ ପଦକ ବିଜୟୀ ହୋଇଛନ୍ତି। କାନୋଇଂ (ସି-୧) ୨୦୦ ମିଟର ଏବଂ ୧୦୦୦ ମିଟର ପ୍ରତିଯୋଗିତାରେ ରଶ୍ମିତା ସାହୁ ୨ଟି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି।

ରାଜ୍ୟ ପୋଲିସ କ୍ରୀଡ଼ାବିତ୍‌ଙ୍କ ଏଭଳି ସଫଳତାରେ ଡିଜିପି ଯୋଗେଶ ବାହାଦୁର ଖୁରାନିଆ ପଦକ ବିଜେତାମାନଙ୍କୁ ପ୍ରଶଂସା କରିବା ସହ ଶୁଭେଚ୍ଛା ଜଣାଇଛନ୍ତି। ଏହି ବିଜୟ ଓଡ଼ିଶାର ଯୁବ ପ୍ରତିଭାମାନଙ୍କୁ ଜଳକ୍ରୀଡ଼ା ପ୍ରତି ଆକୃଷ୍ଟ କରିବା ସହ ଭବିଷ୍ୟତରେ ନୂଆ ମାଇଲଖୁଣ୍ଟ ହାସଲ କରିବା ପାଇଁ ପ୍ରେରଣା ଯୋଗାଇବ ବୋଲି ଡିଜିପି ଆଶାବ୍ୟକ୍ତ କରିଛନ୍ତି।

# ସେମିରେ କ୍ଲବ୍ ମର୍ନିଂଷ୍ଟାର, ସେଞ୍ଚୁରିଆନ କ୍ଲବ୍

ଖୋର୍ଦ୍ଧା,୨୧।୨(ପ୍ରଭାତ ପାଣିଗ୍ରାହୀ)


ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳିମାନେ।

ପଞ୍ଚମ ରାତ୍ରକାଳୀନ କଳିଙ୍ଗ ପାଇକ କପ୍ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ସନ୍ଧ୍ୟାର ମ୍ୟାଚ ଶୁକ୍ରବାର ଖୋର୍ଦ୍ଧା ଷ୍ଟାଡିୟମରେ ଅନୁଷ୍ଠିତ ହୋଇଯାଇଛି। ଆୟୋଜକ ଟିମ କ୍ଲବ ମର୍ନିଂ ଷ୍ଟାର ଏବଂ ସେଞ୍ଚୁରିଆନ କ୍ଲବ ମ୍ୟାଚ ଜିତି ସେମି ଫାଇନାଲରେ ପ୍ରବେଶ କରିଛନ୍ତି। ପ୍ରଥମ ମ୍ୟାଚ ସେଞ୍ଚୁରିଆନ, ଜଟଣୀ ବନାମ ଶ୍ରୀ କନକଲକ୍ଷ୍ମୀ କଲଚରାଲ କ୍ଲବ ବିଶାଖାପାଟଣା ମଧ୍ୟରେ ଖେଳାଯାଇଥିଲା। ନିର୍ଦ୍ଧାରିତ ସମୟରେ କେହି କାହାରିକୁ ଗୋଲ ଦେଇ ପାରିନଥିଲେ। ଟାଇ ବ୍ରେକର ଜରିଆରେ ସେଞ୍ଚୁରିଆନ କ୍ଲବ ୮- ୭ ଗୋଲ କରି ବିଜୟ ଲାଭ କରି ସେମି ଫାଇନାଲକୁ ଉତ୍ତୀର୍ଣ୍ଣ ହୋଇଛି। ପରବର୍ତ୍ତୀ ମ୍ୟାଚ୍ ଆୟୋଜକ କ୍ଲବ ମର୍ନିଂଷ୍ଟାର ବନାମ ଏ ଜୀ ଓଡ଼ିଶା ମଧ୍ୟରେ ହୋଇଥିଲା। କ୍ଲବ ମର୍ନିଂ ଷ୍ଟାର ଟାଇବ୍ରେକରରେ ୪-୧ ଗୋଲ କରି ସେମି ଫାଇନାଲରେ ପ୍ରବେଶ କରିଛି। ଦୁଇ ମ୍ୟାଚକୁ ରେଫରି ରୂପେ ସାଇକ୍ରିଷ୍ଣା କିସ୍କୋ, ବିଦେଶୀ ନାୟକ, ଗିରିଶ ଚନ୍ଦ୍ରଜାନି, ପ୍ରତାପ ବେହେରା ପ୍ରମୁଖ ପରିଚାଳନା କରିଥିଲେ। କ୍ଲବର ସଦସ୍ୟ ଚନ୍ଦ୍ରକାନ୍ତ ପଣ୍ଡା, ଦେବବ୍ରତ ମହାନ୍ତି, ଦେବ ଦାସ, ଟିଙ୍କୁନ ସିଂ, ବଦ୍ରୀନାରାୟଣ ରାମ, ସାରଳା ପଟ୍ଟନାୟକ, ଦେବାଶିଷ ନାୟକ ପ୍ରମୁଖ ଖେଳକୁ ପରିଚାଳନା କରିଥିଲେ।

### ପଞ୍ଚମ କଳିଙ୍ଗ ପାଇକ ଫୁଟବଲ କପ୍

କ୍ଲବ ଉପଦେଷ୍ଟା ସଞ୍ଜୟ ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ପ୍ରଶାନ୍ତ ଜଗଦ୍ଦେବ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ରୂପେ ଚିତ୍ତ ରଞ୍ଜନ ବେହୁରା, ଚାର୍ବାକ ସୁବୁଦ୍ଧି, ରାମକୃଷ୍ଣ ପଟ୍ଟନାୟକ, କାର୍ତ୍ତିକ ସ୍ୱର ଦୋରା ପ୍ରମୁଖ ଉପସ୍ଥିତ ଥିଲେ। କ୍ଲବ ସଭାପତି ଶୁଭେନ୍ଦୁ କୁମାର ସ୍ୱାଇଁ ଧନ୍ୟବାଦ ଦେଇଥିଲେ।



## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ

୨୧।୨।୨୦୨୫

| | |
|---|---|
| ୫,୧୪,୬୦୨ ଟଙ୍କା | |
| ସୁନା | ୭ ଗ୍ରାମ୍ |
| ରୁପା | ୨୭.୬୦୦ ଗ୍ରାମ୍ |

## ସଂକ୍ଷେପରେ

### ଶ୍ରମିକଙ୍କୁ ଆକ୍ରମଣ ଘଟଣା ୨୦ ଦିନ ବିତିଲା ଅଭିଯୁକ୍ତଙ୍କୁ ଧରୁନି ପୋଲିସ

ଯୋଗେଶ୍ୱରପୁର,୨୧।୨ (ରଶ୍ମି ରଞ୍ଜନ ସାହୁ)

ଜଣେ ଶ୍ରମିକଙ୍କୁ ମାଡ଼ ମାରିବା ଘଟଣା ୨୦ଦିନ ବିତିଯାଇଥିଲେ ମଧ ଅଦ୍ୟାବଧି ଅଭିଯୁକ୍ତମାନଙ୍କୁ ପୋଲିସ ଗିରଫ କରିବାରେ ସକ୍ଷମ ହେଉନାହିଁ। ଫଳରେ ଜନଅସନ୍ତୋଷ ବଢ଼ିବାରେ ଲାଗିଛି। ପ୍ରକାଶ ଯେ, ନୟାହାଟ ଫାଣ୍ଡି ଅନ୍ତର୍ଗତ ଇସାଣପୁର ପଞ୍ଚାୟତର ଏକ ସାହି ରାସ୍ତା କାମ କରିବାକୁ କେତେଜଣ ଶ୍ରମିକ ଆସିଥିଲେ। ସେହି ସମୟରେ ୫ଜଣ ଯୁବକ ଶ୍ରମିକ ରାଜୀବ କୁମାର ଦାସଙ୍କୁ ଆକ୍ରମଣ କରି ଜିନିଷପତ୍ର ଛଡ଼ାଇ ନେଇଥିଲେ। ଏ ନେଇ ଗୋପ ଥାନା କେସ୍ ନଂ. ୪୦/୨୫ରେ ଏକ ମାମଲା ରୁଜୁ ହୋଇଥିଲା। ୫ ଜଣ ଯୁବକ ବଜାର ଘାଟରେ ବୁଲୁଥିଲେ ମଧ ପୋଲିସ ସେମାନଙ୍କୁ ଗିରଫ କରୁନାହିଁ। ଏ ଦିଗରେ ପୁରୀ ଏସ୍‌ପି ଦୃଷ୍ଟିଦେବାକୁ ସେ ଦାବିକରିଛନ୍ତି।

### କୋଣାର୍କ ଥାନାକୁ ଆସିଲା ପିସିଆର୍ ଭ୍ୟାନ୍

କୋଣାର୍କ,୨୧।୨ (ଜ୍ୟୋତିରାଜ ମହାନ୍ତି)

କୋଣାର୍କ ଥାନାକୁ ରାଜ୍ୟ ସରକାରଙ୍କ ଗୃହ ବିଭାଗ ପକ୍ଷରୁ ନୂତନ ପିସିଆର୍ ଭ୍ୟାନ୍ ଯୋଗାଇ ଦିଆଯାଇଛି। କୋଣାର୍କ ଥାନା ଅଧୀନସ୍ଥ ବିଭିନ୍ନ ପଞ୍ଚାୟତ ଓ ପର୍ଯ୍ୟଟନସ୍ଥଳୀରେ ଆଇନ ଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ ଓ ଜନତାଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନ ସହ ଆପରାଧିକ କାର୍ଯ୍ୟକଳାପ ଉପରେ ରୋକ୍ ଲଗାଇବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଏଭଳି ପଦକ୍ଷେପ ନିଆଯାଇଛି। ଏହି ଭ୍ୟାନ୍‌କୁ ୨୪ ଘଣ୍ଟିଆ ପାଟ୍ରୋଲିଂ କାର୍ଯ୍ୟରେ ନିୟୋଜିତ କରାଯିବା ସହ ୩ ଜଣ ଚାଳକଙ୍କୁ ନିଯୁକ୍ତି ଦିଆଯାଇଛି। ସେମାନେ ପର୍ଯ୍ୟାୟକ୍ରମେ ଦାୟିତ୍ୱ ସମ୍ପାଦନ କରିବା ସହ ପାଟ୍ରୋଲିଂ କାର୍ଯ୍ୟ ତ୍ୱରାନ୍ୱିତ କରିବେ ବୋଲି କୋଣାର୍କ ଥାନାଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ପ୍ରକାଶ କରିଛନ୍ତି।

# ୧୧୧ କେନ୍ଦ୍ରରେ ପରୀକ୍ଷା ଦେଲେ ୨୦,୩୫୭

## ଆରମ୍ଭ ହେଲା ମାଟ୍ରିକ ପରୀକ୍ଷା

ପୁରୀ,୨୧।୨ (ଅଜିତ୍ କୁମାର ମହାନ୍ତି)

ରାଜ୍ୟରେ ଚଳିତ ବର୍ଷର ମାଟ୍ରିକ୍ ପରୀକ୍ଷା ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ଜିଲାରେ ଗଣଶିକ୍ଷା ବିଭାଗର ଗାଇଡ୍‌ଲାଇନକୁ ମାନି ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯାଇ ପରୀକ୍ଷା ଆରମ୍ଭ କରାଯାଇଛି। ମାଟ୍ରିକ୍ ପରୀକ୍ଷାର ପ୍ରଥମ ଦିନରେ ମାତୃଭାଷା ବା ସାହିତ୍ୟର ପରୀକ୍ଷା ଥିଲା। ପୁରୀ ଜିଲାରେ ମୋଟ ୧୧୧ଟି ପରୀକ୍ଷା କେନ୍ଦ୍ରରେ ମୋଟ ୨୦,୩୫୭ ଜଣ ଛାତ୍ରୀଛାତ୍ର ମାଟ୍ରିକ୍ ପରୀକ୍ଷା ଦେଇଛନ୍ତି। ପରୀକ୍ଷା ସୁପରିଚାଳନା ପାଇଁ ଜିଲାରେ ୧୨ଟି ନୋଡାଲ ସେଣ୍ଟର କରାଯାଇଛି। ସକାଳ ୧୦ଟାରେ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ଦଶମ ଶ୍ରେଣୀ ସହ ମଧ୍ୟମା ଏବଂ ଏଓଏସ୍‌ସି ପରୀକ୍ଷାର୍ଥୀ ପରୀକ୍ଷା ଦେଉଛନ୍ତି। ସେଥିମଧ୍ୟରୁ ଦଶମ ଶ୍ରେଣୀର ରେଗୁଲାର ଓ ଏକ୍ସ-ରେଗୁଲାରରେ ୨୦,୨୩୦ ଜଣ ପରୀକ୍ଷାର୍ଥୀ ପରୀକ୍ଷା ନିମନ୍ତେ ଫର୍ମ ଫିଲପ କରିଥିବା ବେଳେ ସେଥିମଧ୍ୟରୁ ୨୦ ହଜାର ୨ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଛନ୍ତି। ୨୨୮ ଜଣ ଅନୁପସ୍ଥିତ ଥିଲେ, ମଧ୍ୟମାରେ ୮୯ ଜଣଙ୍କ ମଧ୍ୟରୁ ୮୮ ଜଣ ପରୀକ୍ଷା ଦେଇଥିବା ବେଳେ ଜଣେ ଅନୁପସ୍ଥିତ ଥିଲେ।

ସେହିପରି ଏସ୍‌ଓଏସ୍‌ସି ୩୨୩ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୨୬୭ ଜଣ ପରୀକ୍ଷା ଦେଇଥିବା ବେଳେ ୫୬ ଜଣ ଅନୁପସ୍ଥିତ ଥିଲେ। ସମୁଦାୟ ୨୦ହଜାର ୬୪୨ ଜଣଙ୍କ ମଧ୍ୟରୁ ୨୦ହଜାର ୩୫୭ ଜଣ ପରୀକ୍ଷା ଦେଇଥିବା ବେଳେ ୨୮୫ ଜଣ ପରୀକ୍ଷାର୍ଥୀ ପରୀକ୍ଷା କେନ୍ଦ୍ରରେ ଅନୁପସ୍ଥିତ ରହିଥିବା ଜଣାପଡ଼ିଛି। ଜିଲାରେ ସମୁଦାୟ ୩୫୯ଟି ସ୍କୁଲର ପିଲା ପରୀକ୍ଷା ଦେଉଛନ୍ତି। ୧୧୧ ଗୋଟି ପରୀକ୍ଷା କେନ୍ଦ୍ର ମଧ୍ୟରୁ ୧୦୮ ଗୋଟି ପରୀକ୍ଷା କେନ୍ଦ୍ରରେ ଦଶମ ଏବଂ ମଧ୍ୟମା ପିଲା ପରୀକ୍ଷା ଦେଉଥିବା ବେଳେ ୩ ଗୋଟି ସେଣ୍ଟରେ ଓଓଏସ୍‌ସି ପରୀକ୍ଷାର୍ଥୀ ପରୀକ୍ଷା ଦେଇଛନ୍ତି।

ଅପରପକ୍ଷରେ ପରୀକ୍ଷା କେନ୍ଦ୍ର ପରିସରକୁ ମୋବାଇଲ ନେବାକୁ ଶିକ୍ଷୟିତ୍ରୀଶିକ୍ଷକମାନଙ୍କୁ ବାରଣ କରାଯାଇଛି। ପରୀକ୍ଷାରେ ପରୀକ୍ଷାର୍ଥୀଙ୍କ ପାଇଁ ସକାଳ ୭.୩୦ରେ ପରୀକ୍ଷା କେନ୍ଦ୍ର ଖୋଲିଥିଲା ଓ ପରୀକ୍ଷାର୍ଥୀଙ୍କୁ ଓଏମ୍‌ଆର୍ ଫର୍ମ ଓ ପ୍ରଶ୍ନପତ୍ର ୮ ଟା ୪୦ରେ ଦିଆଯାଇ ୯ଟାରେ ପରୀକ୍ଷା ଆରମ୍ଭ ହୋଇଥିଲା। ପ୍ରଥମ ଭାଗ ଅବ୍‌ଜେକ୍ଟିଭ ପରୀକ୍ଷା ସକାଳ ୯ ଟାରୁ ୧୦ଟା ଓ ଦ୍ୱିତୀୟ ଭାଗ ସବ୍‌ଜେକ୍ଟିଭ ପରୀକ୍ଷା ସକାଳ ୧୦ଟାରୁ ଆରମ୍ଭ ହୋଇ ୧୧ଟା ୩୦ରେ ସରିଥିଲା। କପିମୁକ୍ତ ପରୀକ୍ଷା କରିବା ପାଇଁ କେନ୍ଦ୍ରଗୁଡ଼ିକରେ ସିସିଟିଭି କ୍ୟାମେରା ଲଗାଯିବା ସହ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ପ୍ରଥମ ଦିନରେ କେହି କପି କରି ଧରାପଡ଼ି ନ ଥିବା ଜଣାପଡ଼ିଛି। ଗରମକୁ ଦୃଷ୍ଟିରେ ରଖି କେନ୍ଦ୍ରରେ ପର୍ଯ୍ୟାପ୍ତ ପରିମାଣର ପାଣିର ବ୍ୟବସ୍ଥା କରାଯାଇଥିଲା। ତେବେ ପରୀକ୍ଷା ଦେଇ ବେଶ୍ ଖୁସିଥିବା ଛାତ୍ରୀଛାତ୍ରମାନେ ପ୍ରକାଶ କରିଛନ୍ତି।



ପରୀକ୍ଷା କେନ୍ଦ୍ରକୁ ପ୍ରବେଶ କରୁଥିବା ପରୀକ୍ଷାର୍ଥୀଙ୍କୁ ଯାଞ୍ଚ କରାଯାଉଛି ।

# ଉତ୍ସାହ ଭରିଲା ପ୍ରଥମ ଦିନର ପରୀକ୍ଷା

ପୁରୀ, ୨୧।୨ (ଅଜିତ୍ କୁମାର ମହାନ୍ତି)

**ଚଳିତବର୍ଷର ମାଟ୍ରିକ୍ ପରୀକ୍ଷା ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ପ୍ରଥମ ଦିନରେ ପରୀକ୍ଷାର୍ଥୀମାନେ ମାତୃଭାଷା ପରୀକ୍ଷା ଦେଇଛନ୍ତି। ପ୍ରଥମରୁ ମନରେ ସାମାନ୍ୟ ଶଙ୍କା ଥିଲେ ମଧ ପରୀକ୍ଷା ଭଲ ହୋଇଥିବାରୁ ପରେ ତାହା ଦୂର ହୋଇଯାଇଥିବା ଓ ଉତ୍ସାହ ପ୍ରକାଶ ପାଇଥିବା କେତେଜଣ ଛାତ୍ରୀଛାତ୍ର କହିଛନ୍ତି।**



“କେନ୍ଦ୍ରରେ ପ୍ରବେଶ ସମୟରେ ପରୀକ୍ଷାର୍ଥୀଙ୍କୁ ଯାଞ୍ଚ କରାଯାଇଥିଲା। ପ୍ରଶ୍ନପତ୍ର ଦେଖିବା ପରେ ମନରେ ଥିବା ଭୟ ଦୂର ହୋଇଯାଇଥିଲା, କାରଣ ସହଜ ପ୍ରଶ୍ନ ପଡ଼ିଥିଲା। ଭଲ ଭାବେ ଉତ୍ତର ଲେଖିଛି। ତେଣୁ ପ୍ରଥମ ଦିନର ପରୀକ୍ଷାକୁ ନେଇ ଖୁସି ଅଛି। ଅନ୍ୟ ବିଷୟର ପରୀକ୍ଷା ମଧ ଭଲ ହେବ ବୋଲି ଆଶା ରହିଛି। **– ସ୍ମିତାଞ୍ଜଳୀ ମହାପାତ୍ର, ବିଶ୍ୱମ୍ଭର ବିଦ୍ୟାପୀଠ।**



“ପ୍ରଥମ ଦିନର ପରୀକ୍ଷା ବହୁତ ଭଲ ହୋଇଛି। ପ୍ରଶ୍ନ ସହଜ ଲାଗିଥିଲା। ପ୍ରଥମ କରି ବୋର୍ଡ ପରୀକ୍ଷା ଦେଉଥିବାରୁ ବହୁତ ନର୍ଭସ ଲାଗୁଥିଲା। ତେବେ ପରୀକ୍ଷା ପୂର୍ବରୁ ଦିନକୁ ୫ରୁ ୬ ଘଣ୍ଟା ପରିଶ୍ରମ କରିଥିଲି। ତେଣୁ ପରୀକ୍ଷା ଭଲ ହେବ ବୋଲି ଆଶା ଥିଲା

**–ସ୍ମୃତିମୟୀ ବାରିକ, ବଳଗଣ୍ଡି ଉଚ୍ଚ ବିଦ୍ୟାଳୟ**



“ପ୍ରଥମ ଦିନ ପରୀକ୍ଷା ଭଲ ହୋଇଛି। ଆଗକୁ ମଧ ସମସ୍ତ ପରୀକ୍ଷା ଭଲ ହେବ ବୋଲି ଆଶା ରଖିଛି। ପଡିଥିବା ପ୍ରଶ୍ନ ବିଶେଷ କିଛି କଷ୍ଟ ଲାଗିଲା ନାହିଁ। ସମସ୍ତ ପରୀକ୍ଷାର ଉତ୍ତର ଦେଇଛି। ଭଲ ମାର୍କ ରହିବ ବୋଲି ଆଶା ରଖିଛି। ଦଶମ ପରୀକ୍ଷା ଜୀବନର ପ୍ରଥମ ବୋର୍ଡ ପରୀକ୍ଷା ହୋଇଥିବାରୁ ମନେ ରହିବ।

**– ମନସ୍ୱିନୀ ଖଟେଇ, ବିଶ୍ୱମ୍ଭର ବିଦ୍ୟାପୀଠ**



“ପରୀକ୍ଷା ପୂର୍ବରୁ ନର୍ଭସ ଥିଲି। ତେବେ ପ୍ରଥମ ଦିନ ପରୀକ୍ଷା ଭଲ ହୋଇଥିବାରୁ ନର୍ଭସନେସ୍ ଦୂର ହୋଇଗଲା। ପରୀକ୍ଷା ପୂର୍ବରୁ ଆମକୁ କଡ଼ାକଡ଼ି ଯାଞ୍ଚ କରାଯାଇଥିଲା। ଶାନ୍ତିଶୃଙ୍ଖଳାର ସହ ପ୍ରଥମ ଦିନର ପରୀକ୍ଷା ଶେଷ ହୋଇଛି। **–ଶୁଭଶ୍ରୀ ଦେବତା, ବିଶ୍ୱମ୍ଭର ବିଦ୍ୟାପୀଠ**



“ପ୍ରଥମ ଦିନ ସାହିତ୍ୟ ପରୀକ୍ଷା ଥିଲା। ଆଶାଠାରୁ ଅଧିକ ଭଲ ହୋଇଛି। ପ୍ରଶ୍ନ ବହୁତ ଭଲ ପଡ଼ିଥିଲା, ସହଜ ଥିଲା। ପରୀକ୍ଷା ଦେଇ ଖୁସି ଅଛି। କଠିନ ପରିଶ୍ରମ କରିଛି। ତେଣୁ ଆଗକୁ ଥିବା ସବୁ ବିଷୟର ପରୀକ୍ଷା ଭଲ ହେବ ବୋଲି ଆଶା ରହିଛି।

**–ଶ୍ୱେତାଲିନ୍ ସାହୁ, ପୋଲିସ ହାଇସ୍କୁଲ, ପୁରୀ**

# ଓଡ଼ିଶା ପୋଲିସକୁ ୫ ସ୍ୱର୍ଣ୍ଣ, ୧ ରୌପ୍ୟ, ୪ କାଂସ୍ୟ



୨୪ତମ ସର୍ବଭାରତୀୟ ପୋଲିସ ଜଳକ୍ରୀଡ଼ା ଚାମ୍ପିୟନଶିପ୍‌ରେ ପଦକ ଜିତିଥିବା ଖେଳାଳି ।

## ୨୪ତମ ସର୍ବଭାରତୀୟ ପୋଲିସ ଜଳକ୍ରୀଡ଼ା ଚାମ୍ପିୟନଶିପ୍

କଟକ,୨୧।୨ (କାର୍ତ୍ତିକ ସାହୁ)

ମଧ୍ୟପ୍ରଦେଶର ଭୋପାଳଠାରେ ଅନୁଷ୍ଠିତ ୨୪ତମ ସର୍ବଭାରତୀୟ ପୋଲିସ ଜଳକ୍ରୀଡ଼ା ଚାମ୍ପିୟନଶିପ୍ ୨୦୨୪-୨୫ରେ ଓଡ଼ିଶା ପୋଲିସକୁ ସଫଳତା ମିଳିଛି। ଫେବୃଆରୀ ୧୭ରୁ ୨୧ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ଏହି ଚାମ୍ପିୟନଶିପ୍‌ରେ ଓଡ଼ିଶା ପୋଲିସର ୱାଟରସ୍ପୋର୍ଟସ ଦଳ ବିଭିନ୍ନ ପ୍ରତିଯୋଗିତାରେ ୫ ସ୍ୱର୍ଣ୍ଣ, ୧ ରୌପ୍ୟ, ୪ କାଂସ୍ୟ ପଦକ ଜିତି ଉଲ୍ଲେଖନୀୟ ସଫଳତା ହାସଲ କରିଛି।

ରୋଇଂ ମହିଳା ବିଭାଗ ୨୦୦୦ ମିଟର ଦଳଗତ ପ୍ରତିଯୋଗିତାରେ ରିନ୍ତୁ କଉଡ଼ି, ରିତେଲ ଲାକ୍ରା, ସୋନାଲିକା ଦାସ, ରେଶମ ଲାକ୍ରା ସ୍ୱର୍ଣ୍ଣ ପଦକ ଓ ରୋଇଂ ମହିଳା ବିଭାଗ ୫୦୦ ମିଟରରେ ମଧ ଦଳଗତ କାଂସ୍ୟ ପଦକ ବିଜେତା ହୋଇଛନ୍ତି। ରୋଇଂ କୋକ୍ସଲେସ ଯୋଡ଼ି ୫୦୦ ମିଟର ପ୍ରତିଯୋଗିତାରେ ଦୀପିକା ଖେସ୍ ଓ ଝରଣା ହସ୍ତୀ ସ୍ୱର୍ଣ୍ଣପଦକ ଲାଭ କରିଥିଲାବେଳେ ଉଭୟେ ରୋଇଂ କୋକ୍ସଲେସ ଯୋଡ଼ି ୨୦୦୦ ମିଟରରେ କାଂସ୍ୟ ପଦକ ହାସଲ କରିଛନ୍ତି। ସେହିପରି (କାନୋଇଂ ସି-୨) ୧୦୦୦ ମିଟର ପ୍ରତିଯୋଗିତାରେ ସଚିମା କେରକେଟା ଓ ରଶ୍ମିତା ସାହୁ ସ୍ୱର୍ଣ୍ଣ ପଦକ ଲାଭ କରିଥିଲାବେଳେ ଉଭୟେ (କାନୋଇଂ ସି-୨) ୨୦୦ ମିଟରରେ ରୌପ୍ୟ ପଦକ ବିଜୟୀ ହୋଇଛନ୍ତି। କାନୋଇଂ (ସି-୧) ୨୦୦ ମିଟର ଏବଂ ୧୦୦୦ ମିଟର ପ୍ରତିଯୋଗିତାରେ ରଶ୍ମିତା ସାହୁ ୨ଟି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି ।

ରାଜ୍ୟ ପୋଲିସ କ୍ରୀଡ଼ାବିତ୍‌ଙ୍କ ଏଭଳି ସଫଳତାରେ ଡିଜିପି ଯୋଗେଶ ବାହାଦୁର ଖୁରାନିଆ ପଦକ ବିଜେତାମାନଙ୍କୁ ପ୍ରଶଂସା କରିବା ସହ ଶୁଭେଚ୍ଛା ଜଣାଇଛନ୍ତି। ଏହି ବିଜୟ ଓଡ଼ିଶାର ଯୁବ ପ୍ରତିଭାମାନଙ୍କୁ ଜଳକ୍ରୀଡ଼ା ପ୍ରତି ଆକୃଷ୍ଟ କରିବା ସହ ଭବିଷ୍ୟତରେ ନୂଆ ମାଇଲଖୁଣ୍ଟ ହାସଲ କରିବା ପାଇଁ ପ୍ରେରଣା ଯୋଗାଇବ ବୋଲି ଡିଜିପି ଆଶାବ୍ୟକ୍ତ କରିଛନ୍ତି।

# ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ

ଡେଲାଙ୍ଗ,୨୧।୨ (ରଶ୍ମିରଞ୍ଜନ ପ୍ରଧାନ)

ଡେଲାଙ୍ଗ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶୁକ୍ରବାର ମାତୃଭାଷା ଦିବସ ପ୍ରଧାନ ଶିକ୍ଷକ ଅଭୟ ଚରଣ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଗାନ୍ଧୀତତ୍ତ୍ୱ ପ୍ରଚାରକ ଅନାମ ମଲିକ, କବୟିତ୍ରୀ ଜ୍ୟୋସ୍ନାମୟୀ ସ୍ୱାଇଁ, ସାହିତ୍ୟ ଭାଷାପ୍ରେମୀ ଜିତେନ୍ଦ୍ର ନାଥ ପ୍ରଧାନ, ଶିକ୍ଷୟିତ୍ରୀ ସତ୍ୟଭାମା ବେହେରା, ରୋଜାଲିନ ମହାରଣା, ଶିକ୍ଷକ ଅଜୟ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଡେଲାଙ୍ଗ ବ୍ଲକ ହୁମରସ୍ଥିତ ଗଡେଶ୍ୱର ଦେବ ନୋଡାଲ୍ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନ୍ତର୍ଜାତୀୟ ମାତୃଭାଷା ଦିବସ ପ୍ରଧାନ ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ବେହେରାଙ୍କ ସଭାପତିତ୍ୱରେ ପାଳିତ ହୋଇଯାଇଛି। ଶିକ୍ଷକ ଦିଲ୍ଲୀପ କୁମାର ନାୟକ ମଞ୍ଚ ପରିଚାଳନା ଓ ସଭା ସଂଯୋଜନା କରିଥିବା ବେଳେ ଶିକ୍ଷକ



କୃପାସିନ୍ଧୁ ଦାସ, ଜଗବନ୍ଧୁ ବେହେରା, ସତ୍ୟନାରାୟଣ ସୋରେନ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମହେନ୍ଦ୍ର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହି ଓଡ଼ିଆ ଭାଷା ଏବଂ ସାହିତ୍ୟର ସମୃଦ୍ଧତାକୁ ସକ୍ରିୟ ଭାବରେ ପ୍ରୋତ୍ସାହନ ଏବଂ ପାଳନ କରିବାକୁ ଛାତ୍ରୀଛାତ୍ର ମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ପରିଚାଳନା କମିଟି ସହ ସଭାପତି ସନ୍ଧ୍ୟାରାଣୀ ପରିଡ଼ା, ପୂର୍ଣ୍ଣଚନ୍ଦ୍ର ପରିଡ଼ା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଜିଲାରେ ବାଲ୍ୟ ବିବାହ ରୋକିବା ଉପରେ ଗୁରୁତ୍ୱ

ପୁରୀ,୨୧।୨ (ଅଜିତ କୁମାର ମହାନ୍ତି)

ସଭ୍ୟ ସମାଜରେ ବାଲ୍ୟ ବିବାହ ଏକ ଘୃଣ୍ୟ କାର୍ଯ୍ୟ। ଏହା ଶିଶୁଙ୍କ ପାଇଁ ହିଂସା ସଦୃଶ। ଏହାଦ୍ୱାରା ଶିଶୁଟି ତା’ର ଶିକ୍ଷା ଓ ସ୍ୱାସ୍ଥ୍ୟ ଅଧିକାରରୁ ବଞ୍ଚିତ ହୋଇଥାଏ ଏବଂ ଅନେକ ଅସୁବିଧାଜନକ ପରିସ୍ଥିତି ଦେଇ ଗତି କରିଥାଏ ବୋଲି ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ କହିଛନ୍ତି। ଗୁରୁବାର ଅତିରିକ୍ତ ଜିଲାପାଳ ଭୋଇଙ୍କ କାର୍ଯ୍ୟାଳୟରେ ବାଲ୍ୟ ବିବାହକୁ ଜିଲାରେ ସମ୍ପୂର୍ଣ୍ଣ ବନ୍ଦ କରିବା ଲକ୍ଷ୍ୟରେ ବିଭିନ୍ନ ବିଭାଗର ଅଧିକାରୀଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିରିକ୍ତ ଜିଲାପାଳ ଭୋଇ ଅଧ୍ୟକ୍ଷତା କରି ପୁରୀ ଜିଲାକୁ ବାଲ୍ୟବିବାହମୁକ୍ତ କରିବାକୁ ଆହ୍ୱାନ ଦେଇଥିଲେ। ଅତିରିକ୍ତ ଏସ୍‌ପି ଦେବବ୍ରତ ଚକ୍ର କୌଣସି ସ୍ଥାନରେ ବାଲ୍ୟବିବାହ ହେଉଥିବା ନେଇ ପୋଲିସକୁ ଜଣାଇଲେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିଲେ। ଆକ୍ସନ ଏଡ୍‌ର ଜିଲା ସଂଯୋଜକ ରଞ୍ଜିତା ଦାଶ ଅଂଶୀଦାର ସମୂହଙ୍କୁ ସ୍ୱାଗତ କରିବା ସହ ଜିଲାକୁ ବାଲ୍ୟବିବାହ ମୁକ୍ତ ପାଇଁ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରିବା ନେଇ ମତାମତ ଲୋଡ଼ିଥିଲେ। କାର୍ଯ୍ୟକ୍ରମରେ ଜିଲା ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷ ଅଜିତ କୁମାର ମହାପାତ୍ର, ଜିଲା ସମାଜ କଲ୍ୟାଣ ଅଧିକାରୀ ତନୁପ୍ରଭା ବେଉରା, ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ, ଶିଶୁ ସୁରକ୍ଷା ଆଇନ ପରାମର୍ଶଦାତା ସନ୍ତୋଷ କୁମାର ପ୍ରମୁଖ ଉପସ୍ଥିତ ଥିଲେ। କିଶୋର କିଶୋରୀଙ୍କୁ ଉଚିତ ପରାମର୍ଶ ଦେବା, ଅଦ୍ୱିକା କାର୍ଯ୍ୟକ୍ରମ ବିଷୟରେ ପିଲାଙ୍କୁ ଅବଗତ କରାଯିବା, ଗାଁ କଲ୍ୟାଣ ସମିତି ବୈଠକରେ ଶିଶୁ ସୁରକ୍ଷା ଓ ଅଧିକାର ଉପରେ ଆଲୋଚନା କରାଯିବା ସମ୍ପର୍କରେ ଆଲୋଚନା ସହ ଏନ୍‌ଫୋର୍ସମେଣ୍ଟ କଡାକଡି କରାଯିବାକୁ ଉପରୋକ୍ତ ଅଧିକାରୀମାନେ ପ୍ରସ୍ତାବ ଦେଇଥିଲେ। ପ୍ରତ୍ୟେକ ପଞ୍ଚାୟତ ଶିଶୁ ଅନୁକୂଳ ପଞ୍ଚାୟତ କରଯିବା, ବିଭିନ୍ନ ସ୍ଥାନରେ ବାଲ୍ୟବିବାହ ନିଷେଧ ଆଇନ ସଂକ୍ରାନ୍ତ ପୋଷ୍ଟର ଲଗାଯିବା, ଜନସଚେତନତା ସୃଷ୍ଟି କରାଯିବାକୁ ସ୍ଥିର ହୋଇଥିଲା। ଜାତୀୟ ଶିଶୁ ଅଧିକାର ସୁରକ୍ଷା କମିଶନଙ୍କ ବାଲ୍ୟବିବାହ ସମ୍ପର୍କିତ ନିର୍ଦ୍ଦେଶାବଳୀ ଅନୁପାଳନ ନିମନ୍ତେ ସମସ୍ତ ଅଂଶୀଦାରଙ୍କୁ ପରାମର୍ଶ ଦିଆଯାଇଛି। ବୈଠକରେ ସୂଚନା ଓ ଲୋକସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଶୁଭ୍ରାଂଶୁ କୁମାର ମହାରଣା, ଜିଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ମମତା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଆମ ମାତୃଭାଷାର ସୁରକ୍ଷା ଉପରେ ଗୁରୁତ୍ୱ

ପୁରୀ,୨୧।୨ (ଅଜିତ୍ କୁମାର ମହାନ୍ତି)

ଶ୍ରୀକ୍ଷେତ୍ର ପୁସ୍ତକ ମେଳା କମିଟି ପକ୍ଷରୁ ବଳଗଣ୍ଡି ଭକ୍ତ ସାଲବେଗ ସମାଧି ପୀଠରେ ଶୁକ୍ରବାର ବିଶ୍ୱ ମାତୃଭାଷା ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ଡ. କୈଳାସ ଚନ୍ଦ୍ର ତିକାୟତରାୟ ସଭାପତିତ୍ୱ କରିଥିବାବେଳେ ମେଳା କମିଟି ସମ୍ପାଦକ ଚକ୍ରଧର ମହାପାତ୍ର ଆମ ମାତୃଭାଷାର ସୁରକ୍ଷା ଓ ତହିଁରେ ଆମ କର୍ତ୍ତବ୍ୟ ବିଷୟରେ ଆଲୋକପାତ କରିଥିଲେ। ବଦ୍ରି ମିଶ୍ର, ହରିଶଙ୍କର ମିଶ୍ର, ଅଶୋକ କୁମାର ମହାନ୍ତି, ସୁରେଶ କୁମାର ପଟ୍ଟନାୟକ, ଡ. ଅଶୋକ କୁମାର ମହାନ୍ତି, ଡ. ଅଶୋକ କୁମାର ମିଶ୍ର, ଡ. ହେମନ୍ତ କୁମାର ଛୋଟରାୟ, ପୂଜା ପ୍ରଧାନ, ରଚିତା ରାଉତରାୟ, ଚନ୍ଦ୍ରଶେଖର ନାୟକ, ଦେବରାଜ ପ୍ରଧାନ, ଅନନ୍ତ ପ୍ରଧାନ, ଚନ୍ଦ୍ରଶେଖର ମହାରଣା, ଚିନ୍ମୟୀ ଗଜେନ୍ଦ୍ର, ଜାନକୀବଲ୍ଲଭ ଦାଶ, ପ୍ରବାସିନୀ ମିଶ୍ର, କରୁଣାକର ଭୋଳ, ସହଦେବ ସାହୁ, ସୁରେନ୍ଦ୍ରନାଥ ଗୁରୁ, ଯୋଗେଶ୍ୱର ନାୟକ, ସତ୍ୟଭାମା ନାୟକ, ଶ୍ୟାମପ୍ରକାଶ ସେନାପତି, ସନ୍ତୋଷ କୁମାର ସେଠୀ ପ୍ରମୁଖ ଯୋଗଦେଇ ଆମେ ସଚେତନ ହେଲେ ଆମ ମାତୃଭାଷା ସମୃଦ୍ଧ ହେବା ସହିତ ପ୍ରଚାର ଓ ପ୍ରସାର ହୋଇପାରିବ ବୋଲି କହିଥିଲେ। ପ୍ରିୟପତ୍ର ସମ୍ପାଦକ ବିପିନ ବିହାରୀ ଦଳାଇ ଧନ୍ୟବାଦ ଦେଇଥିଲେ।

# ‘ଓଡ଼ିଆ ସାହିତ୍ୟ, ସଂସ୍କୃତି, ସଙ୍ଗୀତର ବିକାଶ ପାଇଁ ଏକ ହୁଅ’

ପୁରୀ,୨୧।୨ (ଅଜିତ୍ କୁମାର ମହାନ୍ତି)

ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ଓ ସଙ୍ଗୀତର ସୁରକ୍ଷା ଏବଂ ବିକାଶ ପାଇଁ ଓଡ଼ିଶାବାସୀ ଏକହୋଇ ସ୍ୱର ଉଠାଇବା ଆବଶ୍ୟକ ବୋଲି ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ତଥା ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ କହିଛନ୍ତି। ଶିକ୍ଷାବିତ୍ ତଥା ଗବେଷକ ପ୍ରଫେସର ପ୍ରଫୁଲ୍ଲ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଭାରତୀୟ ସଙ୍ଗୀତ ସଂସ୍ଥାନ ଓ ଧାରା ଶ୍ରୀରାଧା ନ୍ୟାସର ମିଳିତ ସହଯୋଗରେ ଶରଧାବାଲିର ମଙ୍ଗଳା ମଣ୍ଡପଠାରେ ଗୁରୁବାର ‘ଶାସ୍ତ୍ରୀୟ ଭାଷାର ଶାସ୍ତ୍ରୀୟ ସଙ୍ଗୀତ’ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି ଭାବେ ଓଡ଼ିଶା ଶାସ୍ତ୍ରୀୟ ଭାଷା କେନ୍ଦ୍ର ନିର୍ଦ୍ଦେଶକ ପ୍ରଫେସର ବସନ୍ତ କୁମାର ପଣ୍ଡା, ଶାସ୍ତ୍ରୀୟ ଭାଷା-ସଙ୍ଗୀତ ଗବେଷକ ଡ. କୀର୍ତ୍ତନ ନାରାୟଣ ପାଢୀ, ଭାଷାବିତ୍ ଡ. ସିଦ୍ଧେଶ୍ୱର ମହାପାତ୍ର ଏବଂ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଦସ୍ୟ ତଥା ଗୀତିକାର ବଦ୍ରି ମିଶ୍ର ଯୋଗଦେଇ ବିଭିନ୍ନ ବୈଦ୍ୟୁତିକ ଗଣମାଧ୍ୟମ ଦ୍ୱାରା ଓଡ଼ିଶା ଭାଷାର ଅବକ୍ଷୟ ହେଉଥିବାବେଳେ ଓଡ଼ିଆ ଚଳଚ୍ଚିତ୍ର ସଙ୍ଗୀତରେ ଓଡ଼ିଆ ସଙ୍ଗୀତ ପ୍ରତି ହିନମନ୍ୟତାର ସୂଚନା ଦେଇ ସରକାର ଏହି ଅବକ୍ଷୟକୁ ରୋକିବା ପାଇଁ ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏ ଦିଗରେ ଉଦ୍ୟମ ଆରମ୍ଭ କରିଛନ୍ତି ବୋଲି ବଦ୍ରି ମିଶ୍ର ସୂଚନା ଦେଇଛନ୍ତି। ଏହି ଅବସରରେ ଶିକ୍ଷାବିତ୍ ପ୍ରଫେସର ପ୍ରଫୁଲ୍ଲ କୁମାର ମିଶ୍ରଙ୍କୁ ତାଙ୍କର ୭୨ତମ ଜନ୍ମଦିବସ ଉପଲକ୍ଷେ ଶିକ୍ଷାବିତ୍ ପ୍ରଭାତ କୁମାର ମହାପାତ୍ର, ଡ. ଭାସ୍କର ମିଶ୍ର, କବି ମାନସ ରଞ୍ଜନ ମହାପାତ୍ର, ଜ୍ୟୋତିର୍ବିଦ୍ ଅନାମ ସାହୁ, ଖବରଦାତା ମଧୁସୂଦନ ମିଶ୍ର, ପଣ୍ଡିତ ସୀମାଚଳ ପଣ୍ଡା, କବି ଅଜୟ ପ୍ରଧାନ, ସଂଗ୍ରାମ ମିଶ୍ର, ପ୍ରଫେସର ବିଶ୍ୱରଞ୍ଜନ ପତି, କୃଷ୍ଣଚନ୍ଦ୍ର ରଥ ପ୍ରମୁଖ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମକୁ ଶ୍ୟାମପ୍ରକାଶ ସେନାପତି ପରିଚାଳନା କରିଥିଲେ।



ଆଲୋଚନାଚକ୍ରରେ ଉପସ୍ଥିତ ଛାତ୍ରୀଛାତ୍ର ଓ ଅତିଥି ।

# ବିଭିନ୍ନ ବ୍ଲକରେ ପରୀକ୍ଷା ଦେଲେ ୪,୩୨୨ ପରୀକ୍ଷାର୍ଥୀ

ନିମାପଡ଼ା/ଡେଲାଙ୍ଗ/ ଅସ୍ତରଙ୍ଗ/ କଣାସ, ୨୧।୨ (ବିଚିତ୍ରାନନ୍ଦ ସାହୁ/ ରଶ୍ମିରଞ୍ଜନ ପ୍ରଧାନ/ ପ୍ରଦୀପ୍ତ କୁମାର ଦୀକ୍ଷିତ/ ବିଭୂତି ଭୂଷଣ ତ୍ରିପାଠୀ)

ରାଜ୍ୟ ମାଧ୍ୟମିକ ଶିକ୍ଷା ପରିଷଦ ଆନୁକୂଲ୍ୟରେ ପରିଚାଳିତ ହାଇସ୍କୁଲ ସାର୍ଟିଫିକେଟ୍ (ବୋର୍ଡ) ପରୀକ୍ଷା ଶୁକ୍ରବାରଠାରୁ ଆରମ୍ଭ ହୋଇଯାଇଛି। ନିମାପଡ଼ା ବ୍ଲକର ୧୪ଟି କେନ୍ଦ୍ରରେ ମୋଟ ୨,୩୯୫ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଛନ୍ତି। ନିମାପଡ଼ା ଉଚ୍ଚ ବିଦ୍ୟାଳୟ ମୁଖ୍ୟ ନୋଡାଲ ସେଣ୍ଟର ହୋଇଥିବାବେଳେ ଏହି ସେଣ୍ଟର ଅଧୀନରେ ନିମାପଡ଼ା ଉଚ୍ଚ ବିଦ୍ୟାଳୟ, ଜବରା ବାଳିକା ଉଚ୍ଚ ବିଦ୍ୟାଳୟ, ନହନ୍ତରା ଉଚ୍ଚ ବିଦ୍ୟାଳୟ, ନୂଆସନ୍ଥ ଉଚ୍ଚ ବିଦ୍ୟାଳୟ, ବଳଙ୍ଗା ହାଇସ୍କୁଲ, ଭାଟବନ୍ଧ ହାଇସ୍କୁଲ, ମଣିଜଙ୍ଗ ହାଇସ୍କୁଲ, ଖେଲାର ଚିନ୍ତାମଣି ବିଦ୍ୟାପୀଠ ଆଦି ୧୪ଟି ପରୀକ୍ଷା କେନ୍ଦ୍ର ରହିଛି। ନିମାପଡ଼ା ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ୨୬୯ ଜଣ ପରୀକ୍ଷା ଦେଇଛନ୍ତି। ସମସ୍ତ ସେଣ୍ଟରରେ କଡ଼ା ନିରାପତ୍ତା ଓ ପୋଲିସ ପହରାର ବ୍ୟବସ୍ଥା କରାଯାଇଛି। ସମସ୍ତ ୧୪ କେନ୍ଦ୍ରରେ ଶାନ୍ତିଶୃଙ୍ଖଳାର ସହ ପରୀକ୍ଷା ସରିଥିବା ନୋଡାଲ୍ ଇନଚାର୍ଜ ନିମାପଡ଼ା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ନନ୍ଦିତା ସାହୁ ଓ ଡେପୁଟି ନୋଡାଲ୍ ଇନ୍‌ଚାର୍ଜ ଶିକ୍ଷକ ଦୁର୍ଗାପ୍ରସାଦ ବାରିକ୍‌ଙ୍କଠାରୁ ଜଣାପଡ଼ିଛି।



ପରୀକ୍ଷା ପୂର୍ବରୁ କଣାସର ଏକ ପରୀକ୍ଷା କେନ୍ଦ୍ର ଗେଟରେ ଛାତ୍ରୀଛାତ୍ରଙ୍କୁ ଚେକିଂ କରାଯାଉଛି ।

ସେହିପରି ଡେଲାଙ୍ଗ ବ୍ଲକର ୭ଟି ପରୀକ୍ଷା କେନ୍ଦ୍ରରେ ୧୦୧୪ ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୧୦୦୬ ଜଣ ଉପସ୍ଥିତ ରହି ପରୀକ୍ଷା ଦେଇଥିବା ବେଳେ ୮ ଜଣ ଛାତ୍ରୀଛାତ୍ର ଅନୁପସ୍ଥିତ ରହିଥିବା ଜଣାପଡ଼ିଛି। ପ୍ରତିବର୍ଷ ପରି ଚଳିତବର୍ଷ ମଧ ଡେଲାଙ୍ଗ ହାଟ ବଜାରସ୍ଥିତ ବାଳିକା ଉଚ୍ଚ ବିଦ୍ୟାଳୟକୁ ନୋଡାଲ୍ ସେଣ୍ଟର କରାଯାଇଥିବା ବେଳେ ଯଥା ସମୟରେ ଡେଲାଙ୍ଗ ତହସିଲ୍‌ଦାର ଅନୁପସ୍ଥିତ ରହିବାରୁ ମଣ୍ଡଳ ସହ ଶିକ୍ଷାଧିକାରୀ ଲକ୍ଷ୍ମଣ ପ୍ରଧାନ ପୋଲିସ କର୍ମୀଙ୍କ ଉପସ୍ଥିତିରେ ପରୀକ୍ଷା କେନ୍ଦ୍ରଗୁଡ଼ିକୁ ପ୍ରଶ୍ନପତ୍ର ପଠାଇଥିଲେ।

ଅସ୍ତରଙ୍ଗ ବ୍ଲକ ଅଞ୍ଚଳର ୫ଟି ପରୀକ୍ଷା କେନ୍ଦ୍ରରେ ଐଶାନେଶ୍ୱର ବିଦ୍ୟାପୀଠ ଅଠତିରାରେ ୨୬୭ଜଣ, ଅସ୍ତରଙ୍ଗ ସରକାରୀ ଉଚ୍ଚ ବିଦ୍ୟାଳୟରେ ୧୯୪ଜଣ, ପାଟଳଦା ଉଚ୍ଚ ବିଦ୍ୟାଳୟରେ ୧୬୨ଜଣ, ସୁରେନ୍ଦ୍ରନାଥ ବିଦ୍ୟାପୀଠ ସୁନ୍ଦରରେ ୧୮୭ଜଣ ଓ ଜନତା ହାଇସ୍କୁଲ ବନ୍ତିଲୋରେ ୧୧୧ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଛନ୍ତି। ଶୃଙ୍ଖଳିତ ପରୀକ୍ଷା ପରିଚାଳନା ପାଇଁ ପରୀକ୍ଷାରେ ଯେଭଳି କୌଣସି ତ୍ରୁଟି ନ ରୁହେ ସେ ଉପରେ କଡ଼ା ନଜର ରଖିବାକୁ ବିଭିନ୍ନ ପରୀକ୍ଷା କେନ୍ଦ୍ର ବିଡିଓ ସସ୍ମିତା ବେହେରା ଓ ତହସିଲଦାର୍ ପ୍ରିୟଙ୍କା ପ୍ରିୟଦର୍ଶନୀ ପତି ପରିଦର୍ଶନ କରିଥିଲେ।

କଣାସ ବ୍ଲକ୍‌ର ୧୩ ପରୀକ୍ଷା କେନ୍ଦ୍ରରେ ୨୧୮୪ ଜଣ ପରୀକ୍ଷା ଦେଇଥିବା ଜଣାପଡ଼ିଛି। କଣାସ ଅତିରିକ୍ତ ତହସିଲ୍‌ଦାର ଉପେନ୍ଦ୍ର କୁମାର ସେଠୀ, ଅଭୟମୁଖୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଧ୍ରୁବଚରଣ ବରାଳ ପର୍ଯ୍ୟବେକ୍ଷକ ଭାବେ ସମସ୍ତ ପରୀକ୍ଷା କେନ୍ଦ୍ର ପରିଦର୍ଶନ କରିଥିଲେ। କଣାସ ସରକାରୀ ଉଚ୍ଚବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସୁଲୋଚନା ମହାପାତ୍ର ସୁପରିଣ୍ଟେଣ୍ଡେଣ୍ଟ ଭାବେ ସମସ୍ତ କେନ୍ଦ୍ରକୁ କଡ଼ା ସୁରକ୍ଷା ମଧ୍ୟରେ ପ୍ରଶ୍ନପତ୍ର ପଠାଇଥିଲେ।

## ସଂକ୍ଷେପରେ

### ବର୍ଷା ହେଲେ ଥାନା ପରିସରରେ ଜମୁଛି ପାଣି

କଟକ ସଦର,୨୧।୨(ସୁଶାନ୍ତ କୁମାର ଜେନା)

ସାମାନ୍ୟ ବର୍ଷା ହେଲେ କଟକ-ପାରାଦୀପ ରାସ୍ତାପାର୍ଶ୍ୱରେ ଥିବା କନ୍ଦରପୁର ଥାନା ପରିସରରେ ପାଣି ଜମିରହୁଛି। ଏପରି କି ଥାନା ଭିତରେ ପାଣି ପଶି ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହେଉଛି। ଗତ ୧୯ ତାରିଖରେ ଏଭଳି ପରିସ୍ଥିତି ଦେଖିବାକୁ ମିଳିଥିଲା। ହେଲେ ରାତି ୧୨ଟାରେ ପାଣି ଗଡ଼ି ଖାଲୁଆସ୍ଥାନକୁ ଯିବା ପରେ ଘର ଭିତରେ ପଶିବାକୁ ସୁବିଧା ହୋଇଥିଲା। କର୍ମଚାରୀମାନେ ଘର ସଫା କରିବାକୁ ନାକେଦମ ହୋଇଥିଲେ। ବର୍ଷା ହେଲେ ରାସ୍ତାରୁ ପାଣି ଆସି ଥାନା ପରିସରରେ ଜମିରହୁଛି। ତେଣୁ ରାସ୍ତାପାର୍ଶ୍ୱରୁ ଜଳ ନିଷ୍କାସନ ପାଇଁ ଘରୋଇ ବିଭାଗ ପଦକ୍ଷେପ ନେବାକୁ ସ୍ଥାନୀୟ ଜନସାଧାରଣ ଅନୁରୋଧ କରିଛନ୍ତି।

### ଆଜି ବଜେଟ ସବ୍‌କା ବିକାଶ ସମ୍ପର୍କିତ ବୁଦ୍ଧିଜୀବୀ ସମ୍ମିଳନୀ

କଟକ,୨୧।୨(ଶିଳ୍ପା ପ୍ରିୟଦର୍ଶିନୀ)

ଭାଜପା କଟକ ଜିଲା ପକ୍ଷରୁ ବଜେଟ ସବ୍‌କା ବିକାଶ ସମ୍ବନ୍ଧୀୟ ବୁଦ୍ଧିଜୀବୀ ସମ୍ମିଳନୀ ୨୨ତାରିଖ ଶନିବାର ଅପରାହ୍ନରେ କଟକ ଲିଙ୍କ୍‌ରୋଡ୍‌ସ୍ଥିତ ନିଶାମଣି କନ୍‌ଭେନ୍‌ସନ୍ ହଲ୍‌ରେ ଅନୁଷ୍ଠିତ ହେବ। ଏନେଇ ମାଛୁଆ ବଜାରସ୍ଥିତ ସର୍କିଟ ହାଉସ୍‌ଠାରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଭାଜପା କଟକ ଜିଲା ସଭାପତି ସୁକାନ୍ତ ବିଶ୍ୱାଳ ସୂଚନା ଦେଇଛନ୍ତି। ଏହି ସମ୍ମିଳନୀରେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ, ଆଇନ ଓ ପୂର୍ତ୍ତ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, କଟକ ଏମ୍‌ପି ଭର୍ତ୍ତୃହରି ମହତାବ, କଟକ ସଦର ବିଧାୟକ ଇଂ. ପ୍ରକାଶ ସେଠୀ, ନିଆଳି ବିଧାୟକ ଛବି ମଲ୍ଲିକ, ଦଳର ବରିଷ୍ଠ ନେତା ନୟନ ମହାନ୍ତି ଓ ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ତେବେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବଜେଟ ସାଧାରଣ ଲୋକଙ୍କ ବିକାଶରେ କିପରି ସହାୟ ହେବ ଏବଂ ଆସନ୍ତା ୧୨ ବର୍ଷରେ ଓଡ଼ିଶାକୁ ବିକଶିତ ଓ ଆତ୍ମନିର୍ଭରଶୀଳ କରିବା ଦିଗରେ ଏହି ସମ୍ମିଳନୀରେ ଆଲୋଚନା କରାଯିବ ବୋଲି ବିଶ୍ୱାଳ କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଭାଜପା କାଠଯୋଡ଼ି ମଣ୍ଡଳ ସଭାପତି ମନସ୍ୱିନୀ ଦୀକ୍ଷିତ, କଟକ ଜିଲା ମହିଳା ମୋର୍ଚ୍ଚା ସଭାପତି ପ୍ରବୀଣା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ଧର୍ମପରାୟଣା ମହିଳାଙ୍କ ପରଲୋକ

କଟକ,୨୧।୨(କାର୍ତ୍ତିକ ସାହୁ)



ଅବସରପ୍ରାପ୍ତ ପୋଲିସ ଅଧିକାରୀ ସ୍ୱର୍ଗତ ରବି ନାରାୟଣ ଦାସଙ୍କ ସ୍ତ୍ରୀ ତୁଳସା ଦାସ (୮୬)ଙ୍କର କଲ୍ୟାଣୀ ନଗରସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ସେ ଜଣେ ଧର୍ମପରାୟଣା ମହିଳା ଥିଲେ। ତାଙ୍କର ଦୁଇ ପୁଅ, ତିନି ଝିଅ, ନାତୁଣୀ, ନାତି ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ। କଟକ ଖାନ୍‌ନଗରସ୍ଥିତ ସ୍ୱର୍ଗଧାମଠାରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ବଡ଼ପୁଅ ପ୍ରଶାନ୍ତ ମୁଖାଗ୍ନି ଦେଇଥିଲେ। ସେ ଜଗତ୍‌ସିଂହପୁର ଜିଲା ଚଢ଼େଇ ଗ୍ରାମର ମୂଳ ବାସିନ୍ଦା। ତାଙ୍କ ପରଲୋକରେ ସ୍ଥାନୀୟ ଅଞ୍ଚଳରେ ଶୋକ ପ୍ରକାଶ ପାଇଛି।



ଅଦିନିଆ ବର୍ଷାରେ କଟକ ମାତୃଭବନ ରେଲୱେ ବ୍ରିଜ୍ ବାଇପାସ୍ ରୋଡ୍ ବର୍ଷାଜଳର ସୁଅ।



ମାଲଗୋଦାମ ଅଞ୍ଚଳରେ ଜମି ରହିଥିବା ବର୍ଷାପାଣି।

# ଅସରାଏ ବର୍ଷାରେ କଟକ ଜଳାର୍ଣ୍ଣବ

କଟକ,୨୧।୨(କାର୍ତ୍ତିକ ସାହୁ)

ଅଦିନରେ ହୋଇଥିବା ଅସରାଏ ବର୍ଷା ଯୋଗୁ କଟକ ସହର ବିଭିନ୍ନ ଅଞ୍ଚଳ ଜଳାର୍ଣ୍ଣବ ହୋଇ ବର୍ଷାଦିନର ଭ୍ରମ ସୃଷ୍ଟି କରିଥିଲା। ଶୁକ୍ରବାର ସନ୍ଧ୍ୟାରେ ଏଭଳି ସ୍ଥିତି ସହରବାସୀଙ୍କୁ ବେଶ୍ କେଇଘଣ୍ଟା ପାଇଁ କବଳିତକରି ରଖିଥିଲା। ଗୁରୁବାର ଅପରାହ୍ନରେ ସାମାନ୍ୟ ବର୍ଷା, ପବନ ଓ ଘଡ଼ଘଡ଼ି ହୋଇଥିଲା। ପୁଣି ଶୁକ୍ରବାର ସନ୍ଧ୍ୟାବେଳକୁ ବିଜୁଳି, ଘଡ଼ଘଡ଼ି ସହ ଜୋର୍‌ରେ ପବନ ବହିବା ଆରମ୍ଭ କରିଦେଇଥିଲା। ଏହାପରେ ଖୁବ୍ ଜୋର୍‌ରେ ବର୍ଷା ହେବାରୁ ଜୀବନଯାତ୍ରା ବ୍ୟାହତ



କଟକ ଫ୍ରେଣ୍ଡସ କଲୋନୀ ରାସ୍ତାରେ ବର୍ଷାପାଣି।

ହୋଇଥିଲା। ବିଶେଷକରି ମାତୃଭବନ ନିକଟ ରେଳ ଅଣ୍ଡରପାସ୍ ରାସ୍ତାରୁ ଜଳ ନିଷ୍କାସନ ହୋଇପାରି ନ ଥିଲା। ସେହିପରି ବକ୍ସଡ୍ରେନ୍ ଉପରୁ ମଧ ଦ୍ରୁତ ଜଳ ନିଷ୍କାସନ ହୋଇନାହିଁ। ଏଥିସହ ବ୍ୟବସାୟର ପେଣ୍ଠସ୍ଥଳ ମାଲଗୋଦାମରେ ସ୍ଥିତି ସଙ୍ଗିନ ହୋଇପଡ଼ିଥିଲା। ବିଭିନ୍ନ ସାମଗ୍ରୀ କିଣିବାକୁ ଯାଇଥିବା ଲୋକେ ପାଣି ଭିତରେ ପଶି ଏ ଦୋକାନରୁ ସେ ଦୋକାନ ହେଉଥିବା ଦେଖିବାକୁ ମିଳିଥିଲା। ଅପରପକ୍ଷରେ ନୂଆ ରାଉସାପାଟଣା, ଗନ୍ଧାଡିଆ, ଫ୍ରେଣ୍ଡସ୍ କଲୋନୀ ସମେତ ଅନ୍ୟାନ୍ୟ ଅଞ୍ଚଳରେ ବର୍ଷାଜଳର ସୁଅ ଛୁଟିଥିଲା। ଲୋକେ ଘରୁ ବାହାରି ନ ପାରି ହଇରାଣ ହୋଇଥିଲେ। ବିଜୁଳି, ଘଡ଼ଘଡ଼ି ହେବାରୁ ବିଦ୍ୟୁତ୍ ସରବରାହ ମଧ ଦୀର୍ଘସମୟ ଧରି ବନ୍ଦ ରହିଥିଲା।

# ଠିକ୍ ସମୟରେ ନାବାଳିକାଙ୍କୁ ମିଳିଲାନି ଚିକିତ୍ସା

କଟକ,୨୧।୨(ଶିଳ୍ପା ପ୍ରିୟଦର୍ଶିନୀ)

**ଏସ୍‌ସିବି ମେଡିକାଲ**

**କାଜୁଆଲ୍‌ଟିରେ ଗୋଟିଏ ଦିନ ପଡ଼ିରହିଲେ**

ରାଜ୍ୟ ସରକାର ସ୍ୱାସ୍ଥ୍ୟସେବାକୁ ଗୁରୁତ୍ୱ ଦେବା ସହ ମେଡିକାଲର ଭିତ୍ତିଭୂମି ସୁଦୃଢ଼ କରୁଛନ୍ତି। ହେଲେ କେତେକ କ୍ଷେତ୍ରରେ ସ୍ୱାସ୍ଥ୍ୟସେବାରେ ଅବହେଳା କରାଯାଉଛି। ଏଭଳି ଅବ୍ୟବସ୍ଥା ଦେଖିବାକୁ ମିଳିଛି କଟକ ଏସ୍‌ସିବି ମେଡିକାଲରେ। ଗୁରୁବାର ଜଣେ ନାବାଳିକା ଗୁରୁତର ଅବସ୍ଥାରେ ଏସ୍‌ସିବିରେ ଭର୍ତ୍ତି ହୋଇଥିବାବେଳେ ଠିକ୍ ସମୟରେ ତାଙ୍କୁ ଚିକିତ୍ସା ସେବା ଯୋଗାଇ ଦିଆଯାଇ ନ ଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଗୋଟିଏ ଦିନ କାଜୁଆଲ୍‌ଟିରେ ସେ ପଡିରହିବା ପରେ ଶୁକ୍ରବାର ତାଙ୍କର ଚିକିତ୍ସା କରାଯାଇ ମେଡିକାଲର ଅର୍ଥୋପେଡିକ ବିଭାଗରେ ଭର୍ତ୍ତି କରାଯାଇଛି।

ସୂଚନା ଅନୁଯାୟୀ, ବାଲେଶ୍ୱର ଜିଲା ସୋର ଅଞ୍ଚଳର ସମ୍ପୃକ୍ତା ନାବାଳିକାଙ୍କୁ ବିଶାଖାପାଟଣାରୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ତାଙ୍କ ଶରୀରରେ ଏକାଧିକ ହାଡ଼ ଭାଙ୍ଗିଥିବାବେଳେ ଆଘାତ ଲାଗିଛି। ଗୁରୁବାର ତାଙ୍କୁ ଏସ୍‌ସିବି ମେଡିକାଲ ଅଣାଯାଇଥିଲା। ସେ କାଜୁଆଲ୍‌ଟିରେ ପଡିରହିଥିଲେ ମଧ ତୁରନ୍ତ ତାଙ୍କୁ ମେଡିକାଲ ପକ୍ଷରୁ ଉପଯୁକ୍ତ ଚିକିତ୍ସା ମିଳି ନ ଥିଲା। ଏସମ୍ପର୍କରେ ମେଡିକାଲର କୁଳସଚିବ ସୁବାସ ରାଏ କହିଛନ୍ତି, ଏହି ଘଟଣା ନେଇ ଗଣମାଧ୍ୟମରୁ ଜାଣିବାକୁ ପାଇଛି। ଏଭଳି କୌଣସି ଅଭିଯୋଗ ମେଡିକାଲ କର୍ତ୍ତୃପକ୍ଷଙ୍କ ନିକଟକୁ ଆସିନାହିଁ। ଯଦି ଚିକିତ୍ସାରେ ବିଳମ୍ବ ହୋଇଛି ତେବେ ତାହା କେଉଁ କାରଣ ଯୋଗୁ ହୋଇଛି ସେନେଇ ପଚରାଉଚରା କରାଯିବ। ଏଥିସହ ନାବାଳିକାଙ୍କ ଚିକିତ୍ସା ପାଇଁ ସମସ୍ତ ପଦକ୍ଷେପ ନିଆଯିବ।

# ‘ବିକଶିତ ରାଷ୍ଟ୍ର ପାଇଁ ଯୁବଶକ୍ତିର ନେତୃତ୍ୱ ଲୋଡ଼ା’




କାର୍ଯ୍ୟକ୍ରମରେ ଅତିଥିମାନେ ସାଇନ୍ସ ସୋସାଇଟିର ବାର୍ଷିକ ପତ୍ରିକା ଉନ୍ମୋଚନ କରୁଛନ୍ତି।

କଟକ,୨୧।୨(କାର୍ତ୍ତିକ ସାହୁ)

**ସାଇନ୍ସ ସୋସାଇଟିର ବାର୍ଷିକ ଉତ୍ସବ**

କଟକ ଦେଉଳସାହିସ୍ଥିତ ରଘୁନାଥଜୀଉ ସ୍ନାତକ ମହାବିଦ୍ୟାଳୟ ସାଇନ୍ସ ସୋସାଇଟିର ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ବିଜ୍ଞାନ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଜ୍ଞାନଭିତ୍ତିକ ସାଧାରଣଜ୍ଞାନ, ଚିତ୍ରାଙ୍କନ ଓ ପୋଷ୍ଟର ପ୍ରତିଯୋଗିତା ହୋଇଥିଲା। ପରିବେଶ ବିଜ୍ଞାନର ଅଧ୍ୟାପିକା ଡ. ସୁଧାମୟୀ ବେହୁରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ପଦନ କୁମାର ଜେନା ଯୋଗଦେଇ କହିଛନ୍ତି, ଆମ ଦେଶ ଭାରତକୁ ଏକ ବିକଶିତ ରାଷ୍ଟ୍ର ରୂପେ ଗଢ଼ି ତୋଳିବାକୁ ଯୁବଶକ୍ତିର ନେତୃତ୍ୱ ଲୋଡ଼ା। ସମ୍ମାନିତ ଅତିଥି ରାଜାବଗିଚାସ୍ଥିତ ନେତାଜୀ ସ୍ମାରକୀ ସିଟି ମହାବିଦ୍ୟାଳୟ ରସାୟନ ବିଜ୍ଞାନ ବିଭାଗର ମୁଖ୍ୟ ଡ. ସନ୍ତୋଷ କୁମାର ସାମଲ ବିଜ୍ଞାନ ଓ ଜ୍ଞାନକୌଶଳର ଦକ୍ଷତା ବୃଦ୍ଧି ଉପରେ ଗୁରୁତ୍ୱାରୋପ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଚନ୍ଦ୍ରମୋହନ ସ୍ୱାଇଁ ଦୈନନ୍ଦିନ ଜୀବନରେ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ମୂଲ୍ୟବୋଧ ଉପରେ ଗୁରୁତ୍ୱାରୋପ କରିଥିଲେ। ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଡ. ସରୋଜ କୁମାର ଦାଶ ଓ ଶୈକ୍ଷିକ ଅଧିକାରୀ ଡ. ଅକ୍ଷୟ କୁମାର ନାୟକ ବିକଶିତ ଭାରତ ଗଠନରେ ଛାତ୍ରୀଛାତ୍ରଙ୍କ ଯୋଗଦାନ ଉପରେ କହିଥିଲେ। ଏହି ଅବସରରେ ସାଇନ୍ସ ସୋସାଇଟିର ବାର୍ଷିକ ପତ୍ରିକା ‘ଷ୍ଟେପସ୍ ଟୁ ସାଇନ୍ସ’ ଉନ୍ମୋଚିତ ହୋଇଥିଲା। ଏଥିସହ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଅଧ୍ୟାପକ ସିଦ୍ଧାର୍ଥ ଶଙ୍କର ଦାସ ଧନ୍ୟବାଦ ଦେଇଥିଲେ।

# ଓଡ଼ିଶା ପୋଲିସକୁ ୫ ସ୍ୱର୍ଣ୍ଣ, ୧ ରୌପ୍ୟ, ୪ କାଂସ୍ୟ





୨୪ତମ ସର୍ବଭାରତୀୟ ପୋଲିସ ଜଳକ୍ରୀଡ଼ା ଚାମ୍ପିୟନଶିପ୍‌ରେ ପଦକ ଜିତିଥିବା ଖେଳାଳି।

କଟକ,୨୧।୨(କାର୍ତ୍ତିକ ସାହୁ)

**୨୪ତମ ସର୍ବଭାରତୀୟ ପୋଲିସ ଜଳକ୍ରୀଡ଼ା ଚାମ୍ପିୟନଶିପ୍**

ମଧ୍ୟପ୍ରଦେଶର ଭୋପାଳଠାରେ ଅନୁଷ୍ଠିତ ୨୪ତମ ସର୍ବଭାରତୀୟ ପୋଲିସ ଜଳକ୍ରୀଡ଼ା ଚାମ୍ପିୟନଶିପ୍ ୨୦୨୪-୨୫ରେ ଓଡ଼ିଶା ପୋଲିସକୁ ସଫଳତା ମିଳିଛି। ଫେବୃଆରୀ ୧୭ରୁ ୨୧ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ଏହି ଚାମ୍ପିୟନଶିପ୍‌ରେ ଓଡ଼ିଶା ପୋଲିସର ୱାଟରସ୍ପୋର୍ଟସ ଦଳ ବିଭିନ୍ନ ପ୍ରତିଯୋଗିତାରେ ୫ ସ୍ୱର୍ଣ୍ଣ, ୧ ରୌପ୍ୟ, ୪ କାଂସ୍ୟ ପଦକ ଜିତି ଉଲ୍ଲେଖନୀୟ ସଫଳତା ହାସଲ କରିଛି।

ରୋଇଂ ମହିଳା ବିଭାଗ ୨୦୦୦ ମିଟର ଦଳଗତ ପ୍ରତିଯୋଗିତାରେ ରିତୁ କଉଡ଼ି, ରିଚେଲ ଲାକ୍ରା, ସୋନାଲିକା ଦାସ, ରେଶମ ଲାକ୍ରା ସ୍ୱର୍ଣ୍ଣ ପଦକ ଓ ରୋଇଂ ମହିଳା ବିଭାଗ ୫୦୦ ମିଟରରେ ମଧ ଦଳଗତ କାଂସ୍ୟ ପଦକ ବିଜେତା ହୋଇଛନ୍ତି। ରୋଇଂ କୋକ୍ସଲେସ ଯୋଡ଼ି ୫୦୦ ମିଟର ପ୍ରତିଯୋଗିତାରେ ଦୀପିକା ଖେସ୍ ଓ ଝରଣା ହସ୍ତୀ ସ୍ୱର୍ଣ୍ଣପଦକ ଲାଭ କରିଥିଲାବେଳେ ଉଭୟେ ରୋଇଂ କୋକ୍ସଲେସ ଯୋଡ଼ି ୨୦୦୦ ମିଟରରେ କାଂସ୍ୟ ପଦକ ହାସଲ କରିଛନ୍ତି। ସେହିପରି (କାନୋଇଂ ସି-୨) ୧୦୦୦ ମିଟର ପ୍ରତିଯୋଗିତାରେ ସଚିମା କେରକେଟା ଓ ରଶ୍ମିତା ସାହୁ ସ୍ୱର୍ଣ୍ଣ ପଦକ ଲାଭ କରିଥିଲାବେଳେ ଉଭୟେ (କାନୋଇଂ ସି-୨) ୨୦୦ ମିଟରରେ ରୌପ୍ୟ ପଦକ ବିଜୟୀ ହୋଇଛନ୍ତି। କାନୋଇଂ (ସି-୧) ୨୦୦ ମିଟର ଏବଂ ୧୦୦୦ ମିଟର ପ୍ରତିଯୋଗିତାରେ ରଶ୍ମିତା ସାହୁ ୨ଟି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି।

ରାଜ୍ୟ ପୋଲିସ କ୍ରୀଡ଼ାବିତ୍‌ଙ୍କ ଏଭଳି ସଫଳତାରେ ଡିଜିପି ଯୋଗେଶ ବାହାଦୁର ଖୁରାନିଆ ପଦକ ବିଜେତାମାନଙ୍କୁ ପ୍ରଶଂସା କରିବା ସହ ଶୁଭେଚ୍ଛା ଜଣାଇଛନ୍ତି। ଏହି ବିଜୟ ଓଡ଼ିଶାର ଯୁବ ପ୍ରତିଭାମାନଙ୍କୁ ଜଳକ୍ରୀଡ଼ା ପ୍ରତି ଆକୃଷ୍ଟ କରିବା ସହ ଭବିଷ୍ୟତରେ ନୂଆ ମାଇଲଖୁଣ୍ଟ ହାସଲ କରିବା ପାଇଁ ପ୍ରେରଣା ଯୋଗାଇବ ବୋଲି ଡିଜିପି ଆଶାବ୍ୟକ୍ତ କରିଛନ୍ତି।

# ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ

ଚୌଦ୍ୱାର,୨୧।୨(ଆଶୁତୋଷ ଦାସ)

ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ ଗାନ୍ଧୀ ଛକସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଅନ୍ତର୍ଜାତୀୟ ମାତୃଭାଷା ଦିବସ ଶୁକ୍ରବାର ପାଳିତ ହୋଇଯାଇଛି । ପ୍ରଧାନ ଆଚାର୍ଯ୍ୟ ସାରଦା ପ୍ରସାଦ ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟବକ୍ତା ଭାବେ କବିତା ଜେନା ଯୋଗଦେଇ ଉକ୍ତ ଦିବସର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଶିଶୁମାନଙ୍କ ଦ୍ୱାରା ‘ମୋ ମାତୃଭାଷା ମୋତେ ଶ୍ରେଷ୍ଠ’ ପ୍ରସଙ୍ଗରେ ବକ୍ତବ୍ୟ ପ୍ରଦାନ କରାଯିବା ସହ ବିଭିନ୍ନ କବିଙ୍କ ଫଟୋଚିତ୍ର ପ୍ରଦର୍ଶନ କରାଯାଇଥିଲା। ଆଚାର୍ଯ୍ୟ ବାଣୀଭୂଷଣ ମହାନ୍ତି କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ଆଚାର୍ଯ୍ୟ ଶ୍ରୁତିକାନ୍ତ ରାଉତ, ଆରତୀ ମହାପାତ୍ର, ସ୍ୱର୍ଣ୍ଣଲତା ନାୟକଙ୍କ ସମେତ ବିଦ୍ୟାଳୟର ସମସ୍ତ ଗୁରୁମା’, ଗୁରୁଜୀ ସହଯୋଗ କରିଥିଲେ।

# ଆସୁଛି ଜାଗର: ଚାହିଦାରେ ମାଟିଦୀପ

କଟକ,୨୧।୨(ଶିଳ୍ପା ପ୍ରିୟଦର୍ଶିନୀ)

ଆସନ୍ତା ବୁଧବାର ମହାଶିବରାତ୍ରି ବା ଜାଗର ଅମାବାସ୍ୟା। ଏହାକୁ ଦୃଷ୍ଟିରେ ରଖି କାରିଗରମାନେ ମାଟିଦୀପ ତିଆରି କରିବାରେ ଲାଗିପଡ଼ିଛନ୍ତି। ବିଶେଷକରି ବିଡ଼ାନାସୀସ୍ଥିତ କୁମ୍ଭାରସାହିର କାରିଗରଙ୍କ ନିକଟକୁ କଟକ ସମେତ ଭୁବନେଶ୍ୱର, ଆଠଗଡ଼, ହିନ୍ଦୋଳ, ପାରାଦୀପ, ଭଦ୍ରକ, ପୁରୀ ଆଦି ଅନେକ ସ୍ଥାନରୁ ଅର୍ଡର ଆସିଛି। ଫଳରେ ସେମାନଙ୍କୁ ଦୀପ ତିଆରି କରିବାରେ ଫୁରସତ ମିଳୁନି। ଜାଗର ଦୀପ ପାଇଁ ସରସ୍ୱତୀ ପୂଜାଠାରୁ



କାରିଗର ତିଆରି କରିଥିବା ମାଟିଦୀପ।

କୁମ୍ଭକାରମାନେ କାମ ଆରମ୍ଭ କରିଛନ୍ତି। ଫ୍ୟାନ୍ସି ଦୀପ, କୋଲ୍‌କାତା ଗଙ୍ଗାମାଟିରେ ତିଆରି ଦୀପର ଚାହିଦା ଥିଲେ ମଧ ଲୋକେ କଟକ କାରିଗରଙ୍କ ହାତତିଆରି ମାଟିଦୀପକୁ ଭୁଲିନାହାନ୍ତି। ଜାଗର ପାଇଁ କାରିଗର ସୁରେନ୍ଦ୍ର ବେହେରା ୮ ଇଞ୍ଚ ଉଚ୍ଚତା ଓ ୨ ଫୁଟ ଚଉଡ଼ା ବିଶିଷ୍ଟ ମାଟିଦୀପ ତିଆରି କରିଛନ୍ତି। ଏଥିରେ ୭୦ କେଜି ଘିଅ ଜଳିବ। ଏହି ଦୀପର ମୂଲ୍ୟ ପ୍ରାୟ ସାଢ଼େ ୫ହଜାର ଟଙ୍କା ରହିଛି। ଏହି ଦୀପ ପାଇଁ କଟକର ଜଣେ ବ୍ୟବସାୟୀ ଅର୍ଡର କରିଛନ୍ତି। ଦୀପ ତିଆରି ନିମନ୍ତେ ମାଟି, ବାଲି, ଝୋଟ, କପଡ଼ା ଇତ୍ୟାଦି ବ୍ୟବହାର କରାଯାଇଥାଏ। ଗ୍ରାହକଙ୍କ ଅର୍ଡର ଅନୁଯାୟୀ କାରିଗରମାନେ ଛୋଟ, ବଡ଼ ଦୀପ ତିଆରି କରିଛନ୍ତି। ଛୋଟ ଦୀପ ତିଆରି କରାଯିବା ପରେ ଭାଟିରେ ପୋଡ଼ାଯାଉଥିବାବେଳେ ବଡ଼ ଦୀପକୁ ଖରାରେ ଶୁଖାଯାଇଥାଏ। ପରେ ସେଥିରେ ବିଭିନ୍ନ ରଙ୍ଗ ଦିଆଯାଇ ଆକର୍ଷଣୀୟ କରାଯାଇଥାଏ।



“ କୋଲ୍‌କାତା ଜିନିଷକୁ ଲୋକେ ପସନ୍ଦ କରୁଛନ୍ତି ସତ ହେଲେ ମାଟିଦୀପର ଚାହିଦା କମିନି। ଦୀପ ପାଇଁ ଏକ ମାସ ପୂର୍ବରୁ ଅର୍ଡର ଆସିଛି। ଚଳିତବର୍ଷ ୭୦ କେଜି ଘିଅ ଜଳିବା ପାଇଁ ଏକ ଦୀପ ତିଆରି କରିଛି। ସେହିପରି ଗ୍ରାହକଙ୍କ ପସନ୍ଦ ମୁତାବକ ଦୀପ ତିଆରି କରୁଛି। ଜାଗରର ଦୁଇଦିନ ପୂର୍ବରୁ ବେପାର ଆରମ୍ଭ ହୋଇଥାଏ। ଚଳିତବର୍ଷ ଭଲ ବ୍ୟବସାୟ ହେବ ବୋଲି ଆଶା ରହିଛି।

**ସୁରେନ୍ଦ୍ର ବେହେରା, ଦୀପ କାରିଗର**



“ ମାଟି ଦର ବୃଦ୍ଧି ଯୋଗୁ ବ୍ୟବସାୟରେ କ୍ଷତି ସହିବାକୁ ପଡୁଛି। ତଥାପି କୁଳବେଉସା ବଞ୍ଚାଇ ରଖିବାକୁ ପ୍ରୟାସ ଜାରି ରଖିଛୁ। ଜାଗର ପାଇଁ ଛୋଟ ଓ ବଡ଼ ଆକୃତିର ଦୀପ ତିଆରି କରିଛି। ଏବେ ବି ମାଟିଦୀପର ଚାହିଦା ରହିଛି। ଲୋକମାନେ ଏହାକୁ କିଣିବା ପାଇଁ ଆଗ୍ରହ ପ୍ରକାଶ କରୁଛନ୍ତି।

**ନୀଳମଣି ରଣା, ଦୀପ କାରିଗର**

## ଫଟୋ ରେ ଖବର




୫ ଦଫା ଦାବି ନେଇ କଟକ ରାଣୀହାଟସ୍ଥିତ ବ୍ୟାଙ୍କ ଅଫ୍ ଇଣ୍ଡିଆ ସମ୍ମୁଖରେ ବ୍ୟାଙ୍କ ଅଫିସର ଓ କର୍ମଚାରୀମାନେ ବିକ୍ଷୋଭ କରୁଛନ୍ତି।



କଟକ ଗୌରୀଶଙ୍କର ପାର୍କ ନିକଟ ରେଭେନ୍‌ଶା ସରକାରୀ ବାଳିକା ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରୁ ଶୁକ୍ରବାର ମାଟ୍ରିକ୍ ପରୀକ୍ଷା ଦେଇ ଫେରୁଛନ୍ତି ଛାତ୍ରୀଛାତ୍ର।

# ଥର୍ମାଲ ସ୍ପ୍ରେ ପ୍ରଯୁକ୍ତି ବିଦ୍ୟା ଦ୍ୱାରା ଓଡ଼ିଶା ଲାଭବାନ୍ ହେବ: ରାଜ୍ୟପାଳ

ଭୁବନେଶ୍ୱର,୨୧ା୨(ସୁଚିସ୍ମିତା ସାହୁ)

କାଉନ୍ସିଲ୍ ଅଫ୍ ସାଇଣ୍ଟିଫିକ୍ ଆଣ୍ଡ ଇଣ୍ଡଷ୍ଟ୍ରିଆଲ୍ ରିସର୍ଚ୍ଚ(ସିଏସ୍ଆଇଆର୍), ଇନ୍ଷ୍ଟିଚ୍ୟୁଟ୍ ଅଫ୍ ମିନେରାଲସ୍ ଆଣ୍ଡ୍ ମ୍ୟାଟେରିଆଲସ୍ ଟେକ୍ନୋଲୋଜି(ଆଇଏମ୍ଏମ୍ଟି) ଓ ଇଣ୍ଡିଆନ୍ ଥର୍ମାଲ ସ୍ପ୍ରେ ଆସୋସିଏଶନ ପକ୍ଷରୁ ଭୁବନେଶ୍ୱରସ୍ଥିତ ସିଏସ୍ଆଇଆର୍-ଆଇଏମ୍ଏମ୍ଟି ଅଡିଟୋରିଅମ୍ଠାରେ ଦ୍ୱିତୀୟ ଜାତୀୟ ଥର୍ମାଲ୍ ସ୍ପ୍ରେ କନ୍ଫରେନ୍ସ ଆଣ୍ଡ୍ ଏକ୍ସପୋ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟପାଳ ମୁଖ୍ୟଅତିଥି ଭାବେ ଏହାକୁ ଉଦ୍‌ଘାଟନ କରି କହିଲେ, ଥର୍ମାଲ୍ ସ୍ପ୍ରେ କନ୍ଫରେନ୍ସ ଭବିଷ୍ୟତ ଗବେଷଣା ଓ ପ୍ରଯୁକ୍ତି ବିଦ୍ୟାର ପ୍ରୟୋଗ କ୍ଷେତ୍ରରେ ନୂତନ ଅଧ୍ୟାୟ ସୃଷ୍ଟି କରିବ। ବର୍ତ୍ତମାନ ଯୁଗରେ ସ୍ଥାୟିତ୍ୱ ଓ ଦକ୍ଷତା ସହ ଶିଳ୍ପର ପ୍ରଗତି ହେବା ଜରୁରୀ। ମହାକାଶରୁ ଓ ଅଟୋମୋଟିଭ କ୍ଷେତ୍ର, ସ୍ୱାସ୍ଥ୍ୟରୁ ଶିଳ୍ପ ଏଭଳି ବିଭିନ୍ନ କ୍ଷେତ୍ରରେ ଥର୍ମାଲ ସ୍ପ୍ରେ ପ୍ରଯୁକ୍ତିବିଦ୍ୟାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି।




ଜାତୀୟ ଥର୍ମାଲ୍ ସ୍ପ୍ରେ କନ୍ଫରେନ୍ସ ଆଣ୍ଡ୍ ଏକ୍ସପୋରେ ରାଜ୍ୟପାଳ ହରିବାବୁ କମ୍ଭମପାଟି ଓ ଅନ୍ୟ ଅତିଥିମାନେ।

ପଦାର୍ଥ/ ବସ୍ତୁର ସ୍ଥାୟିତ୍ୱ ବୃଦ୍ଧି କ୍ଷେତ୍ରରେ ଆବରଣ ଅପଚୟ ହ୍ରାସ କରିବା, ସମ୍ବଳର ସଂରକ୍ଷଣ ଏବଂ ଶିଳ୍ପ ଦକ୍ଷତା ଉନ୍ନତି କରିବାରେ ଥର୍ମାଲ ସ୍ପ୍ରେ ମହତ୍ତ୍ୱପୂର୍ଣ୍ଣ ଅବଦାନ ରହିଛି। ଓଡ଼ିଶାରେ ବିପୁଳ ଖଣିଜ ସଂପଦ ଏବଂ ଶିଳ୍ପର ଇକୋସିଷ୍ଟମ୍ ଥିବାରୁ ଥର୍ମାଲ ସ୍ପ୍ରେ ପ୍ରଯୁକ୍ତିବିଦ୍ୟାର ଅଗ୍ରଗତି ହେଲେ ରାଜ୍ୟ ଲାଭବାନ୍ ହେବ। ଏହି କନ୍ଫରେନ୍ସ ଜ୍ଞାନ ଆଦାନପ୍ରଦାନ, ସହଯୋଗ ଏବଂ ନବସୃଜନ ପାଇଁ ଥର୍ମାଲ ସ୍ପ୍ରେ କ୍ଷେତ୍ରରେ ଏକ ପ୍ଲାଟଫର୍ମ ଭଳି କାର୍ଯ୍ୟ କରିବ। ଏଥିରେ ଭାରତ ଓ ବିଦେଶର ଶିକ୍ଷା, ଶିଳ୍ପ ଏବଂ ଗବେଷଣା ପ୍ରତିଷ୍ଠାନର ବିଶେଷଜ୍ଞମାନେ ଫଳପ୍ରଦ ଆଲୋଚନା ମାଧ୍ୟମରେ ନୂଆ ଚିନ୍ତାଧାରା ବାଣ୍ଟିବା ସହିତ ଯୁଗାନ୍ତକାରୀ ଗବେଷଣାକୁ ଆଗକୁ ବଢାଇବେ ବୋଲି ରାଜ୍ୟପାଳ କହିଥିଲେ। ରାଜ୍ୟର ପୁରୁଣା ଗବେଷଣା ସଂସ୍ଥା ସିଏସ୍ଆଇଆର – ଆଇଏମ୍ଏମ୍ଟି ହୀରକ ଜୟନ୍ତୀ ପାଳନ କରିବା ଗୌରବର କଥା ବୋଲି ରାଜ୍ୟପାଳ କହିବା ସହିତ ଦୀର୍ଘ ଛଅ ଦଶନ୍ଧି ଧରି ବୈଜ୍ଞାନିକ ଗବେଷଣା, ଭୌତିକ ବିଜ୍ଞାନ, ଧାତୁ ବିଜ୍ଞାନ ଏବଂ ଖଣିଜ ପ୍ରକ୍ରିୟାକରଣରେ ଅପାର ଅବଦାନ ରଖିଛି ବୋଲି ସେ କହିଥିଲେ। ସମ୍ମାନିତ ଅତିଥି ଭାବେ ବିଜ୍ଞାନ ଓ କାରିଗରୀ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ସିଏସ୍ଆଇଆର – ଆଇଏମ୍ଏମ୍ଟିର ନିର୍ଦ୍ଦେଶକ ଡ. ରାମାନୁଜ ନାରାୟଣ ସ୍ୱାଗତ ଭାଷଣ, ଇଣ୍ଡିଆନ ଥର୍ମାଲ ସ୍ପ୍ରେ ଆସୋସିଏଶନ ଅଧ୍ୟକ୍ଷ ପ୍ରଫେସର ହରପ୍ରୀତ ସିଂ, ଆଇଆଇଟି ପାଟନାର ନିର୍ଦ୍ଦେଶକ ପ୍ରଫେସର ଟି.ଏନ୍. ସିଂ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଆବାହକ ଡ. ଶିଶିର ମନ୍ତ୍ରୀ ଧନ୍ୟବାଦ ଅର୍ପଣ କରିଥିଲେ।

# ମହାକୁମ୍ଭ ପାଇଁ ଓଡ଼ିଶାର ୨୫ ସହରକୁ ସଂଯୋଗ କରୁଛି ୬୦ ସ୍ୱତନ୍ତ୍ର ଟ୍ରେନ୍

ଭୁବନେଶ୍ୱର,୨୧ା୨ (ଅନୁରାଧା ମହାରଣା)

ଉତ୍ତରପ୍ରଦେଶ ପ୍ରୟାଗରାଜରେ ଚାଲିଥିବା ମହାକୁମ୍ଭ ୨୦୨୫ରେ ଯୋଗଦେବାକୁ ଯାଉଥିବା ଲକ୍ଷ ଲକ୍ଷ ତୀର୍ଥଯାତ୍ରୀଙ୍କ ସୁଗମ ଯାତ୍ରା ପାଇଁ ପୂର୍ବତଟ ରେଳପଥ ଅଧୀନ ଓଡ଼ିଶାର ୨୫ଟି ସହରରୁ ୬୦ଟି ସ୍ୱତନ୍ତ୍ର ଟ୍ରେନ ଚଳାଚଳ କରୁଛି। ଏଥିରୁ ୫୦ଟି କୁମ୍ଭ ସ୍ୱତନ୍ତ୍ର ଟ୍ରେନ ସଫଳତାର ସହ ଯାତ୍ରା ଶେଷ କରିଛି। ଏହି ସ୍ୱତନ୍ତ୍ର ଟ୍ରେନଗୁଡ଼ିକ ପୁରୀ, ଭୁବନେଶ୍ୱର, କଟକ, ଖୋର୍ଦ୍ଧା ରୋଡ୍, ବ୍ରହ୍ମପୁର ଆଦି ସହରକୁ ସଂଯୋଗ କରୁଛି। ଏସବୁ ଟ୍ରେନ୍ ମଧ୍ୟରେ ପୁରୀ ଏବଂ ତୁଣ୍ଡଲା ମଧ୍ୟରେ ପ୍ରୟାଗରାଜ ଦେଇ ଦୁଇ ଯୋଡ଼ା ଟ୍ରେନ ନଂ.୦୮୪୧୭ ଏବଂ ୦୮୪୭୫ ଚଳାଚଳ କରୁଛି। ଭୁବନେଶ୍ୱର–ତୁଣ୍ଡଲା, ପୁରୀ–ତୁଣ୍ଡଲା ଓ ବିଶାଖାପାଟଣା–ଗୋରଖପୁର ସ୍ୱତନ୍ତ୍ର ଟ୍ରେନ ପ୍ରୟାଗରାଜ ଷ୍ଟେଶନ ଦେଇ ଚାଲୁଛି। ବ୍ରହ୍ମପୁର ଓ ବାଲୁଗାଁରୁ, ଯାଜପୁର କେନ୍ଦୁଝର ରୋଡ ଏବଂ ଯଖପୁରା, କେନ୍ଦୁଝରଗଡ ଏବଂ ନୟାଗଡ଼ରୁ ଢେଙ୍କାନାଳ, ଅନୁଗୋଳ, ବଇଣ୍ଡା, ରେଢ଼ାଖୋଲ, ସମ୍ବଲପୁର ସିଟିରୁ ରାୟଗଡା, କେସିଙ୍ଗା, କଣ୍ଟାବାଞ୍ଜି, ମୁନିଗୁଡା, ଟିଟିଲାଗଡ, ବଲାଙ୍ଗୀର, ବରଗଡ ରୋଡ, ସମ୍ବଲପୁର, ଝାରସୁଗୁଡ଼ାରୁ ସ୍ୱତନ୍ତ୍ର ଟ୍ରେନ ଚଳାଚଳ କରୁଛି। ସାମଗ୍ରିକ ଭାବରେ, ସ୍ୱତନ୍ତ୍ର ଟ୍ରେନ ସେବାଗୁଡ଼ିକ ସମଗ୍ର ଓଡ଼ିଶାର ଏକ ବିସ୍ତୃତ ଭୌଗୋଳିକ ଅଞ୍ଚଳକୁ ସଂଯୋଗ କରୁଛି। ଭକ୍ତମାନଙ୍କ ପାଇଁ ଏକ ଅସୁବିଧାମୁକ୍ତ ଏବଂ ଆରାମଦାୟକ ଅନୁଭୂତି ସୁନିଶ୍ଚିତ କରିବା ପାଇଁ ଭାରତୀୟ ରେଳପଥ ଅନେକ ପଦକ୍ଷେପ ଗ୍ରହଣ କରିଛି। ପ୍ରୟାଗରାଜ ଜଙ୍କଶନ ଓ ଛେଓକି ସମେତ ପ୍ରୟାଗରାଜର ପ୍ରମୁଖ ରେଳ ଷ୍ଟେଶନଗୁଡ଼ିକରେ ନବନିର୍ମିତ ଶୌଚାଳୟ, ପ୍ରଚୁର ପାନୀୟ ଜଳ ଏବଂ ଖାଦ୍ୟ କୋର୍ଟ ଭଳି ଉନ୍ନତ ସୁବିଧା ଉପଲବ୍ଧ ରହିଛି ବୋଲି ରେଳପଥ ପକ୍ଷରୁ ସୂଚନା ଦିଆଯାଇଛି।

# ମାତୃଭାଷାକୁ ନ ଚିହ୍ନିଲେ ଜାତି ଆଗକୁ ଯାଇପାରିବ ନାହିଁ

## ଉତ୍କଳ ସମ୍ମିଳନୀ ପକ୍ଷରୁ ବିଶ୍ୱ ମାତୃଭାଷା ଦିବସ

ଭୁବନେଶ୍ୱର,୨୧ା୨ (ସୌମ୍ୟରଞ୍ଜନ ରାଉତ)

ଉତ୍କଳ ସମ୍ମିଳନୀ ପକ୍ଷରୁ ଅନୁଷ୍ଠାନର କେନ୍ଦ୍ରୀୟ କାର୍ଯ୍ୟାଳୟଠାରେ ଶୁକ୍ରବାର ବିଶ୍ୱ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ମୁଖ୍ୟବକ୍ତା ଭାବେ ଡ. ଆରତି କର ଯୋଗଦେଇ କହିଲେ, ଉତ୍କଳ ଗୌରବ ମଧୁସୂଦନ ଦାସ ଜାଣିଥିଲେ ନିଜ ମାତୃଭାଷାକୁ ନ ଚିହ୍ନିଲେ ଜାତି ଆଗକୁ ଯାଇ ପାରିବ ନାହିଁ। ଯେପର୍ଯ୍ୟନ୍ତ ଜଗନ୍ନାଥ ମନ୍ଦିର ଓ ଭାଗବତ ଟୁଙ୍ଗି ଅଛି, ସେ ପର୍ଯ୍ୟନ୍ତ ମୋ ରାଜ୍ୟର ସୀମା ଅଛି ବୋଲି ମଧୁବାବୁ ସବୁବେଳେ କହୁଥିଲେ। ସମ୍ମିଳନୀର ରାଜ୍ୟ ସଭାପତି ଅଧିବକ୍ତା ଅନନ୍ତ ପ୍ରସାଦ ଜେନା ସଭାପତିତ୍ୱ କରିଥିବା ବେଳେ ସାଧାରଣ ସମ୍ପାଦକ ତଥା ମଞ୍ଚେଶ୍ୱର ଶାଖା ସଭାପତି ଅଧିବକ୍ତା ଦିଲୀପ ଦାଶଶର୍ମା ସଭା ପରିଚାଳନା କରି କହିଲେ, ଜାତୀୟ ଶିକ୍ଷା ନୀତି ଅନୁସାରେ ରାଜ୍ୟ ସୀମାନ୍ତ ଓ ବିଚ୍ଛିନ୍ନାଞ୍ଚଳରେ ଓଡିଆ ଛାତ୍ରୀଛାତ୍ରମାନେ ନିଜ ମାତୃଭାଷାରେ ଶିକ୍ଷା ଗ୍ରହଣ କରିବାରୁ ବଞ୍ଚିତ ହେଉଛନ୍ତି। ସମ୍ମିଳନୀର ଉପସଭାପତି ଡ. ସୁରେନ୍ଦ୍ର ମୋହନ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରି କହିଲେ, ଜଣେ ବ୍ୟକ୍ତି ମାତୃଭାଷା, ଦେଶଭାଷା ଓ ବିଶ୍ୱଭାଷା ଜାଣିବା ଆବଶ୍ୟକ। ସମ୍ମିଳନୀର ଭୁବନେଶର ଶାଖା ସଭାପତି ସୁବ୍ରତ ମହାପାତ୍ର, ସମ୍ପାଦକ ଶିବବ୍ରତ ମହାନ୍ତି, ମଞ୍ଚେଶ୍ୱର ଶାଖା ଉପଦେଷ୍ଟା ନିମାଇଁ ଦାସ, ଉପ-ସଭାପତି ଶୀତଳ ଚନ୍ଦ୍ର ମହାନ୍ତି, ମହେଶର ବିଶାଳ, ରାମ ଚନ୍ଦ୍ର ସାମଲ, ରୁଷୀ ପଟ୍ଟନାୟକ, ବିରଜା ପ୍ରସାଦ ଶତପଥୀ, ଦିପ୍ତିମୟୀ ନାୟକ, ରଶ୍ମିପ୍ରଭା ସାହୁ, ବାସନ୍ତୀ ତ୍ରିପାଠୀ, ଅନୁପମା ବେହେରା, ସରସ୍ୱତୀ ପାତ୍ର, ଅମରେନ୍ଦ୍ର ସାହୁ, ନାରାୟଣ ସୂତାର ଓ ଭଗବାନ ପ୍ରଧାନ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ସମ୍ମିଳନୀର ମଞ୍ଚେଶର ଶାଖା ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ସୁବୁଦ୍ଧି ଧନ୍ୟବାଦ ପ୍ରଦାନ କରିଥିଲେ।




ମାତୃଭାଷା ଦିବସ ପାଳନ ଅବସରରେ ଅନ୍ୟ ଅତିଥିଙ୍କ ସହ ଉତ୍କଳ ସମ୍ମିଳନୀ କର୍ମକର୍ତ୍ତା।

# ଶିମିଳିପାଳ ଉପରେ ନିର୍ମାଣ ହେଉଛି ଚଳଚ୍ଚିତ୍ର 'ଶିମ୍ଲୀ'




କାର୍ଯ୍ୟକ୍ରମରେ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର ଓ ଗଣେଶ ରାମ ସିଂ ଖୁଣ୍ଟିଆଙ୍କ ସମେତ ଅନ୍ୟମାନେ ଚଳଚ୍ଚିତ୍ର 'ଶିମଲୀ'ର ଫାଷ୍ଟ ଲୁକ୍ ଓ ଅଡିଓ ଲୋକାର୍ପଣ କରୁଛନ୍ତି।

ଭୁବନେଶ୍ୱର,୨୧ା୨(ସୌମ୍ୟରଞ୍ଜନ ରାଉତ)

**ଫାଷ୍ଟ ଲୁକ୍ ଓ ଅଡିଓ ଲୋକାର୍ପଣ, ମାର୍ଚ୍ଚ ୧୪ରେ ଶୁଭମୁକ୍ତି**

ଏମ୍ କେ.ଆର୍ ପ୍ରଡକସନ୍ସ ବ୍ୟାନରରେ ନିର୍ମିତ ଓଡ଼ିଶା ଚଳଚ୍ଚିତ୍ର 'ଶିମଲୀ' ମାର୍ଚ୍ଚ ୧୪ରେ ମୁକ୍ତିଲାଭ କରିବ। ଭୁବନେଶ୍ୱର ପ୍ରେସ୍କ୍ଲବଠାରେ ଏହାର ଫାଷ୍ଟ ଲୁକ୍ ଓ ଅଡିଓ ଲୋକାର୍ପଣ କରାଯାଇଛି। ଶିମିଳିପାଳ ଜଙ୍ଗଲର ନିତିଦିନିଆ ଘଟଣା ଉପରେ 'ଶିମଲୀ' କଥାବସ୍ତୁ ଆଧାରିତ। ହାତୀଦାନ୍ତ ଓ ବାଘଛାଲ ଚୋରାଚାଲାଣ, ବନରକ୍ଷୀଙ୍କୁ ଆକ୍ରମଣ ଭଳି ଅପରାଧର କାହାଣୀ ଏହି ଚଳଚ୍ଚିତ୍ରରେ ରହିଛି। ଏଥିସହ ଏଥିରେ ଜଙ୍ଗଲ ସୁରକ୍ଷାକୁ ଗୁରୁତ୍ୱ ଦିଆଯାଇଛି। ଉତ୍ସବରେ ମୁଖ୍ୟ ଅତିଥି ଭାବେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ, ବାଙ୍ଗିରିପୋଷି ବିଧାୟକ ସଞ୍ଜଲି ମୁର୍ମୁ, ସାରସକଣା ବିଧାୟକ ଭାଦବ ହାଁସଦା, ବାରିପଦା ବିଧାୟକ ପ୍ରକାଶ ସୋରେନ, ଆଡ୍‌ଭୋକେଟ ସଞ୍ଜୀବ ମହାନ୍ତି ଅତିଥି ଭାବେ ଯୋଗଦେଇଥିଲେ। ୟୁ ସେନ୍ସର୍ ସାର୍ଟିଫିକେଟ ପାଇଥିବା ଏହି ଭିନ୍ନ ଧରଣର ଓଡ଼ିଆ ଚଳଚ୍ଚିତ୍ରର ପ୍ରଯୋଜନା ଦାୟିତ୍ୱ ସ୍ମିତା ରାଉତ ନେଇଥିବାବେଳେ ପରେଶ ଚନ୍ଦ୍ର ମହାନ୍ତ ସହ-ପ୍ରଯୋଜକ ରହିଛନ୍ତି। ଏଡିଟର ସୁକୁମାର ମଣି 'ଶିମଲୀ' ଜରିଆରେ ନିର୍ଦ୍ଦେଶକ ଭାବେ ଓଲିଉଡ୍‌ରେ ପାଦ ରଖିଛନ୍ତି। ପ୍ରଚାର ଓ ପ୍ରସାର ଦାୟିତ୍ୱରେ ମିଡ଼ିଆ ପ୍ଲାନର କ୍ରିଏଟିଭ ହେଡ୍ ପ୍ରଣୟ ଜେଠୀ ରହିଛନ୍ତି।

# ବିଶ୍ୱସ୍ତରୀୟ ହେବ ବ୍ରହ୍ମପୁର ଷ୍ଟେଶନ

## ବୈଠକରେ ପ୍ରତିଶ୍ରୁତି ଦେଲେ ପୂର୍ବତଟ ମହାପ୍ରବନ୍ଧକ

ଭୁବନେଶ୍ୱର,୨୧ା୨ (ଅନୁରାଧା ମହାରଣା)

ବ୍ରହ୍ମପୁର ରେଳ ଷ୍ଟେଶନ ବିଶ୍ୱସ୍ତରୀୟ ହେବ। ଏନେଇ ପୂର୍ବତଟ ରେଳପଥ ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ପ୍ରତିଶ୍ରୁତି ଦେଇଛନ୍ତି। ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାରଙ୍କ ନେତୃତ୍ୱରେ ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନସାମନ୍ତାରା, ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକଙ୍କ ସହିତ ଦକ୍ଷିଣ ଓଡ଼ିଶା ରେଳପଥ ମିଳିତ ଉନ୍ନୟନ କ୍ରିୟାନୁଷ୍ଠାନ କମିଟିର ସଦସ୍ୟମାନେ ଶୁକ୍ରବାର ଫୁଙ୍କୱାଲଙ୍କୁ ଭେଟିଥିଲେ। ଏହି ଅବସରରେ ଆୟୋଜିତ ବୈଠକରେ ବ୍ରହ୍ମପୁରକୁ ବିଶ୍ୱସ୍ତରୀୟ ଷ୍ଟେଶନ କରିବା, ୫ ଓ ୬ ନମ୍ବର ପ୍ଲାଟଫର୍ମ ନିର୍ମାଣ, ବ୍ରହ୍ମପୁରରେ କୋଚିଂ ଡିପୋ ପ୍ରତିଷ୍ଠା, ଅଟକିରହିଥିବା ବିଭିନ୍ନ ରେଳ ଫ୍ଲାଏ ଓଭର୍ (ଜଗନ୍ନାଥପୁର, ଆମ୍ବପୁଆ ଓ ସୋରଳ) ନିର୍ମାଣ, ବ୍ରହ୍ମପୁରରୁ ଭୁବନେଶ୍ୱର, ବିଶାଖାପାଟଣା ଓ ପୁରୀକୁ ନିୟମିତ ରେଳ ଚଳାଚଳ ସହ ଏସି ଚେୟାର କାରର ବ୍ୟବସ୍ଥା, ଏଥିସହ ବ୍ରହ୍ମପୁରରୁ ଦୈନିକ ନୂଆଦିଲ୍ଲୀ, ମୁମ୍ବାଇ ଓ ସୁରଟକୁ ଦ୍ରୁତଗାମୀ ଟ୍ରେନର ବ୍ୟବସ୍ଥା, ବ୍ରହ୍ମପୁର ଷ୍ଟେଶନରେ ସବୁ ଦ୍ରୁତଗାମୀ ଟ୍ରେନ୍‌ର ରହଣି, ଭୁବନେଶ୍ୱରରୁ ବ୍ରହ୍ମପୁରକୁ ଦ୍ରୁତଗାମୀ ଟ୍ରେନ୍‌ଗୁଡ଼ିକର ସମ୍ପ୍ରସାରଣ, ଭୁବନେଶ୍ୱରରୁ ବ୍ରହ୍ମପୁର ଦିଗରେ ଯାଉଥିବା ସମସ୍ତ ଦ୍ରୁତଗାମୀ ଟ୍ରେନରେ ସ୍ଲିପର ଟିକେଟର ପୁନଃ ପ୍ରଚଳନ କରିବା ପାଇଁ ପୂର୍ବତଟ ରେଳପଥ ମହାପ୍ରବନ୍ଧକ ପ୍ରତିଶ୍ରୁତି ଦେଇଥିଲେ। ଏଥିସହ ଦକ୍ଷିଣ ଓଡ଼ିଶାରେ ରେଳ ଭିତ୍ତିଭୂମିକୁ ସୁଦୃଢ କରିବା ପାଇଁ ବ୍ରହ୍ମପୁର–ସମ୍ବଲପୁର ଭାୟା ଫୁଲବାଣୀ, ଗୋପାଳପୁରରୁ ରାୟଗଡ଼ା ଓ ଗୋପାଳପୁରରୁ ତାଳଚେର ରେଳପଥ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବ ବୋଲି ଫୁଙ୍କୱାଲ୍ କହିଥିଲେ। ବିଧାୟକମାନେ ରାଜ୍ୟ ସରକାରଙ୍କ ତରଫରୁ ସମସ୍ତ ପ୍ରକାର ସହଯୋଗ ମିଳିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। କାର୍ଯ୍ୟକ୍ରମରେ ଆଇନଜୀବୀ ସରୋଜ ରଞ୍ଜନ ପଟ୍ଟନାୟକ, ଓଡ଼ିଶା ଡେଭଲପମେଣ୍ଟ ଫୋରମ ସଭାପତି ରାମପ୍ରସାଦ ତ୍ରିପାଠୀ, ସଚିବ ଭି. ସୋମେଶ୍ୱର ରାଓ, ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଡ. ବାଳକୃଷ୍ଣ ପଣ୍ଡା, ଇଂ. ତେଜେଶ୍ୱର ରାଓ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ମାତୃଭାଷା ମାଧ୍ୟମରେ ଜୀବନର ସର୍ବୋଚ୍ଚ ଶିଖର ଛୁଇଁପାରିବା

## ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ଅନ୍ତର୍ଜାତୀୟ ମାତୃଭାଷା ଦିବସ

ଭୁବନେଶ୍ୱର,୨୧ା୨ (ସୌମ୍ୟରଞ୍ଜନ ରାଉତ)

ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳନ ଅବସରରେ ସାହିତ୍ୟ ଓ ସଙ୍ଗୀତ ସମାରୋହ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମାରୋହରେ ମୁଖ୍ୟ ଅତିଥି ଭାବେ ସାହିତ୍ୟିକ ତଥା ଭାଷାବିତ୍ ପଦ୍ମଶ୍ରୀ ଦମୟନ୍ତୀ ବେଶ୍ରା ଯୋଗଦେଇ ବର୍ତ୍ତମାନ ପରିସ୍ଥିତିରେ ମାତୃଭାଷାର ଗୁରୁତ୍ୱ ଓ ଏହାର ଉପାଦେୟତା ସମ୍ପର୍କରେ ମତ ରଖିଥିଲେ। ମାତୃଭାଷା ମାଧ୍ୟମରେ ଆମେ କିପରି ଜୀବନରେ ସର୍ବୋଚ୍ଚ ଶିଖର ଛୁଇଁପାରିବା ଓ ବିକଶିତ ଭାରତ ଗଠନରେ ସହାୟକ ହେବା, ତାହା ଉପରେ ସେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଉଦାହରଣ ଦେଇ ବୁଝାଇଥିଲେ। ମୁଖ୍ୟବକ୍ତା ଭାବେ ସାହିତ୍ୟିକ ଓ ଶିକ୍ଷାବିତ୍ ଡ. ସିଦ୍ଧାର୍ଥ ଶଙ୍କର ପାଢ଼ୀ ସାମ୍ପ୍ରତିକ ଶିକ୍ଷା ବ୍ୟବସ୍ଥାରେ ମାତୃଭାଷାର ମହତ୍ତ୍ୱ ଓ ଗୁରୁତ୍ୱ ସମ୍ପର୍କରେ କହିଥିଲେ। ଅତୀତରୁ ସାମ୍ପ୍ରତିକ କାଳଯାଏ ମାତୃଭାଷାର ଉପାଦେୟତା ଏବଂ ଏହାର ଭବିଷ୍ୟତ ସମ୍ପର୍କରେ ଆଲୋଚନା କରିଥିଲେ। ସମ୍ମାନିତ ବକ୍ତାଭାବେ ସାହିତ୍ୟିକ ଡ. ମିହିର କୁମାର ସାହୁ ମାତୃଭାଷା ସହିତ ସଙ୍ଗୀତ, ନୃତ୍ୟ, ଚିତ୍ର ଓ ସାହିତ୍ୟ କିପରି ଅଙ୍ଗାଙ୍ଗୀଭାବେ ଜଡ଼ିତ ସେ ସମ୍ପର୍କରେ ମତ ରଖିଥିଲେ। ଏହି ସମାରୋହରେ ଚଳିତ ବର୍ଷ ପଦ୍ମଶ୍ରୀ ସମ୍ମାନ ପାଇଁ ମନୋନୀତ ଓଡ଼ିଶୀ ନୃତ୍ୟଶିଳ୍ପୀ ଦୁର୍ଗାଚରଣ ରଣବୀର ଏବଂ ଭାସ୍କର୍ଯ୍ୟ ଶିଳ୍ପୀ ଅଦ୍ୱୈତଚରଣ ଗଡ଼ନାୟକଙ୍କୁ ବିଶ୍ୱବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏଥିସହ କଣ୍ଠ ସଂଗୀତ ବିଭାଗ ମୁଖ୍ୟ ଡ. ଧୀରଜ କୁମାର ମହାପାତ୍ରଙ୍କ ନିର୍ଦ୍ଦେଶନାରେ ହିନ୍ଦୁସ୍ତାନୀ କଣ୍ଠ ସଙ୍ଗୀତ ଓ ଓଡ଼ିଶୀ କଣ୍ଠସଙ୍ଗୀତ ବିଭାଗର ଛାତ୍ରୀମାନେ କବି ମଧୁସୂଦନ ରାଓ ଓ କବି ଗଙ୍ଗାଧର ମେହେରଙ୍କ ମାତୃଭାଷାଭିତ୍ତିକ କାଳଜୟୀ କୃତିକୁ ସଙ୍ଗୀତ ମାଧ୍ୟମରେ ପରିବେଷଣ କରିଥିଲେ। ସ୍ନାତକୋତ୍ତର ବିଭାଗ ମୁଖ୍ୟ ଡ. ଚକ୍ରଧର ବେହେରା କାର୍ଯ୍ୟକ୍ରମ ପରିଚାଳନା, ଡ. ଜ୍ଞାନରଞ୍ଜନ ପଣ୍ଡା ସଂଯୋଜନା ଓ ଅଧ୍ୟାପିକା ସନ୍ଧ୍ୟାରାଣୀ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।




ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳନ ଅବସରରେ ଯୋଗଦେଇଥିବା ଅତିଥି।

# ଖଣ୍ଡଗିରିରେ ଜଳିଗଲା ବିୟୁଟି ପାର୍ଲର

ଭୁବନେଶ୍ୱର,୨୧ା୨(ସୂର୍ଯ୍ୟକାନ୍ତ ବେହେରା)

ଖଣ୍ଡଗିରିଥାନା ଅନ୍ତର୍ଗତ ଜାଗମରା ଅଞ୍ଚଳରେ ଥିବା ଏକ ବିୟୁଟି ପାର୍ଲରରେ ଶୁକ୍ରବାର ଅଗ୍ନିକାଣ୍ଡ ଘଟିଛି। ଏଥିରେ ଲକ୍ଷାଧିକ ଟଙ୍କାର ସାମଗ୍ରୀ ପୋଡି ନଷ୍ଟ ହୋଇଛି। ଅଗ୍ନିକାଣ୍ଡର ପ୍ରକୃତ କାରଣ ଜଣାପଡି ନ ଥିଲେ ମଧ୍ୟ ଏସି ଶର୍ଟସର୍କିଟରୁ ନିଆଁ ଲାଗିଥିବା ଅନୁମାନ କରାଯାଉଛି। ଖବର ପାଇ ଅଗ୍ନିଶମ ଟିମ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ମଧ୍ୟ ସେତେବେଳକୁ ବିୟୁଟି ପାର୍ଲରଟି ସମ୍ପୂର୍ଣ୍ଣ ଜଳିଯାଇଥିଲା। ସୂଚନାନୁସାରେ, ବିୟୁଟି ପାର୍ଲରଟି ବନ୍ଦଥିବାବେଳେ ରାତି ପ୍ରାୟ ୮ଟାରେ ପାର୍ଲରର ଭିତର ପଟୁ ଧୂଆଁ ବାହାରୁଥିବା ଦେଖି ଲୋକେ ତୁରନ୍ତ ଅଗ୍ନିଶମ ଟିମ୍‌କୁ ଖବର ଦେଇଥିଲେ। ଏହାପରେ ୨ଟି ଦମକଳଗାଡି ସହ କର୍ମଚାରୀମାନେ ପହଞ୍ଚି ନିଆଁଲିଭା କାର୍ଯ୍ୟ ଆରମ୍ଭ କରିଥିଲେ। ତୁରନ୍ତ ନିଆଁ ଆୟତ୍ତ ହେବାରୁ ପାଖରେ ଥିବା ଅନ୍ୟ ଦୋକାନକୁ ନିଆଁ ବ୍ୟାପି ନ ଥିବା ଲୋକେ କହିଛନ୍ତି।

# ଓଡ଼ିଶା କୃଷକଙ୍କୁ ସହଯୋଗ ପାଇଁ ଆଗ୍ରହ ପ୍ରକାଶ କଲା ମ୍ୟାପ୍ ମାଇଁ କ୍ରପ୍ କମ୍ପାନୀ

ଭୁବନେଶ୍ୱର,୨୧ା୨
(ସୌମ୍ୟରଞ୍ଜନ ରାଉତ)

ଓଡ଼ିଶା ଏକ ବିପର୍ଯ୍ୟୟ ପ୍ରବଣ ରାଜ୍ୟ। ପ୍ରତିବର୍ଷ ଏଠାରେ ବାତ୍ୟା, ଅଦିନିଆ ବର୍ଷା, ବନ୍ୟା, ସାମୁଦ୍ରିକ ଝଡ଼ ଭଳି ପ୍ରାକୃତିକ ବିପର୍ଯ୍ୟୟ ଆସିଥାଏ। କୃଷକମାନେ ହିଁ ଏହାର ସର୍ବାଧିକ କ୍ଷତି ସହିଥାନ୍ତି। ଏହାବାଦ୍ ରୋଗପୋକ ଏବଂ ଅନ୍ୟାନ୍ୟ ସଂକ୍ରମଣ ଯୋଗୁ ମଧ୍ୟ ଫସଲ ହାନି ହୋଇଥାଏ। ଏସବୁର ମୁକାବିଲା କରିବା ସହିତ କୃଷକଙ୍କୁ ସହଯୋଗ କରିବାକୁ ଆଗେଇ ଆସିଛି ମ୍ୟାପ୍ ମାଇଁ କ୍ରପ୍ କମ୍ପାନୀ। ଏହି କମ୍ପାନୀ ବିପର୍ଯ୍ୟୟର ଯଥେଷ୍ଟ ଆଗରୁ ସୂଚନା ପ୍ରଦାନ କରିବ। ବିପର୍ଯ୍ୟୟ ପରବର୍ତ୍ତୀ ଫସଲ ହାନିର ତଥ୍ୟ ସାଟେଲାଇଟ ଯୋଗେ ପ୍ରଦାନ କରିବ। ଯେକୌଣସି ସମୟରେ ଯେକୌଣସି ଅଞ୍ଚଳର ଚାଷଜମିର ଅବସ୍ଥିତି ଏବଂ ଫସଲର ଅବସ୍ଥା ବିଷୟରେ ବିସ୍ତୃତ ବିବରଣୀ ପ୍ରଦାନ କରିବ। ଏହି ଅବସରରେ ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଗୁରୁବାର ମ୍ୟାପ ମାଇଁ କ୍ରପର ପ୍ରତିନିଧି ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତୀକରଣ ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କୁ ଭେଟି ଏକ ଉପସ୍ଥାପନ ପ୍ରଦର୍ଶନ କରିଛନ୍ତି। ଏହି ସମୟରେ କୃଷି ବିଭାଗ ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ, କୃଷି ନିର୍ଦ୍ଦେଶକ ପ୍ରେମଚନ୍ଦ୍ର ଚୌଧୁରୀ, ଉଦ୍ୟାନ କୃଷି ନିର୍ଦ୍ଦେଶକ ନିଖିଲ ପୱନ କଲ୍ୟାଣ ପ୍ରମୁଖ ଉପସ୍ଥିତ ରହି ନିଜ ମତ ପ୍ରଦାନ କରିଥିଲେ। ସମ୍ପ୍ରତି ଓଡ଼ିଶାର କୃଷି କ୍ଷେତ୍ରରେ ଡିଜିଟାଲ ଟେକ୍ନୋଲୋଜିର ସହାୟତାରେ ଏଗ୍ରି ଷ୍ଟାକ୍ ଆପ୍ ମାଧ୍ୟମରେ ଚାଷଜମି ଓ ଫସଲର ମ୍ୟାପିଂ କରାଯାଉଛି। କୃଷି କ୍ଷେତ୍ରରେ ଡିଜିଟାଲ ଟେକ୍ନୋଲୋଜିର ଉପଯୋଗ କରି କୃଷକଙ୍କ ଆୟକୁ ବହୁଗୁଣିତ କରିବା ପାଇଁ ଓଡ଼ିଶା ସରକାର ସର୍ବଦା ଚେଷ୍ଟିତ ବୋଲି ଉପମୁଖ୍ୟମନ୍ତ୍ରୀ ସିଂଦେଓ କହିଥିଲେ। ବୈଠକରେ ମ୍ୟାପ୍ ମାଇଁ କ୍ରପ୍ କମ୍ପାନୀର ବାଣିଜ୍ୟ ନିର୍ଦ୍ଦେଶକ ସଞ୍ଜୟ ବୋବଡେ, ଆଦର୍ଶ ନାୟର, ଦିଲୀପ ଦାଶ, ଗିରିଧର, ଆନନ୍ଦ ତାମରାକର, ଏ ଶୈଖ ପ୍ରମୁଖ ଯୋଗଦେଇଥିଲେ।



ମ୍ୟାପ୍ ମାଇଁ କ୍ରପର ପ୍ରତିନିଧିମାନେ ଉପମୁଖ୍ୟମନ୍ତ୍ରୀ କେ.ଭି. ସିଂଦେଓଙ୍କୁ ପ୍ରକଳ୍ପ ରିପୋର୍ଟ ପ୍ରଦାନ କରୁଛନ୍ତି।


यूनियन बैंक ऑफ इंडिया | Union Bank of India

**ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**
**କ୍ଷେତ୍ରୀୟ କାର୍ଯ୍ୟାଳୟ, କଟକ**
୧ମ ମହଲା, କେ କେ ଭାଓ୍ୱାସିଙ୍କ କମ୍ପାଉଣ୍ଡ, ଶ୍ରୀଜି କମ୍ପ୍ଲେକ୍ସ, ମାଛୁଆ ବଜାର, କ୍ୟାଣ୍ଟନ୍‌ମେଣ୍ଟ ରୋଡ୍, କଟକ-୭୫୩୦୦୧

**ଦଖଲ ନୋଟିସ୍**
(ସ୍ଥାବର ସମ୍ପତ୍ତି ନିମନ୍ତେ)

ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ -୨୦୦୨ ଅନ୍ତର୍ଗତ ରୁଲ୍ ୮(୧)

ନିମ୍ନ ସ୍ୱାକ୍ଷରକାରୀ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ବଡହାଟ କେନ୍ଦ୍ରାପଡା ଶାଖା,** କାକଟ ଛକ, ଜିଲ୍ଲା: କେନ୍ଦ୍ରାପଡା, ଓଡ଼ିଶା (ଶାଖା ଠିକଣା)ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଦ୍ୱିତୀୟ) ଆକ୍ଟ, ୨୦୦୨ **(୨୦୦୨ର ଆକ୍ଟ ୫୪)** ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ,୨୦୦୨ର ରୁଲ୍ ୩ ଅନୁସାରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନବର୍ଣ୍ଣିତ ଋଣ ଆକାଉଣ୍ଟର ଋଣଗ୍ରହୀତା/ଜାମିନ୍‌ଦାରଙ୍କୁ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ଓ ଅନ୍ୟାନ୍ୟ ଦେୟ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତା ତାଙ୍କର ଋଣ ପଇଠ କରିବାରେ ବିଫଳ ହେଲେ, ତେଣୁ ଋଣଗ୍ରହୀତା/ଜାମିନ୍‌ଦାର ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ କଥିତ ଆକ୍ଟର ଧାରା ୧୩(୪) ସହିତ ରୁଲ୍ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡିକୁ ଦଖଲକୁ ନେଇଛନ୍ତି। ଏତଦ୍‌ଦ୍ୱାରା ବିଶେଷ କରି ଋଣଗ୍ରହୀତା/ଜାମିନ୍‌ଦାର ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡ଼ିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସମ୍ପତ୍ତିଗୁଡିକ ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ନିମନ୍ତେ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ବଡହାଟ କେନ୍ଦ୍ରାପଡା ଶାଖା** ନିକଟରେ ଉତ୍ତରଦାୟୀ ରହିବେ।

**ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ଋଣଗ୍ରହୀତା ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଶାଖା/ ଋଣଗ୍ରହୀତା / ଜାମିନ୍‌ଦାରଙ୍କ ନାମ ଏବଂ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ଦେୟ | ଡିମାଣ୍ଡ ନୋଟିସ୍ ତାରିଖ/ଦଖଲ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
| --- | --- | --- | --- |
| ବଡହାଟ କେନ୍ଦ୍ରାପଡା ଶାଖା/ ଋଣଗ୍ରହୀତାମାନେ: ୧) ଶ୍ରୀମତୀ ରୁକ୍ମଣୀ ବଳ, ସ୍ୱାମୀ: ରାଜ କିଶୋର ବଳ, ସା.: ତରାଣ୍ଡୋ, ପୋ.: ବାରୋ, ଜିଲ୍ଲା: କେନ୍ଦ୍ରାପଡା, ପିନ୍-୭୫୪୨୫୧, ଓଡ଼ିଶା, ଇଣ୍ଡିଆ, ୨) **ଶ୍ରୀ ରାଜ କିଶୋର ବଳ,** ସା.: ବଡପାଲ୍ଲି, ଭାୟା: ଆଭକୈଲପୁର, ଜିଲ୍ଲା: କେନ୍ଦ୍ରାପଡା, ଓଡ଼ିଶା, ପିନ୍-୭୫୪୨୧୭ / **ଜାମିନଦାର: ଶ୍ରୀ କୁଞ୍ଜ ବିହାରୀ ପଣ୍ଡା,** ପିତା: ଢେଙ୍କାମଣୀ ପଣ୍ଡା, ସା.: ତରାଣ୍ଡୋ, ବାରୋ, ଜିଲ୍ଲା: କେନ୍ଦ୍ରାପଡା, ଓଡ଼ିଶା-୭୫୪୨୫୧ | ୩୧.୧୦.୨୦୨୪ ସୁଦ୍ଧା ଟ.୪,୩୨,୭୩୮.୭୧ + ସେବାବଦ ସୁଧ | ୧୮.୧୧.୨୦୨୪ / ୧୭.୦୨.୨୦୨୫ | ଶ୍ରୀମତୀ ରୁକ୍ମଣୀ ବଳଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୧୬୫/୩୦୧୪, ରେଭିନ୍ୟୁ ଖାତା ନଂ.: ୭୦୫/୧୪୩, ମୌଜା: ତରାଣ୍ଡୋ, ଥାନା: ନିକିରାଇ ଏବଂ ନଂ.: ୭୨, ତହସିଲ: କେନ୍ଦ୍ରାପଡା, ଥାନା ନଂ.: ୧୮୦, ଜିଲ୍ଲା: କେନ୍ଦ୍ରାପଡା, ଓଡ଼ିଶା, କ୍ଷେତ୍ର: ଏକର୦.୦୫୦ ଡିସିମିଲ, ଏହାର ଚତୁଃପାର୍ଶ୍ୱରେ ଉତ୍ତର: ସରକାରୀ ରାସ୍ତା, ଦକ୍ଷିଣ: ପ୍ଲଟ୍ ନଂ.: ୧୬୪, ପୂର୍ବ: ପ୍ଲଟ୍ ନଂ.: ୧୬ର ଅବଶିଷ୍ଟ, ପଶ୍ଚିମ: ପ୍ଲଟ୍ ନଂ.: ୧୬୬ |

ତାରିଖ: ୨୧.୦୨.୨୦୨୫
ସ୍ଥାନ: କଟକ

ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ
ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

**ଶିରିଡ଼ି ସାଇବାବାଙ୍କ ବାର୍ଷିକ ଉତ୍ସବ**

ଚୌଦ୍ୱାର,(ଆଶୁତୋଷ ଦାସ) ଚୌଦ୍ୱାର ରୂପଯାତ୍ରା ପଡ଼ିଆସ୍ଥିତ ଶ୍ରୀ ଶ୍ରୀ ଶିରିଡ଼ି ସାଇବାବାଙ୍କ ଦ୍ୱାଦଶତମ ବାର୍ଷିକ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କଳସ ଶୋଭାଯାତ୍ରା, ସାଇବାବାଙ୍କ ମହାସ୍ନାନ, ପୂର୍ଣ୍ଣାହୁତି, ଚଉଡ଼ି ଶୋଭାଯାତ୍ରା ଭଳି ବିଭିନ୍ନ କାର୍ଯ୍ୟକ୍ରମ ହୋଇଥିଲା। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ପ୍ରସାଦସେବନ ବ୍ୟବସ୍ଥା ହୋଇଥିଲା। ଶିବଶଙ୍କର ସାହୁ ଓ ପାୟଲ ସାହୁ କର୍ତ୍ତାକର୍ତ୍ତ୍ରୀ ଭାବେ ଆହୁତି ପ୍ରଦାନ କରିଥିଲେ। ସାଇମନ୍ଦିର ଟ୍ରଷ୍ଟ ସଦସ୍ୟ ଓ ପରମାନନ୍ଦ ସାହୁଙ୍କ ତତ୍ତ୍ୱାବଧାନରେ ସୁନୀଲ କୁମାର ସାହୁ, ରମେଶ ଚନ୍ଦ୍ର ସାହୁ, ଜିତେନ୍ଦ୍ର କୁମାର ସାମଲ, ଦୀପକ ସାହୁଙ୍କ ସମେତ ଅନ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ହାତୀ ଉପଦ୍ରବ, ଲୋକେ ଭୟଭୀତ

## ଘରୁ ନ ବାହାରିବାକୁ ସତର୍କ କଲା ବନ ବିଭାଗ

**ଖୁଣ୍ଟୁଣୀ, ୨୧।୨(ସଚ୍ଚିଦାନନ୍ଦ ପଣ୍ଡା)**

ଖୁଣ୍ଟୁଣୀ ବନାଞ୍ଚଳରେ ଶୁକ୍ରବାର ରାତିରେ ହାତୀ ଉପଦ୍ରବ ଦେଖିବାକୁ ମିଳିଛି। ଏହାକୁ ନେଇ ଲୋକମାନେ ଭୟଭୀତ ହୋଇପଡିଛନ୍ତି। ଖୁଣ୍ଟୁଣୀ ବନ ବିଭାଗ ପକ୍ଷରୁ ହାତୀଙ୍କ ଗତିବିଧି ଉପରେ ନଜର ରଖାଯାଇଥିବାବେଳେ ଘରୁ ନ ବାହାରିବା ପାଇଁ ଡାକବାଜି ଯନ୍ତ୍ର ଯୋଗେ ଲୋକମାନଙ୍କୁ ସତର୍କ କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, କପିଳାସ ସଂରକ୍ଷିତ ଜଙ୍ଗଲରୁ ଶୁକ୍ରବାର ରାତିରେ ୨୨ ଟିକିଆ ହାତୀପଲ ଆସି ଖୁଣ୍ଟୁଣୀ ବନାଞ୍ଚଳର ଗୋବରା ଜଙ୍ଗଲରେ ପ୍ରବେଶ କରିଛନ୍ତି। ଖୁଣ୍ଟୁଣୀ ବନାଞ୍ଚଳ ଅଧିକାରୀ ନୀଳମାଧବ ସାହୁ ଏ ସମ୍ପର୍କରେ ଜାଣିବା ପରେ ଜଙ୍ଗଲ ବିଭାଗର ସମସ୍ତ କର୍ମଚାରୀଙ୍କୁ ସତର୍କ କରାଇବା ସହିତ ହାତୀଙ୍କ ଗତିବିଧି ଉପରେ କଡ଼ା ନଜର ରଖିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ସେ ରାତିରେ ଗୋବରା, ଶଙ୍ଖପୋଇ, ରାଜବଲ୍ଲଭପୁର, ସାଉରିଆ, ଗୁରୁଡିଝାଟିଆ ଅଞ୍ଚଳ ପରିଦର୍ଶନ କରିଛନ୍ତି। ଫରେଷ୍ଟର, ହାତୀ ଟ୍ରାକରମାନଙ୍କୁ ଦୁଇଟି ଗାଡ଼ିରେ ଉପରୋକ୍ତ ଅଞ୍ଚଳକୁ ପଠାଯାଇ ରାତିରେ ଲୋକେ ଘରୁ ନ ବାହାରିବା ପାଇଁ ସତର୍କ କରାଯାଇଛି। ଏହି ହାତୀପଲରେ ଥିବା ଏକ ଦନ୍ତା ଲୋକଙ୍କୁ ଗୋଡାଉଥିବାରୁ ବନ ବିଭାଗ ସବୁ ଗ୍ରାମ ମୁଣ୍ଡରେ ପଇଁତରା ମାରିଛି। ଶନିବାର ସକାଳେ ହାତୀପଲକୁ କପିଳାସ ମୁହାଁ କରିବାକୁ ଉଦ୍ୟମ କରାଯିବ। ଖାଦ୍ୟ ଓ ପାନୀୟ ଜଳ ଅନ୍ୱେଷଣରେ ଏହି ହାତୀପଲ ପଳାଇ ଆସିଥିବା ବନ ବିଭାଗ ପକ୍ଷରୁ ଜଣାପଡିଛି।



## ସଂକ୍ଷେପରେ

### ମା'ଠାରୁ ଅଲଗା ହେଲା ସିମ୍ପାଞ୍ଜି ଶାବକ

**ତ୍ରିଶୂଳିଆ,୨୧।୨(ତୁଷାରକାନ୍ତ ବେହେରା)**

ନନ୍ଦନକାନନ ପ୍ରାଣୀଉଦ୍ୟାନର ୬୦ ନଂ.(କ) ଏନ୍‌କ୍ଲୋଜରର ସିମ୍ପାଞ୍ଜି ଖୁଆଡ଼ର ଫିଡିଂ ଚାମ୍ବରରେ ରହୁଥିବା ଅଣ୍ଡିରା ଶାବକକୁ ତା' ମା'ଠାରୁ ଅଲଗା କରାଯାଇଛି। ମା' ଦୁର୍ଗା ତାକୁ ଅଣଦେଖା କରିବା ସହ ପାଖରେ ପୂରାଉ ନ ଥିଲା। ଏମିତିକି କ୍ଷୀରରୁ ବଞ୍ଚିତ ରଖିଥିଲା। ଫଳରେ ଶାବକଟି ଅଧିକାଂଶ ସମୟରେ ରଡି କରୁଥିଲା। ପ୍ରାଣୀ ରକ୍ଷକଙ୍କଠାରୁ ସୂଚନା ପାଇ ନନ୍ଦନକାନନ କର୍ତ୍ତୃପକ୍ଷ ଗୁରୁବାର ଶାବକକୁ ମା'ଠାରୁ ଅଲଗା କରି ବନ୍ୟପ୍ରାଣୀ ଚିକିତ୍ସାଳୟର ଶାବକ ଲାଳନପାଳନ କେନ୍ଦ୍ରରେ ରଖାଯାଇ ସ୍ୱତନ୍ତ୍ର ସେବା ଓ ଯତ୍ନ ନିଆଯାଉଥିବା ବିଭାଗୀୟ ଜଣେ ଅଧିକାରୀ କହିଛନ୍ତି। ସୂଚନାଯୋଗ୍ୟ, ଗତ ଜାନୁଆରୀ ୩୦ରେ ସିମ୍ପାଞ୍ଜି 'ଦୁର୍ଗା' ପ୍ରଥମ ଥର ପାଇଁ ଗୋଟିଏ ଅଣ୍ଡିରା ଶାବକ ଜନ୍ମ ଦେଇଥିଲା। ମା' ଓ ଶାବକ ୬୦ ନଂ.(କ) ଖୁଆଡ଼ ଫିଡିଂ ଚାମ୍ବର ପୃଥକୀକରଣ ଖୁଆଡ଼ରେ ରହୁଥିଲେ। ହେଲେ ଦେଢ ମାସ ପରେ କୌଣସି କାରଣରୁ ଦୁର୍ଗା ତା' ଶାବକକୁ ଅଣଦେଖା କରିବା ସହ ପାଖରେ ପୂରାଉ ନ ଥିଲା। ଖବର ପାଇ କର୍ତ୍ତୃପକ୍ଷ ଉଭୟ ମା' ଓ ଶାବକକୁ ଏକାଠି କରିବାକୁ ବହୁ ଚେଷ୍ଟା କରି ବିଫଳ ହୋଇଥିଲେ।

### ବିଜେଡି କର୍ମୀ ସମ୍ମିଳନୀ

**ବାଙ୍କୀ,୨୧।୨(ଜ୍ଞାନେନ୍ଦ୍ର ମୋହନ ମିଶ୍ର)**

ଡମପଡ଼ା ବ୍ଲକ ଅନ୍ତର୍ଗତ ତାଳବସ୍ତ ପଞ୍ଚାୟତର ମା'ଭଗବତୀ ଫୁଲମରୁଆ ଠାକୁରାଣୀ ପୀଠରେ ବିଜୁ ଜନତାଦଳ ତରଫରୁ ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ବାଙ୍କୀର ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ ଯୋଗଦେଇ କର୍ମୀମାନଙ୍କୁ ଉତ୍ସାହିତ କରିବା ସହ ଆଗାମୀ ଦିନରେ ସମସ୍ତେ ଏକତ୍ରିତ ହୋଇ ରହିବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଡମପଡ଼ା ବ୍ଲକ ଅଧକ୍ଷ ପ୍ରଣବ କିଶୋର ପଟେଲ, ଜିଲା ପରିଷଦ ସଦସ୍ୟ ଆଶିଷ ସାହୁ, କେନ୍ଦ୍ରୀୟ ବ୍ୟାଙ୍କ ସଭାପତି ସୁବାସ ପାଢ଼ୀ, ପୂର୍ବତନ ଡମପଡ଼ା ବ୍ଲକ ଅଧକ୍ଷ ସୂର୍ଯ୍ୟନାରାୟଣ ପାତ୍ର, ଡମପଡ଼ା ବ୍ଲକ ଯୁବ ବିଜେଡି ସଭାପତି ଭାଗୀରଥି ପାଣି, ବସନ୍ତ ବେଉରା ପ୍ରମୁଖ ଯୋଗଦେଇ ଦଳୀୟ କର୍ମୀମାନଙ୍କୁ ଉତ୍ସାହିତ କରିଥିଲେ। ଯେଉଁମାନେ ଦଳ ଛାଡିଯାଇଛନ୍ତି ସେମାନଙ୍କୁ ଆଗାମୀ ଦିନରେ କଡା ଜବାବ ଦିଆଯିବ ବୋଲି କହିଥିଲେ। ଏହି ଅବସରରେ ତାଳବସ୍ତ ଗ୍ରାମ ପାଇଁ ଏକ ୧୬ ଜଣିଆ କମିଟି ଏବଂ ପଦନପୁର ଗ୍ରାମ ପାଇଁ ଏକ ୧୨ଜଣିଆ କମିଟି ଗଠନ କରାଯାଇଥିଲା।

### ରାଣୀ ଶୁକଦେଈ କ୍ରିକେଟ୍ : ଫାଇନାଲରେ ରାଣୀଶୁକଦେଈ ଟିମ୍

**ବାଙ୍କୀ,୨୧।୨(ଜ୍ଞାନେନ୍ଦ୍ର ମୋହନ ମିଶ୍ର)**

ବାଙ୍କୀ କଲେଜ ଖେଳପଡ଼ିଆରେ ରାଣୀ ଶୁକଦେଈ କ୍ରିକେଟ ଟୁର୍ନାମେଣ୍ଟର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ଢିଁସର କ୍ରିକେଟ ଟିମ୍ ଓ ରାଣୀ ଶୁକଦେଈ କ୍ରିକେଟ ଟିମ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଣୀ ଶୁକଦେଈ ଟିମ୍ ୧୩୮ରନ କରି ୩ ଉଇକେଟ୍‌ରେ ବିଜୟୀ ହୋଇଛି। ମୁଖ୍ୟ ଅତିଥିଭାବେ ଡ. ସ୍ମୃତିରଞ୍ଜନ ଲେଙ୍କା ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ସମ୍ମାନିତ ଅତିଥିଭାବେ ଅଧାପକ ପ୍ରଶାନ୍ତ ଭୋଇ ଓ ଅଧାପକ ନରେଶ ବେହେରା ଯୋଗଦେଇଥିଲେ। ମ୍ୟାଚକୁ ଅଧ୍ୟାପକ ନିରଞ୍ଜନ ଉପାଧ୍ୟାୟ ଓ ଜିତେନ୍ଦ୍ର ଦେଓ ପରିଚାଳନା କରିଥିବାବେଳେ ଅମ୍ପାୟର ଭାବେ ଜଗନ୍ନାଥ ଦଳେଇ, ଦୀପକ ପ୍ରଧାନ ସହଯୋଗ କରିଥିଲେ। ମ୍ୟାଚରେ ହିମାଂଶୁ ଜେନା ୬୫ରନ କରି ଅପରାଜିତ ଥିବାରୁ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଡ. ଲେଙ୍କା ତାଙ୍କୁ ପୁରସ୍କୃତ କରିଥିଲେ।

### ଗଡ଼ବୁଢ଼େଶ୍ୱର ଦେବଙ୍କ ପୀଠରେ ଜାଗର ଯାତ୍ରା ପାଇଁ ପ୍ରସ୍ତୁତି

**ବାଙ୍କୀ,୨୧।୨(ଜ୍ଞାନେନ୍ଦ୍ର ମୋହନ ମିଶ୍ର)**

ଡମପଡ଼ା ବ୍ଲକ ଅନ୍ତର୍ଗତ ବାଙ୍କୀ ଗଡ଼ବୁଢ଼େଶ୍ୱର ମହାଦେବଙ୍କ ପୀଠରେ ଜାଗର ଯାତ୍ରା ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜାଗରଯାତ୍ରା ଦିନ ପ୍ରଭୁଙ୍କଠାରେ ପୂଜାକାର୍ଯ୍ୟ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ପାଇଁ ବୈଠକରେ ନିଷ୍ପତ୍ତି ହୋଇଛି। କାର୍ଯ୍ୟକ୍ରମରେ ବୁଢ଼େଶ୍ୱର ଦେବ ଉନ୍ନୟନ କମିଟି ଓ ଗ୍ରାମବାସୀ ଯୋଗଦେଇ ସେମାନଙ୍କ ମତାମତ ଉପସ୍ଥାପନ କରିଥିଲେ। ଉକ୍ତ ବୈଠକରେ ପ୍ରଦୀପ କୁମାର ପଟ୍ଟନାୟକ ସଭାପତିତ୍ୱ କରିଥିବା ବେଳେ ଲକ୍ଷ୍ମଣ ସୁବୁଦ୍ଧି ଧନ୍ୟବାଦ ଅର୍ପଣ କରିଥିଲେ।

## ବିକ୍ରମ ଜେରାଇ ହତ୍ୟା ଘଟଣା: ୩ ଗିରଫ

**ଖୁଣ୍ଟୁଣୀ, ୨୧।୨(ସଚ୍ଚିଦାନନ୍ଦ ପଣ୍ଡା)**

ଗୁରୁଡିଝାଟିଆ ଥାନା ଅଧୀନ ଗୋବରା ପଞ୍ଚାୟତର ଓରିଙ୍ଗାବାଡି ଗ୍ରାମରେ ଗତ ରବିବାର କେତେଜଣ ଯୁବକ ସଂଘବଦ୍ଧ ଭାବେ ବିକ୍ରମ ଜେରାଇ ନାମକ ଯୁବକଙ୍କୁ ହତ୍ୟା କରିଥିଲେ। ଏହି ଘଟଣାରେ ସମ୍ପୃକ୍ତ ୩ ଜଣ ଅଭିଯୁକ୍ତଙ୍କୁ ଗୁରୁବାର ରାତିରେ ପୋଲିସ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଏହି ଥାନା ଗୋବରା ଗ୍ରାମର ଧନଞ୍ଜୟ ଦେହୁରୀ, ସୁଶାନ୍ତ ବାରିକ ଓ ଶଙ୍କର୍ଷଣ ଭୂତିଆ। ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଶୁକ୍ରବାର ଥାନା ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଚୌଦ୍ୱାର ଏସ୍‌ଡିପିଓ ଉମାକାନ୍ତ ନାୟକ ସୂଚନା ଦେଇଛନ୍ତି।

ସୂଚନା ଅନୁଯାୟୀ, ରବିବାର ବିକ୍ରମ, ଚୈତନ୍ୟ ମୁଣ୍ଡୁଳିଆ ଓ ରାମ ବଦରା ଏକ ଫାର୍ମରେ କାମ ସାରି ଘରକୁ ଫେରିବା ବାଟରେ କେତେଜଣ ଯୁବକ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ସେମାନଙ୍କୁ ସଂଘବଦ୍ଧ ଭାବେ ଆକ୍ରମଣ କରିଥିଲେ। ଘଟଣାସ୍ଥଳରେ ବିକ୍ରମଙ୍କ ମୃତ୍ୟୁ ଘଟିଥିବାବେଳେ ଚୈତନ୍ୟ ଓ ରାମ ଗୁରୁତର ହୋଇଥିଲେ। ଚିକିତ୍ସାଲାଗି ସେମାନଙ୍କୁ କଟକ ବଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ବିକ୍ରମଙ୍କୁ ହତ୍ୟା କରାଯାଇଥିବା ନେଇ ତାଙ୍କ ସ୍ତ୍ରୀ ସବିତା ଗୁରୁଡିଝାଟିଆ ଥାନାରେ ଅଭିଯୋଗ କରିଥିଲେ। ଏନେଇ ପୋଲିସ ଏକ ହତ୍ୟା ମାମଲା(ନଂ.୩୦/୨୫) ରୁଜୁ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ସୋମବାର ଆଠଗଡ଼ ଡାକ୍ତରଖାନାକୁ ପଠାଇଥିଲା। ହେଲେ ରାତିରେ ମୃତଦେହ ଆସି ପହଞ୍ଚିବା ପରେ ଆଦିବାସୀମାନେ ସତ୍କାର କରି ନ ଥିଲେ। ଆଦିବାସୀ ଦଳିତ ନେତା ବିଚିତ୍ରାନନ୍ଦ ସେଠୀ, ସତ୍ୟଜିତ୍ ମଲ୍ଲିକଙ୍କ ସମେତ ଶତାଧିକ ଆଦିବାସୀ ପରିବାର ମଙ୍ଗଳବାର ଥାନା ଆଗରେ ମୃତଦେହ ରଖି ଅଭିଯୁକ୍ତଙ୍କ ଗିରଫ ଦାବିରେ ଧାରଣାରେ ବସିଥିଲେ। ୨୦ ତାରିଖ ମଧ୍ୟରେ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ପୋଲିସ ପ୍ରତିଶ୍ରୁତି ଦେବା ପରେ ଧାରଣା ସ୍ଥଗିତ ରହିଥିଲା। ଏସ୍‌ଡିପିଓ ନାୟକଙ୍କ ନେତୃତ୍ୱରେ ପୋଲିସ ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୩ ଅଭିଯୁକ୍ତଙ୍କୁ ଗିରଫ କରିଥିଲା।



କଟକ ଜିଲା ଟାଙ୍ଗୀସ୍ଥିତ ଡ୍ରିମ୍ସ ବିଶ୍ୱବିଦ୍ୟାଳୟ ପକ୍ଷରୁ ଶୁକ୍ରବାର ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳନ ଅବସରରେ ଉପସ୍ଥିତ ଅଧ୍ୟାପିକା, ଅଧ୍ୟାପକ ଓ ଛାତ୍ରୀଛାତ୍ର।

## ମାତୃଭାଷାର ସୁରକ୍ଷା ପାଇଁ ଶପଥ ନେଲେ ଛାତ୍ରୀଛାତ୍ର



ଛାତ୍ରୀଛାତ୍ରମାନେ ଶପଥ ପାଠ କରୁଛନ୍ତି।

**ବାଙ୍କୀ,୨୧।୨(ଜ୍ଞାନେନ୍ଦ୍ର ମୋହନ ମିଶ୍ର )**

ଡମପଡ଼ା ବ୍ଲକ ଅନ୍ତର୍ଗତ ବାଆଁରା ସୁବୁଢ଼େଶ୍ୱର ମିଳିତ ବିଦ୍ୟାପୀଠରେ ଶୁକ୍ରବାର ଆନ୍ତର୍ଜାତିକ ମାତୃଭାଷା ଦିବସ ପାଳିତ ହୋଇଯାଇଛି । ପ୍ରଧାନ ଶିକ୍ଷକ ନରେନ୍ଦ୍ର ରାଉତ ଏଥିରେ ସଭାପତିତ୍ୱ କରିବା ସହିତ ଦିବସର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମକୁ ପ୍ରମୋଦ କୁମାର ରାଉତ ଓ ଗଦାଧର ସାହୁ ପରିଚାଳନା କରିଥିବା ବେଳେ ସମସ୍ତ ଛାତ୍ରୀଛାତ୍ର ମାତୃଭାଷାର ସୁରକ୍ଷା ପାଇଁ ଶପଥ ନେଇଥିଲେ । ସେହିପରି ବାଆଁରା ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ବିରେନ୍ଦ୍ର କୁମାର ଦାସଙ୍କ ତତ୍ତ୍ୱାବଧାନରେ ମାତୃଭାଷା ଦିବସ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମରେ ସନ୍ତୋଷ କୁମାର ମୁଦୁଲି ଓ ଗୋଲଖ ବିହାରୀ ପାତ୍ର ଯୋଗଦାନ କରି ମାତୃଭାଷା ସମ୍ପର୍କରେ ଆଲୋକପାତ କରିଥିଲେ ।

## ତନ୍ତ, ବୁଣାକାର ସରଞ୍ଜାମ ଯୋଗାଣ ପାଇଁ ଟେଣ୍ଡର ପ୍ରକ୍ରିୟା ଶେଷ

**ମାଣିଆବନ୍ଧ, ୨୧।୨ (ଅଖିଳ କୁମାର ସାହୁ)**

ଆଠଗଡ଼ ସହକାରୀ ବୟନ ମଣ୍ଡଳ ଅଧୀନ ବୁଣାକାରମାନଙ୍କୁ ୨୪-୨୫ ଆର୍ଥିକ ବର୍ଷ ପାଇଁ ଟେଣ୍ଡର ପ୍ରକ୍ରିୟା ଶୁକ୍ରବାର ସହକାରୀ ବୟନ ମଣ୍ଡଳ କାର୍ଯ୍ୟାଳୟରେ ଶେଷ ହୋଇଛି। ହସ୍ତଶିଳ୍ପ ବିକାଶ ଯୋଜନାରେ ତନ୍ତ ଓ ବୁଣାକାର ସରଞ୍ଜାମ ଯୋଗାଇଦେବା ଲାଗି ଏହି ଟେଣ୍ଡର କରାଯାଇଛି ବୋଲି ବୟନ ତତ୍ତ୍ୱାବଧାରକ ଦାମୋଦର ବେହେରା ଏହା ପ୍ରକାଶ କରିଛନ୍ତି। ଏନେଇ ପୂର୍ବରୁ ବିଭିନ୍ନ ଯୋଗାଣକାରୀ ସଂସ୍ଥା ଠାରୁ ଟେଣ୍ଡର ଆବେଦନ କରାଯାଇଥିଲା। ରାଜ୍ୟର ୧୦ଟି ସଂସ୍ଥା ଏହି ଆବେଦନ କରିଥିବା ବେଳେ ଶୁକ୍ରବାର ଟେଣ୍ଡର ଖୋଲାଯାଇଥିଲା। ଏହି ଅବସରରେ ସଂସ୍ଥାମାନେ ସେମାନଙ୍କ ସାମଗ୍ରୀ ବୁଣାକାର ଓ ବୁଣାକାର ସମିତିର କର୍ମକର୍ତ୍ତାଙ୍କୁ ପ୍ରଦର୍ଶିତ କରିଥିଲେ। ବୁଣାକାର ଠିକ୍ ସାମଗ୍ରୀ ଯେମିତି ପାଇବେ ସେଥିଯୋଗୁ ଏପରି କରାଯାଇଥିବା ଆଠଗଡ଼ ସହକାରୀ ବୟନ ଶିଳ୍ପ ନିର୍ଦ୍ଦେଶକ ଶ୍ରୀକାନ୍ତ ନାୟକ କହିଛନ୍ତି। ଟେଣ୍ଡର ଓ ସାମଗ୍ରୀ ଚୟନ ପ୍ରକ୍ରିୟାରେ ଅଧକ୍ଷ ଭାବେ ବୟନଶିଳ୍ପ ଉପନିର୍ଦ୍ଦେଶକ ଚୌଧୁରୀ ରମାକାନ୍ତ ସାହୁ (ଖୋର୍ଦ୍ଧ) ଉପସ୍ଥିତ ରହି ତଦାରଖ କରିଥିଲେ। ଆଠଗଡ ସହକାରୀ ବୟନଶିଳ୍ପ ନିର୍ଦ୍ଦେଶକ ଶ୍ରୀକାନ୍ତ କୁମାର ନାୟକ, ବୟନ ତତ୍ତ୍ୱାବଧାରକ ବେହେରା, ଅବିନାଶ ସେଠୀ, ସହକାରୀ ଉପନିବନ୍ଧକ ସମବାୟ ସମିତି ସମୂହ ଓ କ୍ରୟକମିଟି ସଦସ୍ୟଙ୍କ ଉପସ୍ଥିତିରେ ଟେଣ୍ଡର ଖୋଲାଯାଇଥିଲା। ଚୟନ ପ୍ରକ୍ରିୟାରେ ସ୍ୱଚ୍ଛତା ଅବଲମ୍ବନ କରାଯାଇଥିଲା। ଏହି ଅବସରରେ ଯୋଗାଣକାରୀ ସଂସ୍ଥା ଆଣିଥିବା ବିଭିନ୍ନ ପ୍ରକାର ତନ୍ତ, ସରଞ୍ଜାମ ଆଦି ସ୍ଥାନୀୟ କ୍ରୟକମିଟି ସଦସ୍ୟ ଓ ବୁଣାକାରମାନେ ବୁଲି ଦେଖିଥିଲେ। ଏଥିସହ ଉନ୍ନତମାନର ଓ ବ୍ୟବହାର ଉପଯୋଗୀ ହୋଇଥିବା ୩ଟି ସଂସ୍ଥାକୁ ପସନ୍ଦ କରାଯାଇଥିଲା।

## ଜଳିଗଲା ବିଦ୍ୟୁତ୍ ଟ୍ରାନ୍ସଫର୍ମର

**ତ୍ରିଶୂଳିଆ,୨୧।୨(ତୁଷାରକାନ୍ତ ବେହେରା)**

ବାରଙ୍ଗ ଗୋଡ଼ିସାହି ଇଲେକ୍ଟ୍ରି ଅଫିସ ଅଧୀନ ବେଲଗଛିଆ ଗ୍ରାମରେ ଥିବା ଏକ ବିଦ୍ୟୁତ୍ ଟ୍ରାନ୍ସଫର୍ମର ଶୁକ୍ରବାର ହଠାତ୍ ହୁତୁହୁତୁ ହୋଇ ଜଳି ଉଠିଥିଲା। ଦମକଳ ବାହିନୀ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଟ୍ରାନ୍ସଫର୍ମରରେ ସଂଯୋଗ ଥିବା ଉଚ୍ଚ ଶକ୍ତିସମ୍ପନ୍ନ ବିଦ୍ୟୁତ୍ ତାରକୁ କାଟିବା ପରେ ନିଆଁକୁ ଆୟତ୍ତ କରିଥିଲେ। ଅନ୍ୟପକ୍ଷେ ଟ୍ରାନ୍ସଫର୍ମର ନିକଟରେ ଗଛଲତା ଉଠିଥିବାବେଳେ ଚତୁଃପାର୍ଶ୍ୱ ମୁକୁଳା ହୋଇ ବିପଦସଙ୍କୁଳ ଅବସ୍ଥାରେ ରହିଛି। କେତେବେଳେ ଯେ କିଛି ଅଘଟଣ ଘଟିପାରେ, ତାହା ଏଡାଇ ଦିଆଯାଇ ନ ପାରେ ବୋଲି ଟ୍ରାନ୍ସଫର୍ମର ନିକଟରେ ବସବାସ କରୁଥିବା ଲୋକେ ଅଭିଯୋଗ କରିଛନ୍ତି। ଏଣୁ ବିଦ୍ୟୁତ୍ ବିଭାଗ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବା ସହ ବିପଦସଙ୍କୁଳ ଅବସ୍ଥାରେ ଥିବା ବିଦ୍ୟୁତ୍ ଟ୍ରାନ୍ସଫର୍ମରଗୁଡ଼ିକର ନିୟମିତ ଭାବେ ରକ୍ଷଣାବେକ୍ଷଣ ଓ ମୁକୁଳା ପଡ଼ିଥିବା ଟ୍ରାନ୍ସଫର୍ମର ଚାରିପଟେ ସୁରକ୍ଷା ଆବରଣ କରିବାକୁ ସାଧାରଣରେ ଦାବି ହେଉଛି।

## ମାଟ୍ରିକ୍ ପରୀକ୍ଷା: ୨୩ କେନ୍ଦ୍ରରେ ୪୩୯୭ ପରୀକ୍ଷାର୍ଥୀ

**ସାଲେପୁର/ ବାଙ୍କୀ,୨୧।୨ (ଅରବିନ୍ଦ ଭୂୟାଁ/ ଶୁଭେନ୍ଦୁ ମହାପାତ୍ର)**

ସାଲେପୁର ଶିକ୍ଷା ମଣ୍ଡଳ ଅଧୀନରେ ଚଳିତ ବର୍ଷ ମାଟ୍ରିକ ପରୀକ୍ଷା ନିମନ୍ତେ ୧୨ ପରୀକ୍ଷା କେନ୍ଦ୍ର କରାଯାଇଛି। ଏସବୁ କେନ୍ଦ୍ରରେ ସମୁଦାୟ ୨୩୪୬ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବାବେଳେ ୧୯ ଜଣ ଅନୁପସ୍ଥିତ ଥିବା ଜଣାପଡ଼ିଛି। ଅପରପକ୍ଷେ ଶିକ୍ଷା ମଣ୍ଡଳ ଅଧୀନରେ ମାଟ୍ରିକ ପରୀକ୍ଷା ପରିଚାଳନା ଶାନ୍ତିଶୃଙ୍ଖଳା ସହ ଆରମ୍ଭ ହୋଇଥିବା ନେଇ ସାଲେପୁର ଶିକ୍ଷା ମଣ୍ଡଳ ଅଧିକାରୀ ଲକ୍ଷ୍ମୀହୀରା ଲାବଣ୍ୟବତୀ ବେହେରା ସୂଚନା ଦେଇଛନ୍ତି। ସୂଚନା ମୁତାବକ, ପରୀକ୍ଷା କେନ୍ଦ୍ର ହୋଇଥିବା ସାଲେପୁର ହାଇସ୍କୁଲରେ ୧୭୪, ଛାଣିପୁର ନୋଡାଲ ହାଇସ୍କୁଲ ୨୩୬, ବହୁଗ୍ରାମସ୍ଥିତ ବିବେକାନନ୍ଦ ବିଦ୍ୟାପୀଠରେ ୨୭୬, ବଣହରା ନୋଡାଲ ହାଇସ୍କୁଲରେ ୧୮୯, ଗୋପୀନାଥପୁର ହାଇସ୍କୁଲରେ ୧୯୯, ରାମେଶ୍ୱରସ୍ଥିତ ଲାଲବାହାଦୁର ନୋଡାଲ ହାଇସ୍କୁଲରେ ୧୦୫, ମହାସିଂହପୁର ନୋଡାଲ ହାଇସ୍କୁଲରେ ୨୦୧, ରେବା ନୋଡାଲ ହାଇସ୍କୁଲରେ ୨୦୩, ପଦ୍ମପୁର ହାଇସ୍କୁଲରେ ୨୦୭, ରାଇସୁଙ୍ଗୁଡ଼ାସ୍ଥିତ ହାଇସ୍କୁଲରେ ୨୭୬, ଗୁଆଳି ନୋଡାଲ ହାଇସ୍କୁଲରେ ୧୫୨ ଓ ଉଦୟପୁରସ୍ଥିତ ସୁରେନ୍ଦ୍ରନାଥ ନୋଡାଲ ହାଇସ୍କୁଲରେ ୧୨୮ ଜଣ ପରୀକ୍ଷାର୍ଥୀ ମାଟ୍ରିକ ପରୀକ୍ଷା ଦେଇଛନ୍ତି ବୋଲି ବିଇଓ ବେହେରା ସୂଚନା ଦେଇଛନ୍ତି।



ପରୀକ୍ଷା ଦେବାକୁ ଆସିଥିବା ଛାତ୍ରୀମାନଙ୍କୁ ସ୍ୱାଗତ କରାଯାଉଛି।

ସେହିପରି ବାଙ୍କୀ ଓ ଡମପଡା ବ୍ଲକ ଶିକ୍ଷା ବିଭାଗ ଅନ୍ତର୍ଗତ ୧୧ ବିଦ୍ୟାଳୟରେ ଦଶମ ଶ୍ରେଣୀର ପରୀକ୍ଷା ସେଣ୍ଟର କରାଯାଇଥିଲାବେଳେ ୨୦୫୧ଛାତ୍ରୀଛାତ୍ର ପରୀକ୍ଷା ଦେଇଛନ୍ତି। ବରହମପୁରା ସରକାରୀ ବିଦ୍ୟାଳୟରେ ୧୭୮, କଳାପଥର ଧଳାପଥର ସରକାରୀ ବିଦ୍ୟାଳୟରେ ୨୨୧, ବୈଦ୍ୟେଶ୍ୱର ଉଦୟନାଥ ସରକାରୀ ବିଦ୍ୟାଳୟରେ ୧୪୦, କେନ୍ଦୁପଲ୍ଲୀ ସରକାରୀ ବିଦ୍ୟାଳୟରେ ୧୧୩ , ବନ୍ଧାଳ ଉତ୍ତର କୁଲାଟ ସରକାରୀ ବିଦ୍ୟାଳୟରେ ୨୦୪, ବାଙ୍କୀ ସରକାରୀ ବାଳିକା ବିଦ୍ୟାଳୟରେ ୨୫୮, ବାଙ୍କୀ ବରେନ୍ଦ୍ର କୃଷ୍ଣ ବିଦ୍ୟାପୀଠରେ ୨୫୨, ରଗଡ଼ି ବିଶ୍ୱନାଥ ଶ୍ରୀଚନ୍ଦନ ନୋଡାଲ ହାଇସ୍କୁଲରେ ୧୫୭, ତାଳବସ୍ତ ନୋଡାଲ ସରକାରୀ ହାଇସ୍କୁଲରେ ୧୮୪ , ଡମପଡା ସରକାରୀ ପ୍ରୀତମ କୁମାରୀ ବିଦ୍ୟାପୀଠରେ ୧୮୭, ରାମଚନ୍ଦ୍ରପୁର ସରକାରୀ ହାଇସ୍କୁଲର ୧୮୮ ଛାତ୍ର ପରୀକ୍ଷା ଦେବା ପାଇଁ ଚୟନ ହୋଇଥିବାବେଳେ ୩୧ ଜଣ ଅନୁପସ୍ଥିତ ଥିଲେ ବୋଲି ବାଙ୍କୀ ଶିକ୍ଷା ବିଭାଗ ପକ୍ଷରୁ କୁହାଯାଇଛି ।

## କମ୍ୟୁନିଟି ସେଣ୍ଟର ଉଦ୍‌ଘାଟିତ

**ବାଙ୍କୀ,୨୧।୨(ଜ୍ଞାନେନ୍ଦ୍ର ମୋହନ ମିଶ୍ର)**

ଡମପଡ଼ା ବୈଜୟନ୍ତ ସାହିରେ ଏକ କମ୍ୟୁନିଟି ସେଣ୍ଟରକୁ ପୂର୍ବତନ ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥିଭାବେ ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ, ସମ୍ମାନିତ ଅତିଥି ଭାବେ ଆଇନଜୀବୀ ଗୌରୀଶଙ୍କର ନନ୍ଦ, ଆଶିଷ କୁମାର ସାହୁ, ବ୍ଲକ ଅଧକ୍ଷ ପ୍ରଣବ କିଶୋର ପଟେଲ, ବିଏଲ୍‌ସି ଗୋଲାପ ମାଝୀ, କୁସୁମମଞ୍ଜରୀ ଧଳ, ଆଦିବାସୀ ହରିଜନ କଲ୍ୟାଣ ସମିତି ସଭାପତି ହରିବନ୍ଧୁ ନାୟକ, ମାନସ କୁମାର ଧଳ ପ୍ରମୁଖ ଯୋଗଦେଇଥିଲେ ।

## ଶିବଶଙ୍କର ସ୍ମାରକୀ କ୍ରିକେଟ: ଫାଇନାଲରେ ବିନ୍ଧାଣିମା



ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି।

**ଆଠଗଡ଼,୨୧।୨(ସତ୍ୟ ପ୍ରସାଦ ରଥ)**

ଆଠଗଡ଼ ଷ୍ଟାର କ୍ଲବ୍ ଆନୁକୂଲ୍ୟରେ ସ୍ଥାନୀୟ ଷ୍ଟାଡିୟମରେ ଚାଲିଥିବା ପ୍ରଥମ ଶିବଶଙ୍କର ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମାଣିଆବନ୍ଧ କ୍ରିକେଟ କ୍ଲବ୍ ବଡ଼ମ୍ବାକୁ ୪ ଉଇକେଟରେ ହରାଇ ବିନ୍ଧାଣିମା କ୍ରିକେଟ କ୍ଲବ ତିଗିରିଆ ଫାଇନାଲରେ ପ୍ରବେଶ କରିଛି। ପ୍ରଥମେ ବ୍ୟାଟିଂ କରି ମାଣିଆବନ୍ଧ ଦଳ ନିର୍ଦ୍ଧାରିତ ୨୦ ଓଭରରେ ୯ ଉଇକେଟ ହରାଇ ୨୫୯ ରନ୍ ସଂଗ୍ରହ କରିଥିଲା। ଦଳ ତରଫରୁ ଆକାଶ ପରିଡ଼ା ୬୯ଟି ବଲରୁ ୧୫୮ ରନ କରିଥିଲେ। ଜବାବରେ ବିନ୍ଧାଣିମାର ସୁବ୍ରତ ମହାନ୍ତି ୧୪ଟି ଛକା ସହାୟତାରେ ୩୬ଟି ବଲରୁ ଦ୍ରୁତ ୧୦୨ରନ ସଂଗ୍ରହ କରି ଦଳକୁ ବିଜୟୀ କରିଥିଲେ। ଫାଇନାଲରେ ବିନ୍ଧାଣିମା ଦଳ ଆୟୋଜକ ଷ୍ଟାର କ୍ଲବ୍‌କୁ ଭେଟିବ। ଅମ୍ପାୟର ଭାବେ ଏମ.ଡି ପ୍ରୈଜାକ ଓ ଶରତ ବେହେରା ମ୍ୟାଚ ପରିଚାଳନା କରିଥିଲେ। ଯୁବ କ୍ରୀଡାବିତ୍ ବବ୍‌ଲୁ ତେନ୍ଦୁଲକର ମୁଖ୍ୟ ଅତିଥିଭାବେ ଯୋଗଦେଇ ବିଜୟୀ ଦଳର ଶ୍ରେଷ୍ଠ ଖେଳାଳି ସୁବ୍ରତଙ୍କୁ ପୁରସ୍କୃତ କରିଥିଲେ।

## ଜନ୍ ଡେୱିଙ୍କ ଇଂଲିଶ ପୁସ୍ତକ 'ଡେମୋକ୍ରାସି ଆଣ୍ଡ୍ ଏଜୁକେଶନ' ଓଡ଼ିଆରେ ଅନୁବାଦ ହେବ



ଅନୁବାଦ କାର୍ଯ୍ୟଶାଳାରେ ଯୋଗଦେଇଥିବା ଶିକ୍ଷାବିତ୍‌ମାନେ।

### ଏନ୍‌ଟିଏମ୍‌ରେ ୭ଦିନିଆ କାର୍ଯ୍ୟଶାଳା

**ଭୁବନେଶ୍ୱର,୨୧।୨(ସୁଚିସ୍ମିତା ସାହୁ)**

ଜନ୍ ଡେୱିଙ୍କ ଦ୍ୱାରା ଇଂଲିଶରେ ରଚିତ ପୁସ୍ତକ 'ଡେମୋକ୍ରାସି ଆଣ୍ଡ୍ ଏଜୁକେଶନ' ଓଡ଼ିଆ ଭାଷାରେ ଅନୁବାଦ ହେବ। ଏନେଇ ଉତ୍କଳ ପ୍ରକ୍ରିୟା ଆରମ୍ଭ ହୋଇଛି। ବିଶ୍ୱବିଦ୍ୟାଳୟ ତତ୍ତ୍ୱାବଧାନରେ ଏକ ଶିକ୍ଷାବିତ୍ ମଣ୍ଡଳୀ କର୍ଣ୍ଣାଟକ ମହୀସୂରସ୍ଥିତ ରାଷ୍ଟ୍ରୀୟ ଅନୁବାଦ ସଂସ୍ଥାନ(ଏନ୍‌ଟିଏମ୍) ଗସ୍ତ କରି ୭ ଦିନିଆ କାର୍ଯ୍ୟଶାଳାରେ ସାମିଲ ହୋଇଛନ୍ତି। ଏହି କାର୍ଯ୍ୟଶାଳା ଆସନ୍ତା ୨୬ ତାରିଖ ପର୍ଯ୍ୟନ୍ତ ଚାଲିବ। 'ଡେମୋକ୍ରାସି ଆଣ୍ଡ୍ ଏଜୁକେଶନ' ପୁସ୍ତକ ୧୯୧୬ ମସିହାରେ ରଚିତ ହୋଇଥିଲା। ଏହି ପୁସ୍ତକଟି ଓଡ଼ିଆ ଭାଷାରେ ପ୍ରକାଶିତ ହେଲେ ଓଡ଼ିଶାର ଅଗଣିତ ଛାତ୍ରୀଛାତ୍ର ଉପକୃତ ହେବା ସହ ଜାତୀୟ ଶିକ୍ଷା ନୀତି ୨୦୨୦ର ଉଦ୍ଦେଶ୍ୟ ସମ୍ପନ୍ନ ହୋଇପାରିବ ବୋଲି କୁହାଯାଇଛି। କାର୍ଯ୍ୟଶାଳାରେ ମୁମ୍ବାଇ, ଉତ୍କଳ ଓ ରେଭେନ୍‌ଶା ବିଶ୍ୱବିଦ୍ୟାଳୟରୁ ଶିକ୍ଷାବିତ୍‌ମାନେ ଯୋଗଦେଇଛନ୍ତି। ସେମାନେ ହେଲେ ଡ. ଶୁଭଲକ୍ଷ୍ମୀ ଦାସ, ଡ. ଧନେଶ୍ୱର ହରିଚନ୍ଦନ, ଡ. ଧୀରେନ୍ଦ୍ର କୁମାର ମହାପାତ୍ର, ଡ. ସ୍ୱର୍ଣ୍ଣଲତା ହରିଚନ୍ଦନ, ଡ. ରମେଶ ମଲ୍ଲିକ, ଡ. ନିକୁଞ୍ଜ ରଞ୍ଜନ ଦାସ, ଡ. ଦୀପ୍ତାଂଶୁ ଭୂଷଣ ପତି ଓ ଡ. ଅଜୟ ମହାନ୍ତି।


यूनियन बैंक ऑफ़ इंडिया Union Bank of India

**ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**
**କ୍ଷେତ୍ରୀୟ କାର୍ଯ୍ୟାଳୟ, କଟକ**
୧ମ ମହଲା, କେ କେ ଭାଓ୍ୱାସିଙ୍କ କମ୍ପାଉଣ୍ଡ, ଶ୍ରୀଜି କମ୍ପ୍ଲେକ୍ସ, ମାଛୁଆ ବଜାର, କ୍ୟାଣ୍ଟନ୍‌ମେଣ୍ଟ ରୋଡ୍, କଟକ-୭୫୩୦୦୧

**ଦଖଲ ନୋଟିସ୍ (ସ୍ଥାବର ସମ୍ପତ୍ତି ନିମନ୍ତେ)**

**ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ -୨୦୦୨ ଅନ୍ତର୍ଗତ ରୁଲ୍ ୮(୧)**

ନିମ୍ନ ସ୍ୱାକ୍ଷରକାରୀ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ବଡହାଟ କେନ୍ଦ୍ରାପଡା ଶାଖା,** କାକଟ ଛକ, ଜିଲ୍ଲା: କେନ୍ଦ୍ରାପଡା, ଓଡ଼ିଶା (ଶାଖା ଠିକଣା)ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଦ୍ୱିତୀୟ) ଆକ୍ଟ, ୨୦୦୨ **(୨୦୦୨ର ଆକ୍ଟ ୫୪)** ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ,୨୦୦୨ର ରୁଲ୍ ୩ ଅନୁସାରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନବର୍ଣ୍ଣିତ ଋଣ ଆକାଉଣ୍ଟର ଋଣଗ୍ରହୀତା/ଜାମିନ୍‌ଦାରଙ୍କୁ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ଓ ଅନ୍ୟାନ୍ୟ ଦେୟ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତା ତାଙ୍କର ଋଣ ପଇଠ କରିବାରେ ବିଫଳ ହେଲେ, ତେଣୁ ଋଣଗ୍ରହୀତା/ଜାମିନ୍‌ଦାର ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ କଥିତ ଆକ୍ଟର ଧାରା ୧୩(୪) ସହିତ ରୁଲ୍ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡିକୁ ଦଖଲକୁ ନେଇଛନ୍ତି। ଏତଦ୍‌ଦ୍ୱାରା ବିଶେଷ କରି ଋଣଗ୍ରହୀତା/ଜାମିନ୍‌ଦାର ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡ଼ିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସମ୍ପତ୍ତିଗୁଡିକ ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ନିମନ୍ତେ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ବଡହାଟ କେନ୍ଦ୍ରାପଡା ଶାଖା** ନିକଟରେ ଉତ୍ତରଦାୟୀ ରହିବେ।

**ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ଋଣଗ୍ରହୀତା ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଶାଖା/ ଋଣଗ୍ରହୀତା / ଜାମିନ୍‌ଦାରଙ୍କ ନାମ ଏବଂ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ଦେୟ | ଡିମାଣ୍ଡ ନୋଟିସ୍ ତାରିଖ/ଦଖଲ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| ବଡହାଟ କେନ୍ଦ୍ରାପଡା ଶାଖା/ ଋଣଗ୍ରହୀତାମାନେ: ୧) **ଶ୍ରୀମତୀ ରୁକ୍ମଣୀ ବଳ,** ସ୍ୱାମୀ: ରାଜ କିଶୋର ବଳ, ସା.: ତରାଣ୍ଡୋ, ପୋ.: ବାରୋ, ଜିଲ୍ଲା: କେନ୍ଦ୍ରାପଡା, ପିନ୍-୭୫୪୨୫୧, ଓଡ଼ିଶା, ଇଣ୍ଡିଆ, ୨) **ଶ୍ରୀ ରାଜ କିଶୋର ବଳ,** ସା.: ବଡପାଲ୍ଲି, ଭାୟା: ଆଉଲିକେଲପୁର, ଜିଲ୍ଲା: କେନ୍ଦ୍ରାପଡା, ଓଡ଼ିଶା, ପିନ୍-୭୫୪୨୧୭ / ଜାମିନଦାର: **ଶ୍ରୀ କୁଞ୍ଜ ବିହାରୀ ପଣ୍ଡା,** ପିତା: ଜେନାମଣୀ ପଣ୍ଡା, ସା.: ତରାଣ୍ଡୋ, ବାରୋ, ଜିଲ୍ଲା: କେନ୍ଦ୍ରାପଡା, ଓଡ଼ିଶା-୭୫୪୨୫୧ | ୩୧.୧୦.୨୦୨୪ ସୁଦ୍ଧା ଟ.୪,୩୨,୭୩୮.୭୧ + ସେବାବଦ ସୁଧ | ୧୮.୧୧.୨୦୨୪ / ୧୭.୦୨.୨୦୨୫ | ଶ୍ରୀମତୀ ରୁକ୍ମଣୀ ବଳଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୧୬୫/୩୦୧୪, ରେଭିନ୍ୟୁ ଖାତା ନଂ.: ୭୦୫/୧୪୩, ମୌଜା: ତରାଣ୍ଡୋ, ଥାନା: ନିକିରାଇ ଏବଂ ନଂ.: ୭୨, ତହସିଲ: କେନ୍ଦ୍ରାପଡା, ଥାନା ନଂ.: ୧୮୦, ଜିଲ୍ଲା: କେନ୍ଦ୍ରାପଡା, ଓଡ଼ିଶା, କ୍ଷେତ୍ର: ଏକର୦.୦୫୦ ଡିସିମିଲି, ଏହାର ଚଉହଦୀରେ ଉତ୍ତର: ସରକାରୀ ରାସ୍ତା, ଦକ୍ଷିଣ: ପ୍ଲଟ୍ ନଂ.: ୧୬୪, ପୂର୍ବ: ପ୍ଲଟ୍ ନଂ.: ୧୬ର ଅବଶିଷ୍ଟ, ପଶ୍ଚିମ: ପ୍ଲଟ୍ ନଂ.: ୧୬୬ |

ତାରିଖ: ୨୧.୦୨.୨୦୨୫
ସ୍ଥାନ: କଟକ

ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ
ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

**ସଂକ୍ଷେପରେ**

## ବଡ଼ଦାଣ୍ଡରେ ଯୁବକଙ୍କୁ ଆକ୍ରମଣ

ପୁରୀ,୨୧।୨ ( ଅଜିତ୍ କୁମାର ମହାନ୍ତି)

ବଡ଼ଦାଣ୍ଡରେ ଶୁକ୍ରବାର ରାତିରେ ଆତଙ୍କ ଦେଖିବାକୁ ମିଳିଛି। କୁମ୍ଭାରପଡ଼ା ଥାନା ଅଧୀନ ବଳଗଣ୍ଡି ଛକ ନିକଟରେ ଜଣେ ଯୁବକଙ୍କୁ ସେଠାରେ ଦୋକାନ କରିଥିବା ଜଣେ ଦୋକାନୀ ଏକ ଧାରୁଆ ବସ୍ତୁରେ ଆକ୍ରମଣ କରିଥିବା ସୂଚନା ମିଳିଛି। ଆକ୍ରମଣରେ ଯୁବକଙ୍କ କାନ ଏବଂ ପିଠିରେ ଗଭୀର ଆଘାତ ଲାଗିଛି। ତେବେ ଆକ୍ରମଣର କାରଣ ଜଣାପଡ଼ିନାହିଁ। ଆହାତ ଯୁବକଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଛି। ଘଟଣାସ୍ଥଳରେ ଅତିରିକ୍ତ ଏସ୍‌ପି ସୁଶିଲ କୁମାର ମିଶ୍ର ପହଞ୍ଚିଥିବା ଜଣାପଡ଼ିଛି।

## ପଲ୍ଲବୀ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ

ପିପିଲି,୨୧।୨ (ପ୍ରଭାତ କୁମାର ମହାପାତ୍ର)

ପିପିଲି ମଠସାହି ପଲ୍ଲବୀ ପବ୍ଲିକ ସ୍କୁଲର ୭ମ ବାର୍ଷିକ ଉତ୍ସବ 'ଦ ଗାର୍ଡେନ' ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ପ୍ରାରମ୍ଭିକ ପର୍ଯ୍ୟାୟରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ମାତାପିତାଙ୍କୁ ନେଇ ପୂଜ୍ୟପୂଜା କାର୍ଯ୍ୟକ୍ରମ ହୋଇଥିଲା। ପ୍ରିନ୍ସିପାଲ ପୀତବାସ ମହାନ୍ତିଙ୍କ ସଭାପତିତ୍ୱରେ ସଭାରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଅଧ୍ୟାପିକା ଡ. ପ୍ରତିଭା ମହାରଥୀ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ମୂଲ୍ୟବୋଧଭିତ୍ତିକ ଶିକ୍ଷାଦାନ ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ଶିକ୍ଷକ ପ୍ରମୋଦ କୁମାର ଶତପଥୀ, ଶାସ୍ତ୍ରିଜୀ ନୋଡାଲ୍ ସ୍କୁଲର ସିଆର୍‌ସି ଗଗନ ବିହାରୀ ପାଣିଗ୍ରାହୀ, ସାମାଜିକ କର୍ମୀ ସନ୍ତୋଷ କୁମାର ସେନାପତି ଏବଂ ଖବରଦାତା ସଞ୍ଜୟ ପ୍ରଧାନ ପ୍ରମୁଖ ଯୋଗଦେଇ ଉତ୍ତମ ଛାତ୍ର ଗଠନରେ ମାତାପିତା ଓ ଶିକ୍ଷୟିତ୍ରୀଶିକ୍ଷକଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ମତପ୍ରକାଶ କରିଥିଲେ। ପରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ସଭାକୁ ବିଦ୍ୟାଳୟ ସଭାପତି ବିଶ୍ୱଜିତ୍ ରାୟ ପରିଚାଳନା କରିଥିବା ବେଳେ ସମ୍ପାଦକ ଅଭିଷେକ ଆନନ୍ଦ ପରିଡ଼ା ଧନ୍ୟବାଦ ଦେଇଥିଲେ।

## 'ଭାଷା ବଞ୍ଚିଲେ ଆମେ ବଞ୍ଚିବା' ନାରା ଦେଇ ଗାଁ ବୁଲିଲେ ଛାତ୍ରୀଛାତ୍ର

ଗୋପ,୨୧।୨ (ଭାରତୀ ଭୂଷଣ ଉପାଧ୍ୟାୟ)

ମାତୃଭାଷା ହେଉଛି ଆମ ସ୍ପନ୍ଦନ, ଭାଷାକୁ ନେଇ ଆମକୁ ସାରା ଜୀବନ ବଞ୍ଚିବାକୁ ପଡ଼ିବ ବୋଲି ଶୁକ୍ରବାର ଗୋପ ହାପିକଲୋନିସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରୀଛାତ୍ରମାନେ ଗାଁ ବୁଲି ସଚେତନତା ସୃଷ୍ଟି କରିଛନ୍ତି। ଏହି ଆନ୍ତର୍ଜାତିକ ମାତୃଭାଷା ଦିବସ ଅବସରରେ ସ୍କୁଲ ପରିସରରେ ଆଚାର୍ଯ୍ୟ ତୋଫାନ ଦଳାଇଙ୍କ ସମେତ ଅନ୍ୟ ଶିକ୍ଷୟିତ୍ରୀଶିକ୍ଷକମାନେ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ। ପ୍ରକାଶ ଯେ, ଦିନକୁ ଦିନ ମାତୃଭାଷା ପ୍ରତି ଛାତ୍ରୀଛାତ୍ରଙ୍କୁ ସଚେତନତା କରାଯାଉ ନ ଥିବା ଭଳି ଅଭିଯୋଗ ଥିବାବେଳେ କେବଳ ଏହି ଆନ୍ତର୍ଜାତିକ ମାତୃଭାଷା ଦିବସ ପାଳନ କରାଯାଉଛି ବୋଲି ବୁଦ୍ଧିଜୀବୀ କହିଛନ୍ତି। ଏହି ଆନ୍ତର୍ଜାତିକ ମାତୃଭାଷା ଦିବସ ଶୁକ୍ରବାର କେତେଜଣ ହାତଗଣତି ସ୍କୁଲ, କଲେଜରେ ପାଳନ କେବଳ କାଗଜକଲମରେ ହେବା ଦେଖିବାକୁ ମିଳିଛି। ଗୋପ ହାପିକଲୋନିସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରୀଛାତ୍ରମାନେ ଗାଁ ଗାଁ ବୁଲି ସଚେତନତା କାର୍ଯ୍ୟକ୍ରମ କରିବା ସହିତ ସାଧାରଣ ଲୋକମାନଙ୍କୁ ବୁଝାଇଥିଲେ।

# ମାତୃଭାଷା ପ୍ରତି ଉତ୍ସର୍ଗୀକୃତ ମନୋଭାବ ସୃଜନଶୀଳତାକୁ ସୁଗମ କରେ

### ବିଦ୍ୟାଳୟରେ ଅନ୍ତର୍ଜାତୀୟ ମାତୃଭାଷା ଦିବସ

ପିପିଲି,୨୧।୨ (ପ୍ରଭାତ କୁମାର ମହାପାତ୍ର/ଦୁର୍ଗାମାଧବ ମିଶ୍ର)




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

ମାତୃଭାଷା ପ୍ରତି ଉତ୍ସର୍ଗୀକୃତ ମନୋଭାବ ସୃଜନଶୀଳତା ଓ ପ୍ରଗତି ମାର୍ଗକୁ ସୁଗମ କରେ ବୋଲି ଅନୁଷ୍ଠିତ ଅନ୍ତର୍ଜାତୀୟ ମାତୃଭାଷା ଦିବସରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ (ଓସେପା)ଙ୍କ ନିର୍ଦ୍ଦେଶ ଅନୁଯାୟୀ ସାରା ରାଜ୍ୟରେ ଶୁକ୍ରବାର ମାତୃଭାଷା ଦିବସ ପାଳିତ ହୋଇଯାଇଛି। ଏନେଇ ପିପିଲି ଗୋବିନ୍ଦପୁର କ୍ଲଷ୍ଟରର୍ ଗୋବିନ୍ଦପୁର ହାଇସ୍କୁଲ୍ ଓ ନୋଡାଲ ଉଚ୍ଚ ପ୍ରାଥମିକ, କଣ୍ଢାପଡ଼ା ପ୍ରାଥମିକ, ଶିଉଳା ପ୍ରାଥମିକ, ଅଡ଼ଙ୍ଗପଡ଼ା ପ୍ରାଥମିକ, ହରିଅନ୍ତା ଉଚ୍ଚ ପ୍ରାଥମିକ, ଆରୁହା ୟୁଜିୟୁପି, ତଲଉ ପ୍ରାଥମିକ, କୁଞ୍ଜର ପ୍ରାଥମିକ, ନୀଳକଣ୍ଠ ନୋଡାଲ ୟୁପି, ବାଲୁଙ୍କେଶ୍ୱର ବିଦ୍ୟାଳୟରେ ଏହି ଅନ୍ତର୍ଜାତୀୟ ମାତୃଭାଷା ଦିବସ ସିଆର୍‌ସିସି ଚିନ୍ତାମଣି ଓଝାଙ୍କ ତତ୍ତ୍ୱାବଧାନରେ ପାଳିତ ହୋଇଛି। ଓଡ଼ିଆ ଭାଷା ଓ ସାହିତ୍ୟକୁ ସମୃଦ୍ଧ କରିବା ପାଇଁ ଛାତ୍ରୀଛାତ୍ରମାନଙ୍କୁ ପ୍ରଥମେ ଶପଥ ପାଠ କରାଯାଇଥିଲା। ନୀଳକଣ୍ଠ ନୋଡାଲ୍ ୟୁପି ସ୍କୁଲରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ପ୍ରାକ୍ତନ ଯୁଗ୍ମ ନିର୍ଦ୍ଦେଶକ ଡ. ଅଭୟ କୁମାର ମଲ୍ଲିକ, ମୁଖ୍ୟବକ୍ତା ଭାବେ ସିଆର୍‌ସିସି ଚିନ୍ତାମଣି ଓଝା, ସମ୍ମାନିତ ଅତିଥି ଭାବେ ପ୍ରଧାନଶିକ୍ଷକ ରବୀନ୍ଦ୍ର କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷୟିତ୍ରୀ ସୁନିତା ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ବିସ୍ମିତା ମହାନ୍ତି, ଦୟାନିଧି ଷଡ଼ଙ୍ଗୀ, କବିତା ମହାପାତ୍ର, କନକଲତା ତ୍ରିପାଠୀ, ସସ୍ମିତା ବେହେରା ପରିଚାଳନାରେ ସହଯୋଗ କରିଥିଲେ। ଥିଙ୍କ ଜୋନ୍ ଟ୍ରଷ୍ଟ ପକ୍ଷରୁ ପ୍ରୋଗ୍ରାମ କୋର୍ଡିନେଟର ଆକାଶ ଦାଶ ଆରୁହା ୟୁଜିୟୁପି ସ୍କୁଲରେ ପିଲାଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତାମାନ କରାଇ ପୁରସ୍କାର ପ୍ରଦାନ କରିଥିଲେ। ମାତୃଭାଷା ଶିକ୍ଷା ମାଧ୍ୟମରେ ସର୍ବାଙ୍ଗୀନ ବିକାଶ ଏବଂ ମାତୃଭାଷାର ବ୍ୟବହାର ପ୍ରତି ପିଲାଙ୍କୁ ଉତ୍ସାହିତ କରାଇବା, ସୃଜନଶୀଳତାର ପରିପ୍ରକାଶ କରିବା ଓ ଏହାର ପ୍ରଚାର ପ୍ରସାର କରିବା ପାଇଁ ସମସ୍ତ ପ୍ରଧାନଶିକ୍ଷକ ଓ ସହକାରୀ ଶିକ୍ଷୟିତ୍ରୀଶିକ୍ଷକମାନେ ପିଲାମାନଙ୍କୁ ବୁଝାଇଥିଲେ। ସେହିପରି ପିପିଲି ଦରଜିସାହି ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟରେ ଏହି ଦିବସ ମହା ଆଡ଼ମ୍ବରରେ ପାଳିତ ହୋଇଯାଇଛି । ପ୍ରଧାନ ଶିକ୍ଷକ ହରିଶ୍ଚନ୍ଦ୍ର ପତିଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବିଦ୍ୟାଳୟ ଅଧକ୍ଷ ଶେକ୍ କଲିମ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟତମ ଅତିଥି ଭାବେ ସାମାଜିକ କର୍ମୀ ସସ୍ମିତା ରାଉତ, ସୀତାମଣି ସେନାପତି ପ୍ରମୁଖ ଯୋଗଦେଇ ଅନ୍ତର୍ଜାତୀୟ ମାତୃଭାଷା ଦିବସ ସମ୍ପର୍କରେ ମତବ୍ୟକ୍ତ କରିଥିଲେ।

# ଟ୍ରାଫିକ୍ ଜାମ୍ ଯୋଗୁ ଦୁର୍ଦ୍ଦଶା ଭୋଗିଲେ ତୀର୍ଥଯାତ୍ରୀ

### ରେଲ୍‌ୱେ ଟ୍ରାକ୍ ଉପରେ ଅଟକିଲା ବସ୍

ସାକ୍ଷୀଗୋପାଳ,୨୧।୨(କିଶୋର ମହାପାତ୍ର/ପ୍ରଶାନ୍ତ କୁମାର ବାରିକ)

ସାକ୍ଷୀଗୋପାଳ ଠାକୁରଙ୍କ ଦର୍ଶନସାରି ଫେରୁଥିବା ଏକ ତୀର୍ଥଯାତ୍ରୀ ବସ୍ ଶୁକ୍ରବାର ଅପରାହ୍ନରେ ବଜାର ରେଲ୍‌ୱେ ଫାଟକ ନିକଟରେ ଅଚଳ ହୋଇପଡ଼ିବାରୁ ଘଣ୍ଟା ଘଣ୍ଟା ଧରି ସେଠାରେ ଟ୍ରାଫିକ୍ ଜାମ୍ ହୋଇଥିଲା। ଫଳରେ ବଜାର ରାସ୍ତାରେ ଯାନବାହନ ଚଳାଚଳରେ ବାଧା ଉପୁଜିଥିଲା। ସେହି ରାସ୍ତା ଦେଇ ସନ୍ଧ୍ୟାରେ ମନ୍ଦିରକୁ ଆସୁଥିବା ତୀର୍ଥଯାତ୍ରୀ ବସ୍ ରାଜପଥରେ ଅଟକିରହିଥିଲା। ଯାତ୍ରୀମାନେ ଅଟୋ, ଡାଲାଅଟୋରେ ଆସି ଠାକୁରଙ୍କ ଦର୍ଶନ କରିଥିଲେ। ଅନେକ ଲୋକ ୨ କି.ମି. ଚାଲି ଚାଲି ମନ୍ଦିର ଯିବାଆସିବା କରୁଥିବା ଦେଖାଯାଇଥିଲା। ଏପରିକି ସ୍ଥାନୀୟ ଲୋକମାନେ ମଧ୍ୟ ଏହି ଦୁରବସ୍ଥା ଯୋଗୁ ହଟହଟା ହୋଇଥିଲେ। ଜନସମାଗମ ସମୟରେ ମନ୍ଦିର ବାଇପାସ୍ ରାସ୍ତାର ପିଚୁ କାମ କରାଯାଉଥିବାରୁ ସମସ୍ୟା ଦ୍ୱିଗୁଣିତ ହୋଇଥିଲା। ଜନସାଧାରଣ ଓ ଯାନବାହନ ଚଳାଚଳରେ ବ୍ୟାପକ ସମସ୍ୟା ସୃଷ୍ଟି ହୋଇଥିଲା।

ସୂଚନା ଥାଉକି, ସାକ୍ଷୀଗୋପାଳ ମନ୍ଦିରରେ ଦର୍ଶନ ସାରି (ଏପି-୧୬-ଟିଇ-୧୦୧୧) ନମ୍ବର ବିଶିଷ୍ଟ ତୀର୍ଥଯାତ୍ରୀ ବସ୍‌ଟି ସାକ୍ଷୀଗୋପାଳ ଗେଟ୍ ବଜାର ନିକଟରେ ରେଲ୍‌ୱେ ଟ୍ରାକ୍ ଉପରେ ଅଚଳ ହୋଇ ରହିଯାଇଥିଲା। ସ୍ଥାନୀୟ ଜନସାଧାରଣ ଓ ବସ୍ ଯାତ୍ରୀମାନେ ବସ୍‌ଟିକୁ ଠେଲି ରେଳ ଟ୍ରାକ୍ ଉପରୁ ହଟାଇଥିଲେ। ବସ୍‌ଟି ବଜାର ରାସ୍ତା ଉପରେ ଅଟକି ରହିଥିବାରୁ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହୋଇଥିଲା। ସତ୍ୟବାଦୀ ପୋଲିସ ତରଫରୁ ଘଟଣାସ୍ଥଳରେ ପୋଲିସ ମୁତୟନ କରାଯାଇ ଟ୍ରାଫିକ୍ ନିୟନ୍ତ୍ରଣ କରାଯାଉଥିଲା। ସଂକୀର୍ଣ୍ଣ ରାସ୍ତାରେ ବସ୍‌ର ପାୱାର ଷ୍ଟିଅରିଂ କଟିଯାଇଥିବାରୁ ଏହି ସମସ୍ୟା ଉପୁଜିଥିବା ଜଣାପଡ଼ିଛି।



ସାକ୍ଷୀଗୋପାଳ ରେଲ୍‌ୱେ ଫାଟକରେ ଗାଡି ମୋଟର ଅଟକି ରହିଛି ।

# 'ଅନ୍ତେବାସୀଙ୍କ ସ୍ୱାସ୍ଥ୍ୟସେବା ପ୍ରତି ଯତ୍ନବାନ ହୁଅ'



କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ବେହେରା ଏବଂ ଅନ୍ୟମାନେ ।

### ଆଚାର୍ଯ୍ୟ ହରିହର ଶିଶୁ ଭବନର ୪୬ତମ ପ୍ରତିଷ୍ଠା ଦିବସ

ସାକ୍ଷୀଗୋପାଳ,୨୧।୨(ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର/ଭରତ ରାଉତ)

ଅନ୍ତେବାସୀଙ୍କୁ ଉପଯୁକ୍ତ ଶିକ୍ଷାଦାନ, ସ୍ୱାସ୍ଥ୍ୟସେବା ଓ ସୁରକ୍ଷା ପ୍ରତି ଅନୁଷ୍ଠାନର କର୍ମକର୍ତ୍ତା ଅଧିକ ଯତ୍ନବାନ ହେବା ସହ ଆଚାର୍ଯ୍ୟ ହରିହରଙ୍କ ଜୀବନାଦର୍ଶକୁ ଅନୁସରଣ କରିବାକୁ ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ବେହେରା ପରାମର୍ଶ ଦେଇଥିଲେ। ସାକ୍ଷୀଗୋପାଳ ମନ୍ଦିର ନିକଟରେ ଥିବା ଆଚାର୍ଯ୍ୟ ହରିହର ଶିଶୁଭବନ ପରିସରରେ ଶୁକ୍ରବାର ଅନୁଷ୍ଠାନ ପରିସରରେ ୪୬ତମ ପ୍ରତିଷ୍ଠା ଦିବସ ଉପସଭାପତି ବୀରେନ୍ଦ୍ର ଭୂଷଣ ହୋତାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା, ସମ୍ମାନିତ ଅତିଥି ଭାବେ ସତ୍ୟବାଦୀ ବ୍ଲକ ଅଧକ୍ଷ ସୁନୀଲ କୁମାର ପଣ୍ଡା, ମୁଖ୍ୟବକ୍ତା ଭାବେ ଜିଲା ଶିଶୁ ମଙ୍ଗଳ କମିଟିର ଅଧକ୍ଷ ଅଜିତ୍ ମହାପାତ୍ର, ଅନ୍ୟତମ ଅତିଥି ଭାବେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ, ସତ୍ୟବାଦୀ ବିକାଶ ପରିଷଦର ସଭାପତି ଆଇନଜୀବୀ ଗୁଣ୍ଡିଚା ବରାଳ, ଶିଶୁ ମଙ୍ଗଳ ସମିତି ସଦସ୍ୟ ଉପେନ୍ଦ୍ର ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ। ଉଦ୍‌ଘୋଷକ ଶ୍ୟାମ ପ୍ରକାଶ ସେନାପତି ସଭା ପରିଚାଳନା କରିଥିଲେ। କାର୍ଯ୍ୟକାରିଣୀ ସଦସ୍ୟା ରାଜଲକ୍ଷ୍ମୀ ଦାଶ ବିବରଣୀ ପାଠ କରିଥିଲେ। ଉତ୍ସବରେ କବି ଓ ସାହିତ୍ୟିକ ରଞ୍ଜନ ମିଶ୍ର, ସାମାଜିକ କର୍ମୀ ଭଜମନ ପାତ୍ରଙ୍କ ସମେତ ଅନୁଷ୍ଠାନର ଅଧୀକ୍ଷକ ସୁବୋଧ କୁମାର ସ୍ୱାଇଁ, ଅନୁଷ୍ଠାନର କର୍ମଚାରୀ ମିନାକ୍ଷୀ ବାରିକ, ଶୁଭ୍ରାଜିତା ଶୁଭଦର୍ଶିନୀ, ଜ୍ୟୋତିରାଣୀ ମିଶ୍ର, ଶାନ୍ତନୁ ସାହୁ, ଶାନ୍ତିଲତା ଚୌଧୁରୀ, କବିତା ପାତ୍ର, ସ୍ୱର୍ଣ୍ଣଲତା ନାୟକ, ପ୍ରମୋଦ କୁମାର ଜେନା, ଲକ୍ଷ୍ମୀଧର ସାହୁ, ଚତୁର୍ଭୁଜ ପ୍ରଧାନ, ଅନୁଷ୍ଠାନର ଅନ୍ୟାନ୍ୟ କର୍ମକର୍ତ୍ତା, କର୍ମଚାରୀ ଓ ଅନ୍ତେବାସୀ ଯୋଗଦେଇଥିଲେ।

## ବିଜେବିଭିଏନ୍ ୧୯୮୨ ବ୍ୟାଚ୍‌ର ବନ୍ଧୁମିଳନ

ପୁରୀ,୨୧।୨(ଅଜିତ୍ କୁମାର ମହାନ୍ତି): ବ୍ରହ୍ମଗିରି ବ୍ଲକ୍ ଅନ୍ତର୍ଗତ ଗଡ଼ରୋଡଙ୍ଗ ବକ୍ସି ଜଗବନ୍ଧୁ ବିଦ୍ୟାଧର ବିଦ୍ୟା ନିକେତନ (ବିଜେବିଭିଏନ୍)ର ୧୯୮୨ ମସିହାର ପ୍ରଥମ ବ୍ୟାଚ୍ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ ମା' ବାଲିହରଚଣ୍ଡୀଙ୍କ ପୀଠରେ ଅନୁଷ୍ଠିତ ହୋଇଯାଇଛି। ପ୍ରଭାକର ଦଳାଇଙ୍କ ଆବାହକତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉଗ୍ରସେନ ଜେନା ବିଷ୍ଣୁପ୍ରିୟା ସ୍ୱାଇଁ, ପ୍ରସନ୍ନ କୁମାର ପ୍ରଧାନ, ସୁରେଶ ସାମନ୍ତରାୟ, ମମତା ବଳିୟାରସିଂ, କୈଳାସ ଚନ୍ଦ୍ର ପରିଡ଼ା, ହରେକୃଷ୍ଣ ପରିଡ଼ା, ନାରାୟଣ ପରିଡ଼ା, ପ୍ରଦୀପ କୁମାର ମହାନ୍ତି, ଅଭିମନ୍ୟୁ ଜେନା, ସୁବଳ ଜେନା, କାମିନୀ ପଲାଇ, ମୀନା ନାୟକ, ତ୍ରିନାଥ ବାରିକଙ୍କ ସମେତ ବହୁ ଛାତ୍ରୀଛାତ୍ର ଏବଂ ସେମାନଙ୍କ ପରିବାରବର୍ଗ ସାମିଲ ହୋଇଥିଲେ। ଦୀର୍ଘ ୪୦ ବର୍ଷ ପରେ ସମସ୍ତେ ଏକତ୍ରିତ ହୋଇଥିବାରୁ ଖୁସି ପ୍ରକଟ କରିବା ସହ ଅତୀତର ସ୍ମୃତି ଚାରଣ କରିଥିଲେ। ବିଦ୍ୟାଳୟର ଦିବଂଗତ ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଏକ ଶୋକ ପ୍ରକାଶ କରାଯାଇଥିଲା। ଆସନ୍ତା ୨୦୩୧ ବିଜେବି ବିଦ୍ୟା ନିକେତନର ସୁବର୍ଣ୍ଣ ଜୟନ୍ତୀ ବର୍ଷ ହୋଇଥିବାରୁ ସେଥିପାଇଁ ଏବେଠାରୁ ସମସ୍ତଙ୍କୁ ଯୋଗାଯୋଗ କରାଯିବା ସହ ଯୋଜନା ପ୍ରସ୍ତୁତ ପାଇଁ ନିଷ୍ପତ୍ତି ନିଆଯାଇଥିଲା।

# ନଦୀବନ୍ଧ କଡ଼ରେ ଶତାଧିକ ମଲା କୁକୁଡ଼ା

ଗୋପ,୨୧।୨ (ଭାରତୀ ଭୂଷଣ ଉପାଧ୍ୟାୟ)

କୁଶଭଦ୍ରା ନଦୀବନ୍ଧ କଡ଼ରେ ଶତାଧିକ ବସ୍ତା ମଲା କୁକୁଡ଼ା ପଡ଼ିଥିବା ଜଣାପଡ଼ିଛି। ଫଳରେ ଦୁର୍ଗନ୍ଧରେ ଫାଟି ପଡୁଛି ଅଞ୍ଚଳ। ଏପରି ଏକ ଗୁରୁତର ଅଭିଯୋଗ ଆସିଛି ଗୋପ ବ୍ଲକ ଅନ୍ତର୍ଗତ ନାଗପୁର ପଞ୍ଚାୟତର ପାଇକ ସାହି ଗାଁ ନିକଟରେ। ଅତ୍ୟଧିକ ଦୁର୍ଗନ୍ଧ ଯୋଗୁ ପଥଚାରୀଙ୍କ ସହିତ ନିକଟସ୍ଥ ଗ୍ରାମବାସୀ ଓ ଅଧ୍ୟୟନରତ ଛାତ୍ରୀଛାତ୍ରମାନେ ପଢ଼ିବାକୁ ଯାଇପାରୁନାହାନ୍ତି। ଏଠାରେ କିଏ ଏତେ ପରିମାଣର ମଲା କୁକୁଡ଼ା ଫୋପାଡ଼ିଲା ଓ କାହିଁକି ଫୋପାଡିଲା ତାକୁ ନେଇ ଏବେ ଚର୍ଚ୍ଚା ଜୋର୍ ଧରିଥିବା ସମୟରେ ବାର୍ଡ ଫ୍ଲୁ ଯୋଗୁ କୁକୁଡ଼ା ମରିଯିବା ପରେ ଫାର୍ମ ମାଲିକ ଏଠାରେ ଫୋପାଡ଼ି ଦେଇଥିବା ଅଭିଯୋଗ ହୋଇଛି।

ପ୍ରକାଶ ଯେ, ଏବେ କିଛିଦିନ ଧରି ଗୋପ ବ୍ଲକ ଅଞ୍ଚଳରେ ବାର୍ଡ ଫ୍ଲୁ ଯୋଗୁ କୁକୁଡ଼ା ମରୁଥିବା ଭଳି ଅଭିଯୋଗ ଆସୁଥିବା ବେଳେ ଏହାକୁ ଫାର୍ମ ମାଲିକମାନେ ଚାପି ଦେଉଥିଲେ। କିନ୍ତୁ କେଉଁ ଫାର୍ମରେ ଅଧିକ ପରିମାଣର କୁକୁଡ଼ା ମୃତ୍ୟୁ ହେବାରୁ ସମ୍ପୃକ୍ତ ଫାର୍ମ ମାଲିକ ନିକାଞ୍ଚନ ସ୍ଥାନ ଭାବି ବିଳମ୍ବିତ ରାତ୍ରରେ ଫୋପାଡ଼ି ଦେଇଥିବା ସନ୍ଦେହ କରାଯାଉଛି। ଏହି ନଦୀବନ୍ଧ ରାସ୍ତାଦେଇ ବିଭିନ୍ନ ଗାଁର ଲୋକମାନେ ଯା' ଆସ କରୁଥିବା ବେଳେ ନିକଟରେ ରହିଛି ପାଇକସାହି ଗାଁ। ନାଗପୁର ସରପଞ୍ଚଙ୍କ ପ୍ରତିନିଧି ଅର୍ପିତ ଦଳାଇ ସ୍ଥାନୀୟ ପୋଲିସ ଓ ଗୋପ ପ୍ରାଣୀଧନ ଅଧିକାରୀଙ୍କୁ ଅଭିଯୋଗ କରିଛନ୍ତି। ଗୋପ ବ୍ଲକ ଅଞ୍ଚଳରେ ଏବେ ବାର୍ଡ ଫ୍ଲୁ ଆଶଙ୍କା କରାଯାଉଥିବା ଭଳି ଅଭିଯୋଗ ଆସୁଥିବା ବେଳେ ଏହା ଉପରେ ତଦନ୍ତ କରିବା ଆବଶ୍ୟକତା ରହିଛି ବୋଲି ପାଇକ ସାହି ଗ୍ରାମର ଶରତଚନ୍ଦ୍ର ଜେନା, ବିଦ୍ୟାଧର ମହାରଣା, ବାବୁଲି ଜେନା, ନୀଳକଣ୍ଠ ମହାରଣା, ବାହନ ଜେନା ପ୍ରମୁଖ ଅଭିଯୋଗ କରିଛନ୍ତି। ଏପରି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଗୋପ ପ୍ରାଣୀଧନ ଅଧିକାରୀ ରଞ୍ଜନ କୁମାର ସାହୁ କହିଛନ୍ତି, କିଏ ଏ ମଲା କୁକୁଡ଼ା ପକେଇଲା ଆମ ପାଖରେ କିଛି ଖବର ନାହିଁ। ବାର୍ଡ ଫ୍ଲୁ ଅଭିଯୋଗ ଉପରେ ତଦନ୍ତ କରିବି ଓ ଘଟଣାସ୍ଥଳକୁ ଏକ ଟିମ୍ ପଠାଇବି।



କେନାଲ ନଦୀ ବନ୍ଧ ନିକଟରେ ପଡିଥିବା ମଲା କୁକୁଡା ।

# ମାର୍ଚ୍ଚ ୧ରେ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ

### ପୁରୀ ଧାମ ଅଟୋଚାଳକ ମହାସଂଘର ଚେତାବନୀ

ପୁରୀ,୨୧।୨(ଅଜିତ୍ କୁମାର ମହାନ୍ତି)

ଆସନ୍ତା ମାର୍ଚ୍ଚ ୧ ତାରିଖରେ ପୁରୀ ଧାମ ଅଟୋଚାଳକ ମହାସଂଘ ସମେତ ପୁରୀ ସହରର ୨୦ରୁ ଉର୍ଦ୍ଧ୍ୱ ଅଟୋଚାଳକ ସଂଘ ଏବଂ ୫୦୦ରୁ ଉର୍ଦ୍ଧ୍ୱ ବିଦ୍ୟୁତ୍ ଚାଳିତ ଅଟୋରିକ୍ସା ଚାଳକ ହରତାଳ ସହ ଶ୍ରୀଗୁଣ୍ଡିଚା ମନ୍ଦିର ନିକଟରୁ ଏକ ଶୋଭାଯାତ୍ରାରେ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିବେ। ଏନେଇ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ମହାସଂଘ ପକ୍ଷରୁ ସୂଚନା ଦିଆଯାଇଛି। ଦାବି ପୂରଣ ନ ହେଲେ ଆସନ୍ତା ଦିନରେ ରାଜରାସ୍ତାରେ ବିକ୍ଷୋଭ ହେବ ବୋଲି ମହାସଂଘ କହିଛି। ପୌରସଂସ୍ଥା ପକ୍ଷରୁ ଅଟୋ ଓ ଟୋଟ ଚାଳକଙ୍କଠାରୁ ବେଆଇନ ଭାବେ ବିନା ଅନୁମତିରେ ୟୁଜର୍ସ ଫି ଆଦାୟକୁ ବିରୋଧ କରି ଭକ୍ତ ସାଲବେଗ ପୀଠରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ସମସ୍ତ ଅଟୋ ଚାଳକ ଲୋଗୋ ଲଗାଇବା ସହ ପ୍ରତିବର୍ଷ ୧ ହଜାର ଟଙ୍କା ପୁରୀ ପୌରପାଳିକାକୁ ପ୍ରଦାନ କରିବେ। ନଚେତ ପୁରୀ ସହରରେ ଅଟୋ ଚଳାଚଳ କରିପାରିବେ ନାହିଁ ବୋଲି ନିର୍ଦ୍ଦେଶ ହୋଇଥିଲା। ଅଟୋଚାଳକଙ୍କଠାରୁ ଜୋର ଜବରଦସ୍ତ ଆଦାୟ କରିବା ଏକ ସରକାରୀ ଜୁଲମ ଓ ଜିଜିୟା କର ସହ ସମାନ ଅଟେ ବୋଲି ସମ୍ମିଳନୀରେ ମତ ପ୍ରକାଶ ପାଇଛି। ଏହି ନିଷ୍ପତ୍ତିକୁ ମହାସଂଘ ସମେତ ସମସ୍ତ ଅଟୋଚାଳକ ସଂଘ ବିରୋଧ କରିବା ସହ ନିଷ୍ପତ୍ତି ପ୍ରତ୍ୟାହାର ପାଇଁ ଦାବି କରୁଛି। ସମ୍ମିଳନୀରେ ମହାସଂଘ ସଭାପତି ଶ୍ରୀକାନ୍ତ ପରିଜା, ସମ୍ପାଦକ ଟୁନା ବାରିକ, ସହସମ୍ପାଦକ ପ୍ରଫୁଲ୍ଲ ମହାପାତ୍ର, ସାମାଜିକ କର୍ମୀ ପବିତ୍ର ମୋହନ ଦଳାଇଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

# ବିଚାର ବିଭାଗୀୟ ତଦନ୍ତ ଦାବିରେ ବିକ୍ଷୋଭ

### କିଟ୍ ଛାତ୍ରୀ ମୃତ୍ୟୁ ଘଟଣା

ପୁରୀ,୨୧।୨(ଅଜିତ୍ କୁମାର ମହାନ୍ତି)

କିଟ୍ ବିଶ୍ୱବିଦ୍ୟାଳୟର ନେପାଳ ଛାତ୍ରୀଙ୍କ ମୃତ୍ୟୁର ବିଚାର ବିଭାଗୀୟ ତଦନ୍ତ ଦାବି କରିଛି ଭାରତର ଛାତ୍ର ଫେଡେରେଶନ୍ (ଏସ୍‌ଏଫ୍‌ଆଇ)। ଏ ନେଇ ଶୁକ୍ରବାର ପୁରୀ ଏସ୍‌ସିଏସ୍ କଲେଜଠାରୁ ଏସ୍‌ଏଫ୍‌ଆଇ ପକ୍ଷରୁ ଏକ ଶୋଭାଯାତ୍ରା ବାହାରି କଚେରି ଛକଠାରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଗତ ୧୭ ତାରିଖରେ ନେପାଳ ଛାତ୍ରୀ ପ୍ରକୃତି ଆତ୍ମହତ୍ୟା କରିଛନ୍ତି ବୋଲି ଯାହା କୁହାଯାଇଛି, ତାହା ପ୍ରକୃତରେ ବ୍ୟବସ୍ଥାଗତ ହତ୍ୟା ବୋଲି ଏସ୍‌ଏଫ୍‌ଆଇ ଅଭିଯୋଗ କରିଛି। କଚେରି ଛକଠାରେ ରାଜ୍ୟ କମିଟି ସଦସ୍ୟା ରାକ୍ଷୀ ସ୍ୱାଇଁଙ୍କ ଅଧକ୍ଷତାରେ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲା ଆବାହକ ଚନ୍ଦନ ସାହୁ, ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ଛାତ୍ରନେତା ସ୍ମୃତିସୁରଞ୍ଜନ ଜେନା ଓ ଛାତ୍ରୀନେତ୍ରୀ ଶୁଭସ୍ମିତା ପଣ୍ଡା ପ୍ରମୁଖ ଉଦ୍‌ବୋଧନ ଦେଇ କିଟ୍ କର୍ତ୍ତୃପକ୍ଷଙ୍କ ଅମାନୁଷିକ କାର୍ଯ୍ୟର କଡ଼ା ସମାଲୋଚନା କରିଥିଲେ। ରାଜ୍ୟ ସଙ୍ଗଠନର ଉପଦେଷ୍ଟା ପ୍ରାଧ୍ୟାପକ ସୁରେନ୍ଦ୍ର କୁମାର ଜେନା କହିଥିଲେ, ଘଟଣା ଘଟିବାର ୪ଦିନ ପରେ ମଧ ରାଜ୍ୟ ସରକାର କିଟ୍ କର୍ତ୍ତୃପକ୍ଷଙ୍କ ବିରୋଧରେ କୌଣସି ଆଖିଦୃଶିଆ ପଦକ୍ଷେପ ନ ନେବାରୁ ପ୍ରତ୍ୟୟ ହେଉଛି ଯେ, ରାଜ୍ୟ ପ୍ରଶାସନ ଓ କିଟ୍ କର୍ତ୍ତୃପକ୍ଷଙ୍କ ମଧ୍ୟରେ ଏକ ଅସାଧୁ ସମ୍ପର୍କ ରହିଛି। ଏଭଳି ଅମାନୁଷିକ ଘଟଣା ଯୋଗୁ ଓଡ଼ିଶା ଓ ଭାରତ ଅନ୍ତର୍ଜାତୀୟ ସ୍ତରରେ ବଦନାମ ହୋଇଛି। କିଟ୍ ବିଶ୍ୱବିଦ୍ୟାଳୟ ଅନିର୍ଦ୍ଦିଷ୍ଟ କାଳ ବନ୍ଦ ଘୋଷଣା ସହ ବଳପୂର୍ବକ ଛାତ୍ରୀଛାତ୍ରଙ୍କୁ ବସ୍‌ରେ ବସାଇ ବିଭିନ୍ନ ସ୍ଥାନରେ ଛାଡ଼ିଦେଇ ଆସିବା ହେଉଛି ଏକ ଅକ୍ଷମଣୀୟ ଅପରାଧ। କିଟ୍ କର୍ତ୍ତୃପକ୍ଷ ନିଜର ରାଜନୈତିକ କ୍ଷମତା ଓ ଶିକ୍ଷା ବେପାରରୁ ଉପଲବ୍ଧ ବିପୁଳ ବେନାମୀ ସମ୍ପତ୍ତିର ମାଲିକାନାର ଚରମ ଔଦ୍ଧତ୍ୟ ପ୍ରଦର୍ଶନ କରିଛନ୍ତି। ଅନେକ ସମୟରେ ଏଭଳି ଘଟଣା ଘଟିଥିଲେ ମଧ ରାଜ୍ୟ ପ୍ରଶାସନ ଓ ପୋଲିସ ଉପରେ କିଟ୍ କର୍ତ୍ତୃପକ୍ଷଙ୍କ ଚାପ ଯୋଗୁ ସବୁ ଲୁଚିଯାଇଛି। ଏହି ଅନୁଷ୍ଠାନ ବେଆଇନ ଭାବେ ସରକାରୀ ଓ ବ୍ୟକ୍ତିଗତ ଜମି ହଡ଼ପ ଆଦି ଘଟଣା ସହ ଆଇନ ବହିର୍ଭୂତ କାର୍ଯ୍ୟକଳାପକରେ ଲିପ୍ତ ଅଛି ସେସବୁ ତଦନ୍ତ ପରିସରଭୁକ୍ତ କରିବାର ଆବଶ୍ୟକତା ରହିଛି ବୋଲି ସେମାନେ କହିଥିଲେ। ଏହି ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୬ଦଫା ସମ୍ବଳିତ ଏକ ଦାବିପତ୍ର ଡାକ ଜରିଆରେ ପଠାଯାଇଛି। ବିଚାର ବିଭାଗୀୟ ତଦନ୍ତ ସହ ନ୍ୟାୟ ପ୍ରଦାନ, ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ, କିଟ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ଗିରଫ କରାଯିବା, ସମସ୍ତ ଛାତ୍ରୀଛାତ୍ରଙ୍କୁ ଫେରାଇ ଆଣିବା, ବିଭିନ୍ନ ଶିକ୍ଷାନୁଷ୍ଠାନରେ ଛାତ୍ରୀଛାତ୍ରଙ୍କ ଉପରେ ଘଟୁଥିବା ଆକ୍ରମଣ ଓ ଉତ୍ପୀଡ଼ନ ଅଭିଯୋଗ ପ୍ରଦାନ ପାଇଁ ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଏକ ଅଭିଯୋଗ ପ୍ରକୋଷ୍ଠ ଖୋଲିବା ପାଇଁ ଦାବି କରାଯାଇଛି।




ପୁରୀ କଚେରି ଛକଠାରେ ଏସ୍‌ଏଫ୍‌ଆଇ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ।


**ଯୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**
**କ୍ଷେତ୍ରୀୟ କାର୍ଯ୍ୟାଳୟ, କଟକ**
୧ମ ମହଲା, କେ କେ ଭାଓ୍ୱସିଙ୍କ କମ୍ପାଉଣ୍ଡ, ଶ୍ରୀଜି କମ୍ପ୍ଲେକ୍ସ, ମାଛୁଆ ବଜାର, କ୍ୟାଣ୍ଟନମେଣ୍ଟ ରୋଡ୍, କଟକ-୭୫୩୦୦୧

**ଦଖଲ ନୋଟିସ୍** (ସ୍ଥାବର ସମ୍ପତ୍ତି ନିମନ୍ତେ)

**ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ-୨୦୦୨ ଅନ୍ତର୍ଗତ ରୁଲ୍ ୮(୧)**

ନିମ୍ନ ସ୍ୱାକ୍ଷରକାରୀ **ଯୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ବଡହାଟ କେନ୍ଦ୍ରାପଡା ଶାଖା,** କାକଟ ଛକ, ଜିଲ୍ଲା: କେନ୍ଦ୍ରାପଡା, ଓଡ଼ିଶା (ଶାଖା ଠିକଣା)ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଦ୍ୱିତୀୟ) ଆକ୍ଟ, ୨୦୦୨ **(୨୦୦୨ର ଆକ୍ଟ ୫୪)** ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ,୨୦୦୨ର ରୁଲ୍ ୩ ଅନୁସାରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନବର୍ଣ୍ଣିତ ଋଣ ଆକାଉଣ୍ଟର ଋଣଗ୍ରହୀତା/ଜାମିନ୍‌ଦାରଙ୍କୁ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ଓ ଅନ୍ୟାନ୍ୟ ଦେୟ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତା ତାଙ୍କର ଋଣ ପଇଠ କରିବାରେ ବିଫଳ ହେଲେ, ତେଣୁ ଋଣଗ୍ରହୀତା/ଜାମିନ୍‌ଦାର ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ କଥିତ ଆକ୍ଟର ଧାରା ୧୩(୪) ସହିତ ରୁଲ୍ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡ଼ିକୁ ଦଖଲକୁ ନେଇଛନ୍ତି। ଏତଦ୍‌ଦ୍ୱାରା ବିଶେଷ କରି ଋଣଗ୍ରହୀତା/ଜାମିନ୍‌ଦାର ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡ଼ିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସମ୍ପତ୍ତିଗୁଡିକ ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ନିମନ୍ତେ **ଯୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ବଡହାଟ କେନ୍ଦ୍ରାପଡା ଶାଖା** ନିକଟରେ ଉତ୍ତରଦାୟୀ ରହିବେ।

**ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ଋଣଗ୍ରହୀତା ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଶାଖା/ ଋଣଗ୍ରହୀତା / ଜାମିନ୍‌ଦାରଙ୍କ ନାମ ଏବଂ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ଦେୟ | ଡିମାଣ୍ଡ ନୋଟିସ୍ ତାରିଖ/ଦଖଲ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| ବଡହାଟ କେନ୍ଦ୍ରାପଡା ଶାଖା/ ଋଣଗ୍ରହୀତାମାନେ: ୧) ଶ୍ରୀମତୀ ରୁକ୍ମଣୀ ବଳ, ସ୍ୱାମୀ: ରାଜ କିଶୋର ବଳ, ସା.: ତରାଣ୍ଡୋ, ପୋ.: ବାରୋ, ଜିଲ୍ଲା: କେନ୍ଦ୍ରାପଡା, ପିନ୍-୭୫୪୨୫୧, ଓଡ଼ିଶା, ଇଣ୍ଡିଆ, ୨) ଶ୍ରୀ ରାଜ କିଶୋର ବଳ, ସା.: ବଡପାଲ୍ଲି, ଭାୟା: ଆଉଲ୍‌କେଲପୁର, ଜିଲ୍ଲା: କେନ୍ଦ୍ରାପଡା, ଓଡ଼ିଶା, ପିନ୍-୭୫୪୨୧୭ / ଜାମିନଦାର: ଶ୍ରୀ କୁଞ୍ଜ ବିହାରୀ ପଣ୍ଡା, ପିତା: ଜେନାମଣୀ ପଣ୍ଡା, ସା.: ତରାଣ୍ଡୋ, ବାରୋ, ଜିଲ୍ଲା: କେନ୍ଦ୍ରାପଡା, ଓଡ଼ିଶା-୭୫୪୨୫୧ | ୩୧.୧୦.୨୦୨୪ ସୁଦ୍ଧା ଟ.୪,୩୨,୭୩୮.୭୧ + ସେବାବଦ ସୁଧ | ୧୮.୧୧.୨୦୨୪ / ୧୭.୦୨.୨୦୨୫ | ଶ୍ରୀମତୀ ରୁକ୍ମଣୀ ବଳଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୧୬୫/୩୦୧୪, ରେଭିନ୍ୟୁ ଖାତା ନଂ.: ୭୦୫/୧୪୩, ମୌଜା: ତରାଣ୍ଡୋ, ଥାନା: ନିକିରାଇ ଏବଂ ନଂ.: ୭୨, ତହସିଲ: କେନ୍ଦ୍ରାପଡା, ଥାନା ନଂ.: ୧୮୦, ଜିଲ୍ଲା: କେନ୍ଦ୍ରାପଡା, ଓଡ଼ିଶା, କ୍ଷେତ୍ର: ଏକର୦.୦୫୦ ଡିସିମିଲି, ଏହାର ଚତୁଃପାର୍ଶ୍ୱରେ ଉତ୍ତର: ସରକାରୀ ରାସ୍ତା, ଦକ୍ଷିଣ: ପ୍ଲଟ୍ ନଂ.: ୧୬୪, ପୂର୍ବ: ପ୍ଲଟ୍ ନଂ.: ୧୬ର ଅବଶିଷ୍ଟ, ପଶ୍ଚିମ: ପ୍ଲଟ୍ ନଂ.: ୧୬୬ |

ତାରିଖ: ୨୧.୦୨.୨୦୨୫
ସ୍ଥାନ: କଟକ

ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ
ଯୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

# 'ମାମଲା ରୁଜୁକରି ଚୁପ୍ ବସିଛି ପୋଲିସ'

ଖୋର୍ଦ୍ଧା,୨୧।୨(ପ୍ରଭାତ ପାଣିଗ୍ରାହୀ)

**୬ ପରିବାରରୁ ଲୁଟ୍ ଘଟଣା**
- ଡିଜିପିଙ୍କ ଦ୍ୱାରସ୍ଥ ହେଲେ ଅଭିଯୋଗକାରୀ
- ଏସ୍‌ପିଙ୍କୁ ସପ୍ତାହକ ମଧ୍ୟରେ ରିପୋର୍ଟ ଦାଖଲ ନିର୍ଦ୍ଦେଶ

ଖୋର୍ଦ୍ଧା ପୋଲିସ ଜିଲାରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଜିଲା ସଦର, ବାଘମାରୀ ଓ ବେଗୁନିଆ ଥାନା ଅଞ୍ଚଳରେ ଲୁଟେରାଙ୍କ ରାଜ୍ ଚାଲିଛି। କେଉଁଠି ଦିନ ଦ୍ୱିପ୍ରହରରେ ବନ୍ଧୁକ ମୁନରେ ଲକ୍ଷାଧିକ ଟଙ୍କା ଲୁଟିଲେଣି ତ ଆଉ କେଉଁଠାରେ ଘରେ ପଶି କଳାକନା ବୁଲାଇଲେଣି। ୮ମାସ ତଳେ ଏହି ୩ ଥାନା ଅଞ୍ଚଳର ୬ ପରିବାରରୁ ପ୍ରାୟ ୬୦ ଲକ୍ଷରୁ ଉର୍ଦ୍ଧ୍ୱ ମୂଲ୍ୟର ସୁନା ଅଳଙ୍କାର ଓ ନଗଦ ଟଙ୍କା ଲୁଟ ହୋଇଥିଲା। ସବୁ ଘଟଣାରେ ପୋଲିସ କେବଳ ମାମଲା ରୁଜୁକରି ଚୁପ୍ ବସିଛି ବୋଲି ଲୁଟ୍‌ର ଶିକାର ବ୍ୟକ୍ତିମାନେ ଶୁକ୍ରବାର ପୋଲିସ ମହାନିର୍ଦ୍ଦେଶକ (ଡିଜିପି)ଙ୍କୁ ଭେଟି ଅଭିଯୋଗ କରିଛନ୍ତି। ତୁରନ୍ତ ଅଭିଯୁକ୍ତମାନଙ୍କୁ ଗିରଫ କରାଯିବାକୁ ସେମାନେ ଦାବି କରିଛନ୍ତି। ଆଗାମୀ ଦୁଇ ସପ୍ତାହ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ନିଆ ନ ଗଲେ ଡିଜିପି କାର୍ଯ୍ୟାଳୟ ଆଗରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ସମୂହ ଧାରଣା ଦେବାକୁ ଅଭିଯୋଗକାରୀମାନେ ଚେତାବନୀ ଦେଇଛନ୍ତି। ଏନେଇ ସପ୍ତାହକ ମଧ୍ୟରେ ତଦନ୍ତ ରିପୋର୍ଟ ଦାଖଲ କରିବା ପାଇଁ ଡିଜିପି ଖୋର୍ଦ୍ଧା ଏସ୍‌ପିଙ୍କୁ ନିର୍ଦ୍ଦେଶ ଦେଇଥିବା ଅଭିଯୋଗକାରୀ ମାନଙ୍କଠାରୁ ସୂଚନା ମିଳିଛି।

ପ୍ରକାଶ ଯେ, ଲୁଟ୍ ଘଟଣାକୁ ୮ମାସ ବିତିଗଲାଣି। ଅଭିଯୋଗକାରୀମାନେ ସ୍ଥାନୀୟ ପୋଲିସଠାରୁ ନିରାଶ ହେବା ପରେ ଗତବର୍ଷ ଡିସେମ୍ବର ୩ରେ ଜିଲା ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ତତ୍କାଳୀନ ସଦର ଏସ୍‌ଡିପିଓ ଅନିଲ ମହାନ୍ତି, ସଦର ଥାନାଧିକାରୀ କାହ୍ନୁଚରଣ ସ୍ୱାଇଁ, ବାଘମାରୀ ଥାନାଧିକାରୀ ଶମ୍ଭୁନାଥ ନାୟକ ପ୍ରମୁଖ ପହଞ୍ଚି ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ହେଲେ ଏବେସୁଦ୍ଧା କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ ବୋଲି ଲୁଟ୍‌ର ଶିକାର ହୋଇଥିବା ପ୍ରଦୀପ୍ତ ସାହୁ କହିଛନ୍ତି। ଗତବର୍ଷ ଜୁନ୍ ୬ରେ ବ୍ୟାଙ୍କମିତ୍ର ରୀନା ବେହେରା ସ୍ୱାମୀ ବଳରାମ ବେହେରାଙ୍କ ସହ ସ୍କୁଟିରେ ଗ୍ରାହକଙ୍କଠାରୁ ସଂଗୃହୀତ ଅର୍ଥ ଧରି ଘରକୁ ଫେରୁଥିଲେ। ଗୁଡୁମ ରାସ୍ତାରେ କଳା ପଲ୍‌ସରଧାରୀ ଯୁବକ ତାଙ୍କୁ ପିଛାକରି ମୁଣ୍ଡରେ ବନ୍ଧୁକ ଲଗାଇ ନଗଦ ୧,୭୦ ଲକ୍ଷ ଟଙ୍କା, ଲାପ୍‌ଟପ୍ ଏବଂ ବାୟୋମେଟ୍ରିକ ମେସିନ ଲୁଟି ଫେରାର ହୋଇଯାଇଥିଲେ। ବଳରାମଙ୍କ ଅଭିଯୋଗକ୍ରମେ ସଦର ଥାନାରେ ଏକ ମାମଲା (ନଂ.୧୪୦/୨୪) ରୁଜୁ ହୋଇଥିଲା। ସେହିପରି ଗତ ସେପ୍ଟେମ୍ବର ୪ରେ ସଦର ଥାନା ଅନ୍ତର୍ଗତ ବରପଦା ଗ୍ରାମର ଗୋପୀନାଥ ଜେନାଙ୍କ ଘରର ଝରକା ଓ ଗ୍ରୀଲ ତାଡ଼ି ଘରେ ପଶି ଆଲମିରା ଭାଙ୍ଗି ୧୦ ଭରି ସୁନା, ନଗଦ ୨.୭୦ ଲକ୍ଷ ଟଙ୍କା ଲୁଟିନେଇ ଫେରାର ହୋଇଯାଇଥିଲେ। ଏନେଇ ଗୋପୀନାଥଙ୍କ ଅଭିଯୋଗକ୍ରମେ ଥାନାରେ ଏକ ମାମଲା (ନଂ.୨୦୪/୨୪) ରୁଜୁ ହୋଇଛି। ଗତବର୍ଷ ଜୁନ୍ ୮ରେ ବାଘମାରୀ ଥାନା ଅନ୍ତର୍ଗତ ପୋଡ଼ାଡିହ ଗ୍ରାମର ସମୀର କୁମାର ମାଣିକଙ୍କ ଘରୁ ଦୁର୍ବୃତ୍ତମାନେ ୯ଭରି ସୁନା ଅଳଙ୍କାର ଓ ଦେଢ଼ ଲକ୍ଷ ଟଙ୍କା ଲୁଟିନେଇଥିଲେ। ସମୀରଙ୍କ ଅଭିଯୋଗକ୍ରମେ ଥାନାରେ ଏକ ମାମଲା (ନଂ.୧୫୬/୨୪) ରୁଜୁ ହୋଇଛି। ପୁଣି ସେହି ମାସ ୧୪ ତାରିଖରେ ପଣସବନ୍ତ ଗ୍ରାମର ମାଗୁଣି ସାହୁଙ୍କ ଘରୁ ୧୦ ଭରି ସୁନା, ପ୍ରାୟ ଏକ କେଜି ରୁପା ଏବଂ ନଗଦ ୫୦ ହଜାର ଟଙ୍କା ଲୁଟ୍ ହୋଇଥିଲା। ମାଗୁଣିଙ୍କ ଅଭିଯୋଗକ୍ରମେ ଥାନାରେ ଏକ ମାମଲା (ନଂ.୧୫୯/୨୪)ରୁଜୁ ହୋଇଥିଲା। ସେହିପରି ଗତ ଅଗଷ୍ଟ ୨୬ରେ ବେଗୁନିଆ ଥାନା ଅନ୍ତର୍ଗତ ଚୋଟିପାଳଙ୍ଗ ଗ୍ରାମର ପ୍ରାଣବନ୍ଧୁ ସାହୁଙ୍କ ଘରୁ ପ୍ରାୟ ୧୦ ଭରି ସୁନା ଏବଂ ନଗଦ ୫୦ ହଜାର ଟଙ୍କା ଲୁଟିନିଆଯାଇଥିଲା। ପ୍ରାଣବନ୍ଧୁଙ୍କ ଅଭିଯୋଗ କ୍ରମେ ଥାନାରେ ଏକ ମାମଲା (ନଂ.୨୩୬/୨୪)ରୁଜୁ ହୋଇଛି। ନଭେମ୍ବର ୭ରେ ବେଗୁନିଆ ଥାନା ଅନ୍ତର୍ଗତ ବାଦବାରବାଟୀ ଗ୍ରାମର ନାରାୟଣ ସେଠୀଙ୍କ ଘରୁ ପ୍ରାୟ ୧୫ ଭରି ସୁନା ଏବଂ ନଗଦ ୫୦ ହଜାର ଟଙ୍କା ଲୁଟ ହୋଇଥିଲା। ନାରାୟଣଙ୍କ ଅଭିଯୋଗକ୍ରମେ ଥାନାରେ ଏକ ମାମଲା (ନଂ.୩୧୯/୨୪) ରୁଜୁ ହୋଇଛି।

## ପିଲାଙ୍କୁ ମୋବାଇଲ ଦେବାକୁ ଏସ୍‌ପିଙ୍କ ବାରଣ



'ଆମ ପୋଲିସ' କାର୍ଯ୍ୟକ୍ରମରେ ଏସ୍‌ପି ସାଗରିକା ନାଥ ଏବଂ ଅନ୍ୟ ଅଧିକାରୀ।

ବେଗୁନିଆ,୨୧।୨ (ହର ପ୍ରସନ୍ନ ପଣ୍ଡା/ସନ୍ଧ୍ୟାରାଣୀ ମିଶ୍ର)

**'ଆମ ପୋଲିସ' କାର୍ଯ୍ୟକ୍ରମ**

ଖୋର୍ଦ୍ଧା ଜିଲା ଏସ୍‌ପି ସାଗରିକା ନାଥ ଶୁକ୍ରବାର ବେଗୁନିଆ ଥାନା ଅଞ୍ଚଳକୁ ଗସ୍ତ କରି 'ଆମ ପୋଲିସ' କାର୍ଯ୍ୟକ୍ରମରେ ଯୋଗ ଦେବା ସହ ଗାନ୍ଧୀଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ସ୍ମୃତି ଚାରଣ କରିଥିଲେ। ସ୍ମୃତି ସଂସଦର ସଂଯୋଜକ ପ୍ରଫେସର ରବୀନ୍ଦ୍ର ନାଥ ପାଣିଗ୍ରାହୀଙ୍କ ଆବାହକତ୍ୱରେ ସଂସଦର ସଦସ୍ୟ ଲକ୍ଷ୍ମୀକାନ୍ତ ମହାପାତ୍ର, ପ୍ରଶାନ୍ତ ବାରିକ ଓ ମାନସୀ ଦାସଙ୍କ ସମେତ ବହୁ ବୁଦ୍ଧିଜୀବୀ ଉପସ୍ଥିତ ରହି ଏସ୍‌ପି ନାଥଙ୍କୁ ସାଗତ କରିଥିଲେ। ଖୋର୍ଦ୍ଧା ଉପଖଣ୍ଡ ଆରକ୍ଷୀ ଅଧିକାରୀ ନିହାର ରଞ୍ଜନ ପ୍ରଧାନ, ଥାନାଧିକାରୀ ଜ୍ୟୋତିପ୍ରକାଶ ପଣ୍ଡାଙ୍କ ସହିତ ଥାନାର ଅନ୍ୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ପରେ ସଦର ମହକୁମାସ୍ଥିତ ଟାଉନ ହଲ ପରିସରରେ ଆୟୋଜିତ 'ଆମ ପୋଲିସ' କାର୍ଯ୍ୟକ୍ରମରେ ଯୋଗ ଦେଇ କହିଥିଲେ, ପୋଲିସ ଏବଂ ଜନସାଧାରଣଙ୍କ ମଧ୍ୟରେ କୌଣସି ପାର୍ଥକ୍ୟ ନ ଥାଏ। ସାଧାରଣ ଜନତାଙ୍କ ସହଭାଗିତାରେ ସ୍ଥାନୀୟ ପୋଲିସ ଶୃଙ୍ଖଳିତ ସେବା ଯୋଗାଇଦେବାକୁ ଶକ୍ତିଶାଳୀ ହୋଇପାରିବ। ଆଧୁନିକ ଯୁଗରେ ସଭିଏଁ ଆମେ ପିଲାଙ୍କୁ ଅଯଥାରେ ମୋବାଇଲ ଫୋନ ଧରାଇ ଦେଉଛେ। ପିଲା ଦିନରୁ ସେମାନେ ଯେତିକି ଅନୁକରଣ କରୁଛନ୍ତି, ବୟସ୍କ ହେଲେ ତାହାକୁ ବିନିଯୋଗ ହିଁ କରୁଛନ୍ତି। ବିଶେଷକରି ୧ ମାସରୁ ୧୮ ବର୍ଷ ବୟସର ପିଲାଙ୍କ ମୋବାଇଲ ଫୋନ ବ୍ୟବହାରକୁ ବାରଣ କରିଥିଲେ। କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ବରିଷ୍ଠ ନାଗରିକ, ଜନପ୍ରତିନିଧି ଏବଂ ବହୁ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

**ସଂକ୍ଷେପରେ**

## ନିଜ ମାତୃଭାଷାକୁ ସର୍ବଦା ଭଲ ପାଇବା ଉଚିତ

ଟାଙ୍ଗୀ-ଖୋର୍ଦ୍ଧା,୨୧।୨(ରଘୁନାଥ ସାହୁ): ଟାଙ୍ଗୀ ବ୍ଲକ ଅଧୀନ ନୂଆଗାଁ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଅନ୍ତର୍ଜାତୀୟ ମାତୃଭାଷା ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ଅତିଥି ଭାବେ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଦୁଃଶାସନ ପ୍ରଧାନ, ପରିଚାଳନା କମିଟି ସଭାପତି ମାନସ ରଞ୍ଜନ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ମାତୃଭାଷାର ସୁରକ୍ଷା ସହ ଏକ ସମୃଦ୍ଧ ଶୈକ୍ଷିକ ବାତାବରଣ ଗଢି ତୋଳିବାକୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ପ୍ରୟାସ କରାଯାଇଛି ବୋଲି ଅତିଥିମାନେ କହିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ କୋକିଳ ଦେଇଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ଛାତ୍ରୀଛାତ୍ରଙ୍କୁ ନିଜ ମାତୃଭାଷାକୁ ସର୍ବଦା ଭଲ ପାଇବାକୁ ପରାମର୍ଶ ଦେଇଥିଲେ। ଶିକ୍ଷକ ସନ୍ତୋଷ ବେହେରା ଧନ୍ୟବାଦ ଦେଇଥିଲେ।

## ଗୋସେବା ପ୍ରତିଷ୍ଠାନ ପାଇଁ ଶିଳାନ୍ୟାସ

ନିରାକାରପୁର,୨୧।୨(ମାନସ ଚନ୍ଦ୍ର ପଟ୍ଟନାୟକ): ଖୋର୍ଦ୍ଧା ଜିଲା ବାଲିପାଟପୁର ପଞ୍ଚାୟତ ସାନତୋଟାଠାରେ ଶୁକ୍ରବାର ଶ୍ରୀ ରଘୁନାଥ ଦେବ ଗୋସେବା ପ୍ରତିଷ୍ଠାନର ଶିଳାନ୍ୟାସ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ବାଲିପାଟପୁର ଏବଂ ଭୂଷଣ୍ଡପୁର ପଞ୍ଚାୟତବାସୀ ଯୋଗଦେଇ ସହଯୋଗ କରିଥିଲେ। କର୍ତ୍ତା ଭାବେ ପ୍ରଫେସର ନିରୋଦ ଚନ୍ଦ୍ର ଦାସ ଯୋଗଦେଇଥିଲେ। ଅତିଥି ଭାବେ ସାମାଜିକ କର୍ମୀ ଧୀରେନ୍ଦ୍ର ବେହେରା, ସମିତି ସଭ୍ୟ ଲକ୍ଷ୍ମୀଧର ବେହେରା, ସୁଦୀପ୍ତା ବେହେରା, ରବୀନ୍ଦ୍ର ସାମନ୍ତରାୟ, ପୂର୍ଣ୍ଣଚନ୍ଦ୍ର ପରିଡ଼ା, ନବକିଶୋର ବାରିକ, ସଂଗ୍ରାମ କେଶରୀ ପଟ୍ଟନାୟକ, କୃପାସିନ୍ଧୁ ବେହେରା, ବିରଞ୍ଚି ନାରାୟଣ ପ୍ରଧାନ, ପ୍ରଦୀପ ପଟ୍ଟନାୟକ, ପ୍ରଦୀପ ପାତ୍ର, ଶିକ୍ଷକ ଶୈଳେନ୍ଦ୍ର ନାରାୟଣ ପ୍ରଧାନ, ଯୁଧିଷ୍ଠିର ସାହୁ, ନାରଖରୀ ବେହେରାଙ୍କ ସମେତ ବାଲିପାଟପୁର ଓମ୍ ଶାନ୍ତି କେନ୍ଦ୍ରର ସମସ୍ତ ବ୍ରହ୍ମାକୁମାରୀ ସଦସ୍ୟଙ୍କ ସମେତ କୁନି କୁନି ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେଇଥିଲେ।

## ନିମଗଛରୁ ଝରୁଛି କ୍ଷୀର ଦେଖିବାକୁ ଜନ ସମାଗମ

ନିରାକାରପୁର,୨୧।୨(ମାନସ ଚନ୍ଦ୍ର ପଟ୍ଟନାୟକ): ଆଶ୍ଚର୍ଯ୍ୟ ଲାଗିଲେ ମଧ ସତ। ଏକ ନିମଗଛରୁ ଅହରହ କ୍ଷୀର ଝରୁଛି। ଉକ୍ତ ଘଟଣା ପ୍ରଘଟ ହେବା ପରେ ଏହାକୁ ଦେଖିବାକୁ ଆଖପାଖ ଅଞ୍ଚଳରୁ ବହୁ ସଂଖ୍ୟାରେ ଜନ ସମାଗମ ହେଉଥିବା ଦେଖିବାକୁ ମିଳିଛି। ଏଭଳି ଦୃଶ୍ୟ ନିରାକାରପୁର ଥାନା ଅଧୀନ ରାମେଶ୍ୱର ପଞ୍ଚାୟତ ତାଳପଡ଼ା ଗ୍ରାମର ଶ୍ମଶାନ ହୁଡ଼ାରେ ଦେଖିବାକୁ ମିଳିଛି। ଗ୍ରାମବାସୀଙ୍କ କହିବା ଅନୁସାରେ କେତେଜଣ ଗଛରୁ କ୍ଷୀର ଝରୁଥିବା ଦେଖି ଗ୍ରାମରେ କହିବା ପରେ ଆଖପାଖ ଲୋକେ ଏହାକୁ ଦେଖିବାକୁ ଗହଳି ଜମାଇଛନ୍ତି। ଗ୍ରାମବାସୀଙ୍କ ପକ୍ଷରୁ ନିମ ଗଛ ଚାରିପଟେ ସଫା କରାଯାଇ ଗଛରେ ସାଲୁକନା ବାନ୍ଧି ଗଛ ମୂଳରେ ଫୁଲ ଚନ୍ଦନ ଦେବା ସହ ଦୀପ, ଧୂପ ଲଗାଇ ପୂଜାର୍ଚ୍ଚନା କରୁଛନ୍ତି। ଉକ୍ତ ସ୍ଥାନରେ ଏବେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଛି।

## ମାତୃଭାଷାର ଉନ୍ନତି ନିମନ୍ତେ ଚେଷ୍ଟା କରିବା



ଅନ୍ତର୍ଜାତୀୟ ମାତୃଭାଷା ଦିବସ କାର୍ଯ୍ୟକ୍ରମରେ ଶିକ୍ଷକ ଏବଂ ପିଲାମାନେ।

ବାଘମାରୀ,୨୧।୨(ମିହିର ରଞ୍ଜନ ମହାପାତ୍ର)

ପଙ୍ଗାରସିଂହ ଗ୍ରାମ ପଞ୍ଚାୟତ ଅଧୀନ ଲେଖନପୁର ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନ୍ତର୍ଜାତୀୟ ମାତୃଭାଷା ଦିବସ ପ୍ରଧାନ ଶିକ୍ଷକ ବିଶ୍ୱଜିତ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପିଲାଙ୍କ ଦ୍ୱାରା ଚିତ୍ରାଙ୍କନ, ଗଳ୍ପ କଥନ, ପ୍ରବନ୍ଧ ଆଦି ପ୍ରତିଯୋଗିତା ଆୟୋଜନ ହୋଇଥିଲା। ମୁଖ୍ୟ ଅତିଥି ଭାବେ ହିମାଂଶୁ ଦାସ, ସମ୍ମାନିତ ଅତିଥି ଭାବେ ପରିଚାଳନା କମିଟି ଅଧ୍ୟକ୍ଷା କାଞ୍ଚନବାଳା ପୃଷ୍ଟି, ସାମାଜିକ କର୍ମୀ ସଞ୍ଜୟ ସାମଲ, ଅଭିନ୍ନ ସାମଲ , ସୁଜାତା ସ୍ୱାଇଁ, ମିତା ସାମଲ, ଗୀତାଞ୍ଜଳି ମହାନ୍ତି, କବିତା ମହାନ୍ତି, ସନ୍ତୋଷ ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ଆମ ଭାଷା ମହାନ ଓ ଆମ ଭାଷାର ସୁରକ୍ଷା କରିବା ଆମର କର୍ତ୍ତବ୍ୟ ବୋଲି ପଟ୍ଟନାୟକ ମତବ୍ୟକ୍ତ କରିଥିଲେ। ନିଜ ମାତୃଭାଷାର ମହତ ରଖିବା ସହିତ ତାର ଉନ୍ନତି ପାଇଁ ସଦା ସର୍ବଦା ଚେଷ୍ଟା କରିବାକୁ ଅତିଥିମାନେ କହିଥିଲେ। ଶିକ୍ଷୟିତ୍ରୀ ଗାୟତ୍ରୀ ବେହେରା ଧନ୍ୟବାଦ ଦେଇଥିଲେ। ସେହିପରି ଚିରାମାରୁ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ପ୍ରଧାନ ଶିକ୍ଷକ ରଞ୍ଜନ ନାୟକଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଜ୍ୟୋସ୍ନାରାଣୀ ସାମଲ, ମୁଖ୍ୟବକ୍ତା ପ୍ରତିମା ମନ୍ତ୍ରୀ, ସମ୍ମାନିତ ଅତିଥି ମାମିନା ଦାସ ଉପସ୍ଥିତ ଥିଲେ। ପ୍ରାରମ୍ଭରୁ ବିଜ୍ଞାନ ଶିକ୍ଷକ କିଶୋର ପ୍ରଧାନ ପ୍ରାରମ୍ଭିକ ସୂଚନା ଓ ଦିବସର ତାତ୍ପର୍ଯ୍ୟ ବାବଦରେ କହିଥିଲେ। ଶିକ୍ଷୟିତ୍ରୀ ଭାରତୀ ରାଉତ ଧନ୍ୟବାଦ ଦେଇଥିଲେ।

## ଲୋପ ପାଇଯାଉଥିବା ମାତୃଭାଷାର ସୁରକ୍ଷା ପାଇଁ ଉଦ୍ୟମ କରିବା

ବେଗୁନିଆ,୨୧।୨(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ସିମୋର ପଞ୍ଚାୟତ ଅଧୀନ ଗଂପୁର-କଣ୍ଟାମଲିମ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଆନ୍ତର୍ଜାତିକ ମାତୃଭାଷା ଦିବସ ଶୁକ୍ରବାର ପାଳନ ହୋଇଯାଇଛି। ପ୍ରଧାନ ଶିକ୍ଷକ ସୁରେଶ ଚନ୍ଦ୍ର ସେଠୀଙ୍କ ଅଧ୍ୟକ୍ଷତା ଓ ଶିକ୍ଷୟିତ୍ରୀ ବାସନ୍ତୀ ସାହୁଙ୍କ ସଂଯୋଜନାରେ ଶିକ୍ଷକ ରାଧାଶ୍ୟାମ ପଣ୍ଡା, ରମେଶ ଚନ୍ଦ୍ର ବେହେରା, ତ୍ରିନାଥ ପରିଡା, ଶିକ୍ଷୟିତ୍ରୀ ସୁମିତ୍ରା ସାହୁ ଓ ବୀଣାପାଣି ଦେଇ ପ୍ରମୁଖ ଉପସ୍ଥିତ ଥିଲେ। ଲୋପ ପାଇଯାଉଥିବା ମାତୃଭାଷାର ସୁରକ୍ଷା ପାଇଁ ଉଦ୍ୟମ କରିବା ଉଚିତ୍ ବୋଲି ଛାତ୍ରୀଛାତ୍ରଙ୍କୁ କହିଥିଲେ। ସଭା ପ୍ରାରମ୍ଭରେ ଛାତ୍ରୀଛାତ୍ରଙ୍କୁ ମାତୃଭାଷା ସୁରକ୍ଷା ପାଇଁ ଶପଥ ପାଠ କରାଇବା ସହ ତର୍କ, ଚିତ୍ରାଙ୍କନ, କବିତା ପାଠ, ଗଳ୍ପ କଥନ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜନ ହୋଇଥିଲା। ଶିକ୍ଷୟିତ୍ରୀ ପ୍ରତିମା ପଣ୍ଡା ଧନ୍ୟବାଦ ଦେଇଥିଲେ। ଦୁର୍ଗାପୁର ପଞ୍ଚାୟତ ଅଧୀନ ଗୁଡୁମ ଗ୍ରାମର ଗଜପତି ବୀରକିଶୋର ଦେବ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀ କମଳା କୁମାରୀ ପ୍ରଧାନଙ୍କ ଅଧ୍ୟକ୍ଷତା ଏହି ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଏବିଇଓ ଚନ୍ଦ୍ରକାନ୍ତି ନାୟକ ମାତୃଭାଷାର ସୁରକ୍ଷା ଦିଗରେ କାର୍ଯ୍ୟ କରିବା ଉଚିତ୍ ବୋଲି କହିଥିଲେ। ଶିକ୍ଷୟିତ୍ରୀ ସସ୍ମିତା ହୋତା ଧନ୍ୟବାଦ ଦେଇଥିଲେ। ସାରୁଅ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ବୃନ୍ଦାବନ ମହାପାତ୍ରଙ୍କ ଅଧ୍ୟକ୍ଷତା ଓ ଶିକ୍ଷକ ରବୀନ୍ଦ୍ରନାଥ ସାହୁଙ୍କ ସଂଯୋଜନାରେ ଆନ୍ତର୍ଜାତିକ ମାତୃଭାଷା ଦିବସ ପାଳନ କରାଯାଇଛି। ଶିକ୍ଷୟିତ୍ରୀ ସୁରେଖା ହୋତା, ସଂଯୁକ୍ତା ରଥ ଅର୍ଚ୍ଚନା ମହାପାତ୍ର ଓ ସନ୍ଧ୍ୟାରାଣୀ ବିଶାଳ ପ୍ରମୁଖ ଉପସ୍ଥିତ ଥିଲେ।

## ବଡ଼ଦାଣ୍ଡରେ ଯୁବକଙ୍କୁ ଆକ୍ରମଣ

ପୁରୀ,୨୧।୨( ଅଜିତ୍ କୁମାର ମହାନ୍ତି)

ବଡ଼ଦାଣ୍ଡରେ ଶୁକ୍ରବାର ରାତିରେ ଆତଙ୍କ ଦେଖିବାକୁ ମିଳିଛି। କୁମ୍ଭାରପଡ଼ା ଥାନା ଅଧୀନ ବଳଗଣ୍ଡି ଛକ ନିକଟରେ ଜଣେ ଯୁବକଙ୍କୁ ସେଠାରେ ଦୋକାନ କରିଥିବା ଜଣେ ଦୋକାନୀ ଏକ ଧାରୁଆ ବସ୍ତୁରେ ଆକ୍ରମଣ କରିଥିବା ସୂଚନା ମିଳିଛି। ଆକ୍ରମଣରେ ଯୁବକଙ୍କ କାନ ଏବଂ ପିଠିରେ ଗଭୀର ଆଘାତ ଲାଗିଛି। ତେବେ ଆକ୍ରମଣର କାରଣ ଜଣାପଡ଼ିନାହିଁ।

## ବିଦ୍ୟୁତ୍ ଟ୍ରାନ୍ସଫର୍ମରକୁ ଧକ୍କା ଦେଲା ବସ୍

- ଅଞ୍ଚଳରେ ବିଦ୍ୟୁତ୍ ବିଚ୍ଛିନ୍ନ
- ଅନ୍ଧାରରେ ମାଟ୍ରିକ ପରୀକ୍ଷା ଦେଲେ ପରୀକ୍ଷାର୍ଥୀ

ବୋଲଗଡ଼,୨୧।୨(ଦେବବ୍ରତ ହୋତା)


ଟ୍ରାନ୍ସଫର୍ମରକୁ ଧକ୍କା ଦେଇ କ୍ଷତିଗ୍ରସ୍ତ ହୋଇଥିବା ବସ୍।

ବୋଲଗଡ଼ ବ୍ଲକ ପିତୁକୁଳି ବଜାରଠାରେ ୫୭ ନଂ. ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଉଚ୍ଚଶକ୍ତିସମ୍ପନ୍ନ ବିଦ୍ୟୁତ୍ ଟ୍ରାନ୍ସଫର୍ମରକୁ ଶୁକ୍ରବାର ପୂର୍ବାହ୍ନ ସମୟରେ ଏକ ଯାତ୍ରୀବାହୀ ବସ୍ ଧକ୍କା ଦେଇଛି। ଫଳରେ ଟ୍ରାନ୍ସଫର୍ମର ବସିଥିବା ପିଣ୍ଡି ଭାଙ୍ଗିବା ସହ ଖୁଣ୍ଟ ଭାଙ୍ଗି ବିଦ୍ୟୁତ୍ ତାର ଛିଡ଼ି ଗାଡ଼ି ଉପରେ ପଡ଼ିଥିଲା। ଶର୍ଟସର୍କିଟ କାରଣରୁ ହଠାତ୍ ବିଦ୍ୟୁତ୍ ବିଚ୍ଛିନ୍ନ ହୋଇଯିବାରୁ ବଡ଼ ଦୁର୍ଘଟଣା ଘଟିବାରୁ ଟଳିଯାଇଛି। ତେବେ ଗାଡ଼ିଟିରେ କୌଣସି ଯାତ୍ରୀ ନ ଥିବାବେଳେ ଚାଳକଙ୍କୁ ବିଦ୍ୟୁତ୍ ଝଟ୍‌କା ଲାଗିଥିଲା। ସେ ବାଉଳାଚାଉଳା ହେବାରୁ ସ୍ଥାନୀୟ ଲୋକେ ତାଙ୍କୁ ରାଜସୁନାଖଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ଗାଡ଼ିକୁ ସମ୍ଭାବ୍ୟ ଅଗ୍ନିକାଣ୍ଡରୁ ରକ୍ଷାକରିବାକୁ ବେଗୁନିଆ ଅଗ୍ନିଶମ ବାହିନୀ ଦୁର୍ଘଟଣାସ୍ଥଳରେ ପହଞ୍ଚିଥିବାବେଳେ ବେଗୁନିଆ ଥାନା ପୋଲିସ ପହଞ୍ଚି ଗାଡ଼ିକୁ ଜବତ କରିଛି।

ଘଟଣା ଅନୁଯାୟୀ, ଏକ ବସ୍ (ଓଡି ୦୨ ଏଏଚ୍ ୫୩୫୫)ଟି ବରଯାତ୍ରୀଙ୍କୁ ଘରେ ଛାଡ଼ି ନୟାଗଡ଼ ପଟୁ ଭୁବନେଶ୍ୱର ଫେରୁଥିଲା। ପିତୁକୁଳି ବଜାରରୁ ରଘୁନାଥ ଉଚ୍ଚ ବିଦ୍ୟାଳୟ ନିକଟ ବିଦ୍ୟୁତ୍ ଟ୍ରାନ୍ସଫର୍ମରରେ ଗାଡ଼ିଟି ମାଡ଼ ହୋଇଥିଲା। ଫଳରେ ସ୍ଥାନୀୟ ଅଞ୍ଚଳରେ ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ ଘଟି ବିଦ୍ୟାଳୟରେ ବଲ୍‌ବ ଓ ପଙ୍ଖା ବନ୍ଦ ହୋଇଯାଇଥିଲା। ଧକ୍କା ସମୟରେ ବହୁ ଅଭିଭାବକ ନିକଟ ଏକ ଦୋକାନରେ ଜମା ହୋଇଥିଲାବେଳେ ସେମାନେ ଅଳ୍ପକେ ରକ୍ଷା ପାଇଯାଇଛନ୍ତି। ଏନେଇ ପିତୁକୁଳି ଅଞ୍ଚଳ ଅନ୍ଧାର ଥିବାରୁ ମାଟ୍ରିକ ପରୀକ୍ଷା ପାଇଁ ଯୁଦ୍ଧକାଳୀନ ଭିତ୍ତିରେ ଟ୍ରାନ୍ସଫର୍ମର ସଜାଡ଼ିବା ସହ ବିପଦପୂର୍ଣ୍ଣ ଟ୍ରାନ୍ସଫର୍ମରଟି ରାଜପଥ ପାର୍ଶ୍ୱରୁ ହଟାଇ ଅନ୍ୟତ୍ର ବସାଇବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

## ସରକାରୀ ଆଶ୍ରମ ବିଦ୍ୟାଳୟର ବାର୍ଷିକୋତ୍ସବ



ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥିମାନେ।

ବାଣପୁର,୨୧।୨(ଦିଲ୍ଲୀପ କୁମାର ସ୍ୱାଇଁ)

ଖୋର୍ଦ୍ଧା ଜିଲା ବାଣପୁର ବ୍ଲକ ଆଦିବାସୀ ଅଧ୍ୟୁଷିତ ଦାମିଆଁ ବରବରା ପଞ୍ଚାୟତର ତାଳବୋରେଇ ସରକାରୀ ଆଶ୍ରମ ବିଦ୍ୟାଳୟଠାରେ ବିଦ୍ୟାଳୟର ବାର୍ଷିକୋତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ଏକ ଆଲୋଚନାଚକ୍ରରେ ମୁଖ୍ୟ ଅତିଥି ଭାବେ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଜ୍ୟୋତିରଞ୍ଜନ ବେହେରା ଯୋଗଦେଇ ଥିଲେ। ଅତିଥି ଭାବେ ପ୍ରକାଶ ବେହେରା, ବ୍ରଜକିଶୋର ବଳିଆରସିଂ, ମାନସ ନାୟକ, ସିଆର୍‌ସିସି ଶ୍ରୀକାନ୍ତ ନାୟକ, ସାଲୁକା ସୁନାମାଝୀ, ଏସ୍‌ଏମ୍‌ସି ସଦସ୍ୟ ଶିବ ଶବର, ସ୍କୁଲ ପରିଚାଳନା କମିଟି ଅଧ୍ୟକ୍ଷ ରଙ୍କନାଥ ପ୍ରଧାନ ଯୋଗଦେଇ ଶିକ୍ଷା ସଂସ୍କୃତି ସମ୍ପର୍କରେ ପିଲାଙ୍କୁ ବୁଝାଇଥିଲେ। ଏତଦ୍ ବ୍ୟତୀତ ସ୍କୁଲର ପ୍ରଧାନ ଶିକ୍ଷକ ସ୍କୁଲର ବିଭିନ୍ନ ସମସ୍ୟା ନେଇ ଅଭିଯୋଗ ରଖିଥିଲେ। ତନ୍ମଧ୍ୟରୁ ସ୍କୁଲକୁ ଆସିଥିବା ରାସ୍ତା ସମସ୍ୟା, ଶିକ୍ଷକ ଅଭାବ ପୂରଣ ପାଇଁ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀଙ୍କୁ ଜଣାଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅତିଥିମାନେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରିଥିଲେ।

## ଜଳ ନିଷ୍କାସନ ବ୍ୟବସ୍ଥା ପାଇଁ ଦାବି

ବେଗୁନିଆ,୨୧।୨(ହରପ୍ରସନ୍ନ ପଣ୍ଡା)

**ଆଇନମନ୍ତ୍ରୀଙ୍କୁ ଭେଟିଲେ ଛାତ୍ରୀଛାତ୍ର, ଶିକ୍ଷକ**

ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ଲେଖନପୁର ଗ୍ରାମଠାରୁ ତଳଗଡ଼ ଦେଇ ଭାୟା ପଙ୍ଗାରସିଂହ-ଦିନିଆରୀ ଗ୍ରାମ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ କାର୍ଯ୍ୟ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଚାଲୁ ରହିଛି। ହେଲେ ଜଳ ନିଷ୍କାସନ ପାଇଁ ଥିବା କଲଭର୍ଟର ମୁହଁ ତଳଗଡ଼ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ହତା ପରିସରକୁ କରାଯାଇଛି। ଫଳରେ ବିଦ୍ୟାଳୟରେ ମଇଳା ପାଣି ପଶିବା ସହ ଯାତାୟାତରେ ଅସୁବିଧା ସୃଷ୍ଟି ହେବ। ଏହାର ସମାଧାନ ଦିଗରେ ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଅଧିକାରୀ ଏବଂ ଠିକାଦାରଙ୍କୁ ବାରମ୍ବାର ଅଭିଯୋଗ ହେଲାଣି। ହେଲେ ଏ ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ। ତେଣୁ ଏହି ସମସ୍ୟା ପ୍ରତି ଦୃଷ୍ଟି ଦେବା ଜରୁରୀ ବୋଲି ଛାତ୍ରୀଛାତ୍ର ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ନିବେଦନ କରିଛନ୍ତି। ୨ ଦିନ ପୂର୍ବେ ଭୁବନେଶ୍ୱରସ୍ଥିତ ବାସଭବନରେ ବିଦ୍ୟାଳୟ ପରିଚାଳନା କମିଟି ସଭାନେତ୍ରୀ ଲକ୍ଷ୍ମୀପ୍ରିୟା ବଳିୟାରସିଂଙ୍କ ନେତୃତ୍ୱରେ ଛାତ୍ରୀଛାତ୍ର, ଶିକ୍ଷକ, ଅଭିଭାବକ ଆଇନ ମନ୍ତ୍ରୀ ହରିଚନ୍ଦନଙ୍କୁ ଭେଟି ଗ୍ରାମ୍ୟ ଉନ୍ନୟନ ବିଭାଗ ନାମରେ ସଙ୍ଗିନ ଅଭିଯୋଗ ଆଣିଛନ୍ତି। ଏଥିସହ ଏକ ଦସ୍ତଖତ ସମ୍ବଳିତ ଅଭିଯୋଗ ପତ୍ର ମନ୍ତ୍ରୀଙ୍କୁ ପ୍ରଦାନ କରିଛନ୍ତି। ମନ୍ତ୍ରୀ ସମସ୍ୟା ଶୁଣି ତ୍ୱରିତ ସମାଧାନ ପାଇଁ ପ୍ରତିଶ୍ରୁତି ଦେବା ସହ ସମାଧାନ ଦିଗରେ ବିଭାଗୀୟ ଅଧିକାରୀଙ୍କୁ ତାଗିଦ୍ କରିଥିଲେ।

## ସେମିଫାଇନାଲରେ କାମାକ୍ଷା ସ୍ପୋର୍ଟ୍ସ କ୍ଲବ ବିହାର


ଅତିଥିଙ୍କ ସହ ଖେଳାଳିମାନେ।

ବେଗୁନିଆ,୨୧।୨ (ହର ପ୍ରସନ୍ନ ପଣ୍ଡା/ସନ୍ଧ୍ୟାରାଣୀ ମିଶ୍ର)

**କୁଶୁପଲ୍ଲା ସର୍ବ ଭାରତୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ**

ବେଗୁନିଆ ବ୍ଲକ କୁଶୁପଲ୍ଲା ଖେଳପଡ଼ିଆ ପରିସରରେ ଚାଲୁଥିବା ସର୍ବ ଭାରତୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟର ଶୁକ୍ରବାର ଚତୁର୍ଥ ଲିଗ୍ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଏମ୍‌ୱାଇ ଫୁଟ୍‌ବଲ କ୍ଲବ ଛତିଶଗଡ଼କୁ ହରାଇ କାମାକ୍ଷା ସ୍ପୋର୍ଟ୍ସ କ୍ଲବ ବିହାର ସେମିଫାଇନାଲରେ ପ୍ରବେଶ କରିଛି। ମ୍ୟାଚ୍‌ଟି ସଂଘର୍ଷ ପୂର୍ଣ୍ଣ ଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ ଉଭୟ ଦଳ ପରସ୍ପରକୁ ଗୋଲ ସ୍କୋର ଦେଇ ନ ପାରି ବରାବର ସ୍ଥିତିରେ ଥିଲେ। ଟାଇବ୍ରେକର ସହାୟତାରେ ୪-୩ରେ କାମାକ୍ଷା ସ୍ପୋର୍ଟ୍ସ କ୍ଲବ ବିଜୟୀ ହୋଇଥିଲା। କୁଶୁପଲ୍ଲା ଆଥ୍‌ଲେଟିକ ଆସୋସିଏଶନ ଆନୁକୂଲ୍ୟରେ ଆୟୋଜିତ ଟୁର୍ଣ୍ଣାମେଣ୍ଟର ପଞ୍ଚମ ଦିବସ ମ୍ୟାଚରେ ମୁଖ୍ୟ ପରିଚାଳକ ଦୟାନ ଖାଁଙ୍କ ଅଧ୍ୟକ୍ଷତାରେ ପ୍ରସନ୍ନ କୁମାର ନାୟକ ରେଫରି ଦାୟିତ୍ୱ ତୁଲାଇଥିଲେ। ପ୍ରଫୁଲ୍ଲ ବେହେରା, ସାଇରାମ କିଶୁକୋ, ସର୍ଗି ଅହମ୍ମଦ ଲାଇନରେ ସହଯୋଗ କରିଥିଲେ। ଫୈଜଲ ହୁସେନ ଖାନ, ମିହିର ରଞ୍ଜନ ମହାପାତ୍ର ଭାଷ୍ୟକାର ଦାୟିତ୍ୱ ତୁଲାଇଥିଲେ। ଅମଜାଦ ଖାନ ଏବଂ ଏସ୍‌କେ ରମଜାନ ତାଙ୍କୁ ସାହାଯ୍ୟ କରିଥିଲେ। ଗୋପାଳପୁର ସରପଞ୍ଚ ପ୍ରଦୀପ କୁମାର ବାରିକ, ଗେଡିଆପଲ୍ଲି ସରପଞ୍ଚ କବିତା ମଞ୍ଜରୀ ତ୍ରିପାଠୀ, ବଡ଼ବେରଣା ସରପଞ୍ଚ ଅସିତ୍ ତ୍ରିପାଠୀ ଏବଂ ଅବସରପ୍ରାପ୍ତ ଖେଳ ଶିକ୍ଷକ ନୀଳମଣି ମାଝୀ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଶନିବାର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ହଉଡ଼ା ଫ୍ରେଣ୍ଡସ କୋଲକାତା ଓ ମା' କାମାକ୍ଷା ଫୁଟବଲ କ୍ଲବ ବକ୍ସର, ବିହାର ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଆୟୋଜକ କ୍ଲବ ପକ୍ଷରୁ ସୂଚନା ଦିଆଯାଇଛି।


यूनियन बैंक ऑफ़ इंडिया Union Bank of India

**ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**
**କ୍ଷେତ୍ରୀୟ କାର୍ଯ୍ୟାଳୟ, କଟକ**
୧ମ ମହଲା, କେ କେ ଭାଓ୍ୱସିଙ୍କ କମ୍ପାଉଣ୍ଡ, ଶ୍ରୀଜି କମ୍ପ୍ଲେକ୍ସ, ମାଛୁଆ ବଜାର, କ୍ୟାଣ୍ଟନ୍‌ମେଣ୍ଟ ରୋଡ୍, କଟକ-୭୫୩୦୦୧

**ଦଖଲ ନୋଟିସ୍**
(ସ୍ଥାବର ସମ୍ପତ୍ତି ନିମନ୍ତେ)

**ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ-୨୦୦୨ ଅନ୍ତର୍ଗତ ରୁଲ୍ ୮(୧)**

ନିମ୍ନ ସ୍ୱାକ୍ଷରକାରୀ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ବଡହାଟ କେନ୍ଦ୍ରାପଡା ଶାଖା,** କାକଟ ଛକ, ଜିଲ୍ଲା: କେନ୍ଦ୍ରାପଡା, ଓଡ଼ିଶା (ଶାଖା ଠିକଣା)ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଦ୍ୱିତୀୟ) ଆକ୍ଟ, ୨୦୦୨ **(୨୦୦୨ର ଆକ୍ଟ ୫୪)** ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ,୨୦୦୨ର ରୁଲ୍ ୩ ଅନୁସାରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନବର୍ଣ୍ଣିତ ଋଣ ଆକାଉଣ୍ଟର ଋଣଗ୍ରହୀତା/ଜାମିନ୍‌ଦାରଙ୍କୁ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ଓ ଅନ୍ୟାନ୍ୟ ଦେୟ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତା ତାଙ୍କର ଋଣ ପଇଠ କରିବାରେ ବିଫଳ ହେଲେ, ତେଣୁ ଋଣଗ୍ରହୀତା/ଜାମିନ୍‌ଦାର ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ କଥିତ ଆକ୍ଟର ଧାରା ୧୩(୪) ସହିତ ରୁଲ୍ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡ଼ିକୁ ଦଖଲକୁ ନେଇଛନ୍ତି। ଏତଦ୍‌ଦ୍ୱାରା ବିଶେଷ କରି ଋଣଗ୍ରହୀତା/ଜାମିନ୍‌ଦାର ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡ଼ିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସମ୍ପତ୍ତିଗୁଡ଼ିକ ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ନିମନ୍ତେ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ବଡହାଟ କେନ୍ଦ୍ରାପଡା ଶାଖା** ନିକଟରେ ଉତ୍ତରଦାୟୀ ରହିବେ।

ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା **୧୩ର ଉପଧାରା (୮)** ଅନୁଯାୟୀ ଋଣଗ୍ରହୀତା ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।

| ଶାଖା/ ଋଣଗ୍ରହୀତା / ଜାମିନ୍‌ଦାରଙ୍କ ନାମ ଏବଂ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ଦେୟ | ଡିମାଣ୍ଡ ନୋଟିସ୍ ତାରିଖ/ଦଖଲ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| ବଡହାଟ କେନ୍ଦ୍ରାପଡା ଶାଖା/ ଋଣଗ୍ରହୀତାମାନେ: ୧) ଶ୍ରୀମତୀ ରୁକ୍ମଣୀ ବଳ, ସ୍ୱାମୀ: ରାଜ କିଶୋର ବଳ, ସା.: ତରାଣ୍ଡୋ, ପୋ.: ବାରୋ, ଜିଲ୍ଲା: କେନ୍ଦ୍ରାପଡା, ପିନ୍-୭୫୪୨୫୧, ଓଡ଼ିଶା, ଇଣ୍ଡିଆ, ୨) ଶ୍ରୀ ରାଜ କିଶୋର ବଳ, ସା.: ବଡପାଲ୍ଲି, ଭାୟା: ଆଭକୈଲପୁର, ଜିଲ୍ଲା: କେନ୍ଦ୍ରାପଡା, ଓଡ଼ିଶା, ପିନ୍-୭୫୪୨୧୭ / ଜାମିନ୍‌ଦାର: ଶ୍ରୀ କୁଞ୍ଜ ବିହାରୀ ପଣ୍ଡା, ପିତା: ଚୈନାମଣୀ ପଣ୍ଡା, ସା.: ତରାଣ୍ଡୋ, ବାରୋ, ଜିଲ୍ଲା: କେନ୍ଦ୍ରାପଡା, ଓଡ଼ିଶା-୭୫୪୨୫୧ | ୩୧.୧୦.୨୦୨୪ ସୁଦ୍ଧା ଟ.୪,୩୨,୭୩୮.୭୧ + ସେବାବଦ ସୁଧ | ୧୮.୧୧.୨୦୨୪ / ୧୭.୦୨.୨୦୨୫ | ଶ୍ରୀମତୀ ରୁକ୍ମଣୀ ବଳଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୧୬୫/୩୦୧୪, ରେଭିନ୍ୟୁ ଖାତା ନଂ.: ୭୦୫/୧୪୩, ମୌଜା: ତରାଣ୍ଡୋ, ଥାନା: ନିକିରାଇ ଏବଂ ନଂ.: ୭୨, ତହସିଲ: କେନ୍ଦ୍ରାପଡା, ଥାନା ନଂ.: ୧୮୦, ଜିଲ୍ଲା: କେନ୍ଦ୍ରାପଡା, ଓଡ଼ିଶା, କ୍ଷେତ୍ର: ଏକର୦.୦୫୦ ଡିସମିଲି, ଏହାର ଚର୍ତୁପାର୍ଶ୍ୱରେ ଉତ୍ତର: ସରକାରୀ ରାସ୍ତା, ଦକ୍ଷିଣ: ପ୍ଲଟ୍ ନଂ.: ୧୬୪, ପୂର୍ବ: ପ୍ଲଟ୍ ନଂ.: ୧୬ର ଅବଶିଷ୍ଟ, ପଶ୍ଚିମ: ପ୍ଲଟ୍ ନଂ.: ୧୬୬ |

ତାରିଖ: ୨୧.୦୨.୨୦୨୫
ସ୍ଥାନ: କଟକ
ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ
ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

**ମେମୋରି ଚାମ୍ପିୟନ୍‌ଶିପ୍ ଜିତିଲେ ଭାରତୀୟ ଛାତ୍ର**

ଭାରତର ୨୦ ବର୍ଷୀୟ ଛାତ୍ର ବିଶ୍ୱ ରାଜକୁମାର ମେମୋରି ଲିଗ୍ ୱାର୍ଲ୍ଡ ଚାମ୍ପିୟନଶିପ୍‌ରେ ବିଜୟୀ ହୋଇଛନ୍ତି। ରାଜକୁମାର ହେଉଛନ୍ତି ପଣ୍ଡିଚେରୀର ମନାକୁଲା ବିନୟାଗାର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍‌ନୋଲୋଜିର ଛାତ୍ର। ସେ ୧୩.୫୦ ସେକେଣ୍ଡରେ ୮୦ଟି ସଂଖ୍ୟା ଏବଂ ୮.୪୦ ସେକେଣ୍ଡରେ ୩୦ଟି ଛବିକୁ ମନେପକାଇପାରିଥିଲେ।



## ସଂକ୍ଷେପରେ

### ଏଏମ୍‌ୟୁ ଛାତ୍ରଙ୍କ ସନ୍ଦେହଜନକ ମୃତ୍ୟୁ

ଆଲିଗଡ଼,୨୧।୨

ଆଲିଗଡ଼ ମୁସ୍‌ଲିମ୍ ବିଶ୍ୱବିଦ୍ୟାଳୟ (ଏଏମ୍‌ୟୁ)ର ଜଣେ ୨୫ ବର୍ଷୀୟ ଛାତ୍ରଙ୍କ ମୃତଦେହ ଶୁକ୍ରବାର ତାଙ୍କ ହଷ୍ଟେଲ ପ୍ରକୋଷ୍ଠ ନିକଟରୁ ମିଳିଛି। ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ି ନ ଥିବାବେଳେ ସେ ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଛି। ବିଶ୍ୱବିଦ୍ୟାଳୟ ପରିସରରେ ଥିବା 'ମୁମ୍ବାଇ ହଷ୍ଟେଲ'ସ୍ଥିତ ଏକ ପ୍ରକୋଷ୍ଠ ବାହାରୁ ଏମ୍.ଏ. ଥିଓଲୋଜିର ପ୍ରଥମ ପର୍ଷ ଛାତ୍ର ମହମ୍ମଦ ଶକିରଙ୍କ ମୃତଦେହ ମିଳିଥିଲା। ଗୁରୁବାର ରାତି ୧୦ଟା ପର୍ଯ୍ୟନ୍ତ ଶକିର ତାଙ୍କ ରୁମ୍‌ରେ ଥିଲେ ଏବଂ ସବୁଦିନ ଭଳି ସନ୍ଧ୍ୟା ମିଲ୍ ଖାଇଥିଲେ। ଶୁକ୍ରବାର ସକାଳୁ ମୃତଦେହ ମିଳିବା ପରେ ୟୁନିଭର୍ସିଟି କର୍ତ୍ତୃପକ୍ଷ ତାଙ୍କ ପରିବାର ଓ ପୋଲିସକୁ ଜଣାଇଥିଲେ। ପୋଲିସ ତଦନ୍ତ ଜାରି ରଖିଛି।

**ଚାଇନାର ସମରାଭ୍ୟାସ**

### ଅଷ୍ଟ୍ରେଲିଆ-ନ୍ୟୁଜିଲାଣ୍ଡ ବିମାନ ରୁଟ୍‌ରେ ପରିବର୍ତ୍ତନ



ମେଲ୍‌ବୋର୍ନ,୨୧।୨

ଅଷ୍ଟ୍ରେଲିଆର ପୂର୍ବ ଉପକୂଳରେ ଚାଇନାର ୩ଟି ଯୁଦ୍ଧଜାହାଜ ସମରାଭ୍ୟାସ ଚଳାଇଥିବାରୁ ଗୁଳିମାଡ଼ ଆଶଙ୍କାରେ ଅଷ୍ଟ୍ରେଲିଆ ଏବଂ ନ୍ୟୁଜିଲାଣ୍ଡ ମଧ୍ୟରେ ବ୍ୟବସାୟିକ ବିମାନ ଚଳାଚଳ ରୁଟ୍‌ରେ ପରିବର୍ତ୍ତନ କରାଯାଇଛି। ଟାସ୍‌ମାନ ସି ଉପର ଦେଇ ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଚଳାଚଳ କରୁଥିବା ଏୟାରଲାଇନ୍ସଗୁଡ଼ିକୁ ସତର୍କ କରିଦିଆଯାଇଥିବା ଅଷ୍ଟ୍ରେଲିଆ ପ୍ରତିରକ୍ଷା ମନ୍ତ୍ରୀ ରିଚାର୍ଡ ମାର୍ଲେସ୍ କହିଛନ୍ତି। ଉକ୍ତ ଆକାଶପଥରେ ବିପଦ ସମ୍ଭାବନା ଥିବା ଅଷ୍ଟ୍ରେଲିଆର ବାୟୁସେବା ନିୟାମକ ମଧ୍ୟ ବ୍ୟବସାୟିକ ପାଇଲଟ୍‌ମାନଙ୍କୁ ସତର୍କ କରାଇଥିଲା। ଚାଇନା ଅନ୍ତର୍ଜାତୀୟ ଜଳରାଶିରେ ସମରାଭ୍ୟାସ ଚଳାଇଥିବା ନେଇ ବେଜିଂ କର୍ତ୍ତୃପକ୍ଷ ଅଷ୍ଟ୍ରେଲିଆକୁ ଜଣାଇ ନ ଥିବା ମାର୍ଲେସ୍ କହିଛନ୍ତି। ସେମାନେ ଆକାଶମାର୍ଗରୁ ଚାଇନାର ଯୁଦ୍ଧାଭ୍ୟାସ ସମ୍ପର୍କରେ ଜାଣିବାକୁ ପାଇଥିଲେ। ଚାଇନା ଯୁଦ୍ଧାଭ୍ୟାସ ସମ୍ପର୍କରେ ସତର୍କ କରାଯିବା ପୂର୍ବରୁ ସିଡ୍‌ନୀରୁ ନ୍ୟୁଜିଲାଣ୍ଡର କ୍ରିଷ୍ଟଚର୍ଚ୍ଚ ଏବଂ କୁଇନ୍ସଟାଉନ୍ ଯିବାକୁ ଥିବା ୩ଟି ବିମାନ ଶୁକ୍ରବାର ସକାଳେ ଉକ୍ତ ରୁଟ୍‌ରେ ଉଡୁଥିବା ଦେଖାଯାଇଥିଲା।

### ସମ୍ଭାଜୀ ମହାରାଜଙ୍କ ଉପରେ ଆପତ୍ତିଜନକ କଣ୍ଟେଣ୍ଟ

**ୱିକିପେଡିଆର ୪ ସମ୍ପାଦକଙ୍କ ନାଁରେ ମାମଲା**

ମୁମ୍ବାଇ,୨୧।୨

ମରାଠା ଶାସକ ଛତ୍ରପତି ଶିବାଜୀଙ୍କ ପୁଅ ସମ୍ଭାଜୀ ମହାରାଜଙ୍କ ଉପରେ ବିବାଦୀୟ ବିଷୟବସ୍ତୁକୁ ନେଇ ମହାରାଷ୍ଟ୍ରର ସାଇବର ସେଲ୍ ୱିକିପେଡିଆର ୪ ଜଣ ସମ୍ପାଦକଙ୍କ ବିରୋଧରେ ମାମଲା ରୁଜୁ କରିଛି। କାଲିଫର୍ନିଆର ୱିକିପେଡିଆ ଫାଉଣ୍ଡେଶନକୁ ୧୦ ଥର ଇମେଲ୍ ଏବଂ ନୋଟିସ ପଠାଇବା ସତ୍ତ୍ୱେ ଆପତ୍ତିଜନକ କଣ୍ଟେଣ୍ଟକୁ ହଟାଯାଇ ନ ଥିଲା। ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍‌ନବିସ୍ ଏହି ପ୍ରସଙ୍ଗକୁ ବିଚାରକୁ ନେଇ କାର୍ଯ୍ୟାନୁଷ୍ଠାନ ପାଇଁ ପୋଲିସକୁ ନିର୍ଦ୍ଦେଶ ଦେଇଥିଲେ। ସମ୍ଭାଜୀ ମହାରାଜଙ୍କ ଜୀବନୀ ଆଧାରରେ ନିର୍ମିତ ବଲିଉଡ୍ ଚଳଚ୍ଚିତ୍ର 'ଛାବା' ମୁକ୍ତିଲାଭ କରିବା ପରେ ବିଭିନ୍ନ ସଂଗଠନ ଏହି ଐତିହାସିକ ବିକୃତିକୁ ଉଠାଇଥିଲେ। ୱିକିପେଡିଆ ପୃଷ୍ଠାରେ ପ୍ରକାଶିତ ବିଷୟବସ୍ତୁ ଠିକ୍ ନୁହେଁ ଏବଂ ରାଜ୍ୟରେ ଆଇନଶୃଙ୍ଖଳା ସ୍ଥିତି ଉପୁଜାଇବା ସମ୍ଭାବନା ରହିଥିବା ମହାରାଷ୍ଟ୍ର ସାଇବର ସେଲ୍ ପକ୍ଷରୁ ନୋଟିସ ଜରିଆରେ ୱିକିପେଡିଆକୁ ଜଣାଇ ଦିଆଯାଇଥିଲା। ୱିକିପେଡିଆ ସୂଚନା ପ୍ରଯୁକ୍ତି ଆଇନର ଧାରା ୬୯ ଏବଂ ୭୯ର ଉଲ୍ଲଂଘନ କରିଥିବାରୁ ଏହା ବିରୋଧରେ ମାମଲା ରୁଜୁ ହୋଇଛି।



ଫ୍ରାନ୍ସର ନିସ୍ ସହରରେ ଆୟୋଜିତ 'ବ୍ୟାଟେଲ୍ ଅଫ୍ ଫ୍ଲାୱାର୍ସ' ଉତ୍ସବରେ ଜଣେ ଯୁବତୀ ଭାଗ ନେଇଛନ୍ତି। ଫେବୃଆରୀ ୧୮ରେ ଆରମ୍ଭ ହୋଇ ୨୪ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ସମାରୋହରେ ଚଳିତବର୍ଷର ଥିମ୍ ରହିଛି 'କିଙ୍ଗ୍ ଅଫ୍ ଦି ଓସେନ୍ସ'। ପ୍ରତିବର୍ଷ ଉକ୍ତ ରଙ୍ଗାରଙ୍ଗ କାର୍ଯ୍ୟକ୍ରମରେ ଫ୍ଲାୱାର ପରେଡ୍ ବେଳେ ପୁଷ୍ପପ୍ରେମୀମାନଙ୍କୁ ପ୍ରାୟ ୧ ଲକ୍ଷ ଫୁଲ ବଣ୍ଟନ କରାଯାଇଥାଏ।

## ଲେଡି ଡନ୍ ଜୋୟା ଖାନ୍ ଗିରଫ

ନୂଆଦିଲ୍ଲୀ,୨୧।୨



ଅନେକ ବର୍ଷ ଧରି ପୋଲିସର ପହଞ୍ଚ ବାହାରେ ରହିଆସିଥିବା କୁଖ୍ୟାତ ଗ୍ୟାଙ୍ଗଷ୍ଟର ହାଶିମ୍ ବାବାଙ୍କ ବେଗମ୍ ଜୋୟା ଖାନ୍ ଶେଷରେ ଦିଲ୍ଲୀ ପୋଲିସ୍‌ର ସ୍ପେଶାଲ ସେଲ୍ ଜାଲରେ ପଡ଼ିଛନ୍ତି। 'ଲେଡି ଡନ୍' ଭାବେ ପରିଚିତ ଏହି ୩୩ ବର୍ଷୀୟା ଗ୍ଲାମରସ୍ ମହିଳାଙ୍କୁ ବେଆଇନ ନିଶାଦ୍ରବ୍ୟ କାରବାର ଅଭିଯୋଗରେ ଗିରଫ କରାଯାଇଛି। ତାଙ୍କଠାରୁ ୨୨୫ ଗ୍ରାମ୍ ହେରୋଇନ୍ ଜବତ ହୋଇଛି, ଯାହାର ମୂଲ୍ୟ ପାଖାପାଖି ୧ କୋଟି ଟଙ୍କା ହେବ। ଜୋୟା ଜେଲରେ ଥିବା ତାଙ୍କ ସ୍ୱାମୀ ହାଶିମ ବାବାଙ୍କ ଗ୍ୟାଙ୍ଗ୍‌କୁ ଚଳାଇ ଆସୁଥିଲେ। ସେ ଡ୍ରଗ୍ସ ଚାଲାଣରେ ସମ୍ପୃକ୍ତ ଥିବା ପୋଲିସ ଖବର ପାଇବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପୂର୍ବରୁ ତାଙ୍କ ସମ୍ପର୍କରେ ପ୍ରମାଣ ଏକାଠି କରିଥିଲା। ବୁଧବାର ସେ କୌଣସି ବ୍ୟକ୍ତିଙ୍କୁ ଡ୍ରଗ୍ସ ହସ୍ତାନ୍ତର କରିବାକୁ ଥିବା ପୋଲିସ ଜାଣିବା ପରେ ତାଙ୍କୁ ଧରିବା ପାଇଁ ଜାଲ ବିଛାଇଥିଲା।

ହାଶିମ୍ ବାବା ହେଉଛନ୍ତି ଜୋୟାଙ୍କ ତୃତୀୟ ସ୍ୱାମୀ। ତାଙ୍କ ନାଁରେ ହତ୍ୟା, ବଟି ଆଦାୟ, ଅସ୍ତ୍ର ଚୋରାଚାଲାଣ ଆଦି ମାମଲା ରହିଛି। ବାବା ଜେଲ୍ ଯିବା ପରେ ଜୋୟା ତାଙ୍କ କ୍ରାଇମ୍ ସିଣ୍ଡିକେଟ୍‌କୁ ନିୟନ୍ତ୍ରଣ କରୁଥିଲେ। ସେ ବଟି ଆଦାୟ ଏବଂ ଡ୍ରଗ୍ସ କାରବାର ସହ ଜଡ଼ିତ ଥିବା ଦିଲ୍ଲୀ ପୋଲିସ୍‌ର ସ୍ପେଶାଲ ସେଲ୍ କହିଛି। ଅପରାଧରେ ସମ୍ପୃକ୍ତ ସତ୍ତ୍ୱେ ସର୍ବସାଧାରଣରେ ଜୋୟା ସ୍ୱଚ୍ଛ ଭାବମୂର୍ତ୍ତି ଜାହିର କରିଆସୁଥିଲେ। ସେ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମରେ ସାମିଲ ହେବା ସହ ବିଳାସପୂର୍ଣ୍ଣ ଜୀବନଯାପନ କରୁଥିଲେ। ସୋସିଆଲ ମିଡିଆରେ ମଧ୍ୟ ତାଙ୍କର ବହୁ ଫଲୋଅର୍ସ ରହିଛନ୍ତି।

# ୨୧ ନିୟୁତ ଡଲାର: ବୀଣା ରେଡ୍ଡୀ କିଏ

ନ୍ୟୁୟର୍କ/ନୂଆଦିଲ୍ଲୀ, ୨୧।୨(ଏଜେନ୍ସି/ପିଟି)



ଭାରତରେ ନିର୍ବାଚନ ବେଳେ ମତଦାନ ହାର ବୃଦ୍ଧି ପାଇଁ ଆମେରିକା ବାର୍ଷିକ ୨୧ ନିୟୁତ ଡଲାର (୧୮୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କା) ସହାୟତା ଦେଇଆସୁଥିଲା। ଜାନୁଆରୀ ୨୦ରେ ଡୋନାଲ୍ଡ ଟ୍ରମ୍ପ ଦ୍ୱିତୀୟ ଥର ଆମେରିକା ରାଷ୍ଟ୍ରପତି ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ଗତ ସପ୍ତାହରୁ ଏହି ପାଣ୍ଠି ଯୋଗାଣକୁ ବନ୍ଦ କରିଦିଆଯାଇଛି। ବାଇଡେନ୍ ପ୍ରଶାସନ ବୋଧେ ଆଉ କାହାକୁ ନିର୍ବାଚନରେ ଜିତାଇବା ପାଇଁ ଭାରତକୁ ଏହି ଆର୍ଥିକ ସହାୟତା ଯୋଗାଇଆସୁଥିଲା ବୋଲି ଟ୍ରମ୍ପ ମନ୍ତବ୍ୟ ଦେବା ପରେ ଦେଶରେ ଏନେଇ ନାନା ପ୍ରଶ୍ନ ଉଠିଲାଣି।

ବିଲିୟନେୟାର ଏଲନ୍ ମସ୍କଙ୍କ ଅଧ୍ୟକ୍ଷତାରେ ଡିପାର୍ଟମେଣ୍ଟ ଅଫ୍ ଗଭର୍ନମେଣ୍ଟ ଏଫିସିଏନ୍ସି (ଡିଓଜିଇ) ପକ୍ଷରୁ ଗତ ୧୬ରେ ଭାରତକୁ ୨୧ ନିୟୁତ ଡଲାର ପାଣ୍ଠି ପ୍ରଦାନକୁ ରଦ୍ଦ କରାଯିବା ପରେ ଟ୍ରମ୍ପ ଏଭଳି ମନ୍ତବ୍ୟ ଦେଇଛନ୍ତି, ଯାହାକୁ ନେଇ ଭାରତରେ ଜାତୀୟ ରାଜନୀତି ସରଗରମ ହୋଇଛି। ଭାରତରେ ଭୋଟର ଟର୍ନଆଉଟ୍ ପାଇଁ ଦିଆଯାଉଥିବା ଏହି ପାଣ୍ଠିକୁ ଟ୍ରମ୍ପ ଏକ 'କିକ୍‌ବ୍ୟାକ୍ ସ୍କିମ୍' ବୋଲି ଅଭିହିତ କରିଛନ୍ତି। ଆମର ନିଜସ୍ୱ ଅନେକ ଅସୁବିଧା ଥିବାବେଳେ ଭାରତକୁ ଏତେ ଅର୍ଥ କାହିଁକି ଦେବୁ ବୋଲି ସେ ପ୍ରଶ୍ନ କରିଛନ୍ତି। ଅନ୍ୟପକ୍ଷେ ଭାରତର ନିର୍ବାଚନରେ ବାହ୍ୟଶକ୍ତିର ହସ୍ତକ୍ଷେପ ନେଇ ବିତର୍କ ସୃଷ୍ଟି ହୋଇଥିବାରୁ ବହିର୍ବ୍ୟାପାର ମୁଖପାତ୍ର ରଣବୀର ଜୟସ୍ୱାଲ ଏହାକୁ ଏକ ଚିନ୍ତାଜନକ ବିଷୟ ବୋଲି କହିଛନ୍ତି।

ଭାଜପା ଏମ୍‌ପି ମହେଶ ଜେଠମାଲାନୀ ଏକ୍ସ'ରେ କହିଛନ୍ତି, ୨୦୨୧ରେ ବୀଣା ରେଡ୍ଡୀଙ୍କୁ ୟୁଏସ୍ଏଆଇଡି'ର ଭାରତୀୟ ମିଶନ ମୁଖ୍ୟ ଭାବେ ନୂଆଦିଲ୍ଲୀକୁ ପଠାଯାଇଥିଲା। ୨୦୨୪ ଲୋକ ସଭା ନିର୍ବାଚନ ପରେ ବୀଣା ଆମେରିକାକୁ ଫେରିଯାଇଥିଲେ। ଡିଓଜିଇ ଜାଣିବାକୁ ପାଇଛି ଯେ, ୟୁଏସ୍ଏଆଇଡି ଭାରତରେ ସରକାର ପରିବର୍ତ୍ତନ ସକାଶେ ମତଦାନ ବୃଦ୍ଧି ପାଇଁ ୨୧ ନିୟୁତ ଡଲାର ଖର୍ଚ୍ଚ କରୁଥିଲା। ସମ୍ଭବତଃ ବୀଣା ନିଜ ଭୋଟର ଟର୍ନଆଉଟ୍ ମିଶନ ଶେଷକରି ଆମେରିକାକୁ ଫେରିଯାଇଥିଲେ। ବୀଣା ଭାରତରେ ଅବସ୍ଥାପିତ ଆମେରିକୀୟ ରାଷ୍ଟ୍ରଦୂତ ଏରିକ୍ ଗ୍ରାସେଟିଙ୍କ ସହ ସମନ୍ୱୟ ରଖି ଏଜେନ୍ସିର ଲକ୍ଷ୍ୟ ପୂରଣ କରିଥିଲେ ବୋଲି ସେ ଉଲ୍ଲେଖ କରିଛନ୍ତି। ଉଲ୍ଲେଖଯୋଗ୍ୟ, ଲୋକ ସଭା ନିର୍ବାଚନ ପ୍ରଚାରବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ଭାଜପା ନେତାମାନେ 'ଅବ୍‌କି ବାର୍ ୪୦୦ ପାର୍' ନାରା ଦେଉଥିଲେ। କିନ୍ତୁ ଭାଜପା ୨୪୦ ଆସନରେ ସୀମିତ ରହିଯାଇଥିବାରୁ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ସଂଯୁକ୍ତ ଜନତା ଦଳ (ଜେଡିୟୁ) ଏବଂ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରବାବୁ ନାଇଡୁଙ୍କ ତେଲୁଗୁ ଦେଶମ୍ ପାର୍ଟି (ଟିଡିପି)ର ସମର୍ଥନ ନେଇ ସରକାର ଗଢ଼ିବାକୁ ପଡ଼ିଲା। ମହେଶ ସମ୍ଭବତଃ ଭାଜପାର ଲକ୍ଷ୍ୟଚ୍ୟୁତି ପାଇଁ ବୀଣାଙ୍କୁ ଦାୟୀକରି ସୋସିଆଲ ମିଡିଆରେ ଏଭଳି ମନ୍ତବ୍ୟ ଦେଇଥିବା ମନେକରାଯାଉଛି। ବୀଣା ହେଉଛନ୍ତି ଆନ୍ଧ୍ରରେ ଜନ୍ମିତ ଜଣେ କୂଟନୀତିଜ୍ଞ, ଯିଏକି ୨୦୨୧ ଅଗଷ୍ଟରୁ ୨୦୨୪ ଜୁଲାଇ ପର୍ଯ୍ୟନ୍ତ ଭାରତ ଓ ଭୁଟାନ୍ ପାଇଁ ୟୁଏସ୍ଏଆଇଡିର ମିଶନ ଡାଇରେକ୍ଟର ଭାବେ କାର୍ଯ୍ୟ କରୁଥିଲେ। ସେ ଆମେରିକାର ସିନିୟର ଫରେନ୍ ସର୍ଭିସ୍‌ର ଜଣେ ସଦସ୍ୟା। ଦେଶରେ ମତଦାନ ବୃଦ୍ଧି କରାଇବା ହେଉଛି ଭାରତର ନିର୍ବାଚନ କମିଶନ (ଇସିଆଇ)ଙ୍କ ଦାୟିତ୍ୱ। ତେଣୁ ଆମେରିକାରୁ ପୂର୍ବରୁ ଆସୁଥିବା ୨୧ ନିୟୁତ ଡଲାର ପ୍ରକୃତରେ କାହା ପାଖକୁ ଯାଉଥିଲା, ତାହା ମଧ୍ୟ ଏବେ ଏକ ବଡ଼ ପ୍ରଶ୍ନ ହୋଇଛି।

## ବଳାତ୍କାର ମାମଲାରେ ପୂର୍ବତନ କାଉନସିଲର ଦୋଷମୁକ୍ତ

ଭୋପାଳ,୨୧।୨

ମଧ୍ୟପ୍ରଦେଶ ରାଜଗଡ଼ ଜିଲାର ଏକ ଅଦାଲତ ବଳାତ୍କାର ମାମଲାରେ ଅଭିଯୁକ୍ତ ପୂର୍ବତନ କାଉନ୍‌ସିଲରଙ୍କୁ ଦୋଷମୁକ୍ତ କରିଛନ୍ତି। ମହିଳା ଜଣକ ମିଥ୍ୟା ଅଭିଯୋଗ ଆଣିଥିବା କୋର୍ଟ ଜାଣିବାକୁ ପାଇଛନ୍ତି। ମହିଳାଙ୍କ ଅଭିଯୋଗ ଅନୁଯାୟୀ, ପୁଅ ବାହାଘର

**ଅଭିଯୋଗ ପରେ ଘର ଭାଙ୍ଗିଥିଲା ପ୍ରଶାସନ**

ପାଇଁ ସହାୟତା କରିବା ନାଁରେ ପୂର୍ବତନ କାଉନସିଲର ଶାଫିକ୍ ଅନ୍‌ସାରୀ ୨୦୨୧ ଫେବୃଆରୀରେ ତାଙ୍କୁ ଘରକୁ ଡାକି ବଳାତ୍କାର କରିଥିଲେ। ଅଭିଯୋଗ ପାଇବା ପରେ ରାଜଗଡ଼ ପ୍ରଶାସନ ବୁଲ୍‌ଡୋଜର ଲଗାଇ ଅନ୍‌ସାରୀଙ୍କ ଘର ଭାଙ୍ଗିଦେଇଥିଲା। ଦଣ୍ଡବିଧାନ ସ୍ୱରୂପ ଘର ଭାଙ୍ଗିବା ବ୍ୟବସ୍ଥା ଭାରତୀୟ ଆଇନରେ ନାହିଁ। ଏହା ସତ୍ତ୍ୱେ ଭାଜପାଶାସିତ ରାଜ୍ୟଗୁଡ଼ିକର ପ୍ରଶାସନ ବାରମ୍ବାର ଅପରାଧୀଙ୍କ ବିରୋଧରେ ବୁଲ୍‌ଡୋଜର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି। ବିଶେଷ କରି ମୁସଲମାନମାନଙ୍କୁ ଟାର୍ଗେଟ କରାଯାଉଛି। ତେବେ ଅଭିଯୋଗକାରୀ ମହିଳା ଜମି ଜବରଦଖଲ କରି ଘର କରିଥିଲେ। ଉକ୍ତ ଘରେ ବେଆଇନ ନିଶା ବ୍ୟବସାୟ ଚାଲିଥିବା ନେଇ ପଡୋଶୀମାନେ ଅଭିଯୋଗ କରିଥିଲେ। କାଉନ୍‌ସିଲର ଓ ଗ୍ରାମବାସୀଙ୍କ ଅଭିଯୋଗ ପରେ ମହିଳାଙ୍କ ଘର ଭଙ୍ଗାଯାଇଥିଲା। ଉକ୍ତ ମହିଳା ଓ ତାଙ୍କ ସ୍ୱାମୀଙ୍କ ବୟାନରେ ତାଳମେଳ ନ ଥିବା ତାରିଖରେ ଅତିରିକ୍ତ ସେସନ୍ସ ଜଜ୍ ଚିତ୍ରେନ୍ଦ୍ର ସିଂ ସୋଲାଙ୍କି କହିଛନ୍ତି। ଏପରିକି ବଳାତ୍କାର ସମୟରେ ମହିଳା ଜଣକ ଅନ୍‌ସାରୀଙ୍କ ଘରେ ଥିଲେ କି ନାହିଁ, ତାହାକୁ ନେଇ ସନ୍ଦେହ ସୃଷ୍ଟି ହୋଇଥିବା ବିଚାରପତି କହିଛନ୍ତି।

## ଟାଇମ୍ସ 'ୱୋମେନ୍ ଅଫ୍ ଦି ଇୟର' ତାଲିକାରେ ଭାରତୀୟ ଜୀବବିଜ୍ଞାନୀ

ନ୍ୟୁୟର୍କ,୨୧।୨



ପୂର୍ଣ୍ଣିମା ଦେବୀ ବର୍ମନ

ଭାରତୀୟ ଜୀବବିଜ୍ଞାନୀ ତଥା ବନ୍ୟପ୍ରାଣୀ ସଂରକ୍ଷଣବାଦୀ ପୂର୍ଣ୍ଣିମା ଦେବୀ ବର୍ମନ (୪୫) ଚଳିତ ବର୍ଷ ଲାଗି ଟାଇମ୍ସ ମାଗାଜିନ୍‌ର 'ୱୋମେନ୍ ଅଫ୍ ଦି ଇୟର' ତାଲିକାରେ ସ୍ଥାନ ପାଇଛନ୍ତି। ଉନ୍ନତ ତଥା ଅଧିକ ସମାନ ବିଶ୍ୱ ଲାଗି କାର୍ଯ୍ୟରତ ଅସାଧାରଣ ନେତାମାନଙ୍କୁ ଏହି ସମ୍ମାନ ଦିଆଯାଇଥାଏ। ଗୁରୁବାର ପ୍ରକାଶିତ ୧୩ ମହିଳାଙ୍କ ତାଲିକାରେ ଭାରତରୁ କେବଳ ପୂର୍ଣ୍ଣିମା ଦେବୀ ସ୍ଥାନ ପାଇଛନ୍ତି। ଆସାମରେ ରହୁଥିବା ପୂର୍ଣ୍ଣିମା ୨୦୦୭ରେ ଗଛକଟାକୁ ବିରୋଧ କରି ଚର୍ଚ୍ଚାକୁ ଆସିଥିଲେ। ଉକ୍ତ ଗଛ ଏକ ସାରସ ପରିବାରକୁ ଆଶ୍ରୟ ଦେଇଆସୁଥିଲା। ସେହି ପକ୍ଷୀଙ୍କ ହୃଦ୍‌ସ୍ପନ୍ଦନର ଅନୁଭବ ତାଙ୍କୁ ଦୋହଲାଇଦେଲା। ସେହିଦିନରୁ ସେ ପକ୍ଷୀମାନଙ୍କ ସୁରକ୍ଷା ପାଇଁ ଏକ ମିଶନ ଆରମ୍ଭ କଲେ। ତାଙ୍କର ଏହି ଅଭିଯାନ ଆସାମରୁ ଭାରତର ଅନ୍ୟ ପ୍ରାନ୍ତକୁ ସମ୍ପ୍ରସାରଣ ହେବା ସହ ଏବେ କାମ୍ବୋଡ଼ିଆରେ କାର୍ଯ୍ୟରତ। ଏହା ବିଲୁପ୍ତପ୍ରାୟ ସାରସ ବଂଶ ବୃଦ୍ଧିରେ ସହାୟକ ହୋଇପାରିଛି।

### ପଣବନ୍ଦୀଙ୍କ ଭୁଲ୍ ମୃତଦେହ ପଠାଇଛି ହମାସ୍

ଜେରୁଜେଲମ୍,୨୧।୨

ଯୁଦ୍ଧବିରତି ରାଜିନାମା ଅନୁଯାୟୀ ଗାଜାର ଶାସକ ହମାସ୍ ଗୁରୁବାର ହସ୍ତାନ୍ତର କରିଥିବା ୪ ପଣବନ୍ଦୀଙ୍କ ମୃତଦେହ ମଧ୍ୟରୁ ଗୋଟିଏ ଭୁଲ୍ ମୃତଦେହ ଜଣାପଡ଼ିବା ପରେ ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ କ୍ଷୁବ୍ଧ ହୋଇଛନ୍ତି। ହମାସ୍‌ର ଏଭଳି କାର୍ଯ୍ୟ ନିଷ୍ଠୁରତା ଏବଂ ଯୁଦ୍ଧବିରତି ଚୁକ୍ତିନାମାର ଗୁରୁତର ଉଲ୍ଲଂଘନ ବୋଲି ସେ କହିବା ସହ ଏହାର ପ୍ରତିଶୋଧ ନେବାକୁ ଶୁକ୍ରବାର ଚେତାବନୀ ଦେଇଛନ୍ତି। ହସ୍ତାନ୍ତର ମୃତଦେହଗୁଡ଼ିକ ଶିରି ବିବାସ୍, ତାଙ୍କ ୨ ପିଲା ଏରିଏଲ୍, କଫିର ଏବଂ ଓଡେଡ୍ ଲିଫ୍‌ଶିଜ ବୋଲି କୁହାଯାଇଥିଲା। ତେବେ ଶିରି ବିବାସ୍‌ଙ୍କ ମୃତଦେହ ବଦଳରେ ଗାଜାର ଜଣେ ମହିଳାଙ୍କ ମୃତଦେହ ପଠାଯାଇଥିବା ଜଣାପଡ଼ିବା ପରେ ଇସ୍ରାଏଲ୍ ପକ୍ଷରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

## 'ସ୍ୱାମୀଙ୍କ ବିରୋଧରେ ନିଷ୍ଠୁରତା ଏତଲା ପାଇଁ ଯୌତୁକ ଦାବି ଅନାବଶ୍ୟକ'

**ଆନ୍ଧ୍ର ହାଇକୋର୍ଟ ରାୟ ସୁପ୍ରିମକୋର୍ଟରେ ଖାରଜ**

ନୂଆଦିଲ୍ଲୀ,୨୧।୨(ପି.ଟି.)

ବିବାହିତ ମହିଳାମାନଙ୍କୁ ସେମାନଙ୍କ ସ୍ୱାମୀ ଓ ଶାଶୁଘର ଲୋକଙ୍କଠାରୁ ସୁରକ୍ଷା ଦେବା ନିମନ୍ତେ ୧୯୮୩ରେ ଭାରତୀୟ ଦଣ୍ଡ ସଂହିତା(ଆଇପିସି)ରେ ଧାରା ୪୯୮ଏ ସାମିଲ ହୋଇଥିଲା। ଏହି ଧାରା ଅନୁଯାୟୀ, ସ୍ୱାମୀଙ୍କ ବିରୋଧରେ ନିଷ୍ଠୁରତା ଅପରାଧ ମାମଲା ଦାଏର ପାଇଁ ଯୌତୁକ ଦାବି ପ୍ରାକ୍ ଆବଶ୍ୟକତା ନୁହେଁ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ନିଷ୍ଠୁରତା ଆଇନରେ ରହିଥିବା ଧାରା ୪୯୮ଏର ବିଶେଷତ୍ୱ ହେଲା ନିଷ୍ଠୁର ସ୍ୱାମୀ ଓ ଶାଶୁଘର ଲୋକଙ୍କ ବିରୋଧରେ ମାମଲା ରୁଜୁ ପାଇଁ ଯୌତୁକ ଦାବିକୁ ଏକ ବ୍ୟବସ୍ଥା ଭାବେ ସାମିଲ କରିବା ଜରୁରୀ ନୁହେଁ ବୋଲି ଗତବର୍ଷ ଡିସେମ୍ବର ୧୨ରେ ଜଷ୍ଟିସ୍ ବିକ୍ରମ ନାଥ ଏବଂ ପ୍ରସନ୍ନ ବି. ଭାରାଲେଙ୍କ ଖଣ୍ଡପୀଠ କହିଥିଲେ। ତେଣୁ ବିନା ଯୌତୁକ ଦାବିରେ ନିଷ୍ଠୁରତା ଅଭିଯୋଗ ହିଁ ଅଭିଯୁକ୍ତଙ୍କୁ ଆଇପିସିର ଧାରା ୪୯୮ଏରେ ଦଣ୍ଡିତ କରିବା ପାଇଁ ଯଥେଷ୍ଟ ବୋଲି ଖଣ୍ଡପୀଠ କହିଛନ୍ତି। ନିକଟରେ ଆନ୍ଧ୍ରପ୍ରଦେଶ ହାଇକୋର୍ଟ ଏଭଳି ଏକ ମାମଲାର ଶୁଣାଣି କରି ଯୌତୁକ ଦାବି ଅଭିଯୋଗ ନ ଥିବାରୁ ଆଇପିସିର ଧାରା ୪୯୮ଏ ଅନୁଯାୟୀ ନିଷ୍ଠୁରତା ଏତଲାକୁ ଖାରଜ କରିଦେଇଥିଲେ। ସୁପ୍ରିମକୋର୍ଟ ଏକାଧିକ ରାୟର ଉଦାହରଣ ଦେଇ ହାଇକୋର୍ଟଙ୍କ ରାୟକୁ ଖାରଜ କରିଦେଇଛନ୍ତି।

## ଫୁରସତ୍

### ଜୀବନକୁ ସକାରାତ୍ମକ ଭାବେ ଗଢ଼ି ତୋଳିବା

**ବିଶ୍ୱ ସ୍କାଉଟ୍ସ ଦିବସ**



ବଡେନ ପାୱେଲ

ବିଶ୍ୱବ୍ୟାପୀ ଫେବୃୟାରୀ ୨୨କୁ ସ୍କାଉଟ ଦିବସ ଭାବେ ପାଳନ କରାଯାଇଥାଏ। କୋଟି କୋଟି ସ୍କାଉଟ ଏହି ଦିନଟିକୁ ବିଭିନ୍ନ ସ୍ଥାନରେ ପାଳନ କରିଥାନ୍ତି। ଏହିଦିନ ବ୍ରିଟେନ୍‌ର ଲ୍ୟୁଟ୍‌ନାଣ୍ଟ ଜେନେରାଲ ବଡେନ ପାୱେଲ ଜନ୍ମ ଗ୍ରହଣ କରିଥିଲେ। ଜଣେ ସେନା ଅଧିକାରୀ, ଲେଖକ ଓ ସମାଜ ସଂସ୍କାରକ ଭାବେ ସେ ବେଶ୍ ଜଣାଶୁଣା। ବିଶ୍ୱର ସେ ପ୍ରଥମ ଚିଫ୍ ସ୍କାଉଟ ହୋଇଥିବାରୁ ତାଙ୍କ ଜନ୍ମଦିନ ୧୮୫୭ ଫେବୃୟାରୀ ୨୨କୁ ବିଶ୍ୱ ସ୍କାଉଟ ଦିବସ ଭାବେ ପାଳନ କରାଯାଇ ଆସୁଛି। ତାଙ୍କ ସ୍ତ୍ରୀ ଓଲେଭ ବଡେନ ପାୱେଲ ସ୍କାଉଟିଂ ଓ ଗଲର୍ସ ଗାଇଡ ପ୍ରତିଷ୍ଠାତା ଥିଲେ। ଦୁହିଁଙ୍କ ପ୍ରେରଣା କେବଳ କେନିଆ ନୁହେଁ, ସାରା ବିଶ୍ୱକୁ ବାଟ ଦେଖାଇଥିଲା।

ସ୍କାଉଟ ଦିବସ ୨୦୨୫ର ଥିମ୍ ରହିଛି, ନିଜ ଜୀବନକୁ ସକରାତ୍ମକ ଭାବେ ଗଢ଼ି ତୋଳିବା। ଯୁବପିଢ଼ି ନିଜ ଜୀବନ ପାଇଁ ସକ୍ରିୟ ଦାୟିତ୍ୱ ନେବା ସହ ସକରାତ୍ମକକୁ ବଢେଇବା। ସ୍କାଉଟ ସଂଘ ପକ୍ଷରୁ ଏହି ଦିବସକୁ ପ୍ରତିଜ୍ଞା ଦିବସ ଭାବେ ମଧ୍ୟ ପାଳନ କରାଯାଉଛି। ଗଲର୍ସ ଗାଇଡ ଓ ଗଲର୍ସ ସ୍କାଉଟ ପକ୍ଷରୁ ଏହି ଦିବସକୁ ବିଶ୍ୱ ଚିନ୍ତନ ଦିବସ ଭାବେ ପାଳନ କରାଯାଇଥାଏ।

ପ୍ରଥମେ ୧୯୨୦ରେ ପ୍ରଥମ ବିଶ୍ୱ ସ୍କାଉଟ୍ସ ସମ୍ମିଳନୀର ଲଣ୍ଡନ ସଂସ୍କରଣରେ ଏହି ଦିବସ ପାଳନ ପାଇଁ ପ୍ରସ୍ତାବ ଆଗତ କରାଯାଇଥିଲା। ରବର୍ଟ ବାଡେନ-ପାୱେଲଙ୍କ ଜନ୍ମଦିନରେ ଏହି ଦିବସ ପାଳନ ଲାଗି ମତ ପ୍ରକାଶ ପାଇଥିଲା। ସେବେଠାରୁ ପ୍ରତିବର୍ଷ ଏହି ଦିବସ ପାଳନ କରାଯାଉଛି। ବିପଦ ସମୟରେ ମାନବ ସମାଜ ପାଖରେ ବନ୍ଧୁ ଭଳି ଠିଆହେବାକୁ ସ୍କାଉଟ ଦିବସ ଶିକ୍ଷା ପ୍ରଦାନ କରିଥାଏ।

### ଗାଙ୍ଗୁଲିଙ୍କ ବାୟୋପିକ୍‌ରେ ରାଜକୁମାର ରାଓ

ମୁମ୍ବାଇ



କପିଲ ଦେବଙ୍କଠାରୁ ଆରମ୍ଭ କରି ଏମ୍.ଏସ୍. ଧୋନୀ ଏବଂ ମିତାଲି ରାଜଙ୍କ ଭଳି କିମ୍ବଦନ୍ତୀ କ୍ରିକେଟରଙ୍କ ଜୀବନୀ ଉପରେ ଫିଲ୍ମ ନିର୍ମାଣ ହୋଇଛି। ଏବେ ଏହି ତାଲିକାରେ ପୂର୍ବତନ ଭାରତୀୟ କ୍ରିକେଟ ଦଳର ଅଧିନାୟକ ସୌରଭ ଗାଙ୍ଗୁଲିଙ୍କ ନାମ ମଧ୍ୟ ଯୋଡି ହେବାକୁ ଯାଉଛି। ଶୁକ୍ରବାର ଗଣମାଧ୍ୟମରେ ଗାଙ୍ଗୁଲି ସ୍ପଷ୍ଟ କରିଛନ୍ତି ଯେ, ତାଙ୍କ ଜୀବନୀ ଉପରେ ଏକ ବାୟୋପିକ ତିଆରି ହେବାକୁ ଯାଉଛି ଏବଂ ରାଜକୁମାର ରାଓ ମୁଖ୍ୟ ଭୂମିକାରେ ଅର୍ଥାତ୍ ଗାଙ୍ଗୁଲିଙ୍କ ଚରିତ୍ରରେ ନଜର ଆସିବେ। କହିରଖୁଛୁ କି, ସୌରଭ ଗାଙ୍ଗୁଲିଙ୍କ ଭୂମିକା ପାଇଁ ଆୟୁଷ୍ମାନ ଖୁରାନା, ରଣବୀର କପୁରଙ୍କ ଭଳି ବହୁ ବଡ଼ ସେଲିବ୍ରେଟିଙ୍କ ନାଁ ଚର୍ଚ୍ଚାରେ ଥିଲା। ସୌରଭ ଗାଙ୍ଗୁଲି ଭାରତୀୟ ଦଳର ସବୁଠାରୁ ସଫଳ ଅଧିନାୟକମାନଙ୍କ ମଧ୍ୟରୁ ଅନ୍ୟତମ। ତାଙ୍କ ଅଧିନାୟକତ୍ୱରେ ଟିମ୍ ଇଣ୍ଡିଆ ୨୦୦୨ ଆଇସିସି ଚାମ୍ପିଅନ୍ସ ଟ୍ରଫି ବିଜେତା ହୋଇଥିଲା ଏବଂ ତାଙ୍କ ଅଧୀନରେ ଭାରତ ୨୦୦୩ ବିଶ୍ୱକପ୍‌ର ଫାଇନାଲରେ ପହଞ୍ଚିଥିଲା। ଗାଙ୍ଗୁଲି ଦିନିକିଆ କ୍ରିକେଟ ଇତିହାସରେ ନବମ ସର୍ବାଧିକ ରନ୍ ସ୍କୋରର୍ ମଧ୍ୟ। ସେ ତାଙ୍କ ଦିନିକିଆ କ୍ୟାରିୟରରେ ୧୧,୩୬୩ ରନ୍ କରିଥିଲେ। ଅନ୍ତର୍ଜାତୀୟ କ୍ୟାରିୟରରେ ମୋଟ ରନ୍ ବିଷୟରେ କହିବାକୁ ଗଲେ, ଗାଙ୍ଗୁଲି ୧୮,୫୭୫ ରନ୍ କରିଛନ୍ତି।

# ଜନସେବାରୁ ରାଜନୈତିକ ସଫଳତା ମିଳିଛି: ସୁଦର୍ଶନ

ସମ୍ବଲପୁର ଜିଲା ରେଙ୍ଗାଲି ବିଧାନସଭା ସଂରକ୍ଷିତ ଆସନରୁ ପ୍ରଥମ ଥର ପାଇଁ ସୁଦର୍ଶନ ହରିପାଲ ବିଧାୟକ ହୋଇଛନ୍ତି। ବିଜେଡି ଟିକେଟରୁ ଲଢ଼ି ସେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପା ପ୍ରାର୍ଥୀ ତଥା ପୂର୍ବତନ ବିଧାୟକ ନାଉରୀ ନାୟକଙ୍କୁ ୧ ହଜାର ୬୩୨ ଖଣ୍ଡ ଭୋଟରେ ପରାସ୍ତ କରିଥିଲେ। ତାଙ୍କୁ ୭୩ ହଜାର ୪୨୦ ଖଣ୍ଡ ଭୋଟ ମିଳିଥିବା ବେଳେ ନାଉରୀଙ୍କ ସପକ୍ଷରେ ୭୧ ହଜାର ୭୮୮ ଖଣ୍ଡ ଭୋଟ ପଡ଼ିଥିଲା।

ସମ୍ବଲପୁର ଜିଲା ଧନକଉଡ଼ା ବ୍ଲକ କଲାମାଟି ପଞ୍ଚାୟତ ବାବୁବନ୍ଧ ଗାଁରେ ୧୯୮୧ରେ ତାଙ୍କ ଜନ୍ମ। ସୁଦର୍ଶନଙ୍କ ପିତା ତେଜରାଜ ହରିପାଲ ଏବଂ ମାତା ପାତ ହରିପାଲ ମୂଲମଜୁରି କରି ପରିବାର ପୋଷଣ କରୁଥିଲେ। ବାବୁବନ୍ଧରେ ରାଜପଥ କଡ଼ରେ ଥିବା ତାଙ୍କ ଘର ରାଜପଥ ସମ୍ପ୍ରସାରଣରେ ଭାଙ୍ଗି ଦିଆଗଲା। ତା'ପରେ ବଡ଼ କଷ୍ଟରେ ଜିଲାର ଗୋଶାଳାରେ ଆସି ରହିଥିଲେ। ବାବୁବନ୍ଧରେ ପ୍ରାଥମିକ ବିଦ୍ୟାଳୟରେ ପ୍ରାଥମିକ ଶିକ୍ଷା ଲାଭ କରିଥିବା ସୁଦର୍ଶନ ବୈଜାମଣ୍ଡା ଆଶ୍ରମ ସ୍କୁଲରେ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ପଢ଼ିଥିଲେ। ଏହାପରେ ଗୋଶାଳା ହାଇସ୍କୁଲରୁ ମାଟ୍ରିକ୍ ପାସ୍ କରିଥିଲେ। ପରେ ସେ ଜ୍ୟୋତି ବିହାର ଜୁନିୟର କଲେଜରୁ ଯୁକ୍ତ ୨ରେ ଉତ୍ତୀର୍ଣ୍ଣ ହୋଇଥିଲେ। ତା'ପରେ ବୁର୍ଲା ଏନ୍ଏସି ମହାବିଦ୍ୟାଳୟରେ ଯୁକ୍ତ ୩ରେ ନାମ ଲେଖାଇଥିଲେ। ହେଲେ ପରିବାରିକ ସମସ୍ୟା ଯୋଗୁ ସେ ପାଠ ଛାଡ଼ି କଲାମାଟି ପଞ୍ଚାୟତରେ କମ୍ୟୁନିଟି ମୋବିଲାଇଜର ଭାବେ ଯୋଗଦେଇଥିଲେ। ତା' ସହ ଛାତ୍ରୀଛାତ୍ରଙ୍କୁ ଟିଉସନ କରିବା ଆରମ୍ଭ କରିଥିଲେ। ୨୦୦୭ରେ ହିଣ୍ଡାଲକୋରେ ଏକ ଠିକା ସଂସ୍ଥା ଅଧୀନରେ ସୁପରଭାଇଜର ଭାବେ ଯୋଗଦେଇଥିଲେ। ବିଜେଡି ପ୍ରତି ତାଙ୍କର ଆକର୍ଷଣ ଯୋଗୁ ସେ ଦଳରେ ଯୋଗଦେଇଥିଲେ।

## ଆପଣଙ୍କ ବିଧାୟକଙ୍କୁ ଜାଣନ୍ତୁ



ସୁଦର୍ଶନ ହରିପାଲ-ରେଙ୍ଗାଲି (ସମ୍ବଲପୁର)

ବିଜେଡିର ପୋଷ୍ଟର ଲଗାଇବା କାମରୁ ଆରମ୍ଭ ହୋଇଥିଲା ତାଙ୍କ ରାଜନୈତିକ ଯାତ୍ରା। ୨୦୧୨ରେ ସେ ଧନକଉଡ଼ା ବ୍ଲକ୍ ପାଇଁ ବିଜେଡିର ଡିଜିଟାଲ ମିଡିଆ ସଂଯୋଜକ ହୋଇଥିଲେ। ୨୦୨୨ରେ ଜିଲା ପରିଷଦ ନିର୍ବାଚନରେ ଭାଜପାର ଗଡ଼ କୁହାଯାଉଥିବା ଗୋଶାଳା ଅଞ୍ଚଳ ପାଇଁ ବିଜେଡି ଏକ ସ୍ୱଚ୍ଛ ଚେହେରା ଖୋଜୁଥିଲା। ସାମାଜିକ କାର୍ଯ୍ୟ କରୁଥିବା ସୁଦର୍ଶନଙ୍କୁ ଜିଲା ପରିଷଦ ଟିକେଟ ମିଳିଥିଲା। ସେ ଜିଲାପରିଷଦ ସଦସ୍ୟ ଭାବେ ବିଜୟୀ ହେବାପରେ ଜନସମ୍ପର୍କକୁ ଆହୁରି ସୁଦୃଢ଼ କରିଥିଲେ। ୨୦୨୪ ନିର୍ବାଚନରେ ତତ୍କାଳୀନ ଭାଜପା ବିଧାୟକ ନାଉରୀ ନାୟକଙ୍କ ସମ୍ମୁଖରେ ଅନେକେ ପୁରୁଣା ନେତାଙ୍କୁ ତଉଲିବା ପରେ ସୁଦର୍ଶନଙ୍କ ଉପରେ ବିଜେଡି ଆସ୍ଥା ପ୍ରକଟ କରିଥିଲା।

### ବିଧାୟକ କହନ୍ତି

ବିଜେଡିରୁ ଟିକେଟ ପାଇବା ନେଇ ପୂର୍ବରୁ ଚିନ୍ତା କରି ନ ଥିଲି ବୋଲି ସୁଦର୍ଶନ କହିଛନ୍ତି। ବିଧାୟକ ହେବାପରେ ମୁଁ ସାପ୍ତାହିକ ରୁଟିନ୍ ତିଆରି କରି ପୂରା ନିର୍ବାଚନମଣ୍ଡଳୀ ବୁଲୁଛି। ଗୋଶାଳାରେ ଲୋକଙ୍କ ସୁବିଧା ପାଇଁ ମାଗଣାରେ ଅନଲାଇନ୍ ଆବେଦନ କରିବା ବ୍ୟବସ୍ଥା କରିଛି। ଆଗକୁ ବିଧାନସଭା କ୍ଷେତ୍ରର ଅନ୍ୟ ସ୍ଥାନଗୁଡ଼ିକରେ ମଧ୍ୟ ଏଭଳି ବ୍ୟବସ୍ଥା କରାଯିବ। ଗାଁ ଗାଁରୁ ବୁର୍ଲା ଭିମ୍ସାର ମେଡିକାଲକୁ ରୋଗୀ ଚିକିତ୍ସା ପାଇଁ ଆସୁଛନ୍ତି। ତେଣୁ ଭିମସାରରେ ଜଣେ ଯୁବକଙ୍କୁ ରୋଗୀମାନଙ୍କୁ ସହଯୋଗ କରିବା ପାଇଁ ଦାୟିତ୍ୱ ଦିଆଯାଇଛି। ପ୍ରତି ସପ୍ତାହରେ ବିଭିନ୍ନ ଗାଁକୁ ଯାଇ ଲୋକମାନଙ୍କ ଅସୁବିଧା ବୁଝୁଛି। ବିଭିନ୍ନ ବିଦ୍ୟାଳୟ ଏବଂ ସରକାରୀ କାର୍ଯ୍ୟାଳୟରେ ତଦାରଖ କରୁଛି। ଲୋକଙ୍କ ସହ ଜନସମ୍ପର୍କକୁ ସୁଦୃଢ଼ କରିପାରିଥିବାରୁ ଲୋକମାନେ ବିଭିନ୍ନ ସମସ୍ୟା ବିଷୟରେ ମଧ୍ୟ ମୋତେ ଅବଗତ କରୁଛନ୍ତି। ସେଥିପାଇଁ 'ସମର୍ଥ' ମାନସିକ ରୋଗୀ ନିର୍ଯାତନା ମାମଲା ପର୍ଦ୍ଦାଫାଶ କରିବା ସହ ସେମାନଙ୍କ ଉଦ୍ଧାର କରିବାରେ ସଫଳ ହୋଇପାରିଛି। ଯୁବକଙ୍କୁ ଶିଳ୍ପସଂସ୍ଥାରେ ନିଯୁକ୍ତି ପାଇଁ ଦୃଢ଼ ଦାବି କରୁଛି। ଲୋକଙ୍କ ସେବାରୁ ରାଜନୈତିକ ସଫଳତା ପାଇଥିବା ସେ କହିଛନ୍ତି।

ସ୍ତ୍ରୀ ନିଶା ହରିପାଲ ଜଣେ ଗୃହିଣୀ। ବଡ଼ ପୁଅ ସପ୍ତମ ଏବଂ ସାନପୁଅ ପ୍ରଥମ ଶ୍ରେଣୀରେ ପଢ଼ୁଛନ୍ତି।

– ରିପୋର୍ଟ: **ଭବାନୀ ଶଙ୍କର ଭୋଇ, ସମ୍ବଲପୁର**

# ପାୱାରଙ୍କୁ ପାଣି ଦେଲେ ପ୍ରଧାନମନ୍ତ୍ରୀ




ମଞ୍ଚରେ ଏନ୍‌ସିପି-ଏସ୍‌ପି ମୁଖ୍ୟ ଶରଦ ପାୱାରଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପାଣି ଦେଉଛନ୍ତି।

ନୂଆଦିଲ୍ଲୀ,୨୧।୨

ନୂଆଦିଲ୍ଲୀରେ ଶୁକ୍ରବାର ଅନୁଷ୍ଠିତ ୯୮ତମ ଅଖିଳ ଭାରତୀୟ ମରାଠୀ ସମ୍ମେଳନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଏନ୍‌ସିପି-ଏସ୍‌ପି ମୁଖ୍ୟ ଶରଦ ପାୱାର ଯୋଗଦେଇଥିଲେ। ଦୁଇଜଣ ବ୍ୟକ୍ତି କାର୍ଯ୍ୟକ୍ରମ ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ ପାୱାରଙ୍କୁ ଧରି ମଞ୍ଚକୁ ଆସିଲେ। ଉଦ୍‌ଘାଟନ ପାଇଁ ସେଠାରେ ଉପସ୍ଥିତ ମୋଦି ତାଙ୍କୁ ଆସନରେ ବସିବା ପାଇଁ ସହଯୋଗ କରିବା ପରେ ବୋତଲରୁ ଗ୍ଲାସ୍‌ରେ ପାଣି ଢାଳିଦେଇଥିଲେ। ପ୍ରଧାନମନ୍ତ୍ରୀଙ୍କ ଏଭଳି ସୌଜନ୍ୟତା ଦେଖି ଉପସ୍ଥିତ ଦର୍ଶକମାନେ ତାଳି ମାରିଥିଲେ। ମଞ୍ଚରେ ମୋଦି ଓ ପାୱାର ଅନେକ ସମୟ ଧରି କଥା ହୋଇଥିଲେ। ରାଜନୀତିରେ ଦୁଇନେତା ପରସ୍ପରର ବିରୋଧୀ ହୋଇଥିଲେ ମଧ୍ୟ ଉଭୟଙ୍କ କେମେଷ୍ଟ୍ରି ଲୋକଙ୍କୁ ଅମୋଦିତ କରିଥିଲା।

# ବିଧାନସଭାରୁ ରାଜରାସ୍ତା ପର୍ଯ୍ୟନ୍ତ ଲଢ଼େଇ କରିବ କଂଗ୍ରେସ: ଭକ୍ତ ଦାସ

ଭୁବନେଶ୍ୱର, ୨୧।୨(ସୁନିତ୍ ମିଶ୍ର)

ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି (ଓପିସିସି)ର ନୂତନ ସଭାପତି ଭାବେ ଦାୟିତ୍ୱ ନେବାପରେ ଭକ୍ତଚରଣ ଦାସ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ ଭିକ୍ଷା ନିମନ୍ତେ ଭୁବନେଶ୍ୱରରୁ ପୁରୀ ପର୍ଯ୍ୟନ୍ତ ସଂକଳ୍ପ ପଦଯାତ୍ରା କରିଥିଲେ। ବହୁ ସମର୍ଥକଙ୍କ ସହ ଲଗାତର ୩ ଦିନ ଧରି ପଦଯାତ୍ରାରେ ଶ୍ରୀକ୍ଷେତ୍ରକୁ ଯିବା ବାଟରେ କଂଗ୍ରେସ ନେତା, କର୍ମୀ ଓ ଜନସାଧାରଣଙ୍କ ସହ ସମ୍ପର୍କ ଯୋଡ଼ି ତୃଣମୂଳସ୍ତରରୁ ସଙ୍ଗଠନକୁ ସୁଦୃଢ଼ କରିବା ଲାଗି ସଂକଳ୍ପ ନେଇଥିବା ଭକ୍ତ କହିଛନ୍ତି।

କଂଗ୍ରେସ ଭବନଠାରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଭକ୍ତ କହିଛନ୍ତି, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପା କଂଗ୍ରେସ ଉପରେ ରହିଛି। ଓଡ଼ିଶା ଜନସାଧାରଣଙ୍କ ପାଖକୁ ଯାଇ ସେମାନଙ୍କ ବିଶ୍ୱାସ ଜିତିବା ଆମର ପ୍ରଥମ କର୍ତ୍ତବ୍ୟ ହେବ। ପୁରୀ ଯାତ୍ରା ସମୟରେ କଂଗ୍ରେସର ପୁରୁଖା ନେତାଙ୍କ ନୈତିକ ସମର୍ଥନ ଦଳ ପାଇଁ କାମ କରିବାର ଅପୂର୍ବ ମନୋବଳକୁ ବଢାଇଛି। ମୁଖ୍ୟମନ୍ତ୍ରୀ ହେବା ଲାଗି ତାଙ୍କର ଇଚ୍ଛା ନାହିଁ। ଦଳକୁ ଗଢ଼ି



କଂଗ୍ରେସ ଭବନଠାରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ପିସିସି ସଭାପତି ଭକ୍ତ ଚରଣ ଦାସ, ଓଡ଼ିଶା ପ୍ରଭାରୀ ଅଜୟ କୁମାର ଲଲ୍ଲୁ, ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନାଙ୍କ ସହ ଦଳୀୟ ନେତୃବୃନ୍ଦ।

କ୍ଷମତାକୁ ଆଣିଲେ ତାଙ୍କ ଜୀବନର ସମସ୍ତ ଇଚ୍ଛା ପୂରଣ ହେବ। ଆସନ୍ତା ଦିନରେ ରାଜ୍ୟବାସୀଙ୍କ ଆଶୀର୍ବାଦକୁ ପାଥେୟକରି କଂଗ୍ରେସ ଏ ଅହଂକାରୀ ସରକାର ବିରୋଧରେ ବିଧାନସଭାରୁ ଆରମ୍ଭ କରି ରାଜରାସ୍ତାରେ ଲଢ଼େଇ କରିବ ବୋଲି ସେ କହିଛନ୍ତି। ଏହି ଅବସରରେ ପ୍ରଭାରୀ ଅଜୟ କୁମାର ଲଲ୍ଲୁ କହିଛନ୍ତି, ପ୍ରତ୍ୟେକ କଂଗ୍ରେସ କର୍ମୀ ହେଉଛନ୍ତି ଜଣେ ଜଣେ ଯୋଦ୍ଧା। କେନ୍ଦ୍ର ଓ ରାଜ୍ୟରେ ଚାଲିଥିବା ଘୃଣା, ହିଂସା ଓ ଭେଦଭାବର ଡବଲ ଇଞ୍ଜିନ ସରକାର ପତନ କରାଇବା ତାଙ୍କର ପ୍ରଥମ କାମ। ରାଜ୍ୟର ଗୁରୁତ୍ୱପୂର୍ଣ୍ଣ ଖଣିଜ ସମ୍ପଦକୁ ଆଦାନୀ ହାତରେ ଟେକିଦେବା ପାଇଁ ଚକ୍ରାନ୍ତ ଚାଲିଛି। କଂଗ୍ରେସ ଏହାକୁ ବରଦାସ୍ତ କରିବ ନାହିଁ। ଦରଦାମ ବର୍ତ୍ତମାନ ଆକାଶଛୁଆଁ। ଆଦିବାସୀ, ଦଳିତ ଓ ଅବହେଳିତ ବର୍ଗ ପାଇଁ ଦଳ ଯେଉଁ ସଂକଳ୍ପ ନେଇଛି ସେଥିଲାଗି ସଂଗ୍ରାମ ଜାରି ରହିବ ବୋଲି ସେ କହିଛନ୍ତି।

ଅନ୍ୟପଟେ ବରିଷ୍ଠ ନେତାଙ୍କୁ ନେଇ ପିସିସି ସଭାପତି ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ କଂଗ୍ରେସ ଭବନଠାରେ କରିଛନ୍ତି। ଅନ୍ୟପକ୍ଷରେ ଆସନ୍ତା ୨୪ରେ ଦଳ କେଉଁ ନେତାଙ୍କୁ କ'ଣ ଦାୟିତ୍ୱ ବାଣ୍ଟିବ ସେନେଇ ଆଲୋଚନା କରିଥିବା ଜଣାପଡିଛି।

# ଦୁର୍ନୀତି ଅଭିଯୋଗ ଆସିଲେ କାର୍ଯ୍ୟାନୁଷ୍ଠାନ: ମନ୍ତ୍ରୀ ନିତ୍ୟାନନ୍ଦ

## ୫-ଟି ସ୍କୁଲ ରୂପାନ୍ତରଣ

ଭୁବନେଶ୍ୱର, ୨୧।୨ (ବନ୍ଦନା ସେଠୀ)

୫-ଟି ସ୍କୁଲ ରୂପାନ୍ତରଣରେ ଦୁର୍ନୀତି ଅଭିଯୋଗ ଆସିଲେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି। ଶୁକ୍ରବାର ବିଧାନସଭାରେ ୫-ଟି ସ୍କୁଲ ରୂପାନ୍ତରଣ ସମ୍ପର୍କିତ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ନିତ୍ୟାନନ୍ଦ ଏହା କହିଛନ୍ତି। ବିଧାୟିକା ସୋଫିଆ ଫିର୍‌ଦୋସ୍ ଉଦ୍‌ବେଗ ପ୍ରକାଶ କରିବା ସହ ୫-ଟି ସ୍କୁଲ ରୂପାନ୍ତରଣ ପାଇଁ କେତେ ଖର୍ଚ୍ଚ ହୋଇଛି ବୋଲି ପ୍ରଶ୍ନ କରିଥିଲେ। ଏହାର ଉତ୍ତରରେ ମନ୍ତ୍ରୀ ୫-ଟି ସ୍କୁଲ ରୂପାନ୍ତରୀକରଣ ପାଇଁ ୩୦୮୮.୨୦ କୋଟି ଟଙ୍କା ଖର୍ଚ୍ଚ ହୋଇଥିବା ସୂଚନା ଦେଇଛନ୍ତି। ସେହିପରି ବିଧାୟକ ଭାସ୍କର ମଢେଇ ୫-ଟି ସ୍କୁଲରେ ଦୁର୍ନୀତିର ତଦନ୍ତ ହୋଇଛି କି ବୋଲି ପ୍ରଶ୍ନ କରିଥିଲେ। ଏହାର ଉତ୍ତରରେ ମନ୍ତ୍ରୀ କହିଛନ୍ତି, ଯେଉଁଠି ୫-ଟି ସ୍କୁଲ ଦୁର୍ନୀତିର ଅଭିଯୋଗ ଆସିଛି ସେଠାରେ ତଦନ୍ତ ହୋଇଛି। ଆଗକୁ ଯଦି ଏନେଇ ଦୁର୍ନୀତି ଅଭିଯୋଗ ଆସିବ ବିଭାଗ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ।

# କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ ପ୍ରମୁଖ ଦଳର ଦାବି

ଭୁବନେଶ୍ୱର, ୨୧।୨(ସୁନିତ୍ ମିଶ୍ର)

## କିଟ୍‌ରେ ନେପାଳୀ ଛାତ୍ରୀଙ୍କ ମୃତ୍ୟୁ ଘଟଣା

- ୮୦୦ ଟଙ୍କା ଦରମା ପାଉଥିଲେ ୧୫ ହଜାର କୋଟିର ମାଲିକ କିପରି ହେଲେ: ବାବୁ
- ନ୍ୟାୟିକ ତଦନ୍ତ ହେଉ, ଅଚ୍ୟୁତଙ୍କୁ ଗିରଫ କରାଯାଉ: ତାରା
- ଜମି କେଲେଙ୍କାରୀଠାରୁ ସବୁ କଥାର ତଦନ୍ତ ହେବ: ଜୟନାରାୟଣ
- ଭାରତ-ନେପାଳ ସମ୍ପର୍କରେ ଆଘାତ ହେଲା: ଗଣେଶ୍ୱର

କିଟ୍ କଲେଜରେ ନେପାଳୀ ଛାତ୍ରୀଙ୍କ ମୃତ୍ୟୁ ଘଟଣାକୁ ନେଇ ସମଗ୍ର ଦେଶରେ ଚର୍ଚ୍ଚା, ଜୋର୍ ଧରିଛି। ଦେଶ ବାହାରେ ମଧ୍ୟ କିଟ୍ ଯୋଗୁ ଓଡ଼ିଶାକୁ ବଦନାମ ହୋଇଥିବା କଥା ଆଲୋଚନା ହେଉଛି। ଶୁକ୍ରବାର ଏହି ପ୍ରସଙ୍ଗକୁ ନେଇ ବିଧାନସଭାରେ ରାଜ୍ୟର ପ୍ରମୁଖ ରାଜନୈତିକ ଦଳ କିଟ୍ ଏବଂ ଏହାର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ବିରୋଧରେ ମୁହଁ ଖୋଲିଛନ୍ତି।

ଶାସକ ଦଳ ସଦସ୍ୟ ବାବୁ ସିଂ କହିଛନ୍ତି, ଭଣ୍ଡ ସାରଥି ଭଳି ଅଚ୍ୟୁତ ମଧ୍ୟ ଜଣେ ବ୍ୟକ୍ତିତ୍ୱ। ସେ ଜଙ୍ଗଲ ଜମି ନେଇ କନ୍‌ଭର୍ସନ କରି ଅଟ୍ଟାଳିକା ବନାଇଛନ୍ତି। କାହା ବଳରେ ସେ ଏସବୁ କରିଛନ୍ତି। ତାଙ୍କୁ ତୁରନ୍ତ ଗିରଫ କରିବା ଲାଗି ରାଜ୍ୟ ସରକାରଙ୍କ ପାଖରେ ଦାବି ରଖାଯିବ। ଏହି ଘଟଣାରେ ସରକାର କି କାର୍ଯ୍ୟାନୁଷ୍ଠାନ ନେବେ ତାକୁ ନେଇ ସବୁଆଡ଼େ ଚର୍ଚ୍ଚା ଚାଲିଛି। ସିଡବ୍ଲ୍ୟୁସି ରିପୋର୍ଟ ଅନୁଯାୟୀ କେନ୍ଦ୍ର ସରକାରଙ୍କଠାରୁ ୧୨ କୋଟି ଏବଂ ଏନ୍‌ଜିଓରୁ ୨୧ କୋଟି ୪୨ ଲକ୍ଷ, ବିଦେଶୀ ଅନୁକମ୍ପା ୨୦ କୋଟି, ପ୍ରତି ବର୍ଷ ରାଜ୍ୟରୁ ୫ କୋଟି ଟଙ୍କା, ଚାଉଳ ବାବଦକୁ ପ୍ରତି ବର୍ଷ ୨୨ କୋଟି ୫୦ ଲକ୍ଷ ଟଙ୍କା କିସ୍‌କୁ ଯାଉଛି। ସବୁଠାରୁ ବଡ଼ ଦୁର୍ନୀତି କିସ୍‌ରେ ହୋଇଛି। ଏହାର ପ୍ରତିଷ୍ଠାତା ଜଣେ ଭଲ ମ୍ୟାନେଜର। ୧୯୯୧ରେ ମହର୍ଷି କଲେଜରେ ପଢ଼ାଇବା ବେଳେ ୮୦୦ ଟଙ୍କା ଦରମା ପାଉଥିଲେ। ୩୨ ବର୍ଷ ପରେ ୧୫ ହଜାର କୋଟି ଟଙ୍କାର ମାଲିକ କେମିତି ହେଲେ ବୋଲି ସେ ପ୍ରଶ୍ନ କରିଛନ୍ତି।

ଭାଜପା ବିଧାୟକ ଜୟନାରାୟଣ ମିଶ୍ର କହିଛନ୍ତି, ଏହି ଘଟଣାରେ ଠିକ୍ ସମୟରେ ଉଚିତ ପଦକ୍ଷେପ ନିଆଯିବ। ବାଉନ୍ସରମାନଙ୍କୁ ଗିରଫ କରାଯାଇ ଘଟଣାର ତର୍ଜମା ଚାଲିଛି। କିଟ୍ ବଜେଟକୁ ନେପାଳ ବଜେଟ ସହ ଯାହା ତୁଳନା କରାଯାଉଛି ଏହା ନିନ୍ଦନୀୟ। ସରକାର ଜମି କେଲେଙ୍କାରୀଠାରୁ କିଟ୍‌ର ସବୁ ପ୍ରକାର କଳାକାରନାମାର ତଦନ୍ତ ହେବ ବୋଲି ସେ କହିଛନ୍ତି।

କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତି କହିଛନ୍ତି, କିଟ୍‌ରେ ଘଟିଥିବା ଘଟଣାରେ ନ୍ୟାୟିକ ତଦନ୍ତ କରାଯାଉ। ନ ହେଲେ ସେ ଧାରଣାରେ ବସିବେ। ନ୍ୟାୟିକ ତଦନ୍ତକରି ତୁରନ୍ତ ଅଚ୍ୟୁତଙ୍କୁ ଗିରଫ କରାଯାଉ। ଆଉ ଏହି ଘଟଣାର ସିସିଟିଭି ଫୁଟେଜ ଯାଞ୍ଚ ହେଉ। କେତେଜଣ ଆଇଏଏସ୍ ଏବଂ ଆଇପିଏସ୍ ଅଫିସରଙ୍କ ପରିବାର ସଦସ୍ୟ କିଟ୍ ବିଶ୍ୱବିଦ୍ୟାଳୟରେ ଚାକିରି କରିଛନ୍ତି ତାହା ଜଣାପଡ଼ିବ। ଏହା କିଛି ଛୋଟ ଘଟଣା ନୁହେଁ ବୋଲି ସେ କହିଛନ୍ତି।

ବିଜେଡି ବିଧାୟକ ଗଣେଶ୍ୱର ବେହେରା କହିଛନ୍ତି, କିଟ୍ ଘଟଣା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଛାତ୍ରୀ ଜଣକ ୫ ସପ୍ତାହରୁ ମାନସିକ ନିର୍ଯାତନା କଥା କହି ଆସୁଥିଲେ, ହେଲେ କିଟ୍ କର୍ତ୍ତୃପକ୍ଷ ଚୁପ୍ ରହିଲେ। କିଟ୍ ଯୋଗୁ ଓଡ଼ିଶା ସାରା ବିଶ୍ୱରେ ଲଜ୍ଜିତ ହେଲା। ଆଉ ଏଥିଯୋଗୁ ଭାରତ-ନେପାଳ ମଧ୍ୟରେ ଭିତରେ ଥିବା ଘନିଷ୍ଠ ସମ୍ପର୍କରେ ଆଘାତ ହେଲା। ଯେଉଁମାନେ ଏହି ଘଟଣାରେ ସମ୍ପୃକ୍ତ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉ।

## ରାଜ୍ୟ ଖବର

# କ୍ଲାସ୍‌ରୁମ୍‌ରେ ଶାର୍ଟ ଖୋଲି ଶୋଇବା ଅଭିଯୋଗରେ ଶିକ୍ଷକ ନିଲମ୍ବିତ

## ଭିଡିଓ ଭାଇରାଲ ପରେ କାର୍ଯ୍ୟାନୁଷ୍ଠାନ

ଔପଦା, ୨୧।୨(ଧରିତ୍ରୀ ପଣ୍ଡା)

ବାଲେଶ୍ୱର ଜିଲା ଔପଦା ବ୍ଲକ ଇଶ୍ୱରପୁର ପଞ୍ଚାୟତ ଅଧୀନ ଅଣ୍ଡରା ନୋଡ଼ାଲ ୟୁପି ସ୍କୁଲ ଶିକ୍ଷକ ପ୍ରଶାନ୍ତ କୁମାର ଜେନାଙ୍କୁ ନିଲମ୍ବନ କରାଯିବା ଘଟଣାର ନୂଆ ତଥ୍ୟ ସାମ୍ନାକୁ ଆସିଛି। ନିଜ ପିଲାକୁ କୋଳରେ ବସାଇ ପାଠ ପଢ଼ାଇବା ଘଟଣା ନୁହେଁ ବରଂ କ୍ଲାସରୁମ୍‌ରେ ଶାର୍ଟ ଖୋଲି ଶୋଇବା ଅଭିଯୋଗରେ ସେ ନିଲମ୍ବିତ ହୋଇଥିବା ଜଣାପଡିଛି। ଏହି ଘଟଣାରେ ପ୍ରକୃତ ସତ୍ୟ ଲୁଚାଇବାକୁ ଉଦ୍ୟମ କରାଯାଉଥିବା ଚର୍ଚ୍ଚା ହେଉଛି।

ଶିକ୍ଷକ ଜେନା ବିଦ୍ୟାଳୟ ଶ୍ରେଣୀଗୃହରେ ନିଜ ପିଲାକୁ କୋଳରେ ବସାଇ ପାଠ ପଢାଇବା, ବସିବା ସ୍ଥାନରେ ଲମ୍ବ ହୋଇ ଶୋଇବା, ଶାର୍ଟ ଖୋଲି ପାଠ ପଢ଼ାଇବା ସମୟରେ କେତେଜଣ ବ୍ୟକ୍ତି ଫଟୋ ଉତ୍ତୋଳନ କରି ବିଇଓ ନାରାୟଣ ଦାସଙ୍କ ପାଖକୁ ପଠାଇ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ଅଭିଯୋଗକୁ ଭିତ୍ତି କରି ବିଇଓ ଦାସ ଘଟଣାର ତଦନ୍ତ କରି ପତ୍ର ସଂଖ୍ୟା ୧୪୦ ତା ୨୦।୦୧।୨୦୨୫ରେ ଶିକ୍ଷକ ଜେନାଙ୍କୁ ନିଲମ୍ବିତ କରିଥିଲେ। ତାଙ୍କର ୫୦ ପ୍ରତିଶତ ଦରମା କଟାଯିବା ସହ ଢ଼ିଁପୁରା ପ୍ରାଥମିକ ବିଦ୍ୟାଳୟକୁ ସହକାରୀ ଶିକ୍ଷକ ଭାବେ ବଦଳି ନିର୍ଦ୍ଦେଶ ଦେଇଥିଲେ। ଏ ସମ୍ପର୍କରେ ବିଇଓ ଦାସଙ୍କୁ ପଚାରିବାରୁ ସେ କହିଛନ୍ତି ଶିକ୍ଷକଙ୍କୁ ନିଲମ୍ବିତ କରିବାର କାରଣ କେବଳ ନିଜ ଝିଅକୁ କୋଳରେ ବସାଇ ପାଠ ପଢ଼ାଇବା ନୁହେଁ ବରଂ ଶ୍ରେଣୀଗୃହରେ ଶାର୍ଟ ଖୋଲି ପାଠ ପଢ଼ାଇବା, ଶ୍ରେଣୀଗୃହରେ ଶୋଇବା ଏବଂ କର୍ତ୍ତବ୍ୟରେ ଅବହେଳା ଯୋଗୁ ତାଙ୍କୁ ନିଲମ୍ବିତ କରାଯାଇଛି। ଜେନାଙ୍କୁ ନିଲମ୍ବିତ କରିବାର ଯଥେଷ୍ଟ ବୈଧ କାରଣ ଅଛି ବୋଲି ବିଇଓ ଦାସ ପ୍ରକାଶ କରିଛନ୍ତି।



ଶିକ୍ଷକ ପ୍ରଶାନ୍ତ କୁମାର ଜେନା

# ଆବାସ ପାଇଁ ୨୦ ହଜାର ଦାବିକଲେ ପିଇଓ

## ବିଡିଓଙ୍କ ନିକଟରେ ଅଭିଯୋଗକଲେ ଆବେଦନକାରୀ

ବିଞ୍ଝାରପୁର,୨୧।୨(ରାମକୃଷ୍ଣ ଦାସ)

ଯାଜପୁର ଜିଲା ବିଞ୍ଝାରପୁର ବ୍ଲକର କେତେକ ପଞ୍ଚାୟତରେ ପିଇଓମାନେ ଖୋଲାଖୋଲି ଦୁର୍ନୀତି କରୁଛନ୍ତି। କପିଳା ପଞ୍ଚାୟତରେ ଗରିବ ଏବଂ ଭିନ୍ନକ୍ଷମ ବ୍ୟକ୍ତିଙ୍କଠାରୁ ଜିଆରଏସ୍ ଏବଂ ପିଇଓ ଆବାସ ସର୍ଭେ ଓ ବର୍ଦ୍ଧିତ ଭତ୍ତା ପାଇଁ ଅର୍ଥ ଦାବି କରୁଥିବା ବିଡିଓଙ୍କ ନିକଟରେ ଅଭିଯୋଗ ହୋଇଛି। ଏନେଇ କପିଳା ପଞ୍ଚାୟତର ଲୋକେ ଗୁରୁବାର ବ୍ଲକ ସମ୍ମୁଖରେ ଧାରଣାରେ ବସିଥିଲେ। ସେହିପରି ଆଉଁରୀ ପଞ୍ଚାୟତରୁ ଆଉ ଏକ ଅଭିଯୋଗ ଆସିଛି। ଆଉଁରୀ ଗ୍ରାମର ବାସୁଦେବ ଜେନା ୭୦ ପ୍ରତିଶତ ଭିନ୍ନକ୍ଷମ। ଘର ପାଖରେ ଏକ ପାନଦୋକାନ କରି ଛଣଛପର ଘରେ ୫ ସଦସ୍ୟବିଶିଷ୍ଟ ପରିବାର ରହୁଛନ୍ତି। ଆବାସ ଯୋଜନାରେ ଘର ଖଣ୍ଡେ ପାଇବା ପାଇଁ ବାସୁଦେବ ବିଭିନ୍ନ ସମୟରେ ଆବେଦନ କରିଥିଲେ ମଧ୍ୟ ଅଦ୍ୟାବଧି ତାଙ୍କୁ ଘର ମିଳିପାରିନାହିଁ। ବାସୁଦେବ ଘର ପାଇଁ ପିଇଓଙ୍କୁ ନିବେଦନ କରିଥିଲାବେଳେ ସେ କୁଆଡ଼େ ତାଙ୍କୁ ୨୦ ହଜାର ଟଙ୍କା ଖର୍ଚ୍ଚ ଦାବି କରିଥିଲେ। ଏନେଇ ବାସୁଦେବ ବିଡିଓଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ପ୍ରତିକ୍ରିୟା ପାଇଁ ପିଇଓଙ୍କୁ ଫୋନ୍ ଯୋଗେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ କଲ୍ ଉଠାଇ ନ ଥିଲେ। ବିଡିଓ ହିତାଂଶୁ ସାମଲଙ୍କୁ ପଚାରିବାରୁ ସେ ଅଭିଯୋଗ ପାଇଛନ୍ତି, ଏହାର ତଦନ୍ତକରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି କହିଛନ୍ତି।



ଅଭିଯୋଗକାରୀ ଓ ତାଙ୍କ ପରିବାର।

# ରାଷ୍ଟ୍ରପତିଙ୍କୁ ଭେଟିଲେ ଝୋଡ଼ିଆ ପ୍ରତିନିଧି ଦଳ

## ଝୋଡ଼ିଆଙ୍କୁ ଆଦିବାସୀ, ସଉରା ଭାଷାକୁ ଅଷ୍ଟମ ସୂଚୀ ମାନ୍ୟତା ଦାବି

ରାୟଗଡ଼ା/ଜୟପୁର,୨୧।୨
(ଆଶିଷ ରଞ୍ଜନ ପଣ୍ଡା/ପବନ ପାଣିଗ୍ରାହୀ)

ଝୋଡ଼ିଆଙ୍କୁ ଆଦିବାସୀ ମାନ୍ୟତା ଏବଂ ଲାଞ୍ଜିଆ ସଉରା ଭାଷାକୁ ଭାରତୀୟ ସମ୍ବିଧାନର ଅଷ୍ଟମ ସୂଚୀ ମାନ୍ୟତା ଦାବିରେ ସଉରା ଓ ଝୋଡ଼ିଆ ସମ୍ପ୍ରଦାୟର ପ୍ରତିନିଧି ଦଳ ଶୁକ୍ରବାର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। କୋରାପୁଟ ଏମ୍‌ପି ସପ୍ତଗିରି ଶଙ୍କର ଉଲାକାଙ୍କ ନେତୃତ୍ୱରେ ପ୍ରତିନିଧି ଦଳଙ୍କ ସହ ଗୁଣପୁର ବିଧାୟକ ସତ୍ୟଜିତ ଗମାଙ୍ଗ ରାଷ୍ଟ୍ରପତି ଭବନକୁ ଯାଇ ମୁର୍ମୁଙ୍କୁ ଭେଟିବା ସହ ଝୋଡ଼ିଆଙ୍କ ଦୀର୍ଘଦିନର ଦାବି ପୂରଣ ସ୍ୱରୂପ ସେମାନଙ୍କୁ ଆଦିବାସୀ ମାନ୍ୟତା ଦେବା ପାଇଁ ଦାବି କରିଥିଲେ। ଏଥିସହ ଜିଲାର ଆଦିମ ଅଧିବାସୀ ଲାଞ୍ଜିଆ ସଉରାଙ୍କ ଭାଷାକୁ ଭାରତୀୟ ସମ୍ବିଧାନର ଅଷ୍ଟମ ସୂଚୀରେ ସ୍ୱୀକୃତି ପ୍ରଦାନ ପାଇଁ ଦାବି କରିଥିଲେ। ରାଷ୍ଟ୍ରପତି ମୁର୍ମୁ ଦାବିପତ୍ର ଗ୍ରହଣକରି ଏ ନେଇ ନିଶ୍ଚିତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିବା ଏମ୍‌ପି ଉଲାକା ସୂଚନା ଦେଇଛନ୍ତି। ଏହା ସହ ପୂର୍ବରୁ ରାଜ୍ୟରୁ ଏ ନେଇ କୌଣସି ପଦକ୍ଷେପ ନିଆଯାଇଛି କି ନାହିଁ ବୋଲି ମଧ୍ୟ ରାଷ୍ଟ୍ରପତି ପଚାରି ବୁଝିଥିଲେ। ଏହି ଦୁଇ ଦାବି ପାଇଁ ଏମ୍‌ପି ଉଲାକାଙ୍କ ନେତୃତ୍ୱରେ ଏକ ଦସ୍ତଖତ ଅଭିଯାନ ହୋଇଥିଲା। ଏଥିରେ ଅଞ୍ଚଳରୁ ପ୍ରାୟ ୧୦ହଜାର ଦସ୍ତଖତ ହୋଇଥିବା ବେଳେ ତ୍ରିପୁରାରୁ ମଧ୍ୟ ଲୋକେ ଦସ୍ତଖତ କରିଥିଲେ। ଝୋଡ଼ିଆଙ୍କୁ ଆଦିବାସୀ ମାନ୍ୟତା ପାଇଁ ପ୍ରାୟ ୧୫ହଜାରରୁ ଊର୍ଦ୍ଧ୍ୱ ଲୋକ ଦସ୍ତଖତ କରିଛନ୍ତି।



ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସହ ଏମ୍‌ପି ସପ୍ତଗିରି ଶଙ୍କର ଉଲାକା, ବିଧାୟକ ସତ୍ୟଜିତ ଗମାଙ୍ଗ ଏବଂ ଝୋଡ଼ିଆ ପ୍ରତିନିଧି ଦଳ।

# କୂଅ ଭିତରୁ ଗାଡ଼ଭାଲୁ ଉଦ୍ଧାର

ଦିଗପହଣ୍ଡି,୨୧।୨ (ଅଶେଷ ନାଥ ମିଶ୍ର)

ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ ଫାସିଗୁଡ଼ା ଗ୍ରାମ ସାଗର ସାହିର ବଳରାମ ପ୍ରଧାନଙ୍କ କୂଅରୁ ଶୁକ୍ରବାର ଏକ ଗାଡ଼ଭାଲୁ ଉଦ୍ଧାର ହୋଇଛି। ଭାଲୁଟି ବଳରାମଙ୍କ କୂଅରେ ଗଳି ପଡିଥିଲା। ଏହା ଏକ ବିରଳ ପ୍ରଜାତିର ଗାଡ଼ଭାଲୁ (ହନି ବ୍ରିଜଡେର) ବୋଲି କୁହାଯାଉଛି। ଖବରପାଇ ଶୁକ୍ରବାର ସକାଳେ ସାନଖେମୁଣ୍ଡି ଅଗ୍ନିଶମ ବାହିନୀ ଭାଲୁଟିକୁ କୂଅରୁ ଉଦ୍ଧାର କରିଥିଲେ।

### ଭାଲୁଟି ହନି ବ୍ରିଜଡେର ପ୍ରଜାତିର: ଡେପୁଟି ରେଞ୍ଜର

ଗୁରୁବାର ବିଳମ୍ବିତ ରାତିରେ ଗାଡଭାଲୁଟି ଖାଦ୍ୟ ଅନ୍ୱେଷଣରେ ନିକଟସ୍ଥ ଜଙ୍ଗଲରୁ ଜନବସତିକୁ ଚାଲିଆସିଥିଲା। ଅନ୍ଧାର ରାତିରେ ବାଟବଣା ହୋଇ ବିଲ ରାସ୍ତାରେ ଆସିବା ବେଳେ ଗ୍ରାମର ବଳରାମଙ୍କ କୂଅ ଭିତରକୁ ଖସି ପଡିଥିଲା। ଭୋରରୁ କେତେ ଜଣ ବ୍ୟକ୍ତି ସେହି ରାସ୍ତାରେ ଯାଉଥିବା ବେଳେ ଏକ କୂଅ ଭିତରୁ ଭାଲୁର ଗର୍ଜନ ଶୁଣିବାକୁ ପାଇଥିଲେ।



ଗାଡ ଭାଲୁ।

# କଳା ଶିକ୍ଷକଙ୍କ କଳା କାରନାମା

**ବଚସାରୁ ପ୍ରଧାନଶିକ୍ଷୟିତ୍ରୀଙ୍କୁ ତଣ୍ଟି ଚିପି ମାରିଥିଲେ**

କାମାକ୍ଷାନଗର, ୨୧।୨
(ସୁଧୀର କୁମାର ପରିଡ଼ା)

ଢେଙ୍କାନାଳ ଜିଲା ତୁମୁସିଙ୍ଗା ଥାନା ଗୁନେଇବିଲି ଗ୍ରାମର ପ୍ରଧାନଶିକ୍ଷୟିତ୍ରୀ ପ୍ରଭାତୀ ଦେହୁରୀଙ୍କ ହତ୍ୟା ରହସ୍ୟ ଶୁକ୍ରବାର ଉନ୍ମୋଚନ କରିଛି ପୋଲିସ। ତୁମୁସିଙ୍ଗା ପଞ୍ଚସଖା ସରକାରୀ ଉଚ୍ଚ ବିଦ୍ୟାଳୟର କଳା ଶିକ୍ଷକ ସୋମନାଥ ବିଶ୍ୱାଳ ହିଁ ଏହି ହତ୍ୟା ଘଟଣାର ମୁଖ୍ୟ ଅଭିଯୁକ୍ତ ବୋଲି ପୋଲିସ କହିବା ସହ ଘଟଣାସ୍ଥଳକୁ ଆଣି କ୍ରାଇମ୍ ସିନ୍ ରିକ୍ରିଏଶନ କରିଛି।

ଖବରଦାତା ସମ୍ମିଳନୀରେ ଢେଙ୍କାନାଳ ଏସ୍‌ପି ଅଭିନବ ସୋନକର କହିଛନ୍ତି, ତୁମୁସିଙ୍ଗା ପଞ୍ଚସଖା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ପ୍ରଭାତୀଙ୍କ ମୃତଦେହ ଗୁନେଇବିଲିସ୍ଥିତ ନିଜ ଘର ସମ୍ମୁଖ ଗ୍ୟାରେଜ ଘରୁ ଗୁରୁବାର ସନ୍ଦେହଜନକ ଅବସ୍ଥାରେ ଜବତ କରାଯାଇଥିଲା। ପ୍ରାରମ୍ଭିକ ତଦନ୍ତ ପରେ ପୋଲିସ ଏହା ଏକ ହତ୍ୟା ଘଟଣା ହୋଇଥିବା ଜାଣିପାରିଥିଲା। ବୁଧବାର ରାତିରେ ଅଭିଯୁକ୍ତ ସୋମନାଥ ପ୍ରଧାନଶିକ୍ଷୟିତ୍ରୀଙ୍କ ଘରକୁ ଯାଇଥିଲେ। କୌଣସି କାରଣକୁ ନେଇ ସେଠାରେ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା।


ମୃତା ପ୍ରଧାନଶିକ୍ଷୟିତ୍ରୀ ପ୍ରଭାତୀ ଦେହୁରୀ


ଗିରଫ ଅଭିଯୁକ୍ତ ଶିକ୍ଷକ ସୋମନାଥ ବିଶ୍ୱାଳ

ଏହାପରେ ପ୍ରଭାତୀ ପିନ୍ଧିଥିବା ଓଢ଼ଣିରେ ତାଙ୍କ ବେକକୁ ସୋମନାଥ ଚିପି ଦେଇଥିଲେ। ଫଳରେ ଘଟଣାସ୍ଥଳରେ ପ୍ରଭାତୀଙ୍କ ମୃତ୍ୟୁ ହୋଇଥିଲା। ଏହାପରେ ମୃତଦେହକୁ ଏକ କୋଠରି ଭିତରେ ପକାଇ ବାହାରୁ ତାଲା ଦେଇ ସୋମନାଥ ପଳାଇ ଯାଇଥିଲେ। ଘଟଣାସ୍ଥଳରୁ ସୋମନାଥ ନେଇଯାଇଥିବା ପ୍ରଭାତୀଙ୍କ ୨ଟି ମୋବାଇଲ ଫୋନ, ତାଙ୍କ ଝିଅଙ୍କ ମୋବାଇଲ ଫୋନ ଓ ସୁନାହାରକୁ ଜବତ କରାଯାଇଛି। ଖବରଦାତା ସମ୍ମିଳନୀରେ କାମାକ୍ଷାନଗର ଏସ୍‌ଡିପିଓ ଜ୍ଞାନରଞ୍ଜନ ମିଶ୍ର, ତୁମୁସିଙ୍ଗା ଆଇଆଇସି ମନସ୍ୱିନୀ ମହାନ୍ତି, ପଣ୍ଡୁଆ ଫାଣ୍ଡି ଅଧିକାରୀ ଚନ୍ଦ୍ରକାନ୍ତ ସେଠୀ, ମୀନକେତନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ପରେ ଅଭିଯୁକ୍ତଙ୍କୁ ପୋଲିସ କୋର୍ଟ ଚାଲାଣ କରିଛି। ଅନ୍ୟପକ୍ଷରେ ଅଭିଯୁକ୍ତ ଏହି ଘଟଣାରେ ଅନ୍ୟ ଜଣେ ଯୁବକଙ୍କ ସମ୍ପୃକ୍ତି ଥିବାନେଇ ପ୍ରକାଶ କରିଥିବା ବେଳେ ପୋଲିସ ଏ ନେଇ କିଛି କହିନାହିଁ। ସେହିପରି ଏହି ହତ୍ୟାକାଣ୍ଡ ପଛରେ ଟଙ୍କା ଦେଣନେଣ କାରଣ ବୋଲି ମୃତ ପ୍ରଧାନଶିକ୍ଷୟିତ୍ରୀଙ୍କ ପରିବାର ଲୋକେ କହିବା ସହ ଅଭିଯୁକ୍ତଙ୍କୁ ଫାଶୀ ଦେବାକୁ ଦାବି କରିଛନ୍ତି।

# ମହିଳାଙ୍କୁ ବଳାତ୍କାର ପରେ ହତ୍ୟା

**ଅର୍ଦ୍ଧନିର୍ମିତ ଅଙ୍ଗନୱାଡି କେନ୍ଦ୍ର ଭିତରୁ ମିଳିଲା ମୃତଦେହ**

ପାଲଲହଡ଼ା,୨୧।୨ (ଦିବ୍ୟଜ୍ୟୋତି ଦାଶ)

ଅନୁଗୋଳ ଜିଲା ପାଲଲହଡ଼ା ଥାନା ଅନ୍ତର୍ଗତ ଏକ ଗ୍ରାମର ନବନିର୍ମିତ ଅଙ୍ଗନୱାଡି କେନ୍ଦ୍ରରୁ ଜଣେ ମହିଳାଙ୍କ କ୍ଷତବିକ୍ଷତ ମୃତଦେହ ପୋଲିସ ଜବତ କରିଛି। ମହିଳାଙ୍କ ଯୌନାଙ୍ଗରେ ଗଭୀର କ୍ଷତ ଥିବାରୁ ତାଙ୍କୁ ବଳାତ୍କାର ପରେ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି। ସମ୍ପୃକ୍ତା ମହିଳା ଓ ତାଙ୍କ ସ୍ୱାମୀ ଦେବଗଡ଼ ଜିଲା ବାରକୋଟ ଥାନା ଅଞ୍ଚଳର ବିଭିନ୍ନ ଲୋକଙ୍କ ଗାଈ ଚରାଇ ପେଟ ପୋଷୁଥିଲେ। ଗୁରୁବାର ମହିଳା ଜଣକ ବିପିଏଲ୍ ଚାଉଳ ଉଠାଇବା ପାଇଁ ଏକୁଟିଆ ଉକ୍ତ ଗାଁକୁ ଆସିଥିଲେ। ସନ୍ଧ୍ୟାରେ ଉକ୍ତ ଗ୍ରାମର ୨ ଜଣ ଯୁବକ ମହିଳାଙ୍କୁ ଘରୁ ଡାକି ନେଇଥିଲେ। ଏହାପରେ ସମ୍ପୃକ୍ତା ମହିଳା ବିଳମ୍ବିତ ରାତି ପର୍ଯ୍ୟନ୍ତ ଘରକୁ ଫେରି ନ ଥିଲେ। ସକାଳେ ପରିବାର ଲୋକେ ଖୋଜା ଖୋଜି କରିଥିବା ବେଳେ ସନ୍ଧ୍ୟାରେ ତାଙ୍କ ମୃତଦେହ ଉକ୍ତ ଅଙ୍ଗନୱାଡି କେନ୍ଦ୍ରରୁ ମିଳିଥିଲା। ଖବରପାଇ ପାଲଲହଡ଼ା ପୋଲିସ ଘଟଣାର ତଦନ୍ତ ଚଳାଇଛି। ଜଣଙ୍କୁ ଅଟକ ରଖି ପୋଲିସ ପଚରାଉଚରା କରୁଛି।

# ଗୁଣିଗାରେଡ଼ି ସନ୍ଦେହ: ଟାଙ୍ଗିଆରେ ହାଣି ମହିଳାଙ୍କୁ ହତ୍ୟା

ଉମରକୋଟ, ୨୧।୨
(ସନ୍ତୋଷ ଶତପଥୀ)

ନବରଙ୍ଗପୁର ଜିଲା ଉମରକୋଟ ଥାନା ଅଧୀନ ତେଲ ନଦୀ ପଞ୍ଚାୟତ ନାଗଲଶିଲ ଗ୍ରାମରେ ଶୁକ୍ରବାର ସନ୍ଧ୍ୟାରେ ଟାଙ୍ଗିଆରେ ହାଣି ଜଣେ ମହିଳାଙ୍କ ହତ୍ୟା କରାଯାଇଛି। ମୃତକ ହେଲେ ପଲାଦୁ ସାନ୍ତାଙ୍କ ସ୍ତ୍ରୀ ବାର୍ସ (୩୫)। ଗୁଣି ଗାରେଡ଼ି ସନ୍ଦେହରେ ତାଙ୍କୁ ହତ୍ୟା କରାଯାଇଥିବା ମୃତକଙ୍କ ସ୍ୱାମୀ ଅଭିଯୋଗ କରିଛନ୍ତି। ଗ୍ରାମବାସୀ ଅଭିଯୁକ୍ତ ମନ୍ଦ ସାନ୍ତାଙ୍କୁ ଅଟକ ରଖିଛନ୍ତି। ଖବରପାଇ ଉମରକୋଟ ଥାନା ସବ୍‌ଇନ୍ସପେକ୍ଟର ଶିବାଜୀ ପଣ୍ଡା, ଅକ୍ଷୟ ମିଶ୍ର ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛନ୍ତି।

ପଲାଦୁଙ୍କ ଏତଲା ଅନୁଯାୟୀ, ନାଗଲସିଲ ଗ୍ରାମରେ ଶୁକ୍ରବାର ଜଣେ ୧୨ ବର୍ଷର ନାବାଳକଙ୍କ ମୃତ୍ୟୁ ହୋଇଥିଲା। ଏହି ଖବର ଶୁଣି ବାର୍ସ ଘଟଣାସ୍ଥଳରେ ପହଞ୍ଚି କନ୍ଦାକଟା କରୁଥିଲେ। ମୃତକଙ୍କ ବାପା ମନ୍ଦ ସାନ୍ତା ବାର୍ସାଙ୍କୁ ଅସଭ୍ୟ ଭାଷାରେ ଗାଳି ଗୁଲଜ କରିବା ଟାଙ୍ଗିଆରେ ତାଙ୍କ ମୁଣ୍ଡକୁ ପିଟିଦେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଗୁଣିଗାରେଡ଼ି ସନ୍ଦେହରେ ବାର୍ସଙ୍କୁ ମନ୍ଦ ହତ୍ୟା କରିଥିବା ପଲାଦୁ ଅଭିଯୋଗ କରିଛନ୍ତି।

# ପୋଲିସକୁ ତଥ୍ୟ ଲୁଚାଇଲେ ସ୍ପାଇଡର ସତୀଶ

**ରିମାଣ୍ଡ ସରିଲା, ଜେଲ ଫେରିଲେ ଆନ୍ତଃ ରାଜ୍ୟ ଲୁଟେରା**

ଭୁବନେଶ୍ୱର,୨୧।୨
(ସୂର୍ଯ୍ୟକାନ୍ତ ବେହେରା)

ବରିଷ୍ଠ କଂଗ୍ରେସ ନେତା ନିରଞ୍ଜନ ପଟ୍ଟନାୟକଙ୍କ ଘରୁ ଚୋରି ଘଟଣାରେ ଗିରଫ ଆନ୍ତଃ ରାଜ୍ୟ ଲୁଟେରା ସତୀ ବାବୁ ଓରଫ୍ ସତୀଶ ରେଡ୍ଡୀ ଓରଫ୍ ସ୍ପାଇଡର ସତୀଶଙ୍କ ୫ ଦିନିଆ ରିମାଣ୍ଡ ଶୁକ୍ରବାର ଶେଷ ହୋଇଛି। ଏହାପରେ ସତୀଶଙ୍କୁ ନୟାପଲ୍ଲୀ ପୋଲିସ କୋର୍ଟରେ ହାଜର କରିଥିଲା। ସେଠାରୁ ପୁଣି ଝାରପଡ଼ା ଜେଲକୁ ପଠାଇ ଦିଆଯାଇଛି। ତେବେ ବଡ଼ବଡ଼ିଆଙ୍କ ଘରୁ ଚୋରି କରୁଥିବାରୁ ବହୁ ତଥ୍ୟ ହାସଲ ଆଶାରେ ପୋଲିସ ତାଙ୍କୁ ରିମାଣ୍ଡରେ ଆଣିଥିଲା। ନିରଞ୍ଜନଙ୍କ ଘରକୁ କେଉଁପଟେ, କେମିତି ପ୍ରବେଶ କରି କ'ଣସବୁ ଚୋରି କଲେ ତାହାର ସିନ୍ ରିକ୍ରିଏଶନ ଗୁରୁବାର ହୋଇଥିଲା। ମାତ୍ର ସତୀଶଙ୍କଠାରୁ ଅନ୍ୟ କୌଣସି ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପୋଲିସ ପାଇପାରି ନ ଥିବା ସୂଚନା ମିଳିଛି।

ସୂଚନାନୁସାରେ, ଜାନୁଆରୀ ୨୬ରେ କଂଗ୍ରେସ ନେତା ନିରଞ୍ଜନଙ୍କ ଘରୁ ସତୀଶ ଚୋରି କରିବା ପରେ ଏକ ଭଡ଼ା କାରରେ ଫେରାର ହୋଇଯାଇଥିଲେ। କମିଶନରେଟ୍ ପୋଲିସ ୧୦ ହଜାର ଫୋନ୍ ଓ ୪୦୦ ସିସିଟିଭି ଫୁଟେଜ ଯାଞ୍ଚ ସହ ୫୦ ହାର୍ଡକୋର୍ ଚୋରଙ୍କ ତଥ୍ୟ ଅନୁଧ୍ୟାନ କରି ୧୮ ଦିନ ପରେ ଆନ୍ଧ୍ରପ୍ରଦେଶର ବିଜୟନଗରମ୍‌ରୁ ସତୀଶଙ୍କୁ ଗିରଫ କରିଥିଲା। ଗୋଟିଏ କାର୍, ବହୁ ସୁନାଅଳଙ୍କାର, ମୋବାଇଲ ଫୋନ, ନଗଦ ୭ ଲକ୍ଷ ଟଙ୍କା, ଅପରାଧ ବେଳେ ବ୍ୟବହୃତ ପୋଷାକ, ଟର୍ଚ୍ଚ ଲାଇଟ ଆଦି ସତୀଙ୍କଠାରୁ ଜବତ କରାଯାଇଥିଲା।

# କିଟ୍ ଛାତ୍ରୀ ମୃତ୍ୟୁକୁ ନେଇ ଓଏଚ୍‌ଆର୍‌ସିରେ ମାମଲା

କଟକ,୨୧।୨(କାର୍ତ୍ତିକ ସାହୁ)

ଭୁବନେଶ୍ୱରସ୍ଥିତ କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡଷ୍ଟ୍ରିଆଲ ଟେକ୍ନୋଲୋଜି(କିଟ୍)ରେ ବି.ଟେକ୍. ଛାତ୍ରୀ ମୃତ୍ୟୁକୁ ନେଇ ଓଡ଼ିଶା ମାନବାଧିକାର ଆୟୋଗ (ଓଏଚ୍‌ଆର୍‌ସି)ରେ ମାମଲା ରୁଜୁ ହୋଇଛି। ମାମଲାର ବିବରଣୀ ଅନୁସାରେ, ନେପାଳରୁ ଆସି କିଟ୍‌ରେ ବି.ଟେକ୍. ପଢୁଥିବା ଛାତ୍ରୀ ପ୍ରକ୍ରିତି ଲାମ୍‌ସଲଙ୍କ ମୃତଦେହ ଗତ ରବିବାର ହଷ୍ଟେଲରୁ ମିଳିଥିଲା। କିଟ୍ କର୍ତ୍ତୃପକ୍ଷ ଏହାକୁ ଆତ୍ମହତ୍ୟା ବୋଲି କହିଥିଲେ। ଏହି ଘଟଣାର ସ୍ୱଚ୍ଛ ଓ ନିରପେକ୍ଷ ତଦନ୍ତ ପାଇଁ ଛାତ୍ରୀଛାତ୍ରମାନେ ଦାବି କରି ପ୍ରତିବାଦ ଜଣାଇଥିଲେ। ତେବେ ଏହି ଘଟଣାରେ ପ୍ରତିପକ୍ଷମାନଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିବାକୁ ଆବେଦନକାରୀ ପ୍ରାର୍ଥନା କରିଛନ୍ତି। କିଟ୍ ପକ୍ଷରୁ ବିଭ୍ରାନ୍ତିକର ତଥ୍ୟ ପ୍ରଦାନ କରାଯାଇ ନେପାଳର ବିଦ୍ୟାର୍ଥୀମାନଙ୍କ ମଧ୍ୟରେ ଭୟ ଓ ଅସୁରକ୍ଷିତ ଭାବନା ସୃଷ୍ଟି ହେବାରୁ ସେମାନେ କ୍ୟାମ୍ପସ ଛାଡ଼ିଥିଲେ। ଏହାଦ୍ୱାରା ବିଶ୍ୱବିଦ୍ୟାଳୟ ପରିସରରେ ଅଶାନ୍ତ ସ୍ଥିତି ସୃଷ୍ଟି ହୋଇଥିଲା। ଏହି ଘଟଣା ଭାରତ ଓ ନେପାଳ ମଧ୍ୟରେ ଘୃଣା, ଅସ୍ଥିରତା ଭାବ ସୃଷ୍ଟିକୁ ପ୍ରୋତ୍ସାହିତ କରିବ। କିଟ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ବିରୋଧରେ ଦିଆଯାଇଥିବା ଏତଲାର ସ୍ଥିତି ସଂକ୍ରାନ୍ତରେ ତଥ୍ୟ ଦେବା ନିମନ୍ତେ ଆଦେଶ ଦେବାକୁ ପ୍ରାର୍ଥନା କରାଯାଇଛି। ସେହିପରି କିଟ୍‌ର ଛାତ୍ରୀ ନିବାସର ଯୁଗ୍ମ ନିର୍ଦ୍ଦେଶିକା ଜୟନ୍ତୀ ନାଥଙ୍କ ବିରୋଧରେ କ'ଣ ପଦକ୍ଷେପ ନିଆଯାଇଛି ତାହା ଜଣାଇବାକୁ ପ୍ରାର୍ଥନା କରାଯାଇଛି। ଏଭଳି ଲଜ୍ଜାଜନକ ଘଟଣା ଭବିଷ୍ୟତରେ ନ ଘଟିବା ତଥା ନେପାଳ ବିଦ୍ୟାର୍ଥୀଙ୍କୁ କ୍ଷତିପୂରଣ ବାବଦରେ କିଟ୍ ପକ୍ଷରୁ ନିଶ୍ଚିତ କରିବାକୁ ମଧ୍ୟ ଆବେଦନରେ ଦର୍ଶାଯାଇଛି। ନେପାଳ ଛାତ୍ରୀଛାତ୍ରଙ୍କ ନିରାପତ୍ତା ପାଇଁ କ'ଣ ପଦକ୍ଷେପ ନିଆଯାଇଛି ଏବଂ କ୍ୟାମ୍ପସ୍‌କୁ ସେମାନଙ୍କର ପ୍ରତ୍ୟାବର୍ତ୍ତନ ଓ ପାଠପଢ଼ାକୁ ନେଇ କ'ଣ ପଦକ୍ଷେପ ରହିଛି ତାହା ଜଣାଇବାକୁ ଆବେଦନରେ ଆଇନଜୀବୀ ଶିବଶଙ୍କର ମହାନ୍ତି ଦର୍ଶାଇଛନ୍ତି। ଏଥିରେ ମୁଖ୍ୟ ଶାସନ ସଚିବ, ଉଚ୍ଚଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ ଓ କିଟ୍ ଶିକ୍ଷାନୁଷ୍ଠାନକୁ ପକ୍ଷଭୁକ୍ତ କରାଯାଇଛି।

# ଟଙ୍କା ମାଗିବାରୁ ଚା' ଦୋକାନରେ ବୁଲିଲା ଖଣ୍ଡା, ୨ ଅଟକ

ବ୍ରହ୍ମପୁର,୨୧।୨(ସୁବାସ ଚନ୍ଦ୍ର ପାଢ଼ୀ)

ବଡବଜାର ଥାନା ଉତ୍କଳ ସିନେମା ହଲ ଛକରେ ଶୁକ୍ରବାର ଟଙ୍କା ମାଗିବାକୁ ନେଇ ଏକ ଚା ଦୋକାନରେ ଖଣ୍ଡା ବୁଲିଛି। ଦୁର୍ବୃତ୍ତମାନେ ଚା' ଦୋକାନକୁ ଖଣ୍ଡାରେ ଭଙ୍ଗାରୁଜା କରିବା ପରେ ଘଟଣାସ୍ଥଳରୁ ଚମ୍ପଟ ମାରିଛନ୍ତି । ଏ ନେଇ ଅଭିଯୋଗ ପରେ ପୋଲିସ ଏକ ମାମଲା ରୁଜୁ କରିଛି। କଂସାରି ସାହିର ବି. ରମେଶ ରାଓ ଉତ୍କଳ ସିନେମା ହଲ ଛକ ଠାରେ ଏକ ଚା' ଓ ବିସ୍କୁଟ ଦୋକାନ ଖୋଲିଛନ୍ତି । ଶୁକ୍ରବାର ରମେଶ ନିଜର ଚା'ଦୋକାନ ଖୋଲି ବ୍ୟବସାୟ କରୁଥିବାବେଳେ ୨ ଜଣ ଯୁବକ ଆସି ଚା' ଓ ବିସ୍କୁଟ ଖାଇଥିଲେ। ରମେଶ ସେମାନଙ୍କୁ ଚା'ବିସ୍କୁଟ ବାବଦକୁ ଟଙ୍କା ମାଗିବାରୁ ସେମାନେ ତାଙ୍କୁ ଗାଲିଗୁଲଜ କରିବା ସହ ଧମକଚମକ ଦେଇ ସେଠାରୁ ଚାଲି ଯାଇଥିଲେ। ଏହାର କିଛି ସମୟ ପରେ ସେହି ୨ ଜଣ ଯୁବକ ହାତରେ ଖଣ୍ଡା ଓ ମାରଣାସ୍ତ୍ର ଧରି ଆସି ରମେଶଙ୍କୁ ଆକ୍ରମଣ ଉଦ୍ୟମ କରିଥିଲେ। ରମେଶ ଜୀବନ ବଞ୍ଚାଇବାକୁ ଲୁଚିଯିବା ପରେ ଯୁବକମାନେ ଖଣ୍ଡାରେ ଦୋକାନର ବିଭିନ୍ନ ସାମଗ୍ରୀ ଭଙ୍ଗାରୁଜା କରିବା ସହ ବିକ୍ରି ହୋଇଥିବା ଟଙ୍କା ନେଇ ଫେରାର ହୋଇଯାଇଥିଲେ ବୋଲି ରମେଶ ନିଜ ଅଭିଯୋଗରେ ଦର୍ଶାଇଛନ୍ତି। ଏହି ଘଟଣାରେ ସଂପୃକ୍ତି ଅଭିଯୋଗରେ ବଡବଜାର ଥାନା ପୁଲିସ ୨ ଯୁବକଙ୍କୁ ଅଟକ ରଖି ପଚରାଉଚରା କରୁଛି।

# ଆକଟ କରିବାରୁ ବଡ଼ଭାଇଙ୍କୁ ହତ୍ୟା

ଫିରିଙ୍ଗିଆ,୨୧।୨(ବିମଳ ଦିଗାଲ)

କନ୍ଧମାଳ ଜିଲା ଅର୍ନ୍ତଗତ ଫିରିଙ୍ଗିଆ ବ୍ଲକ୍ ସାଡ଼ିଙ୍ଗିଆ ପଞ୍ଚାୟତ ସୁମେରୁ ବନ୍ଧ ଲଦାପଦାର ଗ୍ରାମରେ ସାମାନ୍ୟ କଥାକୁ କେନ୍ଦ୍ରକରି ମଝିଆ ଭାଇ ବଡ଼ଭାଇକୁ ହତ୍ୟା କରିଛନ୍ତି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳି ଯାଇଛି। ମୃତ ବଡ଼ ଭାଇ ହେଲେ କୃଷ୍ଣ କହଁର। ସୂଚନାଯୋଗ୍ୟ ଯେ, ଗୁରୁବାର ରାତ ୮ଟାରେ ମଝିଆ ଭାଇ ରାମ ଘରକୁ ଫେରିବା ସମୟରେ ବଡଭାଇ କୃଷ୍ଣ ତାଙ୍କୁ କାହିଁକି ବୁଲାବୁଲି କରୁଛୁ। କାମ ଧନ୍ଦା କରୁନୁ ବୋଲି କହିଥିଲେ। ଏଥିରେ ରାମ ରାଗିଯାଇ ବଡ଼ଭାଇ କୃଷ୍ଣଙ୍କୁ ଛୁରିରେ ଆକ୍ରମଣ କରିଥିଲେ। ସାନ ଭାଇ ଲକ୍ଷ୍ମଣ ପହଞ୍ଚି ବିରୋଧ କରିବାରୁ ତାଙ୍କୁ ମଧ ରାମ ମାରିବାକୁ ଚେଷ୍ଟା କରିଥିଲେ। ଲକ୍ଷ୍ମଣ ହାତରେ ଆଘାତ ପାଇ ଭୟରେ ଦୌଡ଼ି ପଳାଇ ଥିଲେ। ଏହା ପରେ ରାମ ସେଠାରୁ ଫେରାର ହୋଇ ଯାଇଥିଲେ। ଫିରିଙ୍ଗିଆ ପୋଲିସ ଖବର ପାଇ ତଦନ୍ତ ଆରମ୍ଭ କରିଛି। ଥାନାରେ ୪୧/୨୫ରେ ମାମଲା ରୁଜୁ ହୋଇଛି।

# ଡକାୟତି ଯୋଜନା ପଣ୍ଡ, ୧୩ ଗିରଫ


ଗିରଫ ହୋଇଥିବା ଗ୍ୟାଙ୍ଗର ୧୩ ସଦସ୍ୟ।

ପରଜଙ୍ଗ,୨୧।୨(ନିଗମାନନ୍ଦ ଦଳବେହେରା)

ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ସାଆନ୍ଦା ଫାଣ୍ଡି ଅଧୀନ କୁନ୍ଦନଦେଇପୁର ଗ୍ରାମ ବ୍ରାହ୍ମଣୀ ନଦୀ ପଠାରେ ବସି ଗୁରୁବାର ସନ୍ଧ୍ୟାରେ ବଡ଼ ଧରଣର ଡକାୟତି ଯୋଜନା କରୁଥିବା ୧୩ ଜଣଙ୍କୁ ପରଜଙ୍ଗ ଓ କାମାକ୍ଷାନଗର ପୋଲିସ ଗିରଫ କରିଛି। ସେମାନଙ୍କ ଠାରୁ କଟୁରି, କାତି, ୫ଟି ଅଫୁଟା ବୋମା, କାର୍, ୪ଟି ମଟରସାଇକେଲ ଜବତ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ମୋଟଙ୍ଗା ଥାନା ସନ୍ତରାକାଟେଣୀ ଗ୍ରାମର ଆଲୋକ ନାଏକ(୨୧), ନିଶା ଥାନା ରାଇଝରଣ ଗ୍ରାମର ଚନ୍ଦନ ଗୋଛାୟତ (୨୪), ଆଲୋକ ଗୋଛାୟତ (୨୫), ବାଲିମି ଥାନା ଝାରବେଡା ଗ୍ରାମର ବିନୟ ନାଏକ(୨୮), ବାଲିମି ଥାନା କନ୍ତାମିଲି ଗ୍ରାମର ଦୀପକ ସେଠୀ (୨୫), ତାଳଚେର ଥାନା ଶଣ୍ଢଗାଁର ସନ୍ଦୀପ ନାଏକ(୨୬), କଳିୟରୀ ଥାନା ଥର୍ମାଲ ଅଞ୍ଚଳର ପପୁ ନାଏକ(୨୫), ଗୋପାଳପ୍ରସାଦ ଥାନା ହିଲୋଇ ଗ୍ରାମ ଶ୍ରୀତମ ବେହେରା (୨୪), ବଅଁରପାଳ ଥାନା ଝାରଗାଡିଆ ଗ୍ରାମର ବିଶଜିତ ନାଏକ(୨୨), ବଅଁରପାଳ ଥାନା ବିରବାହାନପୁର ଗ୍ରାମର ଝାମେଲା ନାଏକ (୧୮), ତଳସାହାର ଜଳଧର ନାଏକ(୨୪), ବିରବାହାନପୁର ଗ୍ରାମର ଅକ୍ଷୟ କୁମାର ନାଏକ(୩୨), ନାଲ୍‌କୋ ଥାନା ଗିରାଙ୍ଗ ଗ୍ରାମ ଦୀଲିପ କୁମାର ନାଏକ (୨୫)। ଗ୍ୟାଙ୍ଗର ମୁଖ୍ୟ ପରଜଙ୍ଗ ଥାନା ବାରିହାପୁର ଗ୍ରାମର ବାଘ ଓରଫ ସୌଭାଗ୍ୟ ନାଏକ(୨୮), କାମାକ୍ଷାନଗର ଥାନା କାମର୍ଦ୍ଦା ଗ୍ରାମର ଶ୍ରବଣ ନାଏକ (୨୮) ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ନେଇ ପରଜଙ୍ଗ ଥାନା ଅଧିକାରୀ ପ୍ରିୟବ୍ରତ ଦାଶ ସୂଚନା ଦେଇଛନ୍ତି।

# ଆଇଇଡି ବିସ୍ଫୋରଣରେ ଯବାନ ଆହତ

ମାଲକାନଗିରି, ୨୧।୨(ନୃସିଂହ ଚରଣ ମହାନ୍ତି)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ନାରାୟଣପୁର ଜିଲାରେ ଆଇଇଡି ବିସ୍ଫୋରଣରେ ଜଣେ ଡିଆର୍‌ଜି ଯବାନ ଆହତ ହୋଇଛନ୍ତି। ସୁରକ୍ଷା ବାହିନୀକୁ ଟାର୍ଗେଟ କରି ମାଓବାଦୀ ଏହି ଆଇଇଡି ବିଛାଇଥିବା ଜଣାପଡ଼ିଛି। ସୂଚନାନୁଯାୟୀ ଜିଲାର ଛୋଟେଡୋଙ୍ଗର ପୋଲିସ ଷ୍ଟେଶନରୁ ଜିଲା ପୋଲିସ ଏବଂ ଡିଆର୍‌ଜିର ଏକ ମିଳିତ ଦଳ ମାଓବାଦୀ ଦମନ ଅଭିଯାନରେ ବାହାରିଥିଲେ। ଅପରେଶନ ସମୟରେ ତୋୟାମାତା ଏବଂ କୱାନାର ମଧ ଜଙ୍ଗଲରେ ମାଓବାଦୀଙ୍କ ଦ୍ୱାରା ପୂର୍ବରୁ ଖଞ୍ଜାଯାଇଥିବା ଏକ ଆଇଇଡି ବୋମା ବିସ୍ଫୋରଣ ଘଟିଥିଲା। ଏହି ବିସ୍ଫୋରଣରେ ଜଣେ ଡିଆର୍‌ଜି ଯବାନ ଆହତ ହୋଇଥିଲେ। ତୁରନ୍ତ ତାଙ୍କୁ ପ୍ରାଥମିକ ଚିକିତ୍ସା ପାଇଁ ତାଙ୍କୁ ରାୟପୁରକୁ ଏୟାରଲିଫ୍ଟ କରାଯାଇଥିବା ଜଣାପଡ଼ିଛି। ଏହାପରେ ତଲାସି ଅଭିଯାନକୁ ଯବାନଙ୍କ ପକ୍ଷରୁ ବଢାଇ ଦିଆଯାଇଥିବା ସୂଚନା ମିଳିଛି।

# ବଳାତ୍କାର ଅଭିଯୁକ୍ତଙ୍କୁ ୨୦ ବର୍ଷ କାରାଦଣ୍ଡାଦେଶ

ଢେଙ୍କାନାଳ,୨୧।୨(ରତନ ନାୟାର)

ଏକ ନାବାଳିକା ବଳାତ୍କାର ମାମଲାର ଶୁଣାଣି କରି ଢେଙ୍କାନାଳ ଜିଲା ପୋକ୍ସୋ କୋର୍ଟର ସ୍ୱତନ୍ତ୍ର ବିଚାରପତି ସୁଶୀଲ କୁମାର ସାହୁ ଶୁକ୍ରବାର ଅଭିଯୁକ୍ତ ସଞ୍ଜୟ ଦେହୁରୀଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡାଦେଶ ପ୍ରଦାନ କରିଛନ୍ତି। ମାମଲାରୁ ପ୍ରକାଶ, ୨୨ ଜୁନ ୨୦୧୯ରେ କାମାକ୍ଷାନଗର ଥାନା ଅଞ୍ଚଳର ସମ୍ପୃକ୍ତା ନାବାଳିକାଙ୍କୁ ଅଭିଯୁକ୍ତ ସଞ୍ଜୟ ଘରେ ପଶି ବଳାତ୍କାର କରିଥିଲେ। ଏ ନେଇ ନାବାଳିକାଙ୍କ ପରିବାର ଲୋକେ କାମାକ୍ଷାନଗର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ. ୧୨୭/୧୯ରେ ମାମଲା ରୁଜୁ କରି ଅଭିଯୁକ୍ତ ସଞ୍ଜୟଙ୍କୁ ଗିରଫ କରିଥିଲା। ୨୦ଜଣ ସାକ୍ଷୀଙ୍କ ବୟାନ, ୨୪ଟି ପ୍ରମାଣକୁ ଆଧାର କରି ଜିଲା ପୋକ୍ସୋ କୋର୍ଟର ସ୍ୱତନ୍ତ୍ର ବିଚାରପତି ସାହୁ ଅଭିଯୁକ୍ତ ସଞ୍ଜୟଙ୍କୁ ୨୦ବର୍ଷ ସଶ୍ରମ କାରାଦଣ୍ଡାଦେଶ ପ୍ରଦାନ କରିଥିଲେ। ସରକାରଙ୍କ ପକ୍ଷରୁ ଏହି ମାମଲାକୁ ପୋକ୍ସୋ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ନିରଞ୍ଜନ ସାହୁ ପରିଚାଳନା କରିଥିଲେ।



# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଢାଉଁ ଢାଉଁ ଢାଉଁ ବାଜଇ ଢୋଲ,**
**ବାହାରେ ଚିକ୍କଣ ଭିତରେ ପୋଲ।**

ସାଧାରଣତଃ ବଡ଼ ବଡ଼ କଥା କହୁଥିବା ଲୋକଙ୍କର କାମ ସେତେଟା ସନ୍ତୋଷଜନକ ହୋଇ ନ ଥାଏ। ଏଭଳି ବ୍ୟକ୍ତି ବାହାରେ ତୁମ୍ଭିତୋଫାନ କରି ଲୋକଙ୍କୁ ତୁଚ୍ଛା ଆକୃଷ୍ଟ କରିଥାନ୍ତି ବୋଲି ଏଠାରେ ପ୍ରକାଶ କରାଯାଇଛି।

**ଢିରା କି ଜାଣେ ବୋଝର ଗରୁ।**

ଭାରି ଜିନିଷକୁ ଟେକି ଧରିବାକୁ ହେଲେ ଢିରାର ସାହାଯ୍ୟ ନେବାକୁ ପଡ଼ିଥାଏ। ପରନ୍ତୁ ମୂଳ ବସ୍ତୁ କେତେ ପରିମାଣର ବୋଝ ମୁଣ୍ଡାଇଛି ତାହା ଢିରା ଜାଣିପାରି ନ ଥାଏ। ପରୋକ୍ଷରେ ଟିକିନିଖି କାର୍ଯ୍ୟ କରୁଥିବା ବ୍ୟକ୍ତିର ଗୁରୁଦାୟିତ୍ୱକୁ ସାହାଯ୍ୟକାରୀ ବ୍ୟକ୍ତି ବୁଝିବାକୁ ଅସମର୍ଥ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ


ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗ ଚିତ୍ର।

# ବସ୍‌ରୁ ପର୍ସ ଚୋରି ଅଭିଯୋଗ: ୫ ମହିଳା ଗିରଫ

ଆଠଗଡ଼,୨୧।୨(ସତ୍ୟପ୍ରସାଦ ରଥ)

ବସ୍‌ରେ ଜଣେ ମହିଳାଙ୍କଠାରୁ ପର୍ସ ଚୋରି କରିବା ଅଭିଯୋଗରେ ଆଠଗଡ଼ ପୋଲିସ ୫ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସମସ୍ତ ଅଭିଯୁକ୍ତ ମହିଳା ବୋଲି ଜଣାପଡ଼ିଛି। ସେମାନେ ହେଲେ ମହାରାଷ୍ଟ୍ର ଅଞ୍ଚଳର ମହିଳା ସମିତା କମଣ୍ଡେଇ(୪୦), ରେଶମା ବିସିନେଇ(୩୫), ମାଳତୀ ବିସିନେଇ(୫୦), ସାରିକା ପତ୍ରୀ (୪୨) ଓ ଲଛମା ଇଞ୍ଜୁରିକସ (୬୦)।

କଟକ ଜିଲାର ଖୁଣ୍ଟୁଣୀ ଅଞ୍ଚଳରେ ବିବାହ କରିଥିବା ଆଠଗଡ଼ ରସିକପୁର ଅଞ୍ଚଳର ରଶିତା ବାରିକ ଏକ ଘରୋଇ ବସ୍‌ଯୋଗ ଶୁକ୍ରବାର ଆଠଗଡ଼ ଆସୁଥିଲେ। ସେ ଖୁଣ୍ଟୁଣୀରେ ବସ୍‌ରେ ଚଢ଼ିବାବେଳକୁ କେତେଜଣ ଫେରିବାଲା ମହିଳା ପୂର୍ବରୁ ବସ୍‌ରେ ବସିଥିଲେ। ଆଠଗଡ଼ ପୁରୁଣା ବସଷ୍ଟାଣ୍ଡଠାରେ ବସ୍ ପହଞ୍ଚିବା ପରେ ସେଠାରେ ଓହ୍ଲାଇ ଏକ ଦୋକାନକୁ ରଶ୍ମିତା ଯାଇଥିଲେ। ଏହି ସମୟରେ ପର୍ସ ଚୋରି ହୋଇଯାଇଥିବା ଜାଣିବାକୁ ପାଇଥିଲେ। ଏନେଇ ସେ ବାପ ଘର ଲୋକଙ୍କୁ ଖବର ଦେଇଥିଲେ। ଉକ୍ତ ବସ୍‌ଷ୍ଟାଣ୍ଡରେ ମହିଳା ଫେରିବାଲାମାନେ ମଧ୍ୟ ବସ୍‌ରୁ ଓହ୍ଲାଇ ନିକଟରେ ଥିବା ଏକ ଦୋକାନରେ ବସିଥିଲେ। ଏନେଇ ରଶ୍ମିତାଙ୍କର ସେମାନଙ୍କ ଉପରେ ସନ୍ଦେହ ହେବାରୁ ପରିବାର ଲୋକ ଆସିବା ପରେ ସ୍ଥାନୀୟ ଲୋକଙ୍କ ସହ ମିଶି ମହିଳା ଫେରିବାଲାମାନଙ୍କୁ ତାଙ୍କ ପର୍ସ ବିଷୟରେ ପଚାରିଥିଲେ। ମାତ୍ର ଅଭିଯୁକ୍ତା ମହିଳାମାନେ ରଶିତା ଓ ତାଙ୍କ ସାଙ୍ଗରେ ଥିବା ଲୋକଙ୍କୁ ପାଟିତୁଣ୍ଡ କରିଥିଲେ। ଏହି ସମୟରେ ଅଭିଯୁକ୍ତ ମହିଳାମାନଙ୍କ ଠାରୁ ରଶ୍ମିତାଙ୍କ ଚୋରି ଯାଇଥିବା ପର୍ସ ମିଳିଥିଲା, ମାତ୍ର ସେଥିରେ ଥିବା ସବୁ ଟଙ୍କା ମିଳି ନ ଥିଲା। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତମାନଙ୍କୁ ଗିରଫ କରି ଆଠଗଡ଼ ଥାନାକୁ ନେଇଛି। ଏନେଇ ରଶ୍ମିତାଙ୍କ ଅଭିଯୋଗକ୍ରମେ ପୋଲିସ ମାମଲା (ନଂ. ୪୪/୨୫) ରୁଜୁ କରି ତଦନ୍ତ ଜାରି ରଖିଛି।


ଗିରଫ ଅଭିଯୁକ୍ତ ମହିଳାମାନେ।

# ୧୦ ହଜାର କେଜିରୁ ଊର୍ଦ୍ଧ୍ୱ ଗଞ୍ଜେଇ ଜବତ

ଫୁଲବାଣୀ/ବାଲିଗୁଡ଼ା, ୨୧।୨ (ରାକେଶ କୁମାର ରାଉତ/ ସଞ୍ଜୟ କୁମାର ପାଣିଗ୍ରାହୀ)

କନ୍ଧମାଳ ଜିଲା ପୋଲିସ ଶୁକ୍ରବାର ୫ ଥାନା ଅଞ୍ଚଳରେ ଏକକାଳୀନ ଚଢ଼ାଉ କରି ୧୦ହଜାର ୮୫୨କେଜି ଗଞ୍ଜେଇ ଜବତ କରିବା ସହ ଜଣଙ୍କୁ ଗିରଫ କରିଛି।

କନ୍ଧମାଳରୁ ଗଞ୍ଜେଇ ଚୋରାଚାଲାଣ ରୋକିବାକୁ ଡିଜିପି ଯୋଗେଶ ବାହାଦୁର ଖୁରାନିଆ ନିର୍ଦ୍ଦେଶ ଦେଇଥିଲେ। ସେହି ଅନୁଯାୟୀ ଏସ୍‌ପି ହରିଶ ବିସି ଏକ ସ୍ୱତନ୍ତ୍ର ଟିମ ଗଠନ କରି ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲେ। ଗୋଚ୍ଛାପଡ଼ା ଥାନା ଅନ୍ତର୍ଗତ ଦାରୁଗୋଣ୍ଡା ଘାଟି ନିକଟ ଜଙ୍ଗଲରୁ ୬୫୨୦ କେଜି, ଫିରିଙ୍ଗିଆ ଥାନା ଅଧୀନରେ ଥିବା କାସିନପଦର ପଞ୍ଚାୟତର ମାଜିପଡ଼ା ଜଙ୍ଗଲରୁ ୧୫୨୦ କେଜି, ଫୁଲବାଣୀ ସଦର ଥାନା ଅନ୍ତର୍ଗତ ସୁଦ୍ରେଜୁ ପଞ୍ଚାୟତ ମିନିଆକଟି ଜଙ୍ଗଲରୁ ୨୦୫୨ କେଜି, ବାଲିଗୁଡ଼ା ଥାନା ଅଧୀନ ଜାକ୍ରିପଦା ଜଙ୍ଗଲରୁ ୬୫୦ କେଜି, ଟିକାବାଲି ଥାନା ଅନ୍ତର୍ଗତ ସୁନାପଙ୍ଗା ଗ୍ରାମ ନିକଟରୁ ୧୧୦ କେଜି ଗଞ୍ଜେଇ ଜବତ କରାଯାଇଛି। ସମସ୍ତ ମାମଲାର ତଦନ୍ତ ଜାରି ରହିଛି ଏବଂ ଚୋରା ଚାଲାଣରେ ସମ୍ପୃକ୍ତ ଥିବା ଅଭିଯୁକ୍ତମାନଙ୍କୁ ଗିରଫ କରିବାକୁ ପୋଲିସ ଚଡାଉ ଜାରି ରଖିଛି।



ନିଶା ବ୍ୟବସାୟୀମାନେ ଜଙ୍ଗଲ ମଧ୍ୟରେ ବିଭିନ୍ନ ପରିତ୍ୟକ୍ତ ସ୍ଥାନରେ ଗାତ ଖୋଳି ଗଞ୍ଜେଇ ରଖି ଚୋରା ଚାଲାଣ କରୁଛନ୍ତି। ଗଞ୍ଜେଇ ଚାଷ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ରାଜ୍ୟ ପୋଲିସ ସ୍ୱତନ୍ତ୍ର ଅଭିଯାନ ଜାରି ରଖିଛି। ଏହି ଅଭିଯାନ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ଚାଲିବ ବୋଲି କନ୍ଧମାଳ ଏସ୍‌ପି ସୂଚନା ଦେଇଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:..................................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ବଜାରରେ ନ୍ୟୁ ବିୱାଇଡି ସିଲାୟନ୍ ୭

**ଭୁବନେଶ୍ୱର,୨୧।୨ (ଅନୁରାଧା ମହାରଣା)**

ପାହାଳସ୍ଥିତ ସେଣ୍ଟ୍ରାଲ ବିୱାଇଡିଠାରେ ଇଲେକ୍ଟ୍ରିକ୍ ଏସ୍‌ୟୁଭି ବିୱାଇଡି ସିଲାୟନ୍ ୭ ଶୁକ୍ରବାର ଉନ୍ମୋଚିତ ହୋଇଯାଇଛି। ବିୱାଇଡିର ପରିଚାଳନା ନିର୍ଦ୍ଦେଶକ ବିଶାଲ ଧାୱନ, ନିର୍ଦ୍ଦେଶକ ଆଦର୍ଶ ଧାୱନ ଓ ଜେନେରାଲ ମ୍ୟାନେଜର ପ୍ରତୀକ ଝା ଉପସ୍ଥିତ ରହି ଏହାର ଉନ୍ମୋଚନ କରିଥିଲେ। ନୂଆକରି ବଜାରରେ ଉପଲବ୍ଧ ହୋଇଥିବା ଏହି ମଡେଲ ଆରାମଦାୟକ ଯାତ୍ରା ପାଇଁ ଡିଜାଇନ୍ ହୋଇଥିବା ଆଧୁନିକ ବୈଶିଷ୍ଟ୍ୟ ରହିଛି। ଏ ସମ୍ପର୍କରେ ପ୍ରତୀକ କହିଛନ୍ତି, ଏହି ମଡେଲ ଥରେ ଚାର୍ଜ କଲେ ୫୬୭ କି.ମି. ପର୍ଯ୍ୟନ୍ତ ଯାତ୍ରା କରିପାରିବ। ବ୍ୟାଟେରି ଏହାର ଗୁରୁତ୍ୱପୂର୍ଣ୍ଣ ବୈଶିଷ୍ଟ୍ୟ



ସେଣ୍ଟ୍ରାଲ ବିୱାଇଡିରେ 'ବିୱାଇଡି ସିଲାୟନ୍ ୭'ର ଅନାବରଣ ହୋଇଯାଇଛି। ଏହି ଅବସରରେ ସେଣ୍ଟ୍ରାଲ ବିୱାଇଡିର ନିର୍ଦ୍ଦେଶକ ଆଦର୍ଶ ଧାୱନ ଏବଂ ଜେନେରାଲ ମ୍ୟାନେଜର ପ୍ରତୀକ ଝା ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

ହୋଇଥିବାବେଳେ ଏହାକୁ ପୂର୍ଣ୍ଣ ଚାର୍ଜକରିବାକୁ ୭ରୁ ୮ ଘଣ୍ଟା ସମୟ ଲାଗିଥାଏ। କାର ସହ ଏହାର ଗୋଟିଏ ଚାର୍ଜର ମଧ୍ୟ ଉପଲବ୍ଧ ହୋଇଥାଏ। ଏହି କାରର ମୂଲ୍ୟ ୪୮.୯ ଲକ୍ଷରୁ ଆରମ୍ଭ ହୋଇ ୫୪.୯ ଲକ୍ଷ ପର୍ଯ୍ୟନ୍ତ ରହିଥିବା ସେ ସୂଚନା ଦେଇଛନ୍ତି। ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ଏହି ମଡେଲ ସାର୍କ ଗ୍ରେ, କସ୍‌ମସ୍ ବ୍ଲାକ୍, ଆଲାଣ୍ଟିସ୍ ଗ୍ରେ, ଅରୋରା ହ୍ୱାଇଟ୍ ରଙ୍ଗରେ ବଜାରରେ ଉପଲବ୍ଧ ହୋଇଛି। ତେବେ ବିୱାଇଡି ଦେଶରେ ୨୦୦୭ରେ ଯାତ୍ରା ଆରମ୍ଭ କରିଥିବାବେଳେ ୨୦୨୪ରେ ଭୁବନେଶ୍ୱରରେ ଏହାର ବ୍ୟବସାୟ ଆରମ୍ଭ କରିଥିଲା। ୨୦୨୪ ଅକ୍ଟୋବରରୁ ୨୦୨୫ ଅକ୍ଟୋବର ମଧ୍ୟରେ ୧୫ କାର୍ ଡେଲିଭରି କରିଥିବା ସୂଚନା ରହିଛି।

# ଆଦାନୀ ପୋର୍ଟଫୋଲିଓର ଆର୍ଥିକ ଫଳାଫଳ

**ନୂଆଦିଲ୍ଲୀ,୨୧।୨**




ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ଆଦାନୀ ଗ୍ରୁପ୍‌ର ନିର୍ଦ୍ଦେଶକ ମଣ୍ଡଳୀ ବୈଠକ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଗ୍ରୁପ୍‌ର କାରବାର ଓ ଆଗାମୀ କାର୍ଯ୍ୟକଳାପ ସହ ଆଦାନୀ ପୋର୍ଟଫୋଲିଓର ଆର୍ଥିକ ଫଳାଫଳ ( ଚଳିତ ଆର୍ଥିକ ବର୍ଷର ତୃତୀୟ ତ୍ରୈମାସିକ ଫଳାଫଳ)କୁ ମଧ୍ୟ ଘୋଷଣା କରାଯାଇଥିଲା। ଏପରିକି ୨୦୨୪-୨୫ ଆର୍ଥିକ ବର୍ଷର ୩ୟ ତ୍ରୈମାସିକ ଶେଷ ସୁଦ୍ଧା ଆଦାନୀ ପୋର୍ଟଫୋଲିଓ ସର୍ବାଧିକ ଟ୍ରେଲିଂ-ଟେଓ୍ୱଲଭ ମନଥସ ବା ଟିଟିଏମ୍ ଇବିଆଇଟିଡିଏ ନେଟ ୮୬,୭୮୯ କୋଟି ହୋଇଛି। ସେହିଭଳି ଆଦାନୀ ପୋର୍ଟଫୋଲିଓ ୟୁଟିଲିଟି, ଟ୍ରାନ୍ସପୋର୍ଟ, ଏଇଏଲ୍-ନିର୍ମାଣ ବ୍ୟବସାୟ ଭଳି ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ସହ ଗତବର୍ଷର କାରବାର ଅପେକ୍ଷା ଚଳିତ ବର୍ଷରେ ଅନେକାଂଶରେ ବୃଦ୍ଧି ଘଟିଛି।


## ନିରୁଦ୍ଦିଷ୍ଟ



ମମତା ରଣା(୨୬), ଗ୍ରାମ- ସରେଇବାହଲ, ଗତ ୧୬।୦୨।୨୦୨୫ ରାତିରେ ଘରୁ କୁଆଡ଼େ ଚାଲି ଯାଇଛନ୍ତି। କେହି ସହୃଦୟ ବ୍ୟକ୍ତି ତାଙ୍କର ସନ୍ଧାନ ପାଇଲେ ଦୟାକରି ଏହି ୯୩୩୭୯୨୮୨୩୯ ନମ୍ବରରେ ଯୋଗାଯୋଗ କରିବାକୁ ଅନୁରୋଧ। ଧ-୩୦୨୨


# ଶେୟାର ବଜାରରେ ହ୍ରାସ

**ମୁମ୍ବାଇ,୨୧।୨**

କ୍ରମାଗତ ଭାବେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ହେଉଛି । ଏପରିକି ଚଳିତ ସପ୍ତାହର ଶେଷ କାର୍ଯ୍ୟଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷ କରି ଶୁକ୍ରବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୪୨୫(୪୨୪.୯୦) ପଏଣ୍ଟ କମି ୭୫,୩୧୧ (୭୫,୩୧୧.୦୬) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୧୧୭ (୧୧୭.୨୫) ପଏଣ୍ଟ ହ୍ରାସ ଘଟି ୨୨,୭୯୬ (୨୨,୭୯୫.୯୦) ଅଙ୍କରେ କାରବାର ଶେଷ ହୋଇଥିଲା।

# ସ୍କଚ୍ ସମିଟ୍‌ରେ ଟିପିସିଓଡିଏଲ୍‌କୁ ରୌପ୍ୟ ପୁରସ୍କାର

**ଭୁବନେଶ୍ୱର,୨୧।୨ (ଅଭୟ ଦାଶ)**

ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିସିଓଡିଏଲ୍) କୁ ନିକଟରେ ଆଉ ଏକ ପୁରସ୍କାର ମିଳିଛି। ଏପରିକି ଦିଲ୍ଲୀଠାରେ ଆୟୋଜିତ ୧୦୦ତମ ସ୍କଚ୍ ସମିଟ୍-୨୦୨୪ ଅବସରରେ ଟିପିସିଓଡିଏଲ୍‌କୁ ରୌପ୍ୟ ପୁରସ୍କାର ପ୍ରଦାନ କରାଯାଇଛି। ବିଶେଷକରି ବୋର୍ଡ କମ୍ପୋଜିଶନ ଆଣ୍ଡ ଡିସ୍‌କ୍ଲୋଜର ସମ୍ବନ୍ଧୀୟ କର୍ପୋରେଟ ଗର୍ଭନାନ୍ସ ପ୍ରକଳ୍ପ ପାଇଁ ଟିପିସିଓଡିଏଲ୍‌କୁ ଏହି ପୁରସ୍କାର ଦିଆଯାଇଛି। ସେହିଭଳି କର୍ପୋରେଟ ଗର୍ଭନାନ୍ସ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଟିପିସିଓଡିଏଲ୍‌କୁ ଜାତୀୟସ୍ତରରେ ପୁରସ୍କୃତ କରାଯାଇଛି। ଟିପିସିଓଡିଏଲ୍ ପାରଦର୍ଶିତା, ଦାୟିତ୍ୱବୋଧତା ଏବଂ ନୈତିକତାର ସର୍ବୋଚ୍ଚ ମାନଦଣ୍ଡ ରକ୍ଷାକରି ଏହି ସମ୍ମାନ ହାସଲ କରିଛି। ଏପରିକି କମ୍ପାନୀ ଯୋଜନାବଦ୍ଧ କାର୍ଯ୍ୟପ୍ରଣାଳୀ, ନୀତି ନିର୍ଦ୍ଧାରଣ, ବିପଦ ପରିଚାଳନା, ଆଭ୍ୟନ୍ତରୀଣ ନିୟନ୍ତ୍ରଣ ଏବଂ ବୈଧାନିକ ଅନୁସାରିତା ଉପରେ ଗୁରୁତ୍ୱ ଦେଇଥାଏ। ସେହିପରି କମ୍ପାନୀ ସୂଚନା ଓ ପ୍ରଯୁକ୍ତିବିଦ୍ୟାର ଠିକ୍ ଉପଯୋଗକରି ଉପଭୋକ୍ତାଙ୍କୁ ନିରନ୍ତର ବିଦ୍ୟୁତ୍ ଯୋଗାଣ ପାଇଁ ପ୍ରତିବଦ୍ଧ ରହିଛି। ଟିପିସିଓଡିଏଲ୍ କର୍ପୋରେଟ ଗର୍ଭନାନ୍ସ କ୍ଷେତ୍ରରେ ପ୍ରଶଂସନୀୟ କାର୍ଯ୍ୟକରି ନିକଟରେ ଅନେକ ଗୌରବ ହାସଲ କରିଛି।



ସ୍କଚ୍ ସମିଟ୍‌ରେ ଟିପିସିଓଡିଏଲ୍ ଅଧିକାରୀ ପୁରସ୍କାର ଗ୍ରହଣ କରୁଛନ୍ତି।

# ବଜାରରେ ବିଏସ୍‌ଏଚ୍‌ର ନୂତନ ରେଞ୍ଜ

**ନୂଆଦିଲ୍ଲୀ,୨୧।୨**

ବିଏସ୍‌ଏଚ୍ ହୋମ୍ ଆପ୍ଲାଏନ୍ସେସ ପ୍ରାଇଭେଟ୍ ଲିମିଟେଡ୍‌ର ବହୁ ପ୍ରତୀକ୍ଷିତ ଉତ୍ପାଦ ତଥା ନୂତନ ରେଞ୍ଜର ବଶ୍ ଏବଂ ସାଇମେନ୍ସ ଡିସ୍‌ୱାଶରର୍ସର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ବୃହତ୍ ଭାରତୀୟ ପରିବାରଗୁଡିକର ଆବଶ୍ୟକତାକୁ ପୂରଣକରିବା ପାଇଁ ଡିଜାଇନ କରାଯାଇଥିବା ଏଭଳି ଅତ୍ୟାଧୁନିକ ଡିସ୍‌ୱାଶରଗୁଡିକ ଏକ ୧୫-ପ୍ଲେସ୍ ସେଟିଂ କ୍ଷମତା ସହ ଆସୁଛି। ଏଥିରେ ନୂଆ କଳା ରଙ୍ଗର ଏକ ସ୍ଲିକ୍ ଷ୍ଟେନ୍‌ଲେସ୍ ଷ୍ଟିଲ ବେସ୍ ରହିଛି। ବିଏସ୍‌ଏଚ୍ ହୋମ୍ ଆପ୍ଲାଏନ୍ସେସ ଗୁଡିକ ଭାରତର ଡିସ୍‌ୱାଶିଂ ବର୍ଗରେ ୫୩% ର ଏକ ବୃହତ୍ ବଜାର ଅଂଶ ହାସଲ କରିଛି। ଏହି ନୂଆ ରେଞ୍ଜର ଡିସ୍‌ୱାଶରଗୁଡ଼ିକ ଏକାଧିକ ଆଧୁନିକ ଫିଚର ପ୍ରଦାନ କରୁଛି। ଏହି ଡିସ୍‌ୱାଶରଗୁଡିକ ଇନ୍-ବିଲ୍ଟ ହୋମ୍ କନେକ୍ଟ ଟେକ୍ନୋଲୋଜି ସହ ସୁସଜ୍ଜିତ ରହିଛି, ଯାହା ଉପଭୋକ୍ତାଙ୍କୁ ଦୂରରେ ରହି ଏହାକୁ ତଦାରଖ କରିବା ଏବଂ ଉନ୍ନତ ସୁବିଧା ପାଇଁ ଗ୍ରାହକଙ୍କ ସ୍ମାର୍ଟଫୋନରୁ ଡିସ୍‌ୱାଶରକୁ ନିୟନ୍ତ୍ରଣ କରିବା ପାଇଁ ମଧ୍ୟ ଅନୁମତି ଦେଇଥାଏ।

ଏ ସମ୍ପର୍କରେ ବିଏସ୍‌ଏଚ୍ ହୋମ୍ ଆପ୍ଲାଏନ୍ସେସ୍‌ର ଏମ୍‌ଡି ତଥା ସିଇଓ ସେଫ୍ ଖାନ କହିଛନ୍ତି, ଏହି ଷ୍ଟେଟ-ଅଫ୍-ଦ-ଆର୍ଟ ଆପ୍ଲାଏନ୍ସଗୁଡିକ ଅନ୍ତର୍ନିହିତକାରୀ, ବୁଦ୍ଧିମାନ ଫିଚରଗୁଡିକରେ ସୁସଜ୍ଜିତ ରହିଛି, ଯାହା ସ୍ୱଚ୍ଛତା ଓ ଦକ୍ଷତାକୁ ପ୍ରାଥମିକତା ଦେଇଥାଏ, ଦୈନନ୍ଦିନ କାର୍ଯ୍ୟକୁ ସରଳ କରି ରୋଷେଇ ଘର ପାଇଁ ଏକ ସୁସ୍ଥ ପରିବେଶ ନିଶ୍ଚିତ କରିଥାଏ।

ଉଭୟ ଜଳ ଓ ଶକ୍ତି ସଂରକ୍ଷଣ ପାଇଁ ଡିଜାଇନ ହୋଇଥିବା ଆମର ବଶ୍ ଏବଂ ସାଇମେନ୍ସ ଡିସ୍‌ୱାଶରଗୁଡିକ ଅତୁଳନୀୟ କାର୍ଯ୍ୟଦକ୍ଷତା ଓ ପରିବେଶ ସଚେତନ ଉଦ୍ଭାବନ ପ୍ରଦାନକରି ଭାରତରେ ସ୍ମାର୍ଟ କିଚେନ ଟେକ୍ନୋଲୋଜି ପାଇଁ ନୂଆ ମାନଦଣ୍ଡ ସ୍ଥିର କରୁଛନ୍ତି।


# Classified Everyday

**0674-2580101, 9692975378**



## REAL ESTATE SALE

ହଂସପାଳ ଛକରୁ 8K.M. ଭିଙ୍ଗାରପୁରରେ 1300sqft. 7,80,000/- ପ୍ଲଟ୍ ବିକ୍ରିହେବ। 9114705579. D-76238

Contact for House Construction (Simplex/ Duplex/Apartment) and Interior Design (Modular Kitchen/ TV Unit/ Wardrobe) by experts. 7008550473. D-3030

**Gharabari converted plots available near Hitech Square, Sundarpada, Bhubaneswar. For more details contact: 9853035888, 9437054765.** D-3023

ଆଶ୍ଚର୍ଯ୍ୟଜନକ ଅପ୍ରିୟ ସତ୍ୟ, ଦଶହଜାରରୁ ତିନିଲକ୍ଷ ମଧ୍ୟରେ best investment project- 8917622925. D-2923

Outright/ Sharing Lands available for Apartment/ Duplex Projects around Bhubaneswar/ Cuttack. 8984349324/ 9692207504/ 7008521277/ 8599857228/ 7077798353. D-3029

## GENERAL SALE

Sale of Concrete Mixture a ready made Lift & Mixture with Bolero Pickup Van running condition. 8327792030. D-76420




**2Acre (87000 sqft) NH facing plot near Chandanpur, Puri for any commercial purposes Rent/Lease. 9438400633** D-76236




Positively health benefited SPA by expert female therapist, Jaydevbihar. 8458048909. D-76196

Newly open health benefits SPA by experience lady therapist. 8658088274. D-76197

Positively health benefited SPA by expert female therapist, Bapujinagar. 8018429809. D-76198

## AFFIDAVIT

By virtue of an affidavit sworn before Executive Magistrate, Cuttack, dt 21.02.25, I, Sasmita Mahakul, W/o- Subrat Kumar Mahakul, Safalanga, P.O.- Nuagaon, Kendrapara declare that I have changed my name from Sasmiat Mahakul to Sasmita Mahakul. Henceforth, I shall be known as Sasmita Mahakul for all purposes. D-3032

By virtue of an affidavit sworn before Notary, Cuttack, dated 17.02.2025, I, Madhusmita Behera, Address: At- Nuapatana, P.O.- Nuapatana, P.S.- Narasinghpur, Dist.- Cuttack, PIN- 754032 declare that I have changed my name from Dali Madhusmita to Madhusmita Behera. Henceforth, I shall be known as Madhusmita Behera for all purposes.
Madhusmita Behera D-3031

**Email** ମାଧ୍ୟମରେ କ୍ଲାସିଫାଏଡ୍‌ର ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

By virtue of an affidavit before Executive Magistrate, Simulia, dated 21.02.2025, I, Bhagabati Barik, W/o- Ratikanta Mohakud, Address: Vill- Somanathpur, P.O.-Parbatipur, P.S.- Simulia, Dist.- Balasore, Odisha, PIN- 756166 declare that I have changed my name from Bhagabati Mohakud to Bhagabati Barik. Henceforth, I shall be known as Bhagabati Barik for all purposes. D-3034

I, Bijay Kumar Karna, serving Soldier Army No.- 2513963A Hav Clk Bijay Kumar Karna, permanent resident of Vill- Anantapali, P.O.- Harinapali, Dist.- Subarnapur, State- Odisha, PIN -767062 have applied for change of my father's name from Arjuna Karna to Arjun Karna and my mother's name from Pankajini Karna to Pankajini Khandagiri due to mismatch in my Service documents. D-3033

By virtue of an affidavit sworn before Notary Public, dated 14.02.2025 I, Palavi Patnaik, Address: At- Siliput, P.O.- Therubali, Dist.- Rayagada, PIN- 765018, Odisha declare that I have changed my name from Pallavi Pollai to Palavi Patnaik. Henceforth, I shall be known as Palavi Patnaik for all purposes.
Palavi Patnaik D-3025

By virtue of an affidavit sworn before Executive Magistrate, Betnoti, Mayurbhanj, dated 20.02.2025, I, Ratikanta Maharna, Address: At- Daldali, P.O.- Bidukudia, P.S.- Baisinga, Dist.- Mayurbhanj, Odisha- 757028, declare that I have changed my daughter's name from Prangya Maharnna to Prangya Maharna. Henceforth, she shall be known as Prangya Maharna for all purposes.
Ratikanta Maharna D-3026

By virtue of affidavit sworn before Notary, Bhubaneswar, on dtd 20.02.2025, I Reena Polai, 36 years, D/o- Niranjan Polai residing at Maa Mangala Basti, Bhoinagar, Bhubaneswar, VTC, Kharvelnagar, Bhubaneswar- 22, have changed my name from 'REENA SETHI' to 'Reena Polai' for all purposes. D-3020

By virtue of an affidavit sworn before Executive Magistrate, Jatni, dated 12.02.2025 I, Bebina Behera, W/o- Biswanath Behera, At- Panchupalli, Post.- Retang, P.S.- Airfield, Dist.- Khordha, Odisha, PIN- 752054 declare that I have changed my son name from Himansu Kumar Behera to Subhransu Behera. Henceforth, he shall be known as Subhransu Behera for all purposes. D-3024

Virtue of an affidavit sworn before Executive Magistrate, Khordha, Aff. No.- 420 dated on 19.02.2025 I, Satiyabhama Devi, At/P.O.- Dagugaon Chandeswer, P.S.- Tangi, Dist.- Khordha, I declare that I've changed my name from Satyabhama Devi to Satiyabhama devi. Henceforth, I shall be known as SATIYABHAMA DEVI for all purposes. D-73576

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

## ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ



ଡ଼ଃ.ନମିତା କର
ଆବିର୍ଭାବ : ୩୦.୧୦.୧୯୫୪
ତିରୋଧାନ : ୧୨.୦୨.୨୦୨୫
ଭିଏସ୍‌ଏସ୍ ନଗର, ଭୁବନେଶ୍ୱର
" ଜାତସ୍ୟ ହି ଧ୍ରୁବୋ ମୃତ୍ୟୁ, ଧ୍ରୁବଂ ଜନ୍ମ ମୃତସ୍ୟ ଚ। ତସ୍ମାଦ ଅପରିହାର୍ଯ୍ୟାର୍ଥେ ନ ତ୍ୱଂ ଶୋଚିତୁମର୍ହସି।।
ତୁମର ଆଦର୍ଶ, ତ୍ୟାଗ, ନିଷ୍ଠା ଓ ଶ୍ରଦ୍ଧା ଆମମାନଙ୍କ ପାଇଁ ଚିରଦିନ ଉଦାହରଣ ହୋଇ ରହିବ। ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ଶ୍ରଦ୍ଧାଞ୍ଜଳି ସହ-ହତଭାଗ୍ୟ ସ୍ୱାମୀ-ଡ଼ଃ. ବିଜୟାନନ୍ଦ କର, ପୁତ୍ର-ସୁବ୍ରତ, ବୋହୂ-ସାଗରିକା, ଝିଅ-ସୁରଭୀ, ଜ୍ୱାଇଁ-ପ୍ରଦିପ ଓ ଶୋକସନ୍ତପ୍ତ ପରିବାରବର୍ଗ
ଧ-୬୧୯୬୭

## ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ମୀରା ଅପା

**ଗଳ୍ପ**

**ଶୁଭ୍ରାଂଶୁ ଶେଖର ପାଢ଼ୀ**

ସେଦିନ ରାସ୍ତାରେ ଗଲାବେଳେ ଦେଖିଲି ଶହଶହ ଲୋକ 'ମୀରା ଆଶ୍ରମ' ଆଗରେ ରୁଣ୍ଡ ହୋଇଛନ୍ତି। ଅନେକ ଧୋବଧବଳିଆ ଲୋକ ବଡ଼ବଡ଼ ଗାଡ଼ିରୁ ଓହ୍ଲାଇ ଫୁଲତୋଡ଼ା ଧରି ଆଶ୍ରମ ଭିତରକୁ ପ୍ରବେଶ କରୁଛନ୍ତି। ମନରେ ଉତ୍କଣ୍ଠା ଜାତ ହେଲା ଘଟଣା କ'ଣ ଜାଣିବା ପାଇଁ। ବୁଝାବୁଝି କଲାରୁ ଜଣାପଡ଼ିଲା ଆଶ୍ରମ ପ୍ରତିଷ୍ଠାତ୍ରୀ ମୀରା ଅପା ଆଉ ଏ ଦୁନିଆରେ ନାହିଁ। କେହି କେହି କହୁଛନ୍ତି ଆହା... ବିଚାରି ଭଲ ମଣିଷଟେ ଥିଲା। ଆଉ କେହି କେହି କହୁଛନ୍ତି, ବିଚରା ଅନାଥ ପିଲାଙ୍କର କ'ଣ ହେବ? ଖବରଟା ଶୁଣିବା ପରେ ଅଜାଣତରେ ମୋ' ଆଖିରୁ ବି ଦୁଇବୁନ୍ଦା ଲୁହ ଝରି ଆସିଲା। ମନେମନେ ଭାବିଲି, ଭଗବାନ କାହିଁକି ଭଲ ମଣିଷମାନଙ୍କୁ ଏତେ ଶୀଘ୍ର ନେଇଯାଆନ୍ତି କେଜାଣି!

ମୀରାବାଇ ଦାସ। ସମାଜ ସେବୀ ଭାବରେ ଏ ସହରରେ ବେଶ୍ ପରିଚିତା। ପରିଚୟ ଯେତିକି ଉଜ୍ଜ୍ୱଳ, ଅତୀତ ସେତିକି କଳଙ୍କିତ। ବହୁତ ସଂଘର୍ଷପୂର୍ଣ୍ଣ ତା'ର ଜୀବନ କାହାଣୀ। ବାପା ମାଆଙ୍କର ଏକମାତ୍ର ଝିଅ ମୀରା, ଦେଖିବାକୁ ଖୁବ୍ ସୁନ୍ଦରୀ। ବେଶ୍ ହସକୁରୀ। ବାପା ଜଣେ ନାମମାତ୍ର ଚାଷୀ। ପର ଜମି ଭାଗଚାଷ କରି ପରିବାର ସୁରୁଖୁରୁରେ ପ୍ରତିପୋଷଣ କରୁଥିଲେ। ଧାନ ସମୟରେ ଧାନ, ବାକି ସମୟରେ ବିରି, ମୁଗ, ହରଡ଼, କୋଳଥ ଓ ପନିପରିବା ଚାଷରୁ ପରିବାର ଚଳିଯାଉଥିଲା। ତିନିପ୍ରାଣୀ କୁଟୁମ୍ବ। ଝିଅଟା ଗାଁ ହାଇସ୍କୁଲ ପାଠ ସାରି ଗତବର୍ଷ କଲେଜରେ ପାଦ ଥାପିଛି। ସାଇକେଲରେ କଲେଜ ଯାଏ। ସେଦିନ କଲେଜରୁ ଫେରିବା ବେଳକୁ ତା'ର ସବୁକିଛି ସରିଯାଇଥିଲା। ବାପା ମା' ବିଲରେ ଚାଷ କରୁଥିଲେ। ହଠାତ୍ ମାଡ଼ିଆସିଲା କଳାହାଣ୍ଡିଆ ମେଘ। ତୁହାକୁ ତୁହା ବିଜୁଳି ଓ ଘଡ଼ଘଡ଼ି। ପ୍ରକୃତିର ଏପରି ଭୟଙ୍କର ରୂପ ଦେଖି ବିଲରେ ହଳ କରୁଥିବା ବାପା ମାଆ ହଳ ସିନା ଫିଟେଇ ଦେଇଥିଲେ, କିନ୍ତୁ ବଜ୍ରପାତରେ ଟଳିପଡ଼ିଥିଲେ ସେଠାରେ।

ମୀରା କଲେଜରୁ ଘରେ ପହଞ୍ଚିଲାବେଳକୁ ସବୁକିଛି ଶେଷ ହୋଇଯାଇଥିଲା। ଅନେକ କାନ୍ଦିଥିଲା। ପୁଣି ମନକୁ ଦୃଢ଼ କରି ଛିଡ଼ା ହେବାକୁ ଚେଷ୍ଟା କରିଥିଲା।

ଦିନେ ଜଣେ ଚିହ୍ନାଲୋକ ଆସି ତାକୁ ସମବେଦନା ଜଣାଇଥିଲେ। ତା' ପାଇଁ ଏକ ଚାକିରି ଯୋଗାଡ଼ କରିଦେବାକୁ କହି ତାକୁ ସାଙ୍ଗରେ ନେଇଯାଇଥିଲେ। ପିଲା ଲୋକ, କିଛି ବୁଝିପାରି ନଥିଲା। ତାଙ୍କୁ ବିଶ୍ୱାସ କରି ତାଙ୍କ ସହ ଚାଲିଯାଇଥିଲା ସୁଦୂର କଲିକତା। ସେଠାରେ ତାକୁ ଏକ କୋଠୀରେ ବିକ୍ରି କରି ଫେରି ଆସିଥିଲା ସେହି ଭଦ୍ରଲୋକ ଜଣକ। କୋଠୀ ମାଲିକାଣୀ କହିଥିଲା ଦେଖ୍ ମା', ଆମେ ଗ୍ରାହକଙ୍କୁ ଯେତିକି ଖୁସି କରି ପାରିବା, ଆମର ରୋଜଗାର ସେତିକି ଅଧିକ ହେବ। କ'ଣ ବୁଝିଲା କେଜାଣି, ମୁଣ୍ଡ ହଲାଇ ହଁ ମାରିଲା। ତା'ପରେ ବଦଳିଗଲା ମୀରାର ପରିଚୟ। ସେଦିନ ନିଜକୁ ସମ୍ପୂର୍ଣ୍ଣ ନିଃସ୍ୱ ଅନୁଭବ କଲା, ଯେତେବେଳେ ନିଜକୁ ଆବିଷ୍କାର କଲା ଜଣେ ଅପରିଚିତ ପୁରୁଷର ଶଯ୍ୟାରେ। ଅନେକ ପ୍ରତିବାଦ କଲା। ବିରୋଧ କଲା। କିନ୍ତୁ ଫଳ ହେଲା ଓଲଟା। ପ୍ରତିବଦଳରେ ମିଳିଲା ମାଡ଼ ଆଉ ଗାଳି। ଏମିତି ଶାରୀରିକ ଓ ମାନସିକ ନିର୍ଯାତନା ସହି ସହି ନିଜକୁ ସମର୍ପି ଦେଉଥିଲା ପ୍ରତିଦିନ ଜଣେ ଜଣେ ନୂଆ ପୁରୁଷଙ୍କ ନିକଟରେ। ଆସ୍ତେ ଆସ୍ତେ ଏହା ତା'ର ଦେହସୁହା ହୋଇଗଲା ଓ ପରବର୍ତ୍ତୀ ସମୟରେ ଅଭ୍ୟାସ ପାଲଟିଗଲା। ସେ ସାଜିଥିଲା କୋଠୀର ରାଣୀ ମହୁମାଛି। ଆସ୍ତେ ଆସ୍ତେ ତା' ବ୍ୟବସାୟର ପରିସର ବଢ଼ିଲା। କୋଠୀରୁ ବାହାରି ବଡ଼ ବଡ଼ ହୋଟେଲ ଯାଇ ଗ୍ରାହକଙ୍କୁ ସେବା ଯୋଗାଇଲା। ପ୍ରତିବଦଳରେ ତାକୁ ମିଳୁଥିଲା ପ୍ରଚୁର ଟଙ୍କା ଓ ଦାମୀ ଦାମୀ ଉପହାର। ତା'ର ବ୍ୟବହାର ଓ ମିଷ୍ଟଭାଷୀ ଗୁଣ ଯୋଗୁଁ ଗ୍ରାହକଙ୍କ ପ୍ରଥମ ପସନ୍ଦ ପାଲଟିଥିଲା ମୀରା।

କିଛି ଓଡ଼ିଆ ଧନୀ ବ୍ୟକ୍ତି ଓ ନେତା ଥିଲେ ତା'ର ଗ୍ରାହକ। ସେମାନଙ୍କ ସହ ସମ୍ପର୍କ ଯୋଡ଼ିବା ପରେ ଓଡ଼ିଶା ପ୍ରତି ତା' ମନରେ ପୁଣି ମୋହ ଜାତ ହୋଇଥିଲା। ଜଣେ ନେତା ତାକୁ ଓଡ଼ିଶା ଫେରି ଆସିବାକୁ ପରାମର୍ଶ ଦେବାସହ ସମସ୍ତ ପ୍ରକାର ସାହାଯ୍ୟ କରିବାର ପ୍ରତିଶ୍ରୁତି ଦେଲେ। ତାଙ୍କ ଉପରେ ଭରସା କରି ମୀରା ଫେରିଆସିଥିଲା ଭୁବନେଶ୍ୱର। ବସ୍ତି ଅଞ୍ଚଳରେ ଘରଟିଏ ଭଡ଼ାରେ ନେଇ ରହିଲା। କେବଳ ବଡ଼ ବଡ଼ ହୋଟେଲକୁ ଯାଇ ଗ୍ରାହକଙ୍କୁ ସେବା ଯୋଗାଉଥିଲା ସେ। ଅନେକ ବିଦେଶୀ ଗ୍ରାହକଙ୍କୁ ସେବା ଯୋଗାଇ ମୋଟା ଅଙ୍କର ରୋଜଗାର କରୁଥିଲା ମଧ୍ୟ। ତାକୁ ଓଡ଼ିଶା



ଆସିବାକୁ ପରାମର୍ଶ ଦେଇଥିବା ନେତାଙ୍କ ଆଶୀର୍ବାଦରେ ସହରର ଶେଷ ପ୍ରାନ୍ତରେ ଭଲ ଜମି ଖଣ୍ଡେ ପାଇଥିଲା ମୀରା। ସେଠାରେ ତିଆରିଥିଲା ଘରଟିଏ। ଜଣେ ବିଦେଶୀ ପର୍ଯ୍ୟଟକ ଥିଲେ ତା'ର ଗ୍ରାହକ। ସେ ସବୁବେଳେ ତାକୁ ଖୋଜୁଥିଲେ। ପୁଳାପୁଳା ଅର୍ଥ ଦେଉଥିଲେ। ପ୍ରତିବଦଳରେ ସେ ତା' ଦେହକୁ ଛୁଁ ନଥିଲେ। ବରଂ ସେ ତା'ଠାରୁ ସ୍ନେହ ଚାହୁଁଥିଲେ। ମମତା ଆଶା କରୁଥିଲେ। ଏକଥା ମୀରା ପଚାରିଥିଲା ସେ ଯୁବକଙ୍କୁ। ଯୁବକ ଜଣକ କହିଥିଲେ, ଜୀବନରେ ଅନେକ ନାରୀଙ୍କୁ ପ୍ରେମ କରିବା ପରେ ଅନୁଭବ କରିଛି ତୁମ ସ୍ନେହ, ପ୍ରେମ ଓ ଭଲପାଇବା ଅନ୍ୟମାନଙ୍କଠାରୁ ସ୍ୱତନ୍ତ୍ର। ପ୍ରଥମ ଦିନରୁ ହିଁ ତୁମଠାରୁ ମାଆର ମମତା, ଭଉଣୀର ସ୍ନେହ ଓ ପ୍ରେମିକାର ପ୍ରେମ ପାଇପାରିଛି। ତୁମେ ମୋ' ପାଇଁ ଜଣେ ସାଧାରଣ ମହିଳା ନୁହଁ, ତୁମେ ସବୁଦିନ ମୋ' ହୃଦୟରେ ପ୍ରେମର ଦେବୀ ହୋଇ ପୂଜା ପାଉଥିବ। ସେହି ଦିନଠାରୁ ତା' ଭିତରେ ଏକ ବିରାଟ ପରିବର୍ତ୍ତନ ଆସିଥିଲା। ତା' ଭିତରେ ଥିବା ମାତୃତ୍ୱ ଜାଗିଉଠିଥିଲା। ଦେହ ବ୍ୟବସାୟ ଛାଡ଼ି ଘର ସଂସାର କରିବାକୁ ଇଚ୍ଛା କଲା। ହେଲେ ବେଶ୍ୟାଟାକୁ କିଏ ବା କାହିଁକି ବାହା ହେବ ଯେ! ଏମାନେ ତ ଗୋଟିଏ ରାତିର ସାଥୀ। ଶତ ଶଯ୍ୟାର ନାୟିକା।

ଭାଗ୍ୟ କେତେବେଳେ କାହାକୁ କେଉଁ ଆଡ଼କୁ ଟାଣିନିଏ କେହି ଜାଣି ପାରନ୍ତିନି। ଦିନେ ରେଳଷ୍ଟେସନ ଦେଇ ଗଲାବେଳେ ନଜର ପଡ଼ିଲା ଏକ ଦୁର୍ଘଟଣା ଉପରେ। ରାସ୍ତା କଡ଼ରେ ବଜ୍ରପାତରେ ମରି ପଡ଼ିଛି ମାଆଟିଏ। ପାଖରେ ତା'ର ଚାରିଗୋଟି ଛୋଟ ଛୋଟ ଶିଶୁକନ୍ୟା ବିକଳ ହୋଇ କାନ୍ଦୁଥା'ନ୍ତି। ମୃତା ଜରି ଗୋଟାଳି ମାଆ ଓ ତା'ର ଚାରି ଶିଶୁଙ୍କୁ ଦେଖି ତା'ର ପିଲାବେଳ କଥା ମନେପଡ଼ିଗଲା। ତା' ଭିତରେ ଥିବା ମାତୃତ୍ୱ ପୁଣି ବିକଳି ଉଠିଲା। ମନେମନେ ଭାବିଲା ଏହି ଶିଶୁମାନଙ୍କୁ ତା'ପରି ନର୍କକୁ ଯିବାକୁ ଦେବନି। ସେମାନଙ୍କୁ ମଣିଷ ପରି ଗଢ଼ିତୋଳିବ। କୋଳେଇ ନେଲା ସେଇ ଚାରି ଶିଶୁଙ୍କୁ। ପାଲଟିଗଲା ସେମାନଙ୍କ ଯଶୋଦା ମାଆ। ସେଦିନ ଟିଭି ଓ ଖବରକାଗଜରେ ଶିରୋନାମ ପାଲଟିଥିଲା ଯଶୋଦା ମାଆ ମୀରା।

ବୟସ ବଢ଼ିବା ସହିତ ମାନସିକତାରେ ପରିବର୍ତ୍ତନ ଆସିଲା ମୀରାର। ଆସ୍ତେ ଆସ୍ତେ ସମାଜ ସେବା ଆଡ଼କୁ ମନୋନିବେଶ କଲା। ସହରର ସ୍ୱେଚ୍ଛାସେବୀ ସଂଗଠନଗୁଡ଼ିକ ସହ ଯୋଗାଯୋଗ କରି ସହର ସାରା ବୃକ୍ଷରୋପଣ କରିବା ଥିଲା ତା'ର ପ୍ରଥମ କାମ। ଲୋକମାନେ ବୃକ୍ଷରୋପଣ କରନ୍ତି, ତା' ସହ ଫଟୋ ଉଠାନ୍ତି କିନ୍ତୁ ଏହାର ଯତ୍ନ ନିଅନ୍ତି ନାହିଁ। ଏହି କ୍ରମରେ ମୀରା ଆହ୍ୱାନ ଦେଇଥିଲା ଆପଣମାନେ ବୃକ୍ଷରୋପଣ କରନ୍ତୁ ଆମେ ତା'ର ଯତ୍ନ ନେବୁ। ତା' ପାଇଁ ସମଗ୍ର ସହର ଆଜି ସବୁଜ ସୁନ୍ଦର ହୋଇଉଠିଥିଲା। ପରେ ପରେ ରକ୍ତଦାନ କାର୍ଯ୍ୟକ୍ରମ, ଅସହାୟ ଲୋକଙ୍କ ଶବସତ୍କାର, ଡାକ୍ତରଖାନା ପରିସର, ରାସ୍ତା କଡ଼ରେ ଥିବା ଯାତ୍ରୀ ପ୍ରତୀକ୍ଷାଳୟ, ବସ୍ ଷ୍ଟାଣ୍ଡ ଓ ମନ୍ଦିର ପ୍ରାଙ୍ଗଣ ଆଦି ସ୍ଥାନଗୁଡ଼ିକ ସଫେଇ କରି ସହରକୁ ସ୍ୱଚ୍ଛ ରଖିବା ପାଇଁ ଉଦ୍ୟମ ଆରମ୍ଭ କରିଥିଲା। ଜଣ ଜଣ କରି ଚଉଦ ଜଣ ଅନାଥ କନ୍ୟାସନ୍ତାନଙ୍କୁ ଆଣି ଲାଳନ ପାଳନ କରିଥିଲା। ସହରରେ ଏମିତି ସ୍ୱେଚ୍ଛାସେବୀ ସଂଗଠନ ନାହିଁ, ଯାହାର ସଦସ୍ୟ ମୀରା ନଥିଲା। ସମସ୍ତ ଯୁବ ଗୋଷ୍ଠୀଙ୍କ ପାଇଁ ଆଦର୍ଶ ପାଲଟିଥିଲା ମୀରା। ସହରର ଜଣେ ଆଦର୍ଶ ସ୍ୱେଚ୍ଛାସେବୀ ଭାବରେ ନିଜର ଏକ ପରିଚୟ ସୃଷ୍ଟି କରିପାରିଥିଲା। ସେ ଥିଲା ସମସ୍ତଙ୍କ ପାଇଁ ମୀରା ଅପା। ତା'ର ଏଭଳି ନିଃସ୍ୱାର୍ଥପର ସେବାକୁ ସରକାର ମଧ୍ୟ ପ୍ରଶଂସା କରିବାକୁ ପଛେଇ ନଥିଲେ। ତା'ର ଅନାଥାଶ୍ରମ ପରିଚାଳନା ପାଇଁ କିଛି କିଛି ଅର୍ଥ ମଧ୍ୟ ଯୋଗାଇ ଦେଉଥିଲେ। ଅନେକବାର ଅନେକ ମଞ୍ଚରେ ସମ୍ବର୍ଦ୍ଧିତ କରିଥିଲେ ଜଣେ ଆଦର୍ଶ ସମାଜସେବୀ ଭାବରେ।

ସତରେ ଭଗବାନ୍ କେଡ଼େ ନିଷ୍ଠୁର। ସେଦିନ କେତେଜଣ ସ୍ୱେଚ୍ଛାସେବୀ ଭାଇ ଭଉଣୀଙ୍କ ସହ ରାସ୍ତା କଡ଼ରେ ବୃକ୍ଷରୋପଣ କରୁଥିବା ସମୟରେ ଆକାଶରେ ଘୋଟି ଆସିଥିଲା କଳାହାଣ୍ଡିଆ ମେଘ। ତୁହାକୁ ତୁହା ବିଜୁଳି ଓ ଘଡ଼ଘଡ଼ି। ସମସ୍ତଙ୍କୁ ଧରି ସୁରକ୍ଷିତ ସ୍ଥାନକୁ ଯିବା ପୂର୍ବରୁ ହୋଇଥିଲା ବଜ୍ରପାତ। ସେଇଠାରେ ଟଳିପଡ଼ିଥିଲା ମୀରା ଅପା। ଚାହୁଁଚାହୁଁ ଖବର ବିଜୁଳି ବେଗରେ ଚାରିଆଡ଼େ ପ୍ରଚାର ହୋଇଗଲା। ସହର ସାରା ଖେଳିଗଲା ଶୋକର ଛାୟା। ସ୍ୱେଚ୍ଛାସେବୀମାନେ ବୋହି ଆଣିଥିଲେ ମୀରାର ଶରୀରକୁ, ତା' ଆଶ୍ରମକୁ। ଆସ୍ତେ ଆସ୍ତେ ଲୋକାରଣ୍ୟ ହୋଇଉଠିଥିଲା ଆଶ୍ରମର ସମଗ୍ର ପରିବେଶ। ନେତା ମନ୍ତ୍ରୀଠାରୁ ଆରମ୍ଭ କରି ସହରର ପ୍ରତିଷ୍ଠିତ ଲୋକମାନେ ପୁଷ୍ପଗୁଚ୍ଛ ଧରି ଆସିଥିଲେ ଶେଷଦର୍ଶନ କରିବାକୁ। ଅନ୍ତିମ ଯାତ୍ରାରେ ସରକାରଙ୍କ ତରଫରୁ ମିଳିଥିଲା ରାଷ୍ଟ୍ରୀୟ ସମ୍ମାନ। ସେଦିନ ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ମୀରାର ସମର୍ପିତ ମନୋଭବକୁ ସମ୍ମାନ ଜଣାଇ ଘୋଷଣା କରିଥିଲେ 'ମୀରାବାଇ ସେବା ସମ୍ମାନ'। ସହରର ସମସ୍ତ ସ୍ୱେଚ୍ଛାସେବୀ ସଂଗଠନ ଏକାଠି ହୋଇ ମୀରାର ଅନ୍ତିମ ସଂସ୍କାର କରିଥିଲେ। ସେତେବେଳେ ସେ ଆଉ ମାନବୀ ହୋଇ ନଥିଲା, ଜୀବନସାରା ସମସ୍ତଙ୍କୁ ନିଃସାର୍ଥପର ସେବା ଯୋଗାଇ ସମସ୍ତଙ୍କ ଆଖିରେ ସେ ଦେବୀ ପାଲଟିଯାଇଥିଲା।

ମୋ: ୯୬୬୮୦୦୧୧୫୫

## କ ବି ତା

### କୁମ୍ଭମେଳା

**ଚିରଶ୍ରୀ ଇନ୍ଦ୍ରସିଂ**

**ଖା**ଲି ମେଳା ଦେଖିଲି
କୁମ୍ଭ ରହିଗଲା
ଯୋଉ ଖାଲି କି ସେଇ ଖାଲି।

ମେଳା କହିଲେ ସମୁଦ୍ର, ମୁଣ୍ଡମାଳ
ମେଳା କହିଲେ ଏଣୀ ନୟନା, ଗହଳି,
ଆଲୁଅ, ଯାଦୁଖେଳ

ନଦୀ ଇଚ୍ଛାମତୀ ମଉନାବତୀ
ଉଚ୍ଛୁରକୁ ତାର ଡର, ଚିରକାଳ

ସେ କେବଳ ଗୀତ ଗାଏ
ଘାଟ ହେଲେ ନିରୋଳା, ଅନ୍ଧାର

ମାଟି ଉପରକୁ ଉଠିଆସେ ସେ
ଆଉଜେଇ ନିଏ ତା' କୋଳକୁ
ତା' ଜଳରେ ମିଶାଇଦେଲେ
ଭଲପାଇବାର ଲୁହ ବି' ଧାର
ଡେଣାରେ ବସାଇ ବୁଲେଇ ଆଣେ
କେଇଘେରା ତାରାମାନଙ୍କର
ସାହି ବସ୍ତି ଆଡୁ, ତା' ପାଦରେ
ପିନ୍ଧାଇଦେଲେ ପ୍ରାର୍ଥନାର ଅଳଙ୍କାର।

କୋଉ ବି ନଦୀରେ, କୋଉ ବି ତିଥିରେ
ପକାଇହୁଏ ବୁଡ଼, କୁମ୍ଭବୁଡ଼
ବୁଝିଲାବେଳକୁ ଏତିକି
ମଶାଣି ଦାଢ଼ରେ ପଡ଼ିଛି
ଆମ ଗାଁ ନଈଟିର ଦରପୋଡ଼ା ହାଡ଼।

ଏବେ ବତାଇ ଦିଅନ୍ତୁ ଅବଧାନ
କେଉଁ ଭାବରେ କେଉଁ ଭୂମିରେ
କରିପାରିବି ମୋ' ପ୍ରିୟ ନଦୀଟିର
ଅସ୍ଥି ବିସର୍ଜନ।

ମୋ: ୮୦୧୮୪୨୦୫୧୭

### ବୋଉ

**କ୍ଷଣପ୍ରଭା ମହାନ୍ତି**

**ଆ**ତ୍ମୀୟତାର ବର୍ଣ୍ଣମାଳାରେ
ବୋଉ ଗୋଟେ ଶବ୍ଦକୋଷ,
ଦୁଃଖର ଡେଣାରେ ଉଡ଼ିପାରେ ବୋଉ
କାହିଁ ପୁଣି କେତେ କୋଶ।

ଫୁଙ୍ଗୁଳା ପାଦକୁ ନଥାଏ ବିଶ୍ରାମ
ଘରଠୁ ବାହାର ଧାଏଁ, ଦିନ ହେଲେ
କାଇଁ ଥକିପଡ଼େ ନାହିଁ,
ନିରବରେ ସହିଯାଏ।

ପର୍ଯ୍ୟାପ୍ତ ନିଦରୁ ସକାଳକୁ
ମୁକୁଳେଇ ଦେଇ ବୋଉ
ନିଜେ ବାନ୍ଧି ହୋଇଯାଏ
ତା' ସଂସାର ଭିତରେ।

ବାସି ଅଗଣା ବି ସତେଜ ଦିଶୁଥାଏ
ବୋଉର ଚଞ୍ଚଳପଣରେ,
ଦାଣ୍ଡପଟ ଗୁହାଳରୁ ହମ୍ବାରଡ଼ି ଶୁଭେ
ମୋ' ବୋଉର ପାଦଶବ୍ଦରେ।

ଅଳସକୁ ଚଉଡେଇ ଦେଇ
ରାତି ବିଛଣାରେ,
ଗୋଟେ ସକାଳ ସଜ ହୋଇ
ଥାଏ ବୋଉ ଅପେକ୍ଷାରେ।

ବୋଉ ଆଖିରେ ନ ଥାଏ ସ୍ୱପ୍ନ,
ଥାଏ ଯାହା ବାସ୍ତବତାର ଚିତ୍ର।
ବୋଉ ଧମନୀରେ ଧାଉଁଥାଏ
ବିଶ୍ୱାସର ରକ୍ତ।
ହୃଦୟ ତା' ଗୋଟେ ପୁଣ୍ୟକ୍ଷେତ୍ର।

ମୋ: ୯୪୩୮୭୫୧୩୯୫

### ଶାନ୍ତି ଚିର ସୁନ୍ଦର

**ଅୟସ୍କାନ୍ତ**

**ଶା**ନ୍ତି ଶାନ୍ତି ସବୁଠି ପଡ଼ିଛି ଡାକ
କି ଖେଳେ ମାତିଛି ମଣିଷ
ଯେତେକ ଯାକ
କ୍ରୁଦ୍ଧ ହୋଇକି ଯୁଦ୍ଧ କରୁଛି ଖାଲି
ସବୁଜିମା ନାହିଁ, ସବୁଠି ତ ମରୁବାଲି
ଧୂ ଧୂ ଜଳେ ଜୀବନର ମଧୁବନ
ଫୁଲେ ଫୁଲେ ଆଜି ଝାଉଁଳଇ ଯୌବନ
ଖୋଜୁ ସଦା ଆମେ ଶାନ୍ତିସ୍ୱସ୍ତ୍ୟୟନ
ଈଶ୍ୱର ଦିଅ ପ୍ରଶାନ୍ତି ମାଗେ,
ନାରଖାର ଏ ଜୀବନ!

ଅଶାନ୍ତ ମନ, ଭଙ୍ଗା ହୃଦୟ
କବିତା ପାରେନା ସୃଜି
ମିଛ ଫୁଟାଣି ତ ମଥା ଚାଟିନିଏ
ଉଜୁଡ଼େ ସପନରାଜି
କେଉଁଠି ଶାନ୍ତି, ବନ୍ଧୁହେ କୁହ,
ପ୍ରାର୍ଥୀ ତା'ର ପାଶେ
ଚିର ସୁନ୍ଦର ସିଏ ସର୍ବଦା,
ଦୂରରେ ଥାଇକି ନାଲି ହସ
ଖାଲି ହସେ!

ମୋ: ୮୭୬୩୧୯୩୧୧୬

**ଗୀତି-କବିତା**

### ଲୁହ

**ମଞ୍ଜୁଲତା ସିଂହ**

**ତ**ନ୍ଦ୍ରାବିହୀନ ଆଖିରେ ମୋ' ଭରା
ଉଚ୍ଛୁଳା ଲୁହର ଧାର
କାହା ଅନୁରାଗ ତୋଳେ ସେ ଲୁହକୁ
କାହିଁକି ଥରକୁ ଥର...

ଶ୍ରାବଣ ତ କେବେ ଭିଜାଇ ପାରିନି
ଭିଜାଇଛି ଲୁହ ଯେତେ
ବୁଝାଇ ପାରିନି ଅବୁଝା ମନକୁ
ଝୁରିଛି ଝରିଛି କେତେ
ଲୁହର ଢେଉରେ ଭିଜେ ନିତି ନିତି
ଜୀବନ ଯମୁନା ତୀର...
କାହା ଅନୁରାଗ ତୋଳେ ସେ ଲୁହକୁ
କାହିଁକି ଥରକୁ ଥର...।

ଲୁହର ଭିଡ଼ରେ ହଜିଛି ସପନ
ଖୋଜି ଖୋଜି ପାଉନାହିଁ
ଛିଡ଼ିଗଲା ତାର ହୃଦୟ ବୀଣାର
ଯୋଡ଼ି ଆଉ ପାରୁନାହିଁ
ରାତି ଫେରିଯାଏ ସପନକୁ ନେଇ
ବାଟ ଭୁଲି ବାର ବାର...
କାହା ଅନୁରାଗ ତୋଳେ ସେ ଲୁହକୁ
କାହିଁକି ଥରକୁ ଥର...।

ମୋ: ୮୮୪୭୮୫୨୯୧୭

## ପୁସ୍ତକ ପରିଚୟ

### ଶୋକ, ସ୍ୱପ୍ନରେ ଈପ୍‌ସିତା ଓ ଅନ୍ୟମାନେ



**ଲେଖକ:** ରମେଶ ପଟ୍ଟନାୟକ
**ପ୍ରକାଶକ:** ଏଥେନା ବୁକ୍‌ସ, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୪, **ମୂଲ୍ୟ:** ଟ.୧୮୦/-

ଆଲୋଚ୍ୟ ଗଳ୍ପଗ୍ରନ୍ଥରେ ମୋଟ ୧୬ଟି ଗଳ୍ପ ସ୍ଥାନିତ। ଗଳ୍ପଗୁଡ଼ିକର ଲେଖକ କେବେ ଦୃଶ୍ୟ ରହି ତ କେବେ ଅନ୍ତରାଳରେ ଥାଇ ନିଜର କାହାଣୀ ଓ ଚରିତ୍ରମାନଙ୍କୁ ସଂଚାଳିତ କରନ୍ତି। ତାଙ୍କ ଗଳ୍ପରେ ଥାଏ ଏକ ଅଚାନକ ଆରମ୍ଭ ଓ ପରିଣତିରେ ସ୍ୱପ୍ନ ସରି ନ ଥିବା ଏକ ନିଦ୍ରାଭଙ୍ଗ। "ରୀତା ସହ ସବୁବେଳେ ଏମିତି ହୁଏ। ସେ ସଭାରେ ପହଞ୍ଚିଲା ବେଳକୁ କେହି ଆସି ନଥାନ୍ତି। ଅଥଚ ସେ ଡେରିରେ ପହଞ୍ଚିଲାବେଳକୁ ସଭାକକ୍ଷରେ ତା' ପାଇଁ ବସିବା ସ୍ଥାନ ନ ଥାଏ।" (ପ୍ରଥମ ପୁଲକ, ପୃ:୧୩) ଗଳ୍ପଟି ଏଇଠୁ ଆରମ୍ଭହୁଏ, ତା'ପରେ ଖୋଜାଲୋଡ଼ା 'ଏ ଗୀତା କିଏ'? ବହିର ପଞ୍ଚମ ଗଳ୍ପ 'ଶୋକ ଓ ସ୍ୱପ୍ନରେ ଈପ୍‌ସିତା'କୁ ରମେଶ ବହିର ଶିରୋନାମ କରିଛନ୍ତି। କେବଳ ଏଥିରେ ଯୋଡ଼ାଯାଇଛି 'ଅନ୍ୟମାନେ', 'ଓ'ଟି ସ୍ଥାନାନ୍ତରିତ ହୋଇଛି। ଈପ୍‌ସିତା ଗାଁ ସ୍କୁଲରେ ପଢ଼ାଉଥିଲା ବେଳେ ସ୍କୁଲ ସମ୍ପାଦକଙ୍କ କାମୁକତାର ଶିକାର ହେବା ତା' ସ୍ମୃତିରୁ ଲିଭୁନାହିଁ। ସେକ୍ସପିୟରଙ୍କ ହ୍ୟାମ୍‌ଲେଟ୍‌ର 'ଟୁ ବି ଅର୍ ନଟ୍ ଟୁ ବି'ର ଦ୍ୱନ୍ଦ୍ୱ ତା' ଜୀବନରେ ସମାହିତ ହୋଇପାରୁନାହିଁ। ଲେଖକ ଇଂଲିଶ୍ ଭାଷା-ସାହିତ୍ୟର ଛାତ୍ର ଓ ଇଂଲିଶ୍ ଦୈନିକରେ ଦୀର୍ଘଦିନର ପତ୍ରକାରିତା। 'ପତ୍ରକାରିତା' ତାଙ୍କୁ ଦିଆଇଛି ଗଳ୍ପରେ କଳେବରର ସଂଯମ। ବାଲ୍ୟ, କୈଶୋର ଓ ଯୌବନର ଅନୁଭବ ଭିତରୁ ଅଙ୍କୁରିଥିବା କଥକତା ତାଙ୍କ ଗଳ୍ପଗୁଡ଼ିକୁ ଭାବ-ସଂବେଦୀ କରିଛି। ଯଥାର୍ଥରେ ନିଜ ଗଳ୍ପଗୁଡ଼ିକରେ ସେ ବିଦ୍ୟମାନ 'କାହାଣୀ ରଚନା ପୂର୍ବରୁ' ଓ 'କାହାଣୀ ସରିବା ପରେ ବି'। ଆଶା, ବହିଟି ସବୁ ଶ୍ରେଣୀର ପାଠିକାପାଠକଙ୍କୁ ସମାନ୍ତରାଳ ଅନୁଭବରେ ଭାବିତ କରିବ।

### କିଛି କବିତା



**କବୟିତ୍ରୀ:** ପ୍ରତିଭା ପରିଡ଼ା
**ପ୍ରକାଶକ:** ବିଦ୍ୟା ପବ୍ଲିଶିଙ୍ଗ୍, ଟରୋଣ୍ଟୋ, କାନାଡ଼ା
**ପ୍ରଥମ ପ୍ରକାଶ:** ୨୦୨୫, **ମୂଲ୍ୟ:** ଟ.୧୭୫/-

ଆଲୋଚ୍ୟ କବିତାଗ୍ରନ୍ଥରେ ଗ୍ରନ୍ଥାୟିତ ମୋଟ ୪୬ଟି କବିତା। ଗ୍ରନ୍ଥାରମ୍ଭରେ ଥିବା ଗଦ୍ୟଲେଖରେ ପ୍ରତିଭା କହିଛନ୍ତି: "ମୁଁ ଶାରୀରିକ ଅକ୍ଷମ ଜୀବନଟିଏ। ଜୀବନରେ ଅନେକ କଷ୍ଟ ସହିଛି। ଅନ୍ୟ ପକ୍ଷରେ ଅସରନ୍ତି ଭଲପାଇବା ବି ସହ୍ୟ କରିଛି। ଆଉ ସେଇଥିପାଇଁ ମାଟି/ମଣିଷ/ ଈଶ୍ୱରଙ୍କ ନିକଟରେ ଋଣଗ୍ରସ୍ତ ହୋଇପଡ଼ିଛି ସାରା ଆୟୁଷ୍କାଳ। ଆଉ ସେଇ ଋଣମୁକ୍ତିର ତପସ୍ୟା ହିଁ ମୋର କବିତା।" କବିଙ୍କ କବିତାରେ ଅଳଙ୍କାରର ଘଟାଟୋପ ନ ଥାଏ, ଥାଏ ସଚିତ୍ର ସାଦାସାଦା ଅବତାରଣା, ଯାହା ଚୈତ୍ରର ମଳୟ ପରି ମରମୀ ପାଠକର ହୃଦୟକୁ ଛୁଇଁଯାଏ। କେଇଟି ଦୃଷ୍ଟାନ୍ତ ନେବା- ୧. "ବେଳଟେ ଥାଏ କି/ ଜହ୍ନ ଉଙ୍କୁଟି ଆସିବାର?/ ବେଳଟେ ଥାଏ କି/ ପଥର ସନ୍ଧିରୁ ଝର ଖୋଲିଯିବାର?/ ପୁଣି ବେଳଟେ ଥାଏକି କଢ଼ି ମୁକୁଳିଯିବାର?/ ବେଳଟେ ଥାଏ କି/ ବାଟ ଖୋଜି ମିଳିଯିବାର?" (ବେଳଟେ ଥାଏ, ପୃ:୨୩), ୨. "ତୁ ବୋଧେ ନଈମଝିରେ ଏକୁଟିଆ ନାଆଟିଏ/ ଉଦୁଉଦିଆ ଦ୍ୱିପହରେ/ ଝଂକାଳିଆ ବରଗଛଟିଏ/ ଅନ୍ଧାରର ସମୁଦ୍ରରେ/ ଆଖି ପାଉ ନ ଥିବା/ ମିଞ୍ଜିମିଞ୍ଜି ଦୀପଶିଖାଟିଏ/ ଆଉ ମୁଁ ତ/ ବାଟ ଚାଲୁଚାଲୁ/ ଭୋର୍ କି ସଞ୍ଜ ବାରିପାରି ନ ଥିବା/ ଏକୁଟିଆ ବାଟୋଇଟିଏ।" (ବାଟୋଇଟିଏ ମୁଁ, ପୃ:୬୭)। ଅନେକ କବିତାରେ ପ୍ରତିଭା ଯେପରି ନିଜ ପିଠିରେ ନିଜର ଦୁଃଖ, ପରାଜୟ ଓ ଅସ୍ୱସ୍ତିକୁ ନାଉକରି ବାଟଚାଲୁଥିବା ପଥିକଟିଏ; ଅଥଚ ଜୀବନକୁ ଛି' କରିଦେବାର ନକାରାତ୍ମକତାରେ କେବେ ବି ସେ ନିଜକୁ ଛନ୍ଦି ଦିଅନ୍ତି ନାହିଁ। ତାଙ୍କ ଉକ୍ତିରେ- "ଜଗତରେ କବିତା ହିଁ ସତ୍ୟ।/ କବିତାର ପୀଡ଼ା ସତ୍ୟ ପୁଣି ସତ୍ୟ ବି କବିତାର ଆନନ୍ଦ।" ଗଛକୁ ପତ୍ର ପରି, ଫୁଲକୁ ସୁବାସ ପରି ଶବ୍ଦଙ୍କର ସମୀକରଣ ଭିତରୁ ଉଦିତ ହୁଏ କବୟିତ୍ରୀଙ୍କ କବିତା। ଏ କବିତା ପାଠକ ଖୋଜେ ନାହିଁ, ବରଂ ପାଠକ ଖୋଜିବସନ୍ତି ଗଭୀର ଜୀବନାନୁରାଗରେ ଭରା ଏ ସବୁ କବିତାକୁ।

## କାଳକାଳକୁ

**"ସବୁଠାରୁ ଅନ୍ଧକାରମୟ ରାତିର ବି ସକାଳ ଅଛି, ଅଛି ସୂର୍ଯ୍ୟୋଦୟ।"**

**- ଭିକ୍ଟର ହ୍ୟୁଗୋ**



**ଭିକ୍ଟର ହ୍ୟୁଗୋଙ୍କ** ଜନ୍ମ ୨୬ ଫେବୃଆରୀ ୧୮୦୨ରେ ଓ ପରଲୋକ ୧୮୮୫ରେ, ଫ୍ରାନ୍ସରେ। ସେ ଏକାଧାରରେ କବି, ଔପନ୍ୟାସିକ, ନାଟ୍ୟକାର, ନିବନ୍ଧ ଲେଖକ ଓ ରାଜନେତା। ତାଙ୍କ ପ୍ରସିଦ୍ଧ କୃତିଗୁଡ଼ିକ ମଧ୍ୟରେ ରହିଛି- ଉପନ୍ୟାସ: 'ଦ ହଞ୍ଚ୍‌ବ୍ୟାକ୍ ଅଫ୍ ନୋଟ୍ରେ-ଡେମ୍" (୧୮୩୧) ଓ "ଲେସ୍ ମିଜରେବଲ୍‌ସ" (୧୮୬୨), କବିତା: "ଲେସ୍ କଣ୍ଟେମ୍ପ୍ଲେସନ୍‌ସ", 'ଦ ଲିଜେଣ୍ଡ ଅଫ୍ ଦ ଏଜେସ୍", ନାଟକ: "କ୍ରୋମ୍‌ୱେଲ୍" ଓ "ହର୍‌ନାନି"। ସେ ଥିଲେ ଫରାସୀ ରୋମାଣ୍ଟିକ୍ ସାହିତ୍ୟ ଆନ୍ଦୋଳନର ପୁରୋଭାଗରେ। ଭିକ୍ଟର କହନ୍ତି: "ଅନ୍ୟ ଜଣେକୁ ଭଲପାଇବା ହେଉଛି ଈଶ୍ୱରଙ୍କ ମୁଖଦର୍ଶନ" ଏବଂ କହନ୍ତି: "ମୁଁ ଯେତେବେଳେ ମୃତ, ମୋ' ଭୂଲତାରେ ଚୁମ୍ବନଟିଏ ଦେବ-କଥାଦିଅ, ମୁଁ ତାହା ବାରିପାରିବି।"

# ଘରଚଟିଆର ଡାକ

**ଲଘୁ ଗଳ୍ପ**

**ସୁନନ୍ଦା ମହାନ୍ତି**

ଗାନ୍ଧିଜୀ ରଖିଥିବା ତିନିମାଙ୍କଡ଼ଙ୍କ ବାର୍ତ୍ତା ଥିଲା ଏମିତି- ଖରାପ କଥା କହିବ ନାହିଁ, ଖରାପ କଥା ଶୁଣିବ ନାହିଁ କି ଖରାପ କଥା ଦେଖିବ ନାହିଁ। ତେବେ ଯାଇ ଭଲ ମଣିଷ ହୋଇପାରିବ। ଆଜିକାଲି ରମାନାଥବାବୁ ଦେଖନ୍ତି ଗାନ୍ଧିଜୀ ଦେଇଥିବା ସେଇ ବାର୍ତ୍ତା ଭିତରେ କେତେ ଗୂଢ଼ତତ୍ତ୍ୱ ଲୁଚିରହିଛି। ସମ୍ପର୍କକୁ ବଞ୍ଚାଇ ରଖିବାକୁ ହେଲେ ଆଖିବୁଜି ଅନ୍ଧ, କାନବୁଜି କାଲା ଓ ପାଟି ବନ୍ଦ କରି ବଧିର ହୋଇଯିବାକୁ ହୁଏ। ସମ୍ପର୍କ କହିଲେ ଖାଲି ଚିହ୍ନା ଜଣା, ସ୍ନେହ ଭାବୁସି, ରକ୍ତଗତ ନିକଟ କି ଦୂର ସମ୍ପର୍କୀୟ ନୁହେଁ ଖୋଦ୍ ନିଜ ପୁଅ ଝିଅ ବଡ଼ ହେଲାପରେ ତାଙ୍କ କାର୍ଯ୍ୟକଳାପ ଭଲ ଲାଗୁ ନ ଥିଲେ ମଧ୍ୟ କିଛି ନ ଦେଖିଲା, ନ ଶୁଣିଲା, ନ ଜାଣିଲା ପରି। ନ ହେଲେ ସେମାନେ କହିବେ ବାପା ଜଣେ ଆଉଟ୍‌ଡେଟେଡ୍ ମଣିଷ ଅର୍ଥାତ୍ ଯୁଗୋପଯୋଗୀ ନୁହନ୍ତି ଆଦୌ। ସେଇଥିପାଇଁ ତ ଏକମାତ୍ର ପୁଅ ପାଇଁ ଏତେସବୁ କରି ମଧ୍ୟ ଆଜି ସେ ତାଙ୍କଠାରୁ ବହୁତ ଦୂରରେ। ନିଜର ପେନ୍‌ସନ ଅଛି, ଗୋଡ଼ହାତ ଚଳୁଛି ଓ ଚଳାବୁଲା ଠିକ୍‌ଠାକ୍ କରିପାରୁଛନ୍ତି ତ ସେ। କ'ଣ ଏକୁଟିଆ ଚଳିପାରିବେନି ଏ ସଂସାରରେ? ସ୍ତ୍ରୀ ବଞ୍ଚିଥିଲା ବେଳେ ମଧ୍ୟ ସବୁବେଳେ ଅଭିଯୋଗ କରନ୍ତି କିଛି ବୁଝୁନ, ଦେଖୁନ, ଶୁଣୁନ, ଏ ସଂସାର କେମିତି ଚାଲିବ ଯେ! ସବୁ ଠିକ୍‌ଠିକ୍ ଚାଲିବ ଅଞ୍ଜଳି।

ଏଇତ ପିଲାଙ୍କ କଥା ଏତେ ଭାବୁଥିବା ଲୋକଟା ଅଞ୍ଜଳି, ଏତେ ମମତା ପଣତ ଉଡ଼େଇ, ମାତୃତ୍ୱ ଅଜାଡ଼ି ଅଜାଡ଼ି ଚାଲିଗଲା ପରେ କ'ଣ ସଂସାର ଚଳୁଚି ନା ନାଇଁ! ଖାଲି ପାର୍ଥକ୍ୟ ଏତିକି ରମାନାଥବାବୁଙ୍କୁ ଗୋଡ଼େଇ ଗୋଡ଼େଇ କହିବାକୁ କେହି ନାହିଁ କି ଫେରିବା ବାଟକୁ ଅନେଇ ବସିନି କେହି। କିନ୍ତୁ ପୁଅ ତା' ବାଟରେ ଗଲା ପରେ ଅଞ୍ଜଳିଙ୍କ ପଥ ବାଛି ନେଇଛନ୍ତି ରମାନାଥବାବୁ। ଅଞ୍ଜଳି ସିନା ଚାରିଟା ପରେ ଛାତକୁ ଯାଇ ପକ୍ଷୀ ଠାବ କରି ଡାକ ପକାଉଥିଲେ ଦେଖିବ ଆସ, ଦେଖିବ ଆସ ପୁଅ ରହୁଥିବା ଦିଲ୍ଲୀ ପରି ଆମ ଗାଁରେ କେତେ ଶୁଆ। ରମାନାଥ ସେତେବେଳେ କହନ୍ତି ତୁମର ସିନା କିଛି କାମ ନାହିଁ ଯେ ତୁମେ ପକ୍ଷୀ ନିରୀକ୍ଷଣ କରିବ, ମୋର ଅନେକ କାମ କହି ଅନେଇ ଥିବେ ମିସ୍ତ୍ରିମାନଙ୍କୁ। କେବେ ରାଜମିସ୍ତ୍ରି ତ କେବେ ବଢ଼େଇ ତ କେବେ ଗ୍ରିଲ କାରିଗର ତ କେବେ ଇଲେକ୍ଟ୍ରିସିଆନ୍‌କୁ। ଏତେ ସବୁ କାହିଁ କରୁଛ? କିଏ ରହିବ ତୁମ ଏ ଗାଁ ଘରେ? ଯେତିକି କରିଛ ତାହାର ରକ୍ଷଣାବେକ୍ଷଣ କରୁକରୁ ମୋ' ଦିନ ଯାଉଛି କହନ୍ତି ଅଞ୍ଜଳି ତ ରମାନାଥ ଗର୍ଜନ କରନ୍ତି, କହନ୍ତି- ଆହେ ତୁମରି ପୁଅ ପାଇଁ କରୁଛି। ମୋ' ଭାଇବନ୍ଧୁ କୁଟୁମ୍ବଙ୍କ ପାଇଁ ନୁହ କି ତୁମ ଭାଇବନ୍ଧୁ କୁଟୁମ୍ବଙ୍କ ପାଇଁ ନୁହ। ଏକମାତ୍ର ତୁମ ଗୁଣମଣି ପାଇଁ, ହେଲେ ଆଜି ଅଞ୍ଜଳି ନାହାନ୍ତି ଦେଖିବାକୁ ପୁଅ ରହିଲା କି ନାହିଁ।

ପୁଅ ରୁଦ୍ର ମୁହେଁ ମୁହେଁ ଶୁଣାଇଦେଲା ଗାଁରେ କ'ଣ ଅଛି ଯେ ମୁଁ ଏଠି ରହିବି! ତୁମେ ଏତେ ଟଙ୍କା ସାରି ଏତେବଡ଼ ଘର କରିବା କ'ଣ ଦରକାର ଥିଲା କହି ସେହି ଦିଲ୍ଲୀରେ ଫ୍ଲାଟ୍ କିଣି ରହିଲା। ପୁଅ ବୁଝିଲା ନାହିଁ ଗାଁରେ ଭାଇକୁ ଭାଇର କାନ୍ଧ ଅଛି। ଯାନିଯାତ, ଭାଇଚାରା ଅଛି, ଟୁଙ୍ଗିଘରେ ଭାଗବତ ପଢ଼ା ଚାଲିଛି, ରାମଚରିତମାନସ ପାରାୟଣ ଉଚ୍ଚାରଣ ମନ୍ତ୍ରରେ ଶିହରଣ ସୃଷ୍ଟି ହେଉଛି। ନଈ କୁଳୁକୁଳୁ ଗାଇ ବହିଯାଉଛି, ଗଛରୁ ନଡ଼ିଆ, ପଇଡ଼, କଦଳୀ ଆମ୍ବ ପଣସ ପାଇ ଜୀବନ ଆହ୍ଲାଦିତ ହୋଇଉଠୁଛି। ସର୍ବୋପରି ସହରରେ ବିଲୁପ୍ତ ପ୍ରାୟ ଘରଚଟିଆ ପକ୍ଷୀ ଅଛନ୍ତି। ଯିଏ ଗାଈ ମଇଁଷି, ଛେଳି, ମେଣ୍ଢାଙ୍କ ବନ୍ଧୁ ହୋଇ ସେମାନେ ବିଶ୍ରାମ ନେଉଥିଲା ବେଳେ ତାଙ୍କ ଦେହରୁ ଟିଙ୍କ ବାଛୁଥାଏ ବନ୍ଧୁ ହୋଇ। କାଉ ସିନା ସମସ୍ତଙ୍କୁ ଉଠାଉଥାଏ କା କା କହି, ହେଲେ ରମାନାଥଙ୍କୁ ତ ଘରଚଟିଆ ଡାକ ନ ଶୁଭିଲା ଯାଏଁ ନିଦ ଭାଙ୍ଗେନି କେବେ। ପୁଅ କହେ ଗାଁରେ ମୋ' ଝିଅ ପଢ଼ିବ କେଉଁଠି? ହସ୍ପିଟାଲ ସୁବିଧା କାହିଁ ଗାଁରେ? ମଣିଷର ସର୍ବୋଚ୍ଚ ଆବଶ୍ୟକତା ଶିକ୍ଷା ଓ ସ୍ୱାସ୍ଥ୍ୟର ସୁବିଧା ନ ଥିବା ଗାଁରେ ମୁଁ ଚଳିପାରିବି ନାହିଁ।

ସେଦିନ କିନ୍ତୁ ପରିବାର ସହ ପୁଅ ହଠାତ୍ ଗାଁରେ ପହଞ୍ଚିବା ଦେଖି ଆଶ୍ଚର୍ଯ୍ୟ ରମାନାଥ। କମ୍ପାନୀ ଚାକିରି ଚାଲିଯାଇଥିଲା। କିଣିଥିବା ଫ୍ଲାଟ୍ ଘରଟାକୁ ପୁଅ ରୁଦ୍ର ପୂର୍ବରୁ ସାତଜଣ କିଣିସାରିଥିଲେ, ସୁତରାଂ ଆପଣାଛାଏଁ ଫ୍ଲାଟ୍ ହାତରୁ ଗଲା। ଶ୍ୱଶୁର ଘରେ କେହି ନ ଥିଲେ ବିଧବା ବଡ଼ଝିଅକୁ ଛାଡ଼ି। ସେଥିରେ ପୁଣି ସେ ଘରକୁ ଏ ଭିତରେ ତା' ନାମରେ କରାଇ ସାରିଥିଲା। ନିଜ ସ୍ତ୍ରୀର ଅଧିକାର ସାବ୍ୟସ୍ତ କରିବାକୁ ପୁଅ ରୁଦ୍ର, ବାପା ରମାନାଥବାବୁଙ୍କ ପରି ପୋଖତ ଓକିଲଙ୍କ ସହାୟତା ଲୋଡ଼ିଲା ବେଳେ ବୋହୂ ଘରଚଟିଆ ପକ୍ଷୀ ଉପରେ ଥେସିସ ଲେଖୁଥିଲା। ରାତିରେ ନାତୁଣୀ ରମାନାଥବାବୁଙ୍କ ଗୋଡ଼ ଉପରେ ଗୋଡ଼ ଲଦି ପଚାରୁଥିଲା ଗାଁରେ ଏତେ ଘରଚଟିଆ ପକ୍ଷୀ ଥିଲାବେଳେ ସହରରେ ବିଲୁପ୍ତ କାହିଁକି ଜେଜେ? ଜେଜେ ରମାନାଥବାବୁ କହିଲେ କାଲି ସକାଳେ ମୋ' ନିଦ ଭାଙ୍ଗିବାକୁ ଗୋଟେ ଘରଚଟିଆ ଆସିବ ଦେଖିବୁ। ତାକୁ ପଚାରିବୁ ସେ ଗାଁକୁ କାହିଁକି ଭଲପାଏ? ଗାଁରେ ତା' ପାଇଁ କ'ଣ ସବୁ ରହିଥିବାରୁ ସେ ଗାଁ ଛାଡ଼ି ଯାଉନି। ସେ କ'ଣ ମଣିଷ ପରି କଥା କହିବ କି ଜେଜେ? କହି ଅନୁଷ୍କା ହସି ହସି ଗଡ଼ିଯାଉଥିଲେ ବି କହୁଥିଲା ଯାହା କୁହ ଜେଜେ ଗାଁରେ କିନ୍ତୁ ଯୋଉ ସ୍ନେହ ଶ୍ରଦ୍ଧା ଓ ଭଲପାଇବା ଅଛି ସହରରେ ଜମା ନାହିଁ। ଆଲୋ ବାୟାଣୀ ସହରର ଢୋ ଢା, ପେଁ ପାଁ, ଘୋ ଘାକୁ ଘରଚଟିଆ ପକ୍ଷୀର ଜମା ପସନ୍ଦ ନୁହେଁ। କ'ଣ ବୁଝିଲା କେଜାଣି ନାତୁଣୀଟା ରମାନାଥଙ୍କ ବେକ ଚାରିପଟେ ହାତ ଛନ୍ଦି କହୁଥିଲା ଗାଁ ଭାରି ଭଲ ଆଉ ତା' ସହ ତୁମେ ଓ ତୁମ ଘରଚଟିଆ ପକ୍ଷୀର ଡାକ। ଏତେଦିନ ପରେ ରମାନାଥ ଅଞ୍ଜଳିଙ୍କୁ ଖୁବ୍ ମନେପକାଉଥିଲେ କେଜାଣି କାହିଁକି, ହୁଏତ ଅନୁଷ୍କାର ଆବିଳତାବିହୀନ ନିବିଡ଼ତା ଠିକ୍ ଅଞ୍ଜଳିଙ୍କ ପରି ଥିଲା। ସକାଳୁ ସକାଳୁ ଅନୁଷ୍କା ଡାକ ପକାଉଥିଲା ଜେଜେ ଦେଖିବ ଆସ ଘରଚଟିଆ ପକ୍ଷୀଟି ବସା କରିଛି ଉପରେ। ନାତୁଣୀର ଡାକ ଆଜି ଘରଚଟିଆ ପକ୍ଷୀର ଡାକ ପରି ଶୁଭୁଥିଲା ରମାନାଥଙ୍କୁ।

ମୋ: ୯୦୪୦୯୭୭୩୨୭



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶନିବାର, ଫେବୃଆରୀ ୨୨/୨୦୨୫ Bhubaneswar, Saturday, February 22/ 2025

# ଓଡ଼ିଶାକୁ ୩ ସ୍ୱର୍ଣ୍ଣ, ୧ରୌପ୍ୟ, ୨ ବ୍ରୋଞ୍ଜ

**ଭୁବନେଶ୍ୱର, ୨୧ା୨ (ବିଜୟ ରଣା):** ଚଣ୍ଡିଗଡ଼ରେ ଅନୁଷ୍ଠିତ ସର୍ବଭାରତୀୟ ସିଭିଲ ସର୍ଭିସ ଆଥଲେଟିକ୍ସ ଚାମ୍ପିୟନଶିପ୍‌ରେ ଓଡିଶା ଚମତ୍କାର ପ୍ରଦର୍ଶନ କରିଛି। ଫେବୃଆରୀ ୧୯ ରୁ ୨୧ ପର୍ଯ୍ୟନ୍ତ ଏହି ଚାମ୍ପିୟନଶିପ୍‌ରେ ପ୍ରଯତ୍ନ ବରାଳଙ୍କ ତତ୍ତ୍ୱାବଧାନରେ ମହିଳା ବର୍ଗରେ ଜୟନ୍ତୀ ସେଠୀ, ଅଞ୍ଜନା ମୁଖୀ, ମନିଷା ମେରେଲ୍, ମଧୁସ୍ମିତା ଜେନା, ଲୋପାମୁଦ୍ରା ସାହୁ ଓ ସୁକାନ୍ତୀ ପାତ୍ରୋ ପ୍ରମୁଖ ଭାଗ ନେଇଥିବା ବେଳେ ପୁରୁଷ ବର୍ଗରେ ରଞ୍ଜନ କୁମାର ସାହୁ, ରଜ୍ କୁମାର ମହାନ୍ତି, ଲକ୍ଷ୍ମୀଧର ମହାନ୍ତି, ହରି ବେହେରା, ପି. ସୂର୍ଯ୍ୟଭେଙ୍କଟ, ନଥନ ବେଶ୍ରା, ମନୋଜ କୁମାର ସେଠୀ, ରବି ସାବର ଓ ଟୁକୁ ସେଠୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ମନୀଷା ମେରେଲଙ୍କୁ ଉଭୟ ୧୦୦ମିଟର ଦୌଡ଼ ଏବଂ ଲମ୍ଫ ଡିଆଁ ପ୍ରତିଯୋଗିତାରେ ଦୁଇଟି ସ୍ୱର୍ଣ୍ଣ ଏବଂ ପୁରୁଷ ବର୍ଗରେ ଟୁକୁ ସେଠୀଙ୍କୁ ୧୦୦ ମିଟର ଦୌଡ଼ରେ ସ୍ୱର୍ଣ୍ଣ ପଦକ ମିଳିଛି। ସେହିପରି ହରି ବେହେରାଙ୍କୁ ଡିସ୍କସ୍‌ରେ ରୌପ୍ୟ ଏବଂ ରଞ୍ଜନ ସାହୁଙ୍କୁ ଶଟପୁଟ ଥ୍ରୋରେ ଓ ଲକ୍ଷ୍ମୀଧର ମହାନ୍ତିଙ୍କୁ ଟ୍ରିପଲ୍ ଡିଆଁରେ ବ୍ରୋଞ୍ଜ ପଦକ ପ୍ରାପ୍ତ ହୋଇଛି। ପ୍ରଯତ୍ନ ବରାଳଙ୍କୁ ଏହି ଚାମ୍ପିୟନଶିପ୍ ନିମନ୍ତେ ଓଡ଼ିଶା ଦଳର ପ୍ରଶିକ୍ଷକ ତଥା ପରିଚାଳକ ଭାବରେ ନିଯୁକ୍ତି ଦିଆଯାଇଥିଲା।

# ତୋଷାଳୀ ଚାମ୍ପିୟନ

**ଭୁବନେଶ୍ୱର, ୨୧ା୨ (ତପନ ସ୍ୱାଇଁ):** ଇଣ୍ଡିଆନ୍ ଗେଟ୍ ବଲ୍ ୟୁନିଅନ୍, ରୋଟାରୀ ଡିଷ୍ଟ୍ରିକ୍ଟ ୩୨୬୨ ଓ ଆଇକନିକ ଟ୍ରାନ୍ସଫର୍ମେଶନ୍‌ର ମିଳିତ ଆନୁକୂଲ୍ୟରେ ଏଠାରେ ଏକ ଗେଟ୍‌ବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭୁବନେଶ୍ୱରର ବିଭିନ୍ନ ରୋଟାରୀ କ୍ଲବ ଦଳ ଅଂଶ ଗ୍ରହଣ କରିଥିଲେ। ରୋଟାରୀ କ୍ଲବ ତୋଷାଳୀ ଦଳ ଚାମ୍ପିୟନ ହୋଇଥିଲାବେଳେ ନର୍ଥ ପ୍ରଥମ ରନରଅପ୍ ଏବଂ ଫିନିକ୍ସ ଦ୍ୱିତୀୟ ରନରଅପ୍ ହୋଇଥିଲା। ଚାମ୍ପିୟନ ଦଳ ପକ୍ଷରୁ ବିଶ୍ୱ ରଞ୍ଜନ ମିଶ୍ର (ଅଧିନାୟକ), ଏଜାଜ୍ ଅହମଦ, ବିଷ୍ଣୁପ୍ରିୟା ବେହେରା, ନିରଞ୍ଜନ ମଙ୍ଗରାଜ, ଦୀପ ନାରାୟଣ ଏବଂ ବିଧୁଭୂଷଣ ଶତପଥୀ ପ୍ରତିନିଧିତ୍ୱ କରିଥିଲେ। ସେହିପରି ନର୍ଥ ଦଳରେ ରଞ୍ଜନ ପାତ୍ର (ଅଧିନାୟକ), ଦିଲୀପ ଷଡ଼ଙ୍ଗୀ, ପ୍ରଦୀପ କୁମାର ସାହୁ, ଅନିଲ କୁମାର ରଥ ଏବଂ ବିତିଶ୍ରୀ ବେହେରା ଏବଂ ଫିନିକ୍ସ ଦଳରେ ଗିରିଜା ପ୍ରସନ୍ନ ନାୟକ (ଅଧିନାୟକ), ରୁଦ୍ର ପ୍ରସାଦ ଧଳ, ଅମରୀକ୍ଷ ଓଝା, ସାଇ ରାମେଶ୍ୱର ଲେଙ୍କା, ସଲମା ବାସ୍କି ଓ ନିରୁପମା ସ୍ୱାଇଁ ଖେଳିଥିଲେ। ରୋଟାରୀ କ୍ଲବର ଡିଷ୍ଟ୍ରିକ୍ଟ ଗଭର୍ନର ଯଜ୍ଞାଶିଷ ମହାପାତ୍ର ଏବଂ ଆଇକନିକ ଟ୍ରାନ୍ସଫର୍ମେଶନ୍‌ର ପ୍ରତିଷ୍ଠାତା ଚିଦାତ୍ମିକା ଖଟୁଆ, ସଞ୍ଜୟ ଚୌଧୁରୀ ଏବଂ ସେଖ୍ ଅବଦୁଲ ସମିମ୍ ଏହି ଟୁର୍ନାମେଣ୍ଟରେ ଅତିଥିଭାବେ ଯୋଗଦେଇଥିଲେ। ଇଣ୍ଡିଆନ ଗେଟ୍ ବଲ୍ ୟୁନିଅନ୍‌ର ପ୍ରତିଷ୍ଠାତା ଦ୍ୱୈପାୟନ ପଟ୍ଟନାୟକ, ସଭାପତି ଉମାକାନ୍ତ ପାଣି, ଉପସଭାପତି ସଞ୍ଜୀବ ପରିଡ଼ା, ଦିଲୀପ ଦାସ, ଏବଂ କୋଷାଧ୍ୟକ୍ଷ ଶରତ ପାତ୍ର ଟୁର୍ନାମେଣ୍ଟ ପରିଚାଳନା କରିଥିଲେ। ଅତିଥିମାନଙ୍କୁ ଗଛ ଏବଂ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା।



ଏଫ୍ଆଇଏଚ୍ ପ୍ରୋ ଲିଗ୍‌ରେ ଶୁକ୍ରବାର ଆୟର୍ଲାଣ୍ଡ ବିପକ୍ଷରେ ବିଜୟ ପରେ ଉଲ୍ଲସିତ ଭାରତୀୟ ପୁରୁଷ ହକି ଦଳ। (ଫଟୋ ବିକାଶ ନାୟକ)

# ଆୟର୍ଲାଣ୍ଡକୁ ହରାଇଲା ଭାରତ

## ପ୍ରୋ ଲିଗ୍ ହକି

**ଭୁବନେଶ୍ୱର, ୨୧ା୨ (ତପନ ସ୍ୱାଇଁ)**

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଏଫ୍ଆଇଏଚ୍ ପ୍ରୋ ଲିଗ୍‌ରେ ଶୁକ୍ରବାର ଭାରତୀୟ ପୁରୁଷ ହକି ଦଳ ୩-୧ ଗୋଲରେ ଆୟର୍ଲାଣ୍ଡକୁ ପରାସ୍ତ କରିଛି। ଏକଦା ୦-୧ ଗୋଲରେ ପଛୁଆ ଥିବା ଘରୋଇ ଦଳ ସଫଳ ପ୍ରତ୍ୟାବର୍ତ୍ତନ କରି ୩ଟି ଗୋଲ ଦେବା ସହ ବିଜୟ ହାସଲ କରିଥିଲା। ମ୍ୟାଚର ୮ମ ମିନିଟରେ ଜେରେମି ଡୁନକାନ ଏକ ଗୋଲ ଦେଇ ଆୟର୍ଲାଣ୍ଡକୁ ଅଗ୍ରଣୀ କରିଥିଲେ। ପ୍ରଥମ କ୍ୱାର୍ଟର ଆୟର୍ଲାଣ୍ଡ ସପକ୍ଷରେ ରହିଥିଲା। ଦ୍ୱିତୀୟ କ୍ୱାର୍ଟରରେ ଅର୍ଥାତ୍ ୨୨ତମ ମିନିଟରେ ମନଦୀପ ସିଂ ଗୋଲଟିକୁ ପରିଶୋଧ କରିବାରୁ ମ୍ୟାଚରେ ରୋମାଞ୍ଚ ଆସିଥିଲା। ତୃତୀୟ କ୍ୱାର୍ଟରର ଶେଷ କ୍ଷଣରେ ୪୫ତମ ମିନିଟରେ ଜରମନପ୍ରୀତ ସିଂ ଓ ମ୍ୟାଚର ଶେଷ ହୁଇସିଲ ବାଜିବାକୁ ୨ ମିନିଟ ଥିବାବେଳେ ୫୮ତମ ମିନିଟରେ ସୁଖଜିତ ସିଂ ଗୋଟିଏ ଲେଖାଏ ଗୋଲ ଦେବାରୁ ଭାରତ ବିଜୟ ନିଶ୍ଚିତ ହୋଇ ଯାଇଥିଲା। ୫ ମ୍ୟାଚରୁ ୩ ବିଜୟ ସହିତ ଭାରତ ୯ ପଏଣ୍ଟ ପାଇ ଟେବୁଲର ୫ମ ସ୍ଥାନକୁ ଲମ୍ଫ ମାରିଛି। ଅନ୍ୟପକ୍ଷରେ ଆୟର୍ଲାଣ୍ଡ ୫ ମ୍ୟାଚରୁ ୪ର୍ଥ ପରାଜୟ ବରଣ କରିଛି। କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ ଗ୍ରାମ୍ୟ ଉନ୍ନୟନ, ପାନୀୟଜଳ ଓ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

## ନେଦରଲାଣ୍ଡସ୍ ୫, ଇଂଲଣ୍ଡ ୧

ଏଫ୍ଆଇଏଚ୍ ପ୍ରୋ ଲିଗ୍ ମହିଳା ହକିରେ ଶୁକ୍ରବାର ନେଦରଲାଣ୍ଡସ୍ ୫-୧ ଗୋଲରେ ଇଂଲଣ୍ଡକୁ ପରାସ୍ତ କରିଛି। ନେଦରଲାଣ୍ଡସ୍ ପକ୍ଷରୁ ଜୋଜେ ବର୍ଗ ୨୭, ପେନ୍ ଡିକେ ୩୩, ଲୁନା ଫୋକୋ ୩୭, ଫେଡ୍ରିକ ମାଟଲା ୩୮ ଓ ଫେ ଭାନ୍ ଡର୍ ଇଲେଷ୍ଟ ୫୦ତମ ମିନିଟରେ ଗୋଟିଏ ଲେଖାଏ ଫିଲ୍ଡ ଗୋଲ ଦେଇଥିଲେ। ଇଂଲଣ୍ଡ ପକ୍ଷରୁ ଓଲିଭିଆ ହାମିଲଟନ ୫୭ତମ ମିନିଟରେ ପେନାଲ୍ଟି କର୍ନରରୁ ଗୋଟିଏ ଗୋଲ ପରିଶୋଧ କରିଥିଲେ। ୫ ମ୍ୟାଚରୁ ୪ ବିଜୟ ସହ ୧୨ ପଏଣ୍ଟ ପାଇ ନେଦରଲାଣ୍ଡସ୍ ଟେବୁଲର ତୃତୀୟ ସ୍ଥାନକୁ ଉନ୍ନୀତ ହୋଇଛି।

# ଜିମ୍ନାଷ୍ଟ ପ୍ରତିଭା ରିତିକାଙ୍କୁ ସମ୍ବର୍ଦ୍ଧନା



ଜେଏମ୍ ରିତିକା ଦାସଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରୁଛନ୍ତି।

**ଭୁବନେଶ୍ୱର, ୨୧ା୨(ତପନ ସ୍ୱାଇଁ)**

ଚଳିତ ମାସ ୭ରୁ ୧୩ ତାରିଖ ପର୍ଯ୍ୟନ୍ତ ଉତ୍ତରାଖଣ୍ଡର ଡେରାଡୁନଠାରେ ଆୟୋଜିତ ୩୮ତମ ଜାତୀୟ କ୍ରୀଡ଼ାର ଜିମ୍ନାଷ୍ଟିକରେ ଓଡିଶା ମହିଳା ଆର୍ଟିଷ୍ଟିକ ଦଳ ୧୧୬.୭୫ ସ୍କୋର କରି ଦଳଗତ ଭାବେ ବ୍ରୋଞ୍ଜ ପଦକ ହାସଲ କରି ଇତିହାସ ରଚିଛନ୍ତି। ଭୁବନେଶ୍ୱରର ଜେଏମ୍ ରିତିକା ଦାସ ଓଡିଶା ମହିଳା ଆର୍ଟିଷ୍ଟକ ଜିମ୍ନାଷ୍ଟକ ଦଳର ସତସ୍ୟା ରହିଥିଲେ। ଭୁବନେଶ୍ୱର ଜିମ୍ନାଷ୍ଟିକ ସଂଘର ସଭାପତି ସୁରେଶ କୁମାର ରାଉତରାୟ, ଉପସଭାପତି ମୀରା ରାଣୀ ଦାସ, ସମ୍ପାଦକ ନରେନ୍ଦ୍ର କୁମାର ସେଠୀ, ଯୁଗ୍ମ ସମ୍ପାଦକ ଗୁରୁ ପ୍ରସାଦ ପଟ୍ଟନାୟକ, ବିଶିଷ୍ଟ ପର୍ବତାରୋହୀ ସିଦ୍ଧାର୍ଥ କୁମାର ରାଉତରାୟ ଓ ଅନ୍ୟାନ୍ୟ କାର୍ଯ୍ୟନିର୍ବାହୀ କମିଟି ସଦସ୍ୟ ମାନେ ରିତିକାଙ୍କୁ ଅଭିନନ୍ଦନ ଜଣାଇବା ସହ ସମ୍ବର୍ଦ୍ଧିତ କରିଛନ୍ତି। ରାଜ୍ୟ ଜିମ୍ନାଷ୍ଟିକ୍ ଦଳ ସଫଳତାର ଶ୍ରେୟ ଓଡ଼ିଶା ଜିମ୍ନାଷ୍ଟିକ ସଂଘର ସାଧାରଣ ସମ୍ପାଦକ ଅଶୋକ କୁମାର ସାହୁଙ୍କୁ ଦେବା ସହିତ ଧନ୍ୟବାଦ ଅର୍ପଣ କରାଯାଇଛି। କୋଲକାତାଠାରେ ଅନୁଷ୍ଠିତ ଏସଜିଏଫଆଇ ସ୍କୁଲ ନ୍ୟାଶନାଲ ଗେମ୍ସରେ ମାତ୍ର ୦.୧ ମାର୍କ କମ୍ ରଖି ଚତୁର୍ଥ ସ୍ଥାନ ଅଧିକାର କରିଥିବାରୁ ଖେଲୋ ଇଣ୍ଡିଆରେ ଚୟନ ହେବା ନେଇ ଆଶା କରିଛନ୍ତି।

## ରଣଜୀ ଟ୍ରଫି

# ଫାଇନାଲରେ ବିଦର୍ଭ-କେରଳ

**ଅହମ୍ମଦାବାଦ,୨୧ା୨:** ଚଳିତ ରଣଜୀ ଟ୍ରଫିର ୨୬ ତାରିଖ ଫାଇନାଲରେ ବିଦର୍ଭ ଓ କେରଳ ପରସ୍ପରକୁ ଭେଟିବେ। ଗତ ଥରର ଫାଇନାଲିଷ୍ଟ ବିଦର୍ଭ ୮୦ ରନରେ ଡିଫେଣ୍ଡିଂ ଚାମ୍ପିୟନ ମୁମ୍ବାଇକୁ ପରାସ୍ତ କରିଥିବାବେଳେ କେରଳ ପ୍ରଥମ ଇନିଂସ ଅଗ୍ରଣୀ ଭିତ୍ତିରେ ଗୁଜରାଟକୁ ପରାସ୍ତ କରି ପ୍ରଥମ ଥର ଫାଇନାଲରେ ପ୍ରବେଶ କରିଛି। ଅହମ୍ମଦାବାଦରେ ଖେଳାଯାଇଥିବା ପ୍ରଥମ ସେମିଫାଇନାଲର ପ୍ରଥମ ଇନିଂସରେ କେରଳ ୪୫୭ ରନ କରିଥିଲା। ଜବାବରେ ଗୁଜରାଟ ମ୍ୟାଚର ଅନ୍ତିମ ଦିନ ତା'ର ଅସମାପ୍ତ ସ୍କୋର ୪୨୯/୭ରୁ ବ୍ୟାଟିଂ ଆରମ୍ଭ କରି ଶେଷ ୩ ଉଇକେଟରେ ୨୬ ରନ କରିବାକୁ ସକ୍ଷମ ହୋଇଥିଲା। ଫଳରେ ପ୍ରଥମ ଇନିଂସରେ ୨ ରନର ଅଗ୍ରଣୀ ଯୋଗୁ କେରଳ ରଣଜୀ ଟ୍ରଫିରେ ପଦାର୍ପଣ କରିବାର ୬୮ ବର୍ଷ ପରେ ପ୍ରଥମ ଥର ପାଇଁ ଫାଇନାଲରେ ପ୍ରବେଶ କରିଥିଲା। କେରଳ ତା'ର ଦ୍ୱିତୀୟ ଇନିଂସରେ ୪ ଉଇକେଟ ହରାଇ ୧୧୪ ରନ କରିଥିଲା। ନାଗପୁରରେ ଖେଳାଯାଇଥିବା ଦ୍ୱିତୀୟ ସେମିଫାଇନାଲ ବିଦର୍ଭ ୮୦ ରନ୍‌ରେ ମୁମ୍ବାଇକୁ ପରାସ୍ତ କରି ଫାଇନାଲ୍‌ରେ ପ୍ରବେଶ କରିଥିଲା।

# ଭାରତୀୟ ମହିଳା ହକି ଦଳର ଚତୁର୍ଥ ପରାଜୟ

**ଭୁବନେଶ୍ୱର, ୨୧ା୨ (ତପନ ସ୍ୱାଇଁ)**

ଭାରତୀୟ ମହିଳା ହକି ଦଳ ଚଳିତ ଏଫ୍ଆଇଏଚ୍ ପ୍ରୋ ଲିଗ୍‌ରେ କ୍ରମାଗତ ଚତୁର୍ଥ ପରାଜୟ ବରଣ କରିଛି। କଳିଙ୍ଗ ଷ୍ଟାଡିୟମରେ ଶୁକ୍ରବାର ଅନୁଷ୍ଠିତ ମ୍ୟାଚରେ ଜର୍ମାନୀ ୪-୦ ଗୋଲରେ ଘରୋଇ ଦଳକୁ ପରାସ୍ତ କରିଛି। ସମ୍ପୂର୍ଣ୍ଣ ଏକପାଖିଆ ଭାବେ ଶେଷ ହୋଇଥିବା ମ୍ୟାଚରେ ଜର୍ମାନୀ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଆଧିପତ୍ୟ ବିସ୍ତାର କରି ଖେଳି ପ୍ରଥମଥର ପାଇଁ ଏହି ମ୍ୟାଚରୁ ୩ ପଏଣ୍ଟ ହାସଲ କରିଥିଲା। ଆକ୍ରମଣାତ୍ମକ ରଣନୀତିରେ ପଡ଼ିଆକୁ ଓହ୍ଲାଇଥିବା ଜର୍ମାନୀ ଦଳ ୩ୟ ମିନିଟ୍‌ରେ ଆମେଲି ଓର୍ଟମାନଙ୍କ ଗୋଲ ବଳରେ ଭାରତ ଉପରେ ଚାପ ପ୍ରୟୋଗ କରିଥିଲା। ଦ୍ୱିତୀୟ କ୍ୱାର୍ଟରରେ ଅର୍ଥାତ୍ ୧୮ଶ ମିନିଟ୍‌ରେ ସୋଫିଆ ସ୍କାବିଏକ ଫିଲ୍ଡ ଗୋଲ ଦେବାରୁ ପ୍ରଥମାର୍ଦ୍ଧ ବେଳକୁ ଜର୍ମାନୀ ୨-୦ରେ ଅଗ୍ରଣୀ ହାସଲ କରିଥିଲା। ତୃତୀୟ କ୍ୱାର୍ଟରରେ ଭାରତ ଭଲ ଚ୍ୟାଲେଞ୍ଜ ଦେଇଥିଲେ ହେଁ ଗୋଲ ହୋଇପାରି ନ ଥିଲା। ୪ର୍ଥ ତଥା ଅନ୍ତିମ କ୍ୱାର୍ଟରରେ ଅର୍ଥାତ୍ ମ୍ୟାଚର ୪୭ତମ ମିନିଟରେ ସ୍କାବି ବ୍ୟକ୍ତିଗତ ଦ୍ୱିତୀୟ ଓ ଦଳ ପକ୍ଷରୁ ତୃତୀୟ ଗୋଲଟି ଦେଇଥିବାବେଳେ ମ୍ୟାଚ ଶେଷ ହେବାର କିଛି କ୍ଷଣ ପୂର୍ବରୁ ୫୯ତମ ମିନିଟରେ ପେନାଲ୍ଟି କର୍ନରରୁ ଗୋଲ ସ୍କୋର କରିଥିଲେ ଜୋହାନା ହାଚେନବର୍ଗ। ମ୍ୟାଚ ସମୟରେ ହାଲ୍‌କା ବର୍ଷା ହୋଇଥିଲେ ହେଁ ଉପସ୍ଥିତ ଦର୍ଶକମାନେ ଖେଳକୁ ଉପଭୋଗ କରିଥିଲେ। ଏହା ପୂର୍ବରୁ ଜର୍ମାନୀ ୬ଟି ମ୍ୟାଚ ଖେଳିଥିଲେ ମଧ୍ୟ ନିର୍ଦ୍ଧାରିତ ସମୟରେ ବିଜୟ ସ୍ୱାଦ ପାଇ ନ ଥିଲା। ଗୋଟିଏ ଶୁଟ୍‌ଆଉଟ ବିଜୟ ହାସଲ କରିଥିବାବେଳେ ଗୋଟିଏ ଶୁଟ୍ ଆଉଟ ପରାଜୟ ଓ ୪ ପରାଜୟ ସହିତ ଏବେ ୭ ପଏଣ୍ଟ ପାଇ ଟେବୁଲର ୭ମ ସ୍ଥାନକୁ ଉନ୍ନୀତ ହୋଇଛି। ଅନ୍ୟପକ୍ଷରେ ଭାରତ ୫ ମ୍ୟାଚରୁ ୪ର୍ଥ ପରାଜୟ ସହିତ ୪ ପଏଣ୍ଟରେ ରହି ସର୍ବନିମ୍ନ ସ୍ଥାନକୁ ଖସିଛି।

**ଏଫ୍ଆଇଏଚ୍ ପ୍ରୋ ଲିଗ୍ (ଆଜିର ମ୍ୟାଚ)**

**ମହିଳା**
- ✲ ନେଦରଲାଣ୍ଡସ୍ ବନାମ ଇଂଲଣ୍ଡ
  ସମୟ: ଅପରାହ୍ନ ୩ଟା।
- ✲ ଭାରତ ବନାମ ଜର୍ମାନୀ
  ସମୟ: ସନ୍ଧ୍ୟା ୫ଟା ୧୫

**ପୁରୁଷ**
ଭାରତ ବନାମ ଆୟର୍ଲାଣ୍ଡ
ସନ୍ଧ୍ୟା ୭ଟା ୩୦।
**ସ୍ଥାନ: କଳିଙ୍ଗ ଷ୍ଟାଡିୟମ**



ପ୍ରୋ ଲିଗ୍‌ରେ ଶୁକ୍ରବାର ବଲ୍ ପାଇଁ ଭାରତ ଓ ଜର୍ମାନୀ ଖେଳାଳିଙ୍କ ମଧ୍ୟରେ ସଂଘର୍ଷ।

# ଚାମ୍ପିୟନ୍ସ ଟ୍ରଫି: ଦକ୍ଷିଣ ଆଫ୍ରିକାର ବଡ଼ ବିଜୟ

**କରାଚୀ,୨୧ା୨**

ଶୁକ୍ରବାର ଚାମ୍ପିୟନ୍ସ ଟ୍ରଫିର ତୃତୀୟ ମ୍ୟାଚରେ ଦକ୍ଷିଣ ଆଫ୍ରିକା ୧୦୭ ରନରେ ଆଫଗାନିସ୍ତାନକୁ ହରାଇଛି। ଦକ୍ଷିଣ ଆଫ୍ରିକା ଦ୍ୱାରା ଧାର୍ଯ୍ୟ ୩୧୬ ରନ ଟାର୍ଗେଟ ଆଗରେ ଆଫଗାନିସ୍ତାନ ୨୦୮ ରନ କରିବାକୁ ସକ୍ଷମ ହୋଇଥିଲା। ଶତକୀୟ ପାଳି ଖେଳିଥିବା ର୍ୟାନ ରିକେଲଟନ ପ୍ଲେୟର ଅଫ ଦି ମ୍ୟାଚ ବିବେଚିତ ହୋଇଛନ୍ତି। ଏହି ବିଜୟରୁ ୨ ପଏଣ୍ଟ ସହ ଦକ୍ଷିଣ ଆଫ୍ରିକା ଗ୍ରୁପ-ବି'ରେ ଶୀର୍ଷ ସ୍ଥାନ ଅଧିକାର କରିଛି। ଦକ୍ଷିଣ ଆଫ୍ରିକା ୫୦ ଓଭରରେ ୬ ଉଇକେଟ ବିନିମୟରେ ୩୧୫ ରନ କରିଥିଲା। ଦଳ ପକ୍ଷରୁ ରିକେଲଟନ ୭ ଚୌକା ଓ ୧ ଛକା ସହିତ ୧୦୩ ରନ କରିଥିବାବେଳେ ଟେମ୍ବା ବଭୁମା ୫୮, ଭାନ ଡର ଡୁସେନ ୫୨ ଓ ଏଡେନ ମାରକ୍ରାମ ୫୨ ରନ କରିଥିଲେ। ଆଫଗାନିସ୍ତାନ ପକ୍ଷରୁ ମହମ୍ମଦ ନବି ୨ ଉଇକେଟ ନେଇଥିଲେ। ଜବାବରେ ଆଫଗାନିସ୍ତାନ ୪୩.୩ ଓଭରରେ ୨୦୮ ରନରେ ସୀମିତ ରହିଯାଇଥିଲା। ଦଳ ପାଇଁ ରହମତ ଶାହା ୯୦ ରନ କରିଥିଲେ। ଦକ୍ଷିଣ ଆଫ୍ରିକା ପକ୍ଷରୁ କାଗିସୋ ରାବାଡା ୩ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଦକ୍ଷିଣ ଆଫ୍ରିକା ୫୦ ଓଭରରେ ୩୧୫/୬ (ର୍ୟାନ ରିକେଲଟନ ୧୦୩, ବଭୁମା ୫୮, ମାରକ୍ରାମ ୫୨*, ଭାନ ଡର ଡୁସେନ ୫୨, ମହମ୍ମଦ ନବି ୨/୫୧)। ଆଫଗାନିସ୍ତାନ ୪୩.୩ ଓଭରରେ ୨୦୮/୧୦ (ରହମତ ଶାହା ୯୦, ରଶିଦ ଖାନ୍ ୧୮, କାଗିସୋ ରାବାଡା ୩/୩୬, ୱିଆନ ମୁଲଡର ୨/୩୬, ଲୁଙ୍ଗି ଏନଗିଡି ୨/୫୬)।

# ଝାଡ଼ଖଣ୍ଡକୁ ୧୬ ପଏଣ୍ଟରେ ହରାଇଲା ଓଡ଼ିଶା

## ଜାତୀୟ ସିନିୟର କବାଡ଼ି

**କଟକ,୨୧ା୨(କାର୍ତ୍ତିକ ସାହୁ)**

ଓଡ଼ିଶା କବାଡି ସଂଘ ଦ୍ୱାରା ଆୟୋଜିତ ତଥା ଓଡ଼ିଶା ସରକାରଙ୍କ ମିଳିତ ସହଯୋଗରେ ଚାଲିଥିବା ୭୧ତମ ଜାତୀୟ କବାଡି ଚାମ୍ପିୟନ୍‌ଶିପ୍ ୨୦୨୫ର ଶୁକ୍ରବାର ଦ୍ୱିତୀୟ ଦିବସରେ ୩୦ରୁ ଊର୍ଦ୍ଧ୍ୱ ମ୍ୟାଚ୍ ଖେଳାଯାଇଛି। ଏଥିରେ ବହୁ ପ୍ରତୀକ୍ଷିତ ଓଡ଼ିଶା ଓ ଝାଡ଼ଖଣ୍ଡ ମ୍ୟାଚ୍‌ରେ ଓଡ଼ିଶା୧୬ ପଏଣ୍ଟରେ ବିଜୟୀ ହୋଇଛି।

ଦ୍ୱିତୀୟ ଦିବସ ମ୍ୟାଚରେ ଖେଳାଯାଇଥିବା ଅନ୍ୟ ମ୍ୟାଚଗୁଡ଼ିକ ମଧ୍ୟରେ ସର୍ଭିସେସ୍ ଦଳ ଛତିଶଗଡ଼କୁ ୩୭ ପଏଣ୍ଟରେ, ଗୋଆ ୮ ପଏଣ୍ଟରେ ଜମ୍ମୁ କଶ୍ମୀରକୁ, ରାଜସ୍ଥାନ ୨୯ ପଏଣ୍ଟରେ ଝାଡ଼ଖଣ୍ଡକୁ, କର୍ନାଟକ ୨୦ ପଏଣ୍ଟରେ ଉତ୍ତରାଖଣ୍ଡକୁ, ପଞ୍ଜାବ ୨୫ ପଏଣ୍ଟରେ ବେଙ୍ଗାଲୁରୁକୁ, ଉତ୍ତରପ୍ରଦେଶ ୧୬ ପଏଣ୍ଟରେ ଆସାମକୁ, ତାମିଲ୍‌ନାଡୁ ୨୨ ପଏଣ୍ଟରେ ପଣ୍ଡିଚେରୀକୁ, ହରିୟାଣା ୨୦ ପଏଣ୍ଟରେ ଦିଲ୍ଲୀକୁ, ରେଲୱେ ୧୮ ପଏଣ୍ଟରେ ବିହାରକୁ, ମହାରାଷ୍ଟ୍ର ୧୩ ପଏଣ୍ଟରେ ହିମାଚଳ ପ୍ରଦେଶକୁ, ଚଣ୍ଡିଗଡ଼ ୧୯ ପଏଣ୍ଟରେ ମଧ୍ୟପ୍ରଦେଶକୁ, ଆନ୍ଧ୍ରପ୍ରଦେଶ ୧ ପଏଣ୍ଟରେ ଗୁଜରାଟକୁ, ସର୍ଭିସେସ୍ ୧୧ ପଏଣ୍ଟରେ ଗୋଆକୁ, ଛତିଶଗଡ଼ ୩ ପଏଣ୍ଟରେ ଜମ୍ମୁ କଶ୍ମୀରକୁ, ରାଜସ୍ଥାନ ୨୮ ପଏଣ୍ଟରେ ବିଦର୍ଭକୁ, ହିମାଚଳ ପ୍ରଦେଶ ୧୯ ପଏଣ୍ଟରେ କେରଳକୁ ହରାଇଥିଲେ। ପ୍ରଥମ ଥର ପାଇଁ କଟକର ଜବାହରଲାଲ୍ ନେହେରୁ ଇନ୍‌ଡୋର ଷ୍ଟାଡିୟମଠାରେ ଆୟୋଜିତ ଏହି କବାଡ଼ି ଚାମ୍ପିୟନଶିପ୍‌ର ଦ୍ୱିତୀୟ ଦିବସରେ ବହୁ ଅନ୍ତର୍ଜାତୀୟ ଓ ଜାତୀୟ ସଂଘର ପ୍ରତିନିଧିମାନେ ଯୋଗଦେଇଥିଲେ। ଏହି ଅବସରରେ ଅନ୍ତର୍ଜାତୀୟ କବାଡି ମହାସଂଘର ନିର୍ଦ୍ଦେଶକ ତେଜସ୍ୱୀ ଗେଲଟ୍, ଭାରତୀୟ ଆର୍ମେଚର କବାଡି ସଂଘର ସଭାପତି ବିଭୋର ଗିନୀତଜେନ୍, ତାମିଲନାଡୁ କବାଡି ସଂଘର ସଭାପତି ମୋଲେରାଜା, ସଂପାଦକ ସଫିଉଲ୍ଲା, ଏସିଆନ କବାଡ଼ି ଫେଡେରେଶନର ବୈଷୟିକ ନିର୍ଦ୍ଦେଶକ କୁଲଦୀପ୍ ଗୁପ୍ତା, ଉତ୍ତରପ୍ରଦେଶ କବାଡି ସଂଘର ସଭାପତି ବିକାଶ ସିଂ, ସମ୍ପାଦକ ରାଜେଶ୍ ସିଂ, ଛତିଶ୍‌ଗଡ଼ କବାଡି ସଂଘର ସଭାପତି ଶଶିବାଗଲ, ଅନ୍ତର୍ଜାତୀୟ କବାଡି ଫେଡେରେଶନର ବୈଷୟିକ ନିର୍ଦ୍ଦେଶକ ଇ. ପ୍ରସାଦ ରାଓ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଓଡ଼ିଶା କବାଡି ସଂଘର ସଭାପତି ଡ. ଶରତ କୁମାର ସାହୁ, ସମ୍ପାଦକ ଅଜୟ ବେହେରା, ଉପସଭାପତି ପାର୍ଥଭୀର ଭୂୟାଁ ଓ ସଦସ୍ୟ ବୀରେନ୍ଦ୍ର ସ୍ୱାଇଁ ଉପସ୍ଥିତ ଥିଲେ।




କଟକରେ ଚାଲିଥିବା ଜାତୀୟ ପୁରୁଷ କବାଡ଼ି ଟୁର୍ନାମେଣ୍ଟରେ ଶୁକ୍ରବାର ଓଡ଼ିଶା ଓ ଝାଡ଼ଖଣ୍ଡ ମଧ୍ୟରେ ଅନୁଷ୍ଠିତ ମ୍ୟାଚ। (ଫଟୋ: ରାଜକିଶୋର ମହାନ୍ତି)

# ହାଇକୋର୍ଟ- ଭୁବନେଶ୍ୱର ବାର୍ ଫାଇନାଲ

## ପ୍ରଶାନ୍ତ ସ୍ମାରକୀ ଆଇନଜୀବୀ କ୍ରିକେଟ

**ଭୁବନେଶ୍ୱର, ୨୧ା୨ (ତପନ ସ୍ୱାଇଁ)**

ଭୁବନେଶ୍ୱର ବାର୍ ଆସୋସିଏଶନ ଆନୁକୂଲ୍ୟରେ ବିଜେବି କଲେଜ ପଡ଼ିଆରେ ଚାଲିଥିବା ୧୦ମ ପ୍ରଶାନ୍ତ ରାଉତରାୟ ସ୍ମାରକୀ ଅଲ୍ ଓଡ଼ିଶା ଆଇନଜୀବୀ କ୍ରିକେଟ ଟୁର୍ନାମେଣ୍ଟର ୨ଟି ସେମିଫାଇନାଲ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶା ହାଇକୋର୍ଟ ଓ ଭୁବନେଶ୍ୱର ବାର୍ ଦଳ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛନ୍ତି। ପ୍ରଥମ ସେମିଫାଇନାଲରେ ଓଡ଼ିଶା ହାଇକୋର୍ଟ ଦଳ ୬ ଉଇକେଟରେ ମୋଟର ଭେହିକ୍ଲ ବାର୍ ଆସୋସିଏଶନକୁ ହରାଇ ଦେଇଛି। ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ମୋଟର ଭେହିକ୍ଲ ବାର୍ ଆସୋସିଏଶନ ନିର୍ଦ୍ଧାରିତ ୧୫ ଓଭରରେ ୫ ଉଇକେଟ ହରାଇ ୧୨୨ ରନ କରିଥିଲା। ଦଳ ପକ୍ଷରୁ ଏସ. ଦୀପକ ସର୍ବାଧିକ ୬୧ ରନ କରିଥିଲେ। ବିପକ୍ଷ ଦଳର ସରୋଜ ବେହେରା ୩ ଉଇକେଟ ନେଇଥିଲେ। ୧୨୩ ରନର ବିଜୟ ଲକ୍ଷ୍ୟକୁ ହାଇକୋର୍ଟ ବାର୍ ଆସୋସିଏଶନ ୧୪.୧ ଓଭରରେ ୪ ଉଇକେଟ ହରାଇ ହାସଲ କରି ନେଇଥିଲା। ୨୫ ବଲ୍‌ରୁ ୪୫ ରନକରି ଅପରାଜିତ ରହିଥିବା ଭକ୍ତି ପି. ସାମଲଙ୍କୁ ଅତିଥି ଅଶୋକ କୁମାର ପାତ୍ର ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ଦ୍ୱିତୀୟ ସେମିଫାଇନାଲରେ ଭୁବନେଶ୍ୱର ବାର୍ ୭ ଉଇକେଟରେ ବୋର୍ଡ ଅଫ୍ ରେଭେନ୍ୟୁ ବାର୍ ଆସୋସିଏଶନକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ବୋର୍ଡ ଅଫ୍ ରେଭେନ୍ୟୁ ଦଳ ନିର୍ଦ୍ଧାରିତ ୧୬ ଓଭରରେ ୭ ଉଇକେଟ ହରାଇ ୧୦୪ ରନ କରିଥିଲା। ରୋହିତ ରଞ୍ଜନ ରାୟ ସର୍ବାଧିକ ୪୦ ରନକରି ଅପରାଜିତ ରହିଥିଲେ। ଜବାବରେ ଭୁବନେଶ୍ୱର ବାର୍ ୧୨.୨ ଓଭରରେ ୩ ଉଇକେଟ ହରାଇ ୧୦୬ ରନ ସଂଗ୍ରହ କରିଥିଲା। ସୁମନ ରାଉତରାୟ ୫୯ ରନକରି ଅପରାଜିତ ରହିଥିଲେ। ସୁରେଶ କୁମାର ରାଉତରାୟ ଅତିଥିଭାବେ ଯୋଗଦେଇ ସୁମନ ରାଉତରାୟଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ।




ଅତିଥିଙ୍କଠାରୁ ସୁମନ ରାଉତରାୟ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ଗ୍ରହଣ କରୁଛନ୍ତି।

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ